ଧରିତ୍ରୀ
DHARITRI

ଗୁରୁବାର, ଜୁନ୍ ୪/୨୦୨୦ (୨୦ ପୃଷ୍ଠା) Thursday, June 4/2020

୪୬ଶ ଭାଗ ୧୮୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

ଅର୍ଜୁନ ପୁରସ୍କାର ପାଇଁ ଦୁତୀଙ୍କ ନାମ ସୁପାରିସ

ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ ବୁଧବାର ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୁତୀ ଚାନ୍ଦଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରିଛି।

୨୦୧୦

ପୋଲ୍ ଡ୍ୟାନ୍ସରେ ଆହତ ହେଲେ ମନ୍ଦାନା

ଅଭିନେତ୍ରୀ ମନ୍ଦାନା କରିମୀ ଡ୍ୟାନ୍ସ ଶିଖୁଥିବା ବେଳେ ପଡ଼ିଯିବାରୁ ସେ ଆହତ ହୋଇଛନ୍ତି। ତାଙ୍କ ହାତରେ ଆଘାତ ଲାଗିଛି। ଏକ ସିନ୍ ପାଇଁ ଦୁଇ ଦିନ ହେବ ସେ ଅଭ୍ୟାସ କରୁଥିଲେ।



କେମିକାଲ ଫ୍ୟାକ୍ଟ୍ରିରେ ବିସ୍ଫୋରଣ: ୫ ମୃତ, ୫୭ ଆହତ

ଭାରୁଚ୍,୩।୬

ଗୁଜରାଟର ଭାରୁଚ୍ ଜିଲା ଅନ୍ତର୍ଗତ ଦାହେଜସ୍ଥିତ ଆଗ୍ରୋ- କେମିକାଲ୍ ଫ୍ୟାକ୍ଟ୍ରି ବଏଲରରେ ବୁଧବାର ବଡ଼ ଧରଣର ବିସ୍ଫୋରଣ ହୋଇଛି। ବିସ୍ଫୋରଣ ପରେ ଫ୍ୟାକ୍ଟ୍ରିରେ ନିଆଁ ଲାଗିଯାଇଥିଲା। ଏଥିରେ ୫ ଜଣଙ୍କ ମୃତ୍ୟୁ ହେବା ସହ ୫୭ ଶ୍ରମିକ ଆହତ ହୋଇଥିବା ଜିଲାପାଳ ଏମ୍.ଡି. ମୋଦିଆ ସୂଚନା ଦେଇଛନ୍ତି। ସମସ୍ତ ଆହତଙ୍କୁ ଭାରୁଚ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ୧୫ଟି ଅଗ୍ନିଶମ ଗାଡ଼ି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଥିଲେ। ଅପରାହ୍ନ ୪ଟା ସୁଦ୍ଧା ନିଆଁକୁ ଆୟତ୍ତ କରାଯାଇଥିଲା। ଏହି ରାସାୟନିକ ନିଆଁ ବିଷାକ୍ତ ହୋଇଥିବାରୁ ପ୍ରତିକାର ବ୍ୟବସ୍ଥା ସ୍ୱରୂପ ନିକଟବର୍ତ୍ତୀ ଲାଖି ଓ ଲୁଭାରା ଗ୍ରାମରୁ ପାଖାପାଖି ୪୮୦୦ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଦିଆଯାଇଛି।

ଯଶସ୍ୱୀ ରସାୟନ ପ୍ରା. ଲିଃ ନାମକ ଏହି କମ୍ପାନୀରେ ମଧ୍ୟାହ୍ନ ୧୨ଟାରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣର ପ୍ରକୃତ କାରଣ ଜଣାପଡି ନ ଥିବାବେଳେ କମ୍ପାନୀର ଷ୍ଟୋରେଜ୍ ଅଞ୍ଚଳରେ ନିଆଁ ଲାଗିଥିଲା ବୋଲି ଅଫିସରମାନେ କହିଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ଶବ୍ଦ ୨୦ କିଲୋମିଟର ପର୍ଯ୍ୟନ୍ତ ଶୁଣାଯାଇଥିଲା।

ବର୍ବରତା ସୀମା ପାର

ହାତୀକୁ ଖୁଆଇଦେଲେ ବାଣଭର୍ତ୍ତି ସପୁରି

- ଯନ୍ତ୍ରଣାରେ ଛଟପଟ ହୋଇ ଜୀବନଗଲା
- ନ୍ୟାୟ ଦେବାକୁ ଆରମ୍ଭ ହେଲା କ୍ୟାମ୍ପେନ୍

ନୂଆଦିଲ୍ଲୀ/ଥିରୁଭାନନ୍ତପୁରମ୍, ୩।୬

ନିରୀହ ପ୍ରାଣୀଙ୍କ ପ୍ରତି ମନୁଷ୍ୟର ବର୍ବରତା ସୀମା ଟପିବାରେ ଲାଗିଛି। ହେଲେ ନିକଟର କେରଳ ରାଜ୍ୟର ମଲ୍ଲାପୁରମ୍‌ରୁ ଆସିଥିବା ପ୍ରାଣୀ ନିଷ୍ଠୁରତାର ହୃଦୟ ବିଦାରକ ଚିତ୍ର ସବୁ ସୀମାକୁ ପାର୍ କରିଯାଇଛି। ଏଠାରେ ଏକ ଗର୍ଭିଣୀ ହାତୀକୁ କେତେଜଣ ଦୁର୍ବୃତ୍ତ ଅତି ଅମାନବୀୟ ଭାବେ ବାଣଭର୍ତ୍ତି ସପୁରି ଖାଇବାକୁ ଦେଇ ହତ୍ୟା କରିଛନ୍ତି। ସବୁଠାରୁ ଦୁଃଖର ବିଷୟ ହାତୀଟି ୩ଦିନ ଧରି ଯନ୍ତ୍ରଣାରେ ଛଟପଟ ହେବାପରେ ଏକ ନଦୀ ଭିତରେ ପ୍ରାଣ ହରାଇଛି। ବନ ବିଭାଗ କ୍ଷତାକ୍ତ ହାତୀର ଫଟୋକୁ ପ୍ରଘଟ କରିବା ପରେ ସୋସିଆଲ ମିଡିଆରେ ବର୍ଷିଛନ୍ତି ହାତୀପ୍ରେମୀ। ଉକ୍ତ ମୃତହାତୀକୁ ନ୍ୟାୟ ଦେବା ଏବଂ ଏଭଳି କାଣ୍ଡ ଘଟାଇଥିବା ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜନେତା, ବଲିଉଡ୍ ଷ୍ଟାର ଏବଂ କ୍ରୀଡ଼ାବିତ୍‌ମାନେ କ୍ୟାମ୍ପେନ୍ ଆରମ୍ଭ କରିଛନ୍ତି।

ମଲ୍ଲାପୁରମ୍ ବନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ସୋସିଆଲ

ମିଡିଆରେ ପ୍ରକାଶ କରିଛନ୍ତି। ସେ ଏଥିରେ ଦର୍ଶାଇଛନ୍ତି ଯେ, ଜଙ୍ଗଲରେ ରହୁଥିବା ଏହି ହାତୀ ଖାଦ୍ୟ ଅନ୍ୱେଷଣରେ ଜନବସତିକୁ ଚାଲିଆସିଥିଲା। ରାସ୍ତାରେ ବୁଲୁଥିବା ଉକ୍ତ ଭୋକିଲା ହାତୀକୁ କେତେଜଣ ବଗୁଲିଆ ସପୁରି ଭିତରେ ବିସ୍ଫୋରକ ଭର୍ତ୍ତି ବାଣ ରଖି ଖାଇବାକୁ ଦେଇଥିଲେ। ହାତୀଟି ସପୁରି ଖାଇବା ମାତ୍ରକେ ବାଣ ବିସ୍ଫୋରଣ ହୋଇଗଲା। ଏଥିରେ ହାତୀର ପାଟି, ଶୁଣ୍ଢ ଗଭୀର ଭାବେ କ୍ଷତାକ୍ତ ହୋଇଥିଲା। ପ୍ରାଣ ବିକଳରେ ହାତୀ ଏଣେତେଣେ ଦୌଡ଼ିବାକୁ ଲାଗିଲା। ଶେଷରେ ଯନ୍ତ୍ରଣାର ଉପଶମ ଲାଗି ଗାଁ ନିକଟରେ ପ୍ରବାହିତ ଭେଲିୟାର ନଦୀରେ ପଶିଯାଇ କ୍ଷତାକ୍ତ ଶୁଣ୍ଢକୁ ବୁଡ଼ାଇ ରଖିଥିଲା। ☞ପୃଷ୍ଠା-୪

ଅତ୍ୟାବଶ୍ୟକ ସାମଗ୍ରୀରୁ ଆଳୁ, ପିଆଜ, ଡାଲି ବାଦ୍



- ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ସଂଶୋଧନକୁ ମଞ୍ଜୁରୀ
- ନିବେଶ ବଢ଼ାଇବାକୁ ଯୋଜନା
- ଅବାଧ ବାଣିଜ୍ୟ ପାଇଁ ୨ ଅଧ୍ୟାଦେଶକୁ କ୍ୟାବିନେଟ ଅନୁମୋଦନ
- 'ଏକ ଭାରତ, ଏକ କୃଷିବଜାର' ସୃଷ୍ଟିରେ ସହାୟକ ହେବ

ନୂଆଦିଲ୍ଲୀ,୩।୬(ପି.ଟି.)

ଦେଶରେ ପୁଞ୍ଜିନିବେଶ ବଢ଼ାଇବା ଲକ୍ଷ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ସଂଶୋଧନ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ପୁଞ୍ଜିନିବେଶ କ୍ଷେତ୍ରରେ ପ୍ରତିବନ୍ଧକ ସାଜୁଥିଲା। କ୍ୟାବିନେଟ ନିଷ୍ପତ୍ତି କୃଷି ସେକ୍ଟରରେ ପରିବର୍ତ୍ତନ ଆଣିବା ସହ କୃଷକଙ୍କ ଆୟ ବଢ଼ାଇବ ଏବଂ ଦେଶକୁ ପୁଞ୍ଜି ଆକୃଷ୍ଟ କରିବାରେ ସହାୟକ ହେବ ବୋଲି ବୈଠକ ଶେଷରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ଏବଂ ନରେନ୍ଦ୍ର ସିଂ ତୋମାର ଗଣମାଧ୍ୟମକୁ କହିଛନ୍ତି। ଏଥିସହିତ କୃଷି ସାମଗ୍ରୀ ବାଣିଜ୍ୟକୁ ଅବାଧ କରିବା ଲାଗି କୃଷି ଉତ୍ପାଦନ ବ୍ୟବସାୟ ଓ ବାଣିଜ୍ୟ (ପ୍ରୋତ୍ସାହନ ଓ ସୁବିଧା) ଅଧ୍ୟାଦେଶ, ୨୦୨୦ ଏବଂ ମୂଲ୍ୟ ଆଶ୍ୱାସନା ଉପରେ କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ଚୁକ୍ତିନାମା ଓ କୃଷି ସେବା ଅଧ୍ୟାଦେଶକୁ ମଧ୍ୟ କ୍ୟାବିନେଟ ଅନୁମୋଦନ ମିଳିଛି। ଏହା 'ଏକ ରାଷ୍ଟ୍ର, ଏକ କୃଷି ବଜାର' ସୃଷ୍ଟିରେ ସହାୟକ ହେବ। ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ପ୍ରସ୍ତାବିତ ସଂଶୋଧନ ଘରୋଇ ନିବେଶକମାନଙ୍କୁ ଅତ୍ୟଧିକ ଆଇନଗତ ହସ୍ତକ୍ଷେପରୁ ମୁକ୍ତ କରିବ ବୋଲି କୃଷିମନ୍ତ୍ରୀ ତୋମାର କହିଛନ୍ତି।

ଅଭାବ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଖାଉଟିଙ୍କ ପାଇଁ ସହାୟକ ହେଉଥିଲା। ତେବେ କୃଷି ଉତ୍ପାଦନର ଉପଯୁକ୍ତ ମୂଲ୍ୟ ମିଳୁ ନ ଥିବାରୁ ଉକ୍ତ ଆଇନରେ ପରିବର୍ତ୍ତନ ଲାଗି କୃଷକମାନେ ଦାବି କରିଆସୁଥିଲେ। ଏହି ଆଇନରେ ଐତିହାସିକ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଥିବା ଜାଭେଡକର କହିଛନ୍ତି। ପ୍ରସ୍ତାବିତ ସଂଶୋଧନରେ ଶସ୍ୟ, ଖାଇବା ତେଲ, ଆଳୁ, ପିଆଜ ଆଦିକୁ ଅତ୍ୟାବଶ୍ୟକ ସାମଗ୍ରୀ ତାଲିକାରୁ ବାଦ୍ ଦିଆଯାଇଛି। ସେହିପରି ଭାରତକୁ ପୁଞ୍ଜି ଆକର୍ଷଣ କରିବା ଲାଗି ମନ୍ତ୍ରଣାଳୟ ତଥା ବିଭାଗରେ ଉଚ୍ଚ କ୍ଷମତାପ୍ରାପ୍ତ ସଚିବ ଗୋଷ୍ଠୀ (ଇଜିଓଏସ୍) ଏବଂ ପ୍ରୋଜେକ୍ଟ ଡେଭେଲପ୍‌ମେଣ୍ଟ ସେଲ୍ (ପିଡିସି) ଗଠନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ☞ପୃଷ୍ଠା-୪

ହାଇ ରିସ୍କ ଜୋନ୍‌ରେ ୬ ଜିଲା

ଭୁବନେଶ୍ୱର(ବ୍ୟୁରୋ)/ କଟକ ଅଫିସ୍,୩।୬

ପାକିସ୍ତାନରୁ ଆସିଥିବା ପଙ୍ଗପାଳ ଏବେ ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ଉପଦ୍ରବ ଚଳାଇଛନ୍ତି। ଓଡ଼ିଶା ସୀମାଠାରୁ ପ୍ରାୟ ୫୦୦ କି.ମି. ଦୂରରେ ରହିଛନ୍ତି। ସମ୍ଭାବ୍ୟ ପଙ୍ଗପାଳ ଆକ୍ରମଣକୁ ଦୃଷ୍ଟିରେ ରଖି ଜିଲାପାଳମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବୁଧବାର କୃଷି ନିର୍ଦ୍ଦେଶକ ଏମ୍. ମୁଥୁକୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପଙ୍ଗପାଳଙ୍କର ସମ୍ଭାବ୍ୟ ଆକ୍ରମଣ ପାଇଁ ଅଗ୍ନିଶମ କର୍ମଚାରୀମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ପଙ୍ଗପାଳ ଓଡ଼ିଶାକୁ କେଉଁ ମୁହୂର୍ତ୍ତରେ ବି ପ୍ରବେଶ କରିପାରନ୍ତି। ଏହାକୁ ଦୃଷ୍ଟିରେ ରଖି କୀଟନାଶକ, ସିଞ୍ଚନ ଯନ୍ତ୍ର ସହ କୃଷି ଓ ଅଗ୍ନିଶମ ବିଭାଗ ପ୍ରସ୍ତୁତ ରହିଛି। ଭାରତରେ ଜୁନ୍ ଓ ଜୁଲାଇରେ ପଙ୍ଗପାଳ ଆକ୍ରମଣ ଜୋରଦାର ହେବାର ଆଶଙ୍କା ରହିଛି ବୋଲି ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ (ଏଫ୍‌ଏଓ) ସତର୍କ କରିଛି। ଅନ୍ୟପକ୍ଷରେ ରାଜ୍ୟର ଚାଷୀମାନେ ଏନେଇ ଚିନ୍ତିତ ହୋଇପଡ଼ିଛନ୍ତି। ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଝାରସୁଗୁଡ଼ା ଓ ବରଗଡ଼ ଜିଲାରେ ପଙ୍ଗପାଳ ଅଧିକ କ୍ଷତି କରିପାରନ୍ତି। ପଙ୍ଗପାଳ ଉପଦ୍ରବକୁ ନିୟନ୍ତ୍ରଣ କରିବା ପାଇଁ ଉଭୟ ରାଜ୍ୟ ଓ ଜିଲାସ୍ତରରେ ☞ପୃଷ୍ଠା-୪

ପଙ୍ଗପାଳ ଆତଙ୍କ

- ସତର୍କ ରହିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ
- ଜିଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରତି ଜିଲାରେ କମିଟି ଗଠିତ
- ହାଇ ଆଲର୍ଟରେ ରାଜ୍ୟର ସମସ୍ତ ଅଗ୍ନିଶମ କେନ୍ଦ୍ର
- କୀଟନାଶକ ସହ କୃଷି, ଅଗ୍ନିଶମ ଅଧିକାରୀ ପ୍ରସ୍ତୁତ

ଆଜିର ସମ୍ପାଦକୀୟ

ଚିକେନ ଡାଇବେଟିସ୍

ଆଉ ଜଣେ କରୋନା ପ୍ରଘଟକାରୀ ଡାକ୍ତରଙ୍କ ମୃତ୍ୟୁ

- ହ୍ୱିସିଲ୍‌ବ୍ଲୋୟର ଡା. ଲି ୱେନ୍‌ଲିଆଙ୍ଗଙ୍କ ସହକର୍ମୀ ଥିଲେ
- ଶରୀର କଳା ପଡ଼ିଯାଇଥିଲା
- ପୂର୍ବରୁ ଡା. ଲିଙ୍କ ସମେତ ୪ ଡାକ୍ତର ଆଖିବୁଜିଥିଲେ

ବେଜିଂ,୩।୬

କରୋନା ସଂକ୍ରମଣରେ ଚାଇନାର ଆଉ ଜଣେ ଡାକ୍ତରଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ଉହାନ ସେଣ୍ଟ୍ରାଲ ହସ୍ପିଟାଲରେ ୟୁରୋଲୋଜିଷ୍ଟ ଭାବେ କାର୍ଯ୍ୟରତ ୪୨ ବର୍ଷୀୟ ଡା. ହୁ ଉଇଫେଙ୍ଗ୍। ଡା.ହୁଙ୍କ ଶରୀର ରଙ୍ଗ କଳା ପଡ଼ିଯାଇଥିବା ଦେଖିବାକୁ ମିଳିଛି। ପ୍ରଥମ କରି ସାରା ଦୁନିଆକୁ କରୋନା ବିଷୟରେ ସତର୍କ କରାଇଥିବା ଡାକ୍ତର ତଥା ହ୍ୱିସିଲ୍‌ବ୍ଲୋୟର ଲି ୱେନ୍‌ଲିଆଙ୍ଗଙ୍କ ଦଳରେ ଡା. ହୁ ସାମିଲ ଥିଲେ। ଡା. ୱେନ୍‌ଲିଆଙ୍ଗଙ୍କ ଗତ ଫେବୃୟାରୀ ୭ରେ ମୃତ୍ୟୁ ଘଟିଥିଲା। କରୋନା ସଂକ୍ରମଣରେ ତାଙ୍କ ମୃତ୍ୟୁ ଘଟିଥିବା ଚାଇନା ସରକାରଙ୍କ ପକ୍ଷରୁ କୁହାଯାଇଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସାରା ବିଶ୍ୱରେ ସନ୍ଦେହ ସୃଷ୍ଟି ହୋଇଥିଲା।

ଡା. ହୁ ଉଇଫେଙ୍ଗ୍‌ଙ୍କ ପୂର୍ବ ଏବଂ ଚିକିତ୍ସା ସମୟରେ ତାଙ୍କ ଶରୀର କଳା ପଡ଼ିଯିବାର ଫଟୋ।

କାରଣ ମହାମାରୀ କରୋନା ଭୂତାଣୁ ସମ୍ପର୍କରେ ଜଣାଇଥିବାରୁ ସେ ସରକାରଙ୍କ ଦ୍ୱାରା ତିରସ୍କୃତ ହୋଇଥିବା ଏବଂ ପୋଲିସ ତାଙ୍କୁ ତାଗିଦ୍ କରିଥିବା ଖବର ସେହି ସମୟରେ ପ୍ରଘଟ ହୋଇଥିଲା।

ଡା. ୱେନ୍‌ଲିଆଙ୍ଗଙ୍କ ସହକର୍ମୀ ଡା. ହୁ ଗତ ଜାନୁୟାରୀରେ କରୋନାରେ ସଂକ୍ରମିତ ହୋଇଥିଲେ। ପ୍ରାୟ ତିନିମାସ ଧରି ଉହାନର ଟୋଙ୍ଗଜି ହସ୍ପିଟାଲର ସିନୋ-ଫ୍ରେଞ୍ଚ୍ ନ୍ୟୁ ସିଟି ବ୍ରାଞ୍ଚରେ ଚିକିତ୍ସିତ ହେଉଥିଲେ। ଗତ ଏପ୍ରିଲ ୨୨ରେ ଡା.ହୁ ମସ୍ତିଷ୍କ ରକ୍ତସ୍ରାବରେ ପୀଡ଼ିତ ହେବା ପରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। କିନ୍ତୁ ଏହାପରେ ସେ କୋମାରେ ଥିଲେ ବୋଲି ହସ୍ପିଟାଲରେ ବରିଷ୍ଠ ଡାକ୍ତରଙ୍କଠାରୁ ଜଣାପଡ଼ିଛି। ଏପରି କି ଶନିବାର ଅସ୍ତ୍ରୋପଚାର ମାଧ୍ୟମରେ ଡା. ହୁଙ୍କ ମସ୍ତିଷ୍କରୁ ତରଳ ପଦାର୍ଥ ବାହାର କରାଯାଇଥିଲା ବୋଲି ଗଣମାଧ୍ୟମ ସଂସ୍ଥା 'ସାଉଥ୍ ଚାଇନା ମର୍ନିଂ ପୋଷ୍ଟ'କୁ ସୂଚନା ଦିଆଯାଇଛି। କିନ୍ତୁ ଗଣମାଧ୍ୟମ ସହ କଥାବାର୍ତ୍ତା କରିବାକୁ ☞ପୃଷ୍ଠା-୪

୩ ଜୈଶ ଆତଙ୍କବାଦୀ ନିହତ

ଦକ୍ଷିଣ କଶ୍ମୀରର ପୁଲ୍‌ୱାମା ଜିଲାରେ ବୁଧବାର ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ଜୈଶ-ଇ-ମହମ୍ମଦ (ଜେଇଏମ୍)ର ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମୁଖ୍ୟ ଆଇଇଡି ବିଶେଷଜ୍ଞ ଅବଦୁଲ୍ ରେହମନ ଓରଫ 'ଫୌଜି ଭାଇ' ରହିଛନ୍ତି।

ନିସର୍ଗ ପ୍ରଭାବରେ ନବୀ ମୁମ୍ବାଇରେ ଉପୁଡ଼ିଯାଇଥିବା ଗଛ କାଟି ରାସ୍ତା ସଫା କରାଯାଉଛି।

ନିସର୍ଗ ଆସିବାବେଳେ ମତ୍ସ୍ୟଜୀବୀମାନେ ନିଜ ନିଜ ବୋଟ୍‌କୁ ସୁରକ୍ଷିତ ସ୍ଥାନକୁ ନେଉଛନ୍ତି।

ସଦୟ ହେଲା 'ନିସର୍ଗ'

କୋଭିଡ୍-୧୯ରେ ଦେଶର ସର୍ବାଧିକ କ୍ଷତି ସହିଥିବା ରାଜ୍ୟ ମହାରାଷ୍ଟ୍ର ମୁଣ୍ଡ ଉପରୁ ଟଳିଯାଇଛି ଆଉ ଏକ ବିପଦ। ସାମୁଦ୍ରିକ ଝଡ଼ 'ନିସର୍ଗ' ବୁଧବାର ଅପରାହ୍ନରେ ଆଲିବାଗ୍‌ରେ ସ୍ଥଳକୁ ଛୁଇଁ ଚାଲିଯାଇଛି। ଏହାର ପ୍ରଭାବରେ ଖୁବ୍ ଜୋର୍‌ରେ ପବନ ବହିବା ସାଙ୍ଗକୁ ଲଗାଣ ବର୍ଷା ଜାରି ରହିଛି। ଝଡ଼ କାରଣରୁ ୩ ଜଣଙ୍କ ପ୍ରାଣହାନି ଘଟିଛି। ତେବେ ଏହି ପ୍ରାକୃତିକ ବିପର୍ଯ୍ୟୟ ସେତେଟା କ୍ଷୟକ୍ଷତି କରିନାହିଁ। କରୋନା ସଂକ୍ରମଣରେ ମୁମ୍ବାଇ ସମେତ ସମଗ୍ର ମହାରାଷ୍ଟ୍ରର ସ୍ଥିତି ଅଣାୟତ୍ତ ହୋଇଯାଇଥିବାବେଳେ ସଦୟ ହୋଇଛି ବାତ୍ୟା 'ନିସର୍ଗ'।

ମୁମ୍ବାଇ/ନୂଆଦିଲ୍ଲୀ,୩।୬: ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇ ବାତ୍ୟା 'ନିସର୍ଗ' ପ୍ରଭାବରୁ ବର୍ତ୍ତିଯାଇଛି। ମୁମ୍ବାଇରେ ସେଭଳି କୌଣସି ବଡ଼ଧରଣର କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ମହାରାଷ୍ଟ୍ରର ମୁମ୍ବାଇଠାରୁ ପ୍ରାୟ ୧୦୦ କି.ମି. ଦୂର ରାୟଗଡ଼ ଜିଲାର ଆଲିବାଗ୍‌ଠାରେ ବାତ୍ୟା 'ନିସର୍ଗ' ବୁଧବାର ପୂର୍ବାହ୍ନ ୧୨.୩୦ରେ ଲ୍ୟାଣ୍ଡଫଲ କରିଛି। ଲ୍ୟାଣ୍ଡଫଲ କଲାବେଳେ ପବନର ବେଗ ଘଣ୍ଟାପ୍ରତି ୧୨୦ରୁ ୧୪୦ କି.ମି. ରହିଥିଲା। ଏହାର ପ୍ରଭାବରେ ପ୍ରାୟ ଶତାଧିକ ବଡ଼ ଗଛ ଭାଙ୍ଗିଯାଇଥିବା ବେଳେ କେତେକ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ରାୟଗଡ଼, ପାଲ୍‌ଘର ଆଦି ସ୍ଥାନରେ ଥିବା କେତେକ ଘରଦ୍ୱାର ଉଡ଼ିଯାଇଛି। ଆଲିବାଗ୍‌ରେ ବିଦ୍ୟୁତ୍ ଖୁଣ୍ଟ ପଡ଼ି ଜଣେ ୫୫ ବର୍ଷୀୟ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ସେହିପରି ପୁଣେରେ ବାତ୍ୟା ଯୋଗୁ ଆଉ ୨ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଅନେକେ ଆହତ ହୋଇଛନ୍ତି। ବିଦ୍ୟୁତ ଖୁଣ୍ଟ ନଷ୍ଟ ହୋଇଯିବା ଫଳରେ କେତେକେ ଅଞ୍ଚଳ ଅନ୍ଧକାର ହୋଇପଡ଼ିଛି। ତେବେ ପରବର୍ତ୍ତୀ ସମୟରେ ବାତ୍ୟା କ୍ରମଶଃ ଦୁର୍ବଳ ହୋଇଯାଇଛି।

ବିଭିନ୍ନ ବାତ୍ୟା ଅଞ୍ଚଳରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଉଦ୍ଧାରକାରୀ ଦଳ ଅପରେଶନ ଜାରି ରଖିଥିବା ଜଣାପଡ଼ିଛି। ନିସର୍ଗ ପ୍ରଭାବରେ ପବନର ବେଗ ଘଣ୍ଟାପ୍ରତି ୧୧୦ କି.ମି. ରହି ପରେ ଅପରାହ୍ନ ୨ଟା ବେଳକୁ ୯୦ କି.ମି. ବେଗ ଭିତରେ ରହିଥିଲା ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପକ୍ଷରୁ ଦର୍ଶାଯାଇଛି। ପାନ୍‌ଭେଲ, ଠାଣେ, ମୁମ୍ବାଇ ଓ ଏହାର ଆଖପାଖ ଅଞ୍ଚଳରେ ପବନର ବେଗ ଘଣ୍ଟା ପ୍ରତି ୭୫ କି.ମି. ରହିଥିଲା। ବାତ୍ୟା ପୁଣେ ଅତିକ୍ରମ କରିଥିବା ବେଳେ ଏଠାରେ ପବନର ଗତି ଘଣ୍ଟାପ୍ରତି ୪୦ କି.ମି. ରହିଥିବା ଜଣାପଡ଼ିଛି। ତେବେ ବର୍ଷାର ତାଣ୍ଡବ ଜାରି ରହିଛି। ଏଥିଯୋଗୁ ବିଭିନ୍ନ ଟ୍ରେନ୍ ଯାତାୟାତ ବିଧାପ୍ରାପ୍ତ ହୋଇଛି। ୧୯୬୧ ପରେ ମୁମ୍ବାଇବାସୀ ପୁଣି ଏକ ମହାବାତ୍ୟା ଦେଖିଛନ୍ତି। ଅନ୍ୟପକ୍ଷରେ ଗୁଜରାଟରେ 'ନିସର୍ଗ'ର ପ୍ରଭାବ ସେଭଳି ପଡ଼ି ନ ଥିବାବେଳେ ବର୍ଷା ବିପ୍ରାତ ଜାରି ରହିଥିବା ପ୍ରକାଶ।

ମହାମାରୀ କରୋନା ମୁମ୍ବାଇବାସୀଙ୍କୁ ଆତଙ୍କିତ କରି ରଖିଥିବା ବେଳେ ଏବେ ବାତ୍ୟା ନିସର୍ଗର ତାଣ୍ଡବ ସେମାନଙ୍କୁ ଭାରାକ୍ରାନ୍ତ କରିପକାଇଛି। ପ୍ରବଳ ବର୍ଷା ଯୋଗୁ ଅନେକ ତଳିଆ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ବାତ୍ୟା ପୂର୍ବରୁ ମହାରାଷ୍ଟ୍ର ସରକାର ଉପକୂଳ ଓ କୋଙ୍କଣରୁ ୬୦ ହଜାର ଓ ଗୁଜରାଟ ସରକାର ଉପକୂଳ ଅଞ୍ଚଳରୁ ୪୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରିଥିଲେ। ୭,୦୦୩ ମାଛଧରା ବୋଟ୍ କୂଳକୁ ଫେରାଇ ଆଣିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ମହାରାଷ୍ଟ୍ର ଓ ଗୁଜରାଟରେ ମୋଟ ୪୩ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ମୁତୟନ କରାଯାଇଥିଲା। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ବାତ୍ୟା କ୍ଷୟକ୍ଷତି ସମ୍ପର୍କରେ ଜିଲାପାଳ ଓ ବିଏମ୍‌ସି କମିଶନର ଇକ୍‌ବାଲ ସିଂ ଚହଲଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ବାତ୍ୟା ପବନ କମିଯିବା ପରେ ସନ୍ଧ୍ୟା ୬ଟାରୁ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରୁ ପୁଣି ବିମାନ ଉଡ଼ାଣ ଆରମ୍ଭ କରାଯାଇଛି। ଗୁରୁବାର ଅପରାହ୍ନ ସୁଦ୍ଧା ମହାରାଷ୍ଟ୍ର ଓ ଗୁଜରାଟରେ ଶୁଖିଲା ପାଗ ଦେଖାଦେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ଆଲିବାଗ୍‌ରେ ଲ୍ୟାଣ୍ଡଫଲ କଲା ଝଡ଼

- ୩ ମୃତ, ଅନେକେ ଆହତ
- ୧୪୦ କି.ମି. ବେଗରେ ପବନ
- ଗଛ ଭାଙ୍ଗିଲା, ଘରଦ୍ୱାର ଉଡ଼ାଇଲା
- ଲକ୍ଷାଧିକ ଲୋକ ସ୍ଥାନାନ୍ତରିତ
- ୧୯୬୧ ପରେ ବାତ୍ୟା ଦେଖିଲେ ମୁମ୍ବାଇବାସୀ

୪ ଘଣ୍ଟା ବିମାନ ଉଡ଼ାଣ ବନ୍ଦ

ବାତ୍ୟା 'ନିସର୍ଗ' ପ୍ରବେଶ କରି ତାଣ୍ଡବ ରଚିଥିବା ବେଳେ ମୁମ୍ବାଇ ବିମାନବନ୍ଦରକୁ ବୁଧବାର ଅପରାହ୍ନ ୨ଟା ୩୦ରୁ ୪ ଘଣ୍ଟା ଲାଗି ବନ୍ଦ କରାଯାଇଛି। ଏଥିସହ ବିମାନ ଚଳାଚଳକୁ ସମ୍ପୂର୍ଣ୍ଣ ଭାବେ ବାତିଲ କରାଯାଇଛି। ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କୌଣସି ବିମାନ ଯିବା ଆସିବା କରିବା ଉପରେ କଟକଣା ଲଗାଯାଇଛି। ଫଳରେ ୨୦ ବିମାନ ଉଡ଼ାଣକୁ ବାତିଲ କରାଯାଇଥିବା ଜଣାପଡ଼ିଛି। ଏନେଇ ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦରର ମୁଖପାତ୍ର ସୂଚନା ଦେଇଛନ୍ତି। ପ୍ରବଳ ବେଗରେ ପବନ ବହିବା ଓ ଭୟଙ୍କର ବାତ୍ୟାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

ଆଇବି ଅଫିସର ହତ୍ୟା ପଛରେ ବଡ଼ ଷଡ଼ଯନ୍ତ୍ର

ନୂଆଦିଲ୍ଲୀ,୩।୬: ଉତ୍ତରପୂର୍ବ ଦିଲ୍ଲୀରେ ଦଙ୍ଗା ସୃଷ୍ଟି କରିବା ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି) ଅଫିସର ଅଙ୍କିତ୍ ଶର୍ମାଙ୍କୁ ହତ୍ୟା ପଛରେ ଗଭୀର ଷଡ଼ଯନ୍ତ୍ର ଥିଲା। ନିଲମ୍ବିତ ଏଏପି କାଉନସିଲର ତାହିର ହୁସେନ୍‌ଙ୍କ ନେତୃତ୍ୱରେ ଉଦ୍ୟୁକ୍ତ ଜନତା ନିର୍ଦ୍ଦିଷ୍ଟ ଭାବରେ ଅଙ୍କିତ୍‌ଙ୍କୁ ଟାର୍ଗେଟ କରିଥିଲେ ବୋଲି ଦିଲ୍ଲୀ ପୋଲିସ ଅଦାଲତଙ୍କୁ କହିଛି। ଦିଲ୍ଲୀ ପୋଲିସର କ୍ରାଇମ୍ ବ୍ରାଞ୍ଚ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ରିତା ପରିହାରଙ୍କ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିବାବେଳେ ମାମଲାର ପରବର୍ତ୍ତୀ ଶୁଣାଣି ୧୬ ତାରିଖକୁ ଧାର୍ଯ୍ୟ କରାଯାଇଛି।

୬ରେ ସେନାଧିକାରୀ ସ୍ତରୀୟ ଆଲୋଚନା

ନୂଆଦିଲ୍ଲୀ,୩।୬: ସୀମା ବିବାଦକୁ ନେଇ ଲଦାଖ ପୂର୍ବାଞ୍ଚଳରେ ଭାରତ ଓ ଚାଇନା ସେନା ମୁହାଁମୁହିଁ ହୋଇଥିବାବେଳେ ଏହାର ସମାଧାନ ଲାଗି ୬ ତାରିଖରେ ଦୁଇ ଦେଶର ଉଚ୍ଚ ସାମରିକ ସ୍ତରୀୟ ଆଲୋଚନା ହେବାକୁ ଯାଉଛି। ଏଥିରେ ଭାରତ ପକ୍ଷରୁ ୧୪ କର୍ପସ୍‌ର କମାଣ୍ଡର ଲ୍ୟୁଟନାଣ୍ଟ ଜେନେରାଲ ହରିନ୍ଦର ସିଂ ନେତୃତ୍ୱ ନେବେ। ସୀମା ସମସ୍ୟାର ସମାଧାନ ହେବା ନେଇ ସକାରାତ୍ମକ ସୂଚନା ମିଳିଥିବା ଏକ ସୂତ୍ରରୁ କୁହାଯାଇଛି। ଦୁଇ ସପ୍ତାହ ହେଲା ସୀମାରେ ଉତ୍ତେଜନା ଲାଗି ରହିଥିବାବେଳେ ଆଞ୍ଚଳିକ ସାମରିକ କମାଣ୍ଡରଙ୍କ ମଧ୍ୟରେ ଏକାଧିକ ଆଲୋଚନା ହେଲାଣି। ତେବେ ଏପର୍ଯ୍ୟନ୍ତ ସମାଧାନର ସୂତ୍ର ବାହାରିପାରି ନାହିଁ।

୫୦% କୋଭିଡ୍ ମୃତକଙ୍କ ବୟସ ୬୦ ଉପରେ

ନୂଆଦିଲ୍ଲୀ,୩।୬

ଭାରତରେ ବରିଷ୍ଠ ବ୍ୟକ୍ତିଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୧୦ ପ୍ରତିଶତ ହୋଇଥିବାବେଳେ କୋଭିଡ୍-୧୯ ମୃତ୍ୟୁରେ ଏମାନଙ୍କ ସଂଖ୍ୟା ୫୦% ଥିବା ସରକାର ସୂଚନା ଦେଇଛନ୍ତି। ୭୩ପ୍ରତିଶତ କୋଭିଡ୍ ମୃତକଙ୍କଠାରେ ଅନ୍ୟାନ୍ୟ ରୋଗ ରହିଥିବା ଜଣାପଡିଛି। ଅନ୍ୟ ଦେଶ ତୁଳନାରେ ଭାରତ କୋଭିଡ୍-୧୯ ଚିକିତ୍ସା ପରିଚାଳନାରେ ଏବଂ ମୃତ୍ୟୁହାର କମାଇବାରେ ସଫଳ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦାବି କରାଯାଇଛି।

ସରକାରୀ ତଥ୍ୟ ଅନୁଯାୟୀ ୬୦ରୁ ୭୪ ବର୍ଷ ବୟସ ବର୍ଗର ଲୋକ ମୋଟ ଜନସଂଖ୍ୟାର ୮ ପ୍ରତିଶତ ହୋଇଥିବାବେଳେ କୋଭିଡ୍-୧୯ରେ ସେମାନଙ୍କ ସଂଖ୍ୟା ୩୮ ପ୍ରତିଶତ ରହିଛି। ସେହିପରି ୭୪ ବର୍ଷରୁ ଅଧିକ ବୟସ୍କ ଲୋକ ମୋଟ ଜନସଂଖ୍ୟାର ମାତ୍ର ୨ ପ୍ରତିଶତ ହୋଇଥିବାବେଳେ କୋଭିଡ୍‌ରେ ସେମାନଙ୍କ ମୃତ୍ୟୁ ହାର ୧୨ ପ୍ରତିଶତ ରହିଛି। ସଂକ୍ରମଣରେ ଭାରତ ସପ୍ତମ ସ୍ଥାନରେ ଥିବାବେଳେ ମୃତ୍ୟୁ ହାର ଯଥେଷ୍ଟ କମ୍ ରହିଛି। ଭାରତରେ କରୋନାଜନିତ ମୃତ୍ୟୁହାର ୨.୮୨ ପ୍ରତିଶତ, ଯାହା କି ବିଶ୍ୱରେ ସର୍ବନିମ୍ନ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ ଅଗ୍ରୱାଲ କହିଛନ୍ତି। ବିଶ୍ୱରେ କୋଭିଡ୍ ମୃତ୍ୟୁହାର ୬.୧୩ ପ୍ରତିଶତ ରହିଛି।

ରବୀଶ କୁମାର ଫିନ୍‌ଲାଣ୍ଡ ରାଷ୍ଟ୍ରଦୂତ

ନୂଆଦିଲ୍ଲୀ,୩।୬: ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ)ର ପୂର୍ବତନ ମୁଖପାତ୍ର ରବୀଶ କୁମାର ଫିନ୍‌ଲାଣ୍ଡର ପରବର୍ତ୍ତୀ ରାଷ୍ଟ୍ରଦୂତ ଭାବେ ନିଯୁକ୍ତ ହୋଇଛନ୍ତି। ୧୯୯୫ ବ୍ୟାଚ୍ ଭାରତୀୟ ବୈଦେଶିକ ସେବା (ଆଇଏଫ୍‌ଏସ୍) ଅଧିକାରୀ ରବୀଶ ୨୦୧୭ ଜୁଲାଇରୁ ୨୦୨୦ ଏପ୍ରିଲ ଯାଏ ବହିର୍ବ୍ୟାପାର ମୁଖପାତ୍ର ଭାବେ କାର୍ଯ୍ୟ କରିଛନ୍ତି।

ଗିଲ୍‌ଗିଟ୍ ବାଲତିସ୍ତାନରେ ବୌଦ୍ଧ କୀର୍ତ୍ତି ଭାଙ୍ଗିଦେଲେ

ନୂଆଦିଲ୍ଲୀ,୩।୬(ପି.ଟି.)

ପାକିସ୍ତାନର ଗିଲ୍‌ଗିଟ୍ ବାଲତିସ୍ତାନରେ ଥିବା ଏକ ବୌଦ୍ଧ ଐତିହ୍ୟକୁ ଭାଙ୍ଗିଦିଆଯାଇଛି। ଏହାକୁ ନେଇ ବୁଧବାର ଭାରତ ପକ୍ଷରୁ ଆପତ୍ତି ଉଠାଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ କହିଛନ୍ତି, ଏପରି କଠୋରପନ୍ଥୀ କାର୍ଯ୍ୟକଳାପ ପ୍ରାଚୀନ ସଭ୍ୟତା ଓ ସାଂସ୍କୃତିକ ଐତିହ୍ୟର ଉଲ୍ଲଂଘନକୁ ସୂଚାଉଛି, ଯାହାକି ଅତ୍ୟନ୍ତ ନିନ୍ଦନୀୟ। ଭାରତୀୟ ଭୂଖଣ୍ଡର ଗିଲ୍‌ଗିଟ୍ ବାଲତିସ୍ତାନ ପାକିସ୍ତାନର ବେଆଇନ ଦଖଲରେ ରହିଛି। ସେଠାରେ ଥିବା ମୂଲ୍ୟବାନ ବୌଦ୍ଧ ଐତିହ୍ୟକୁ ଭାଙ୍ଗି ବିକୃତ କରାଯିବା ନେଇ ଭାରତ ପକ୍ଷରୁ ଆପତ୍ତି ଉଠାଇ ପାକିସ୍ତାନକୁ ଜଣାଇ ଦିଆଯାଇଛି। ବେଆଇନ ଭାବେ କବ୍‌ଜା କରି ରଖିଥିବା ସମସ୍ତ ଭୂଖଣ୍ଡକୁ ପାକିସ୍ତାନ ଖାଲି କରିବା ଜରୁରୀ। ସେହିପରି ସେଠାରେ ରହୁଥିବା ଲୋକଙ୍କ ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ଅଧିକାର ଉଲ୍ଲଂଘନ କରିବାରୁ ନିବୃତ୍ତ ରହିବାକୁ ମଧ୍ୟ ପାକିସ୍ତାନକୁ ପୁଣିଥରେ କୁହାଯାଇଛି।

ଆପତ୍ତି ଉଠାଇଲା ଭାରତ

ଗ୍ୱାଦରରେ ନୌସେନା ଘାଟି ଗଢ଼ୁଛି ଚାଇନା

ଗ୍ୱାଦର,୩।୬: ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶସ୍ଥିତ ଗ୍ୱାଦର ବନ୍ଦରରେ ଚାଇନା ଗୋପନରେ ଏକ ହାଇ ସିକ୍ୟୁରିଟି କମ୍ପାଉଣ୍ଡ ନିର୍ମାଣ କରୁଛି। ଏହାକୁ ଚାଇନା ନୌସେନା ଘାଟି ଭାବେ ବ୍ୟବହାର କରିବ ବୋଲି ଜଣାପଡ଼ିଛି। ଫୋର୍ବସ ମାଗାଜିନ୍‌ର ରିପୋର୍ଟ ଅନୁସାରେ ବିଶ୍ଳେଷକମାନେ ଏହାକୁ ଗ୍ୱାଦରରେ ଚାଇନାର ଏକ ବହୁପ୍ରତୀକ୍ଷିତ ନୌସେନା ଘାଟିର ପ୍ରଥମ ସଙ୍କେତ ଭାବେ ଦେଖୁଛନ୍ତି। ଆଫ୍ରିକାର ଜିବୁତିରେ ଥିବା ନୌସେନା ଘାଟି ସହ ଗ୍ୱାଦର ଘାଟି ପରିପୂରକ ଭାବେ କାର୍ଯ୍ୟ କରିବା ସହ ଭାରତ ମହାସାଗରରେ ଚାଇନାର ବଳ ବଢ଼ାଇବ। ଗତ କିଛି ବର୍ଷ ମଧ୍ୟରେ ଚାଇନା ଅନେକ ନୂଆ କମ୍ପ୍ଲେକ୍ସ ନିର୍ମାଣ କରିଥିବା ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଛି। ସେଗୁଡ଼ିକ ମଧ୍ୟରୁ ଗୋଟିଏ ବନ୍ଦର ବିକାଶ କାର୍ଯ୍ୟରେ ନିୟୋଜିତ ଚାଇନା କମ୍ୟୁନିକେଶନ୍ସ କନ୍‌ଷ୍ଟ୍ରକ୍‌ଶନ କମ୍ପାନୀ (ସିସିସିସି)ର ବୋଲି ଚିହ୍ନଟ ହୋଇଛି। ଉକ୍ତ କମ୍ପ୍ଲେକ୍ସର ଅସ୍ୱାଭାବିକ ସୁରକ୍ଷା ବ୍ୟବସ୍ଥାକୁ ଦେଖିଲେ ସନ୍ଦେହ ସୃଷ୍ଟି ହେଉଛି ବୋଲି ଫୋର୍ବସ ପ୍ରକାଶ କରିଛି।

ପାକିସ୍ତାନ ଉପକୂଳର ପଶ୍ଚିମ ସୀମାରେ ଅବସ୍ଥିତ ଗ୍ୱାଦର ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ଡ୍ରିମ୍ ପ୍ରୋଜେକ୍ଟ ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ) ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ବନ୍ଦର ହେବାକୁ ଯାଉଛି। ଏହା ଫଳରେ ଚାଇନା ନିଜ ସାମଗ୍ରୀଗୁଡ଼ିକୁ ସମୁଦ୍ର ପଥ ଦେଇ ଦକ୍ଷିଣ ଏସିଆରେ ବୁଲାଇବା ବଦଳରେ ସିଧା ପାକିସ୍ତାନ ଜରିଆରେ ପରିବହନ କରିପାରିବ। ଚାଇନା ଏଠାରେ ଏକ ନାଭାଲ୍ ବେସ୍ ପ୍ରତିଷ୍ଠା କରିବାକୁ ଯୋଜନା କରୁଥିବା ନେଇ ୨୦୧୮ ଜାନୁୟାରୀରେ ପ୍ରଥମେ ଜଣାପଡ଼ିଥିଲା।

ଫୋର୍ବସରେ ପ୍ରକାଶିତ ରିପୋର୍ଟ ଅନୁସାରେ ବର୍ତ୍ତମାନ ଯାଏ ବାଣିଜ୍ୟିକ ବନ୍ଦର ଗ୍ୱାଦର ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଏକ ବନ୍ଦର ଭାବେ ଗ୍ୱାଦରର ଭାଗ୍ୟ ଝୁଲିରହିଛି। ଆଫଗାନିସ୍ତାନ ସହିତ ବ୍ୟବସାୟ ପାଇଁ ଏହି ବନ୍ଦରକୁ ବ୍ୟବହାର ଲାଗି ନିକଟରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ପ୍ରଥମ ବୃହତ୍ ମର୍ଚ୍ଚାଣ୍ଟ ଶିପ୍ ଏମ୍‌ଭି ମନେଟ୍ ସେଠାକୁ ଗତ ସପ୍ତାହରେ ୧୭,୬୦୦ ଟନ୍ ଗହମ ନେଇ ଆସିଥିଲା। ତେବେ ଏହି ଚାଇନିଜ୍ ପୋର୍ଟ ଓ ସମ୍ଭାବ୍ୟ ନୌସେନା ଘାଟିରୁ ବେଜିଂ ଆଗକୁ ବିପୁଳ ଲାଭ ପାଇବ। ନୌସେନା ଘାଟି କାର୍ଯ୍ୟକ୍ଷମ ହେଲେ ଭାରତୀୟ ମହାସାଗରରେ ଚାଇନାର ସାମରିକ ଶକ୍ତି ବୃଦ୍ଧି ପାଇବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

ବର୍ଣ୍ଣବୈଷମ୍ୟ ପ୍ରତି ଆଖି ବୁଜିଦେଇପାରିବା ନାହିଁ

ଜର୍ଜ ଫ୍ଲୟଡ୍‌ଙ୍କ ମୃତ୍ୟୁ

ପୋପ୍ ଫ୍ରାନ୍ସିସ୍

ଭାଟିକାନ୍ ସିଟି,୩।୬: କୃଷ୍ଣକାୟ ଆମେରିକୀୟ ଜର୍ଜ ଫ୍ଲୟଡ୍‌ଙ୍କ ମୃତ୍ୟୁକୁ ନେଇ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ଶୋକବ୍ୟକ୍ତ କରିଛନ୍ତି। ପୋପ୍ ଫ୍ଲୟଡ୍‌ଙ୍କ ମୃତ୍ୟୁକୁ ବର୍ଣ୍ଣବୈଷମ୍ୟ ପାପର ପରିଣାମ ଭାବେ ଅଭିହିତ କରି ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି। ସପ୍ତାହିକ ବୁଧବାର ଅଡିଏନ୍ସରେ ପୋପ୍ କହିଛନ୍ତି, ଫ୍ଲୟଡ୍‌ଙ୍କ ମୃତ୍ୟୁ ପରେ ଆମେରିକାରେ ସାମାଜିକ ଅଶାନ୍ତି ସୃଷ୍ଟି ହୋଇଛି। ହିଂସାରୁ କିଛି ମିଳେ ନାହିଁ, କିନ୍ତୁ ବହୁତ କ୍ଷତି ସାଧିତ ହୁଏ। ଏଥିଲାଗି ଜାତୀୟ ସ୍ତରରେ ଆଲୋଚନା ଜରିଆରେ ସମାଧାନ ଆବଶ୍ୟକ। ବର୍ଣ୍ଣବୈଷମ୍ୟକୁ ଆମେ ସହିପାରିବା ନାହିଁ କି ଏଥିପ୍ରତି ଆଖି ବୁଜିଦେଇ ପାରିବାନି।

ହିରୋ ସାଜିଲେ ଭାରତୀୟ ବ୍ୟବସାୟୀ

ୱାଶିଂଟନ,୩।୬(ପି.ଟି.)

୭୫ ବିକ୍ଷୋଭକାରୀଙ୍କୁ ସୁରକ୍ଷା ଦେଲେ

ରାହୁଲ ଦୁବେ

ମିନେସୋଟା ରାଜ୍ୟସ୍ଥିତ ମିନିଆପଲିସରେ କୃଷ୍ଣକାୟ ଜର୍ଜ ଫ୍ଲୋଏଡ୍ ହତ୍ୟା ଘଟଣାର ପ୍ରତିବାଦରେ ଆମେରିକାରେ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିବାବେଳେ ଜଣେ ଭାରତୀୟ ବ୍ୟବସାୟୀ ୭୫ ବିକ୍ଷୋଭକାରୀଙ୍କୁ ନିଜ ଘରେ ସୁରକ୍ଷା ଦେଇ ନିଜ ପାଇଁ ଜଣେ ହିରୋର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ବିକ୍ଷୋଭକାରୀମାନଙ୍କୁ ପୋଲିସ କବଳରୁ ଉଦ୍ଧାର କରିବା ସହ ଖାଇବାକୁ ଦେଇ ନିଜ ଘରେ ସୁରକ୍ଷିତ ଭାବେ ଆଶ୍ରୟ ଦେଇଥିଲେ। ଗତ ସପ୍ତାହରେ ଫ୍ଲୋଏଡ୍‌ଙ୍କ ଗଳାକୁ ଆମେରିକା ପୋଲିସ ଆଣ୍ଠୁରେ ଚାପି ହତ୍ୟା କରିବା ଘଟଣାରେ ସାରା ଦେଶରେ ଆନ୍ଦୋଳନର ନିଆଁ ଜଳୁଛି। ଆମେରିକା ଇତିହାସରେ ଏହା ସବୁଠୁ ବଡ଼ ଆନ୍ଦୋଳନ ବୋଲି କୁହାଯାଉଛି। ଆନ୍ଦୋଳନକୁ ଦମନ କରିବା ଲାଗି ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ୱାଶିଂଟନ ଡିସିରେ ୧୭ ବର୍ଷ ହେଲା ରହୁଥିବା ଭାରତୀୟ ବ୍ୟବସାୟୀ ରାହୁଲ ଦୁବେ ନିଜ ପରିବାର ମଧ୍ୟରେ ୭୫ ଜଣ ବିକ୍ଷୋଭକାରୀଙ୍କୁ ଆଶ୍ରୟ ଦେଇଥିବାରୁ ଏଥିପାଇଁ ସେମାନେ କୃତଜ୍ଞତା ପ୍ରଦାନ କରିଛନ୍ତି। ଦୁବେଙ୍କ ଏହି କାର୍ଯ୍

ସଂକ୍ଷେପରେ

ସହରାଞ୍ଚଳ ମହିଳାଙ୍କ ରୋଜଗାର ବଢ଼ାଇବାକୁ ଗୁରୁତ୍ୱ

ଭୁବନେଶ୍ୱର, ୩।୬(ବ୍ୟୁରୋ): ସହରାଞ୍ଚଳରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ଅଧିକ ସକ୍ରିୟ କରିବା ଏବଂ ସେମାନଙ୍କ ରୋଜଗାର ବଢାଇବା ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଲୋକସେବା ଭବନଠାରେ ବୁଧବାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏନେଇ ଆଲୋଚନା କରାଯାଇଛି। ବୈଠକରେ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱରର ଦୁଇ ବିଧାୟକ ସୁଶାନ୍ତ ରାଉତ ଓ ଅନନ୍ତ ନାରାୟଣ ଜେନା ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ରହି ଏନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକ ଯେଭଳି ନୂତନ ଜ୍ଞାନକୌଶଳ ବ୍ୟବହାର କରି ବଜାରଭିତ୍ତିକ ସାମଗ୍ରୀ ଉତ୍ପାଦନ କରିପାରିବେ ସେ ଦିଗରେ ଆଲୋଚନା ହୋଇଛି। ଏ ନେଇ ନିର୍ଦ୍ଦିଷ୍ଟଭାବେ ଯୋଜନା ପ୍ରସ୍ତୁତ ଉପରେ ମନ୍ତ୍ରୀ ଜେନା ଗୁରୁତ୍ୱ ଦେଇଛନ୍ତି। ଓର୍‌ମାସ୍ ସହିତ ସମନ୍ୱୟ ରକ୍ଷାକରି ଉତ୍ପାଦିତ ସାମଗ୍ରୀ ପାଇଁ ବଜାର ସୃଷ୍ଟି କରିବାକୁ ମଧ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ପୌର ପ୍ରଶାସକ, ସୁଡା ଓ ଓର୍‌ମାସ୍ ପକ୍ଷରୁ ମିଳିତଭାବେ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ ଲାଗି ମନ୍ତ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି। କରୋନା ପରିପ୍ରେକ୍ଷୀରେ ମହିଳା ସ୍ୱୟଂ ସହାୟିକ ଗୋଷ୍ଠୀଗୁଡିକ ଯେଭଳି ସ୍ଥାନୀୟ ଆବଶ୍ୟକତା ମେଣ୍ଟାଇବା ଲାଗି ସାମଗ୍ରୀ ଉତ୍ପାଦ କରିବେ ସେଥିପାଇଁ ବୈଷୟିକ ଜ୍ଞାନକୌଶଳ ଯୋଗାଇବାକୁ ବୈଠକରେ ମତପ୍ରକାଶ ପାଇଛି।

ଏସିଏଫ୍‌ଙ୍କ ସମ୍ପତ୍ତି ଦେଢ଼ କୋଟି

କଟକ ଅଫିସ/ଚାନ୍ଦବାଲି, ୩।୬(ଡି.ଏନ୍.ଏ.): ଭଦ୍ରକ ବନ୍ୟପ୍ରାଣୀ ଡିଭିଜନର ସହକାରୀ ବନ ସଂରକ୍ଷକ (ଏସିଏଫ୍) ବିରାଜ ମୋହନ ମହାନ୍ତି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ବୁଧବାର ଭିଜିଲାନ୍ସ ବାଲେଶ୍ୱର ଡିଭିଜନ ଚଢ଼ାଉ କରି ତାଙ୍କ ପାଖରେ ୧ କୋଟି ୪୮ ଲକ୍ଷ ୩ ହଜାର ୭୩୬ ଟଙ୍କାର ସମ୍ପତ୍ତି ରହିଥିବା ଆକଳନ କରିଛି। ଚଢ଼ାଉ ଜାରି ରହିଥିବା ଯୋଗୁ ସମ୍ପତ୍ତିର ମୂଲ୍ୟ ବଢ଼ିପାରେ। ସୂଚନା ଅନୁଯାୟୀ, ଏସିଏଫ୍ ବିରାଜ ମୋହନ ବିଭିନ୍ନ ସୂତ୍ରରୁ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କଠାରୁ ଅନୁମତି ମିଳିବା ପରେ ତାଙ୍କୁ ଧରାଯାଇଥିଲା। ତାଙ୍କର ଭୁବନେଶ୍ୱରସ୍ଥିତ ଦୁଇ ମହଲା ଘର, କଟକସ୍ଥିତ ତିନି ମହଲା ଘର, ଚାନ୍ଦବାଲିର ଭଡ଼ାଘର, ଯାଜପୁର ଟାଉନ୍‌ର ପୈତୃକ ଘର, ଚାନ୍ଦବାଲିସ୍ଥିତ କାର୍ଯ୍ୟାଳୟ ଓ ଚାନ୍ଦବାଲିରେ ତାଙ୍କର ଜଣେ ସହଯୋଗୀଙ୍କ ଭଡ଼ାଘର ଓ ପୈତୃକ ଘରେ ଏକକାଳୀନ ଚଢ଼ାଉ କରାଯାଇଥିଲା। କଟକରେ ଥିବା ତିନିମହଲା ଘରର ମୂଲ୍ୟ ୫୩ ଲକ୍ଷ ୬୧ ହଜାର ୫୨୭ ଟଙ୍କା ବୋଲି ଜଣାପଡ଼ିଛି। ଚଢ଼ାଉରେ ୨ ଜଣ ଡିଏସ୍‌ପିଙ୍କ ସମେତ ୧୨ ଜଣ ଭିଜିଲାନ୍ସ ବିଭାଗର କର୍ମଚାରୀ ସାମିଲ୍ ଥିଲେ।

କ୍ଷୁଧାରେ କଟୁଛି ହାତୀଙ୍କ ଜୀବନ

ବେଙ୍ଗାଲୁର,୩।୬

- ଲକ୍‌ଡାଉନରେ ମିଳୁ ନାହିଁ ଖାଦ୍ୟ
- ବ୍ୟକ୍ତିଗତ ମାଲିକାନାକୁ ବିଶେଷଜ୍ଞଙ୍କ ବିରୋଧ

କୋଭିଡ୍-୧୯ ଯୋଗୁ ମଣିଷଠାରୁ ଆରମ୍ଭ କରି ସମଗ୍ର ଜୀବଜଗତ ପ୍ରଭାବିତ ହୋଇଛନ୍ତି। ରୋଜଗାର ହରାଇ କୋଟିକୋଟି ଲୋକ ଭୋକ ଉପାସରେ ଜୀବନ କାଟୁଥିବାବେଳେ ପଶୁପକ୍ଷୀମାନେ ମଧ୍ୟ ଏଥିରୁ ବାଦ୍‌ପଡ଼ି ନାହାନ୍ତି। ବିଶେଷକରି ବ୍ୟକ୍ତିଗତ ମାଲିକାନାରେ ଥିବା ହାତୀମାନେ ନାହିଁ ନ ଥିବା ହଇରାଣ ହୋଇଛନ୍ତି। ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଘରୋଇ ମାଲିକାନାରେ ଥିବା ପ୍ରାୟ ୧୮୨୧ ହାତୀ ଲକ୍‌ଡାଉନ ସମୟରେ ଭୋକିଲା ରହୁଛନ୍ତି। ବିଶେଷଜ୍ଞଙ୍କ ମତରେ ହାତୀ ଭଳି ପ୍ରାଣୀଙ୍କୁ ବ୍ୟକ୍ତିଗତ ମାଲିକାନାରୁ ମୁକ୍ତ କରାଯିବା ଆବଶ୍ୟକ। କାରଣ ବିଭିନ୍ନ ବିପତ୍ତି ସମୟରେ ସେମାନଙ୍କ ଯତ୍ନ ଠିକ୍‌ଭାବେ ନିଆଯାଇ ପାରି ନ ଥାଏ।

ଏପ୍ରିଲ ପ୍ରଥମ ସପ୍ତାହରେ କର୍ନାଟକର ଜଣେ ମାନବାଧିକାର କର୍ମୀ ଏକ ଭିଡିଓ ଭାଇରାଲ କରିଥିଲେ। ଏଥିରେ ଜଣେ ମାହୁନ୍ତ କହୁଛନ୍ତି ଯେ, ଲକ୍‌ଡାଉନ ସମୟରେ କିଛି ଖାଦ୍ୟ ନ ଥିବାରୁ ସେ ତାଙ୍କ ୫୫ବର୍ଷୀୟ ହାତୀକୁ ଖାଇବାକୁ ଦେଇପାରି ନାହାନ୍ତି। ମୁଧୋଲ ଜିଲାର ଏକ ମନ୍ଦିରରେ ୪୦ବର୍ଷ ଧରି ଉକ୍ତ ହାତୀ ରହିଛି। ମନ୍ଦିରକୁ ଆସୁଥିବା ଭକ୍ତମାନେ ଗୁଡ଼, ଆଖୁ, ଫଳମୂଳ ଏବଂ ଧାନ ଖାଇବାକୁ ଦେଇଥାନ୍ତି। ଲକ୍‌ଡାଉନ ଯୋଗୁ ମନ୍ଦିରକୁ ଭକ୍ତଙ୍କ ଆଗମନ ବନ୍ଦ ଥିବାରୁ ହାତୀକୁ ଆଉ କେହି ଖାଇବାକୁ ଦେଉ ନାହାନ୍ତି। ଏପରି କି ଏହାର ମାହୁନ୍ତ ମଧ୍ୟ ବାହାରକୁ ଯାଇ ପାରୁ ନ ଥିବାରୁ ହାତୀ ପାଇଁ ଖାଦ୍ୟ ସଂଗ୍ରହ ମଧ୍ୟ କରିପାରୁ ନାହାନ୍ତି। ଉକ୍ତ ଭିଡିଓରେ ମାହୁନ୍ତ ସହାୟତା ପାଇଁ ନିବେଦନ କରୁଥିବା ଦେଖିବାକୁ ମିଳିଛି। ଏହିଭଳି ଅନେକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସବୁ ଭିଡିଓରେ ସହାୟତା ପାଇଁ ନିବେଦନ କରାଯାଉଥିବା ଜଣାପଡ଼ିଛି। ଗୋଆସ୍ଥିତ ଜଙ୍ଗଲ ବୁକ୍ ରିସର୍ଟର ମାଲିକ ଜୋସେଫ ବାରିଟୋ ନିଜ ମାଲିକାନାରେ ୫ ହାତୀ ରଖିଛନ୍ତି। ହାତୀଙ୍କୁ ସେ ପର୍ଯ୍ୟଟକଙ୍କ ମନୋରମ ତଥା ଭ୍ରମଣ ପାଇଁ ବ୍ୟବହାର କରିଥାନ୍ତି। ହେଲେ ଏବେ ଲକ୍‌ଡାଉନ ଯୋଗୁ ହୋଟେଲ ଇଣ୍ଡଷ୍ଟ୍ରି ସମ୍ପୂର୍ଣ୍ଣ ବନ୍ଦ ରହିଛି। ପର୍ଯ୍ୟଟକଙ୍କ ଆଗମନ ନାହିଁ । ତେଣୁ ୫ଟି ହାତୀଙ୍କ ପାଇଁ ଖାଦ୍ୟ ସଂଗ୍ରହ କଷ୍ଟକର ହୋଇପଡ଼ିଛି । ସେ ଏନେଇ ଏକ ଭିଡିଓ ଜାରି କରିବା ସହ ଭୋକିଲା ହାତୀଙ୍କୁ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ସେହିପରି ରାଜସ୍ଥାନ ଜୟପୁର ଅମର ଦୁର୍ଗରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଶହଶହ ହାତୀ ରହିଥାନ୍ତି। ପର୍ଯ୍ୟଟକମାନେ ହାତୀ ସବାର କରି ଆନନ୍ଦ ଉଠାଇବା ସହ ମାହୁନ୍ତଙ୍କୁ ସେମାନଙ୍କ ପାରିଶ୍ରମିକ ଦେଇଥାନ୍ତି। ଲକ୍‌ଡାଉନ ଯୋଗୁ ସେମାନଙ୍କ ମଧ୍ୟ ସମାନ ଅବସ୍ଥା। ପର୍ଯ୍ୟଟକ ଆସୁ ନ ଥିବାରୁ ରୋଜଗାର ହେଉ ନାହିଁ। ଫଳରେ ହାତୀଙ୍କୁ ଖାଦ୍ୟ ଯୋଗାଇପାରୁ ନାହାନ୍ତି ମାହୁନ୍ତ। କେରଳରେ ମଧ୍ୟ ବ୍ୟକ୍ତିଗତ ମାଲିକାନାରେ ଥିବା ଶହ ଶହ ହାତୀ ଖାଦ୍ୟାଭାବର ଶିକାର ହେଉଛନ୍ତି। ୨୦୧୯ ନଭେମ୍ବର ସୁଦ୍ଧା ଦେଶରେ ମୋଟ ୨,୬୭୫ ବନ୍ଦୀ ହାତୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୮୨୧ ହାତୀ ବ୍ୟକ୍ତିଗତ ମାଲିକାନାରେ ରହିଥିବାବେଳେ ବାକି ବିଭିନ୍ନ ରାଜ୍ୟର ବନ ବିଭାଗ ଅଧୀନରେ ରହିଛନ୍ତି ବୋଲି ତାମିଲନାଡୁର ପ୍ରାଣୀ ମଙ୍ଗଳ କର୍ମୀ ଆଣ୍ଟୋନି କ୍ଲେମେଣ୍ଟ ରୁବୀନ ଆର୍‌ଟିଆଇ ତଥ୍ୟରୁ ଜାଣିବାକୁ ପାଇଛନ୍ତି। ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ର ଅନୁଚ୍ଛେଦ ୧ରେ ହାତୀ ଆସୁଛନ୍ତି, ଯେଉଁଥିରେ କି ସେମାନଙ୍କ ଆବଶ୍ୟକ ସୁରକ୍ଷା ସମ୍ପର୍କରେ କୁହାଯାଇଛି। ଏହା ମଧ୍ୟ ବିଲୁପ୍ତପ୍ରାୟ ପ୍ରାଣୀ ତାଲିକାରେ ଆସୁଛି। ବନ୍ୟ ପ୍ରାଣୀ ସୁରକ୍ଷା ଆଇନର ଧାରା ୧(୫)ରେ ବନ୍ଦୀ ପ୍ରାଣୀ ରଖାଯିବା ନେଇ ଉଲ୍ଲେଖ ରହିଥିବାବେଳେ ଧାରା ୪୦ରେ ହାତୀଙ୍କୁ ରଖିବା ନେଇ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରାଯାଇଛି। ମାତ୍ର ବର୍ତ୍ତମାନର ସ୍ଥିତିକୁ ଦେଖିଲେ ବ୍ୟକ୍ତିଗତ ମାଲିକାନାରେ ଥିବା ହାତୀ ଖାଇବାକୁ ପାଉ ନାହାନ୍ତି। ସେମାନଙ୍କୁ ବ୍ୟକ୍ତିଗତ ମାଲିକାନାରେ ରଖିବାକୁ ନ ଦେଇ ବନବିଭାଗକୁ ହସ୍ତାନ୍ତର କରାଯାଇ ବନ ମଧ୍ୟରେ ରଖାଗଲେ ଖାଦ୍ୟ ପାଇବାରୁ ବଞ୍ଚିତ ହେବେ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଜୁନ୍, ଜୁଲାଇ ଗୁରୁତ୍ୱପୂର୍ଣ୍ଣ, ସତର୍କ ରୁହ: ବାଚସ୍ପତି

ଭୁବନେଶ୍ୱର, ୩।୬(ବ୍ୟୁରୋ)

ଗଞ୍ଜାମର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଭିଡିଓ କନ୍‌ଫରେନ୍ସ ଜରିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୌସୁମୀ ଜନିତ ସମ୍ଭାବ୍ୟ ବିପର୍ଯ୍ୟୟର ସଫଳ ମୁକାବିଲା ନିମନ୍ତେ ଜିଲାର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତଭାବେ ଆଲୋଚନା କରାଯାଇଥିଲା। ବିଧାନସଭାର କନ୍‌ଫରେନ୍ସ ପ୍ରକୋଷ୍ଠରେ ଉପସ୍ଥିତ ରହି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କରୋନା ପରିଚାଳନା ପାଇଁ ଜନପ୍ରତିନିଧି ଓ ଜଲା ପ୍ରଶାସନକୁ ସାଧୁବାଦ ଜଣାଇଥିଲେ। ଜୁନ୍ ଓ ଜୁଲାଇ କରୋନା ସଂକ୍ରମଣ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏଥିଲାଗି ସଜାଗ ରହିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଠିକ୍ ସମୟରେ ଚାଷୀମାନଙ୍କୁ ବିହନ, ସାର, କୀଟନାଶକ ଯୋଗାଇବା ଉପରେ ଉଭୟ ବାଚସ୍ପତି ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୁରୁତ୍ୱ ଆରୋପ କରିଥିଲେ। ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଯୋଗାଣ ଓ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବାକୁ ବାଚସ୍ପତି ପରାମର୍ଶ ଦେଇଥିଲେ। ସଙ୍ଗରୋଧ କେନ୍ଦ୍ରର ଅନ୍ତେବାସୀମାନେ ଶୃଙ୍ଖଳା ପାଳନ କରିବା ଓ ପୋଲିସ ପ୍ରଶାସନ ଏ ଦିଗରେ ଯତ୍ନବାନ ହେବାକୁ ବାଚସ୍ପତି ପରାମର୍ଶ ଦେଇଥିଲେ।

ଆବାସିକ କ୍ୱାରାଣ୍ଟାଇନ୍ ଉପରେ ନଜର ରଖ

ଭୁବନେଶ୍ୱର,୩।୬(ବ୍ୟୁରୋ)

ଜୁନ୍ ମାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟକୁ ୪.୫ ଲକ୍ଷ ପ୍ରବାସୀ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ କ୍ୱାରାଣ୍ଟାଇନ ସେଣ୍ଟରରୁ ଘରକୁ ଫେରି ଗଲେଣି। ଏହି ସମୟରେ ଗୋଷ୍ଠୀ ସଂକ୍ରମଣର ଆଶଙ୍କା ରହିଛି । ଆବାସିକ କ୍ୱାରାଣ୍ଟାଇନ୍‌ରେ ରହୁଥିବା ଲୋକମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଜିଲାପାଳ ଏବଂ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ କରୋନା ସ୍ଥିତି ନେଇ ମୁଖ୍ୟ ଶାସନ ସଚିବ ଜିଲାପାଳ ଓ ଏସ୍‌ପିମାନଙ୍କ ସହିତ ଭିଡିଓ କନ୍‌ଫରେନ୍ସ ଜରିଆରେ ମଙ୍ଗଳବାର ଲୋକସେବା ଭବନରେ ଆଲୋଚନା କରିଥିଲେ। କରୋନା ସଂକ୍ରମଣ ଉପରେ ନଜର ରଖିବା ଲାଗି ୱାର୍ଡସ୍ତରରେ ମନିଟରିଂ କମିଟି ଗଠନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କରୋନା ଲକ୍ଷଣ ଦେଖାଦେବା ମାତ୍ରେ ତୁରନ୍ତ ଯାଞ୍ଚ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ କୁହାଯାଇଛି। କୋଭିଡ୍-୧୯ ଗାଇଡ୍‌ଲାଇନକୁ କୌଣସି ପରିସ୍ଥିତିରେ ଅଣଦେଖା କରାଯାଇ ପାରିବ ନାହିଁ। ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବାକୁ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କଟକଣା କୋହଳକୁ ନେଇ ଲୋକମାନଙ୍କ ମଧ୍ୟରେ ଭୁଲବୁଝାମଣା ହେବା ଉଚିତ ନୁହେଁ। ସାମାଜିକ ଦୂରତ୍ୱ ଅବଲମ୍ବନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ କଟକ-ଭୁବନେଶ୍ୱର ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଆଇଟି ସଚିବ ମନୋଜ ମିଶ୍ର, ବିଏମ୍‌ସି କମିଶନର ପ୍ରେମ ଚନ୍ଦ୍ର ଚୌଧାରୀ ପ୍ରମୁଖ ଯୋଗ ଦେଇଥିଲେ।

ଜିଲାପାଳଙ୍କୁ ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ

ପ୍ରବାସୀ ଓଡ଼ିଆଙ୍କୁ ନେଇ ବୁଧବାର ଭୁବନେଶ୍ୱର ଅଭିମୁଖେ ଆସୁଥିବା ବିମାନ।

ପରଲୋକରେ ନିତ୍ୟାନନ୍ଦ ଶତପଥୀ

ଭୁବନେଶ୍ୱର,୩।୬(ବ୍ୟୁରୋ)

ନିତ୍ୟାନନ୍ଦ ଶତପଥୀ

ବିଶିଷ୍ଟ ସାହିତ୍ୟିକ, ପ୍ରାବନ୍ଧିକ ଏବଂ ସମାଲୋଚକ ନିତ୍ୟାନନ୍ଦ ଶତପଥୀ ଆଉ ନାହାନ୍ତି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ବୁଧବାର ପୂର୍ବାହ୍ନ ୯ଟା ୧୫ରେ ତାଙ୍କର ପରଲୋକ ଘଟିଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥାଇ ଚିକିତ୍ସିତ ହେଉଥିଲେ। ସର୍ଜନାତ୍ମକ ଓ ଆଧୁନିକ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ବିଶେଷ ଖ୍ୟାତି ଅର୍ଜନ କରିଥିବା ଶତପଥୀ ଆଧୁନିକ ଓଡ଼ିଆ କବିତାର ପ୍ରଚାର, ପ୍ରସାର କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଥିବାବେଳେ ସାହିତ୍ୟିକ, ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ଧର୍ମପତ୍ନୀ ତଥା ସୁସାହିତ୍ୟିକା ପ୍ରତିଭା ଶତପଥୀ ଏବଂ ଝିଅ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ବିଜେତା ପାରମିତା ଶତପଥୀଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

୧୯୩୭ ଅକ୍ଟୋବର ୨୫ ତାରିଖରେ ଜଗତ୍‌ସିଂହପୁର ଜିଲାର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗାରେଇ ଶାସନଠାରେ ଜନ୍ମଗ୍ରହଣ କରିଥିଲେ। ୧୯୬୦ରେ ରେଭେନ୍ସା ମହାବିଦ୍ୟାଳୟରୁ ସ୍ନାତକ ଏବଂ ୧୯୬୨ରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ। ୧୯୭୬ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଲାଭ କରିଥିଲେ। ୧୯୬୯ରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗରେ ଅଧ୍ୟାପନା ଆରମ୍ଭ କରିଥିବା ପ୍ରଫେସର ଶତପଥୀ ପରବର୍ତ୍ତୀ ସମୟରେ ସେଠାରେ ପ୍ରତିଷ୍ଠା କରାଯାଇଥିବା ସତ୍ୟବାଦୀ ଚେୟାରର ପ୍ରଫେସର ଭାବେ ଦାୟିତ୍ୱ ନିର୍ବାହ କରି ଅବସର ଗ୍ରହଣ କରିଥିଲେ। ୧୯୬୨ରୁ ୧୯୬୯ ପର୍ଯ୍ୟନ୍ତ ରେଭେନ୍ସା ମହାବିଦ୍ୟାଳୟରେ ଏବଂ ୧୯୭୬ରୁ ୧୯୯୨ ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ଅଧ୍ୟାପନା କରିଥିଲେ। ଗୋପବନ୍ଧୁଙ୍କ ପୂର୍ଣ୍ଣାଙ୍ଗ ଜୀବନୀ ପୁସ୍ତକ 'ହେ ସାଥୀ, ହେ ସାରଥୀ' ଥିଲା ତାଙ୍କ ରଚିତ ପ୍ରଥମ ପୁସ୍ତକ। ଏହାପୂର୍ବରୁ ଧର୍ମ ପତ୍ନୀ ପ୍ରତିଭାଙ୍କ ସହ ମିଳିତ ଭାବରେ 'ଆମ କବିତା' ନାମକ ଏକ କବିତା ପୁସ୍ତକ ଲେଖିଥିଲେ। ଏହା ପରଠାରୁ ନିତ୍ୟାନନ୍ଦ ନିରବଚ୍ଛିନ୍ନ ଭାବରେ ସାହିତ୍ୟ ସାଧନାରେ ନିମଗ୍ନ ଥିଲେ। ଓଡ଼ିଆ ଭାଷାରେ ସମାଲୋଚନାମୂଳକ ଲେଖାର ଅଭାବକୁ ହୃଦୟଙ୍ଗମ କରି ନିତ୍ୟାନନ୍ଦ ସମାଲୋଚନା ଲେଖିବା ଆରମ୍ଭ କରିଥିଲେ। ୧୯୨୦ ପରବର୍ତ୍ତୀ ଆଧୁନିକ ଓଡ଼ିଆ କବିତା ଚର୍ଚ୍ଚା କ୍ଷେତ୍ରରେ ତାଙ୍କ ରଚିତ 'ସବୁଜରୁ ସାମ୍ପ୍ରତିକ' ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ଥିଲା। ତାଙ୍କର ଉଲ୍ଲେଖନୀୟ କୃତି ମଧ୍ୟରେ 'କବିତା ଯୁଗେ ଯୁଗେ', 'ପ୍ରମୁଖ କବି କତିପୟ', 'କାବ୍ୟ ପ୍ରକରଣ', 'ସାରଳାରୁ ସମ୍ପ୍ରତି' ଓ 'ସତୁରିରୁ ସହସ୍ରାବ୍ଦୀ' ଅନ୍ୟତମ। ସେ ବହୁ ସାରସ୍ୱତ ଓ ସାମାଜିକ ଅନୁଷ୍ଠାନ ସହିତ ଜଡିତ ଥିଲେ। ସେ ମଧ୍ୟରୁ ପୂଜ୍ୟପୂଜା ସଂସଦ, ଶାରଳା ପୁରସ୍କାର, ସାମ୍ପ୍ରତିକ, ଓଡ଼ିଶା ସାହିତ୍ୟ ଏକାଡେମୀ ଆଦି ଅନ୍ୟତମ ଥିଲା। 'ଇସ୍ତାହାର' ନାମରେ ତ୍ରୈମାସିକ ସର୍ଜନାତ୍ମକ ଓ ଆଧୁନିକ ସାହିତ୍ୟ ସମାଲୋଚନା ପତ୍ରିକା ପ୍ରକାଶନ ଥିଲା ପ୍ରଫେସର ଶତପଥୀଙ୍କ ବଳିଷ୍ଠ କୃତିତ୍ୱ। ସାହିତ୍ୟ କ୍ଷେତ୍ରରେ ଅନବଦ୍ୟ କୃତି ପାଇଁ ସେ ଅନେକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହେବା ସହ ସମ୍ମାନଜନକ 'ବିଷୁବ ପୁରସ୍କାର'ରେ ସମ୍ମାନିତ ହୋଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ, ଉତ୍କଳ ସମ୍ମିଳନୀ ସହ ବିଭିନ୍ନ ସାମାଜିକ ଏବଂ ସାଂସ୍କୃତିକ ସଂଗଠନ ପକ୍ଷରୁ ଶତପଥୀଙ୍କ ବିୟୋଗରେ ଶୋକପ୍ରକାଶ କରାଯାଇଛି। ପାରମିତା, ମଧୁବ୍ରତା, ଅସିତା ଓ ଈପ୍‌ସିତା ନାମରେ ତାଙ୍କର ଚାରି ଝିଅ ଅଛନ୍ତି।

ବିକ୍ରି କ୍ଷେତ୍ରରେ ଜେଏସ୍‌ପିଏଲ୍‌ର ରେକର୍ଡ

ଭୁବନେଶ୍ୱର,୩।୬: ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍) ପକ୍ଷରୁ ବିକ୍ରି କ୍ଷେତ୍ରରେ ରେକର୍ଡ ସମ୍ପର୍କରେ ଘୋଷଣା କରାଯାଇଛି। ଚାହିଦା ଫେରୁଥିବାରୁ କମ୍ପାନୀର ମାସିକ ଷ୍ଟିଲ ବିକ୍ରିରେ ୨୮% ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛି। ମେ ମାସରେ ଏହା ୬.୪୦ ଲକ୍ଷ ଟନ୍ ଇସ୍ପାତ ବିକ୍ରି କରିଛି। ଗତ ବର୍ଷ ଏହା ୫ ଲକ୍ଷ ଟନ୍ ରହିଥିଲା। କମ୍ପାନୀର ମୋଟ ବିକ୍ରିରେ ରପ୍ତାନିର ଅଂଶ ମଧ୍ୟ ରହିଛି। ବର୍ତ୍ତମାନ ସୁଦ୍ଧା ୭.୯୭ ଲକ୍ଷ ଟନ୍ ଇସ୍ପାତ ବିକ୍ରି କରିଛି। ଏଥିରେ ୨୬% ବୃଦ୍ଧି ଘଟିଛି। ଗତ ବର୍ଷ ସମାନ ସମୟରେ ଏହା ୬.୩୧ ଲକ୍ଷ ଟନ୍ ରହିଥିଲା। ମେ ମାସରେ କମ୍ପାନୀ ୬.୦୨ ଲକ୍ଷ ଟନ ଇସ୍ପାତ ଉତ୍ପାଦନ କରିଛି। ସେହିଭଳି ମେ ମାସରେ ୬.୪୭ ଲକ୍ଷ ଟନ୍ ପେଲେଟ୍ ଉତ୍ପାଦନର ରେକର୍ଡ କରିଥିବା ଜେଏସ୍‌ପିଏଲ୍

ଆଜିର ମନ୍ତବ୍ୟ

ଚାଇନା ସୈନ୍ୟ ଭାରତ ଭିତରକୁ ଅନୁପ୍ରବେଶ କରିଥିଲେ କି ନାହିଁ କେନ୍ଦ୍ର ସରକାର ତାହା ସ୍ପଷ୍ଟ କରନ୍ତୁ।
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଦାନିଆଲ
ପରିବାରବର୍ଗ

ଶ୍ରୀୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ବିଦେଶରୁ ଫେରୁଥିବା ନାଗରିକଙ୍କ ପାଇଁ ନିଯୁକ୍ତି ସୁଯୋଗ

ନୂଆଦିଲ୍ଲୀ,୩।୬: ବନ୍ଦେ ଭାରତ ମିଶନରେ ବିଦେଶରୁ ଭାରତ ଫେରୁଥିବା ଲୋକଙ୍କୁ ଦେଶ ମଧ୍ୟରେ ରୋଜଗାର ଦେବାକୁ ଯୋଜନା ପ୍ରସ୍ତୁତ ହୋଇଛି। କେନ୍ଦ୍ର କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ଏହି ଯୋଜନାକୁ ଲାଗୁ କରାଯିବ। ସ୍କିଲ୍ ଇଣ୍ଡିଆ ମିଶନ ଅନ୍ତର୍ଗତ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟର ସହଭାଗିତାରେ ଯୋଜନା ହାତକୁ ନିଆଯାଇଥିବା ଜଣାପଡିଛି। ଭାରତ ଫେରୁଥିବା ଲୋକମାନଙ୍କ ପାଇଁ ସ୍କିଲ୍ଡ ୱାର୍କର୍ସ ଆରାଇଭାଲ ଡାଟାବେସ୍ ଫର୍ ଏମ୍ପ୍ଲୟମେଣ୍ଟ ସପୋର୍ଟ (ସ୍ୱଦେଶ) ଯୋଜନା ଆରମ୍ଭ କରାଯାଇଛି। ଏହାଦ୍ୱାରା ଯୋଗ୍ୟ ନାଗରିକଙ୍କ ଡାଟାବେସ୍ ପ୍ରସ୍ତୁତ କରାଯାଉଛି। ଭାରତୀୟ ଏବଂ ବିଦେଶୀ କମ୍ପାନୀଗୁଡିକର ଚାହିଦାକୁ ପୂରଣ କରିବା ଲାଗି ଏହାକୁ ଆରମ୍ଭ କରାଯିବ। ବିଦେଶରୁ ଫେରୁଥିବା ଲୋକମାନେ ସ୍ୱଦେଶ ସ୍କିଲ୍ ଫର୍ମ ଭରିବାକୁ ପଡିବ। ଏହି ଲୋକମାନଙ୍କୁ ସ୍ୱଦେଶ ସ୍କିଲ୍ କାର୍ଡ ଜାରି କରାଯିବ। ଉପଯୁକ୍ତ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଲାଗି ଏହି କାର୍ଡ ସୁବିଧା ପ୍ରଦାନ କରିବ ବୋଲି କୌଶଳ ବିକାଶ ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ପିଲାଙ୍କୁ ମିଳିବ ମଧ୍ୟାହ୍ନ ଭୋଜନ ରୋଷେଇ ଖର୍ଚ୍ଚ

ଭୁବନେଶ୍ୱର, ୩।୬(ବ୍ୟୁରୋ)- ସ୍କୁଲ ବନ୍ଦ ଥିବାରୁ ପିଲାଙ୍କୁ ପୂର୍ବରୁ ୩ ମାସ ପାଇଁ ମଧ୍ୟାହ୍ନ ଭୋଜନ ରାଶନ ମିଳିଥିଲା। ଏବେ ରୋଷେଇ ଖର୍ଚ୍ଚ ମିଳିବ। ଏନେଇ ମଧ୍ୟାହ୍ନ ଭୋଜନ ରାଜ୍ୟ ନୋଡାଲ ଅଫିସର ଗଙ୍ଗାଧର ସାହୁ ବୁଧବାର ସମସ୍ତ ଜିଲାପାଳଙ୍କୁ ଚିଠି କରିଛନ୍ତି। ମାର୍ଚ୍ଚ ୧୬ରୁ ଜୁନ୍ ୧୩ ପର୍ଯ୍ୟନ୍ତ ରୋଷେଇ ଖର୍ଚ୍ଚ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଏହି ୯୦ଦିନ ବାବଦରେ ପ୍ରାଥମିକ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଜଣ ପିଛା ୪୭୯ଟଙ୍କା ୯୬ ପଇସା ଓ ଉଚ୍ଚ ପ୍ରାଥମିକ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ୭୧୭ଟଙ୍କା ୧୬ପଇସା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ରୋଷେଇ ଖର୍ଚ୍ଚ ପିଲା ବା ଅଭିଭାବକଙ୍କ ବ୍ୟାଙ୍କ ଖାତାକୁ ପଠାଯିବ। ଯେଉଁ ଅଭିଭାବକଙ୍କର ବ୍ୟାଙ୍କ ଆକାଉଣ୍ଟ୍ ନ ଥିବ ସେମାନଙ୍କୁ ସ୍କୁଲରେ ଧାର୍ଯ୍ୟ ଅର୍ଥ ପଇଠ କରିବାକୁ କୁହାଯାଇଛି। ଜିଲା ଶିକ୍ଷାଧିକାରୀମାନେ ରୋଷେଇ ବାବଦ ଖର୍ଚ୍ଚକୁ ତୁରନ୍ତ ସ୍କୁଲ ଆକାଉଣ୍ଟକୁ ପଠାଇବାକୁ ଚିଠିରେ ଉଲ୍ଲେଖ ରହିଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଗୁଣକୁ ପୂଜା ,
ପଖାଳ ଭାତକୁ କଲରା ଭଜା ।
ସମାଜରେ ଗୁଣୀ ବ୍ୟକ୍ତିଙ୍କୁ ବହୁ ଆଦରସମ୍ମାନ ମିଳିଥାଏ ଓ ଯଶ, କୀର୍ତ୍ତି ପ୍ରାପ୍ତ ହୋଇଥାଏ। ସେମାନଙ୍କ ବ୍ୟକ୍ତିତ୍ୱ ପ୍ରତି ଅନ୍ୟମାନଙ୍କର ଯଥେଷ୍ଟ ସମ୍ମାନବୋଧ ରହିଥାଏ । ମୃତ୍ୟୁ ପରେ ମଧ୍ୟ ତାଙ୍କ ଗୁଣ ଗାନ କରାଯାଇଥାଏ। ସେହିପରି ପଖାଳ ଭାତ ସହ କଲରା ଭଜା ପାଟିକୁ ସୁଆଦ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଗାଈ ନ ବୋବାଏ ଖାଉନ୍ଦ ଚିହ୍ନି ;
ଖାଉନ୍ଦ ଧାଉଁଛି ଛନ୍ଦଣି ଘେନି
ଯେଉଁଠି ଆନ୍ତରିକତା ନ ଥାଏ ସେଠି ସମ୍ପର୍କ ଯୋଡ଼ିବାରେ କିଛି ମୂଲ୍ୟ ମିଳି ନ ଥାଏ। ବଳେ ପଶିବା କଥା। ଗାଈ ନିଜ ମାଲିକକୁ ଚିହ୍ନି ପାରୁ ନ ଥିବା ସ୍ଥଳେ ଦୁହିଁବାକୁ ତା' ପଛେ ପଛେ ଧାଇଁବାର ମାନେ କିଛି ରହି ନ ଥାଏ । ଯେଉଁଠି ଅମ୍ରୀୟତା ନାହିଁ, ନିଜର ବୋଲି ଭାବ ନାହିଁ କି ପାଖରେ ପୂରଉ ନାହିଁ ସେଠି ନିଜର ପରିଚୟ ସୃଷ୍ଟି କରିବା ମୁର୍ଖାମିର ପରିଚୟ ହୋଇଥାଏ। ବିନା ଅଭ୍ୟର୍ଥନାରେ ବା ଆଦରରେ ଅନ୍ୟର ପ୍ରାର୍ଥୀ ନ ହେବା ଉଚିତ ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ,ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ମହିଳା ସରପଞ୍ଚଙ୍କୁ ପୋଲିସର ମାଡ଼

- ପ୍ରତିବାଦରେ ଗ୍ରାମବାସୀଙ୍କ ଫାଣ୍ଡି ଘେରାଉ
- ସଙ୍ଗରୋଧ କେନ୍ଦ୍ର ଅନ୍ତେବାସୀଙ୍କ ରାସ୍ତାରୋକୋ
- ଘଟଣାସ୍ଥଳରେ ବିରୋଧୀ ଦଳ ସଚେତକ, ପୋଲିସର କାର୍ଯ୍ୟକୁ ନିନ୍ଦା

କେନ୍ଦୁଝର/ଆନନ୍ଦପୁର/ହାଟଡିହୀ, ୩।୬(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବଉଳା ଫାଣ୍ଡି ଅଞ୍ଚଳରେ ପୋଲିସ ଜଣେ ମହିଳା ସରପଞ୍ଚଙ୍କୁ ମାଡ଼ ମାରିବା ସହ ତାଙ୍କ ସ୍ୱାମୀଙ୍କୁ ଉଠାଇନେବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ ଗ୍ରାମବାସୀ ଫାଣ୍ଡି ଘେରାଉ କରିବା ସହ ସ୍ଥାନୀୟ ଏକ ସଙ୍ଗରୋଧ କେନ୍ଦ୍ରରେ ଥିବା ଅନ୍ତେବାସୀମାନେ ରାସ୍ତାରୋକୋ କରିଥିଲେ। ବିରୋଧୀ ଦଳ ସଚେତକ ମୋହନ ମାଝୀ ଘଟଣାସ୍ଥଳକୁ ଯାଇ ପୋଲିସର କାର୍ଯ୍ୟକୁ ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୯ ଟା ସମୟରେ ବାଙ୍ଗୋର ପଞ୍ଚାୟତରେ ଥିବା ଏକ ସଙ୍ଗରୋଧ କେନ୍ଦ୍ରରୁ ଜଣେ ଯୁବକ ପଳାଇ ଯାଇଥିଲେ। ଘଟଣାର ଅନୁଧ୍ୟାନ ଲାଗି ସ୍ଥାନୀୟ ମହିଳା ସରପଞ୍ଚ ସୁପ୍ରଭା ରାଉତ ଏବଂ ସମିତି ସଭ୍ୟ ବିବେକାନନ୍ଦ ରାଉତ ବଉଳା ଫାଣ୍ଡିରେ ଲିଖିତ ଅଭିଯୋଗ କରିବାକୁ ଯାଇଥିଲେ। ପୂର୍ବରୁ ଫାଣ୍ଡିରେ ଏକ ମାମଲାର ଆପୋଷ ବୁଝାମଣା ଚାଲିଥିଲା। ଏଥିଲାଗି ଫାଣ୍ଡିକୁ ସୋସୋ ଥାନା ଭାରପ୍ରାପ୍ତ ଅଧିକାରୀ ଗଗନ ନାୟକ ଏବଂ ଘସିପୁରା ଥାନା ଏସଆଇ ବିଶ୍ୱଜିତ୍ ବେହେରା ଆସିଥିଲେ। ଏହି ସମୟରେ ସୋସୋ ଥାନା ପୋଲିସ ଆକ୍ରୋଶ ମୂଳକ ଭାବରେ ବାଙ୍ଗୋର ପଞ୍ଚାୟତ ସମିତିସଭ୍ୟ ବିବେକାନନ୍ଦ ରାଉତ ଏବଂ ଆପୋଷ ବୁଝାମଣା ପାଇଁ ଆସିଥିବା ଧନୁର୍ଜୟପୁର ସରପଞ୍ଚଙ୍କ ପ୍ରତିନିଧି ବିଶ୍ୱଜିତ ରାଉତଙ୍କୁ ଗିରଫ କରିବାକୁ ଉଦ୍ୟମ କରିଥିଲେ। ପୋଲିସର ଏଭଳି କାର୍ଯ୍ୟକୁ ସରପଞ୍ଚ ସୁପ୍ରଭା ପ୍ରତିବାଦ କରିଥିଲେ। ତେବେ ସେମାନଙ୍କୁ ସୋସୋ ଭାରପ୍ରାପ୍ତ ଥାନା ଅଧିକାରୀ ଏବଂ ଘସିପୁରା ଥାନା ଏସଆଇ ଗିରଫ ପାଇଁ ବଳ ପ୍ରୟୋଗ କରିଥିବା ସେ ଅଭିଯୋଗ କରିଛନ୍ତି। ଏପରିକି ସେମାନେ ତାଙ୍କର(ମହିଳା ସରପଞ୍ଚଙ୍କ) ହାତ ମୋଡ଼ି ଦେବା ସହ ତାଙ୍କ ବେକକୁ ଆଘାତ ଦେଇଥିବା ଓ ଉଭୟ ପଞ୍ଚାୟତ ସମିତି ସଭ୍ୟଙ୍କୁ ଧରି ନେଇଯାଇଥିବା ଆନନ୍ଦପୁର ଏସଡିପିଓଙ୍କ ପାଖରେ ସରପଞ୍ଚ ସୁପ୍ରଭା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଏହାର ପ୍ରତିବାଦରେ ବାଙ୍ଗୋର ପଞ୍ଚାୟତର ଲୋକେ ବୁଧବାର ରାସ୍ତା ଅବରୋଧ କରିଥିଲେ। ଏଥିରେ ସ୍ଥାନୀୟ ଏକ ସଙ୍ଗରୋଧ କେନ୍ଦ୍ରର ଅନ୍ତେବାସୀମାନେ ମଧ୍ୟ ସାମିଲ ହୋଇଥିବା ଜଣାଯାଇଛି। ଖବରପାଇ ଆନନ୍ଦପୁର ଏସଡିପିଓ ଏବଂ ପୋଲିସ ଫୋର୍ସ ପହଞ୍ଚି ପରସ୍ଥିତି ନିୟନ୍ତ୍ରଣ କରିବା ସହିତ ଲୋକଙ୍କୁ ବୁଝାସୁଝା କରିଥିଲେ। କେନ୍ଦୁଝର ବିଧାୟକ ତଥା ବିରୋଧୀ ଦଳ ସଚେତକ ମୋହନ ମାଝୀ କହିଛନ୍ତି ଯେ, ସରପଞ୍ଚ ହୁଅନ୍ତୁ ବା ଅନ୍ୟ କେହି ଥାନାକୁ ଅଭିଯୋଗ ପାଇଁ ଗଲେ ପୋଲିସ ଅଟକାଇ ରଖିବା ଓ ଅନ୍ୟ କେସ୍‌ରେ ତାଙ୍କୁ ସମ୍ପୃକ୍ତି ଦର୍ଶାଇ ଗିରଫ କରିବା ଘଟଣା ନିଶ୍ଚିତ ଭାବରେ ଗଣତନ୍ତ୍ର ବିରୋଧୀ। ଏସମ୍ପର୍କରେ ଆନନ୍ଦପୁର ଏସଡିପିଓ ବିଦ୍ୟୁତ୍ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ମହିଳା ସରପଞ୍ଚଙ୍କୁ ଅସମ୍ମାନ କରାଯିବା ଘଟଣାର ତଦନ୍ତ ଚାଲିଛି। ଏନେଇ ସେ ଅଭିଯୋଗ ପାଇଛନ୍ତି। ଫାଣ୍ଡି ଉପରେ ହୋଇଥିବା ଆକ୍ରମଣର ମଧ୍ୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଫାଣ୍ଡି ପୋଲିସର କାର୍ଯ୍ୟକଳାପ ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ସଞ୍ଚୟ ଖାତା ଉପରେ ସୁଧହାର କମାଇଲା ଏସ୍‌ବିଆଇ

ନୂଆଦିଲ୍ଲୀ,୩।୬

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ସଞ୍ଚୟ ଖାତା ଉପରେ ସୁଧହାର ହାରକୁ ୦.୦୫% ହ୍ରାସ କରିଛି। ଫଳରେ ଏହା ୨.୭୦%କୁ ଖସିଛି। ସେହିଭଳି ଘରୋଇ କ୍ଷେତ୍ରର ଆଇସିଆଇସିଆଇ ବ୍ୟାଙ୍କ ମଧ୍ୟ ସଞ୍ଚୟ ଖାତାର ସୁଧହାରକୁ ୦.୨୫% ଖସାଇଛି। ସଂଶୋଧିତ ସୁଧହାର ୩୧ ମେଠାରୁ ଲାଗୁହେବ ବୋଲି ଏସ୍‌ବିଆଇ ପକ୍ଷରୁ ସୂଚନା ରହିଛି। ସଞ୍ଚୟ ଖାତା ଲାଗି ବ୍ୟାଙ୍କ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ୧ ଲକ୍ଷ ଟଙ୍କାରୁ ତଦୂର୍ଦ୍ଧ୍ୱ ଭଳି ୨ଟି ସ୍ଲାବ୍ ରଖିଛି। ଚଳିତ ଆର୍ଥିକ ବର୍ଷରେ ଦ୍ୱିତୀୟ ଥର ସୁଧହାର ହ୍ରାସ କରିଛି। ଏପ୍ରିଲ ପହିଲାରେ ସଞ୍ଚୟ ଖାତାର ସବୁ ସ୍ଲାବ୍ ଉପରେ ସୁଧହାର ୦.୨୫% କମାଇବା ଫଳରେ ଏହା ୨.୭୫%କୁ ହ୍ରାସ ଘଟିଥିଲା। ସେହିଭଳି ଆଇସିଆଇସିଆଇ ବ୍ୟାଙ୍କ ପୁଞ୍ଜିବଜାରକୁ ଦେଇଥିବା ସୂଚନା ମୁତାବକ ୫୦ ଲକ୍ଷ ଟଙ୍କାରୁ କମ୍ ସବୁ ଜମା ଉପରେ ସୁଧହାର ୦.୨୫% ହ୍ରାସ ଘଟି ୩.୨୫%ରୁ ୩%କୁ ହ୍ରାସ ଘଟିଛି। ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଜମା ଉପରେ ସୁଧହାର ୩.୭୫%ରୁ ହ୍ରାସ ଘଟି ୩.୫୦%କୁ ଖସିଛି। ନୂଆ ନିୟମ ଗୁରୁବାରଠାରୁ ଲାଗୁ ହେବ ବୋଲି ଏହି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ଋଣ ଚାହିଦା କମ୍ ହେବାରୁ ବ୍ୟାଙ୍କ ଜମା ଉପରେ ସୁଧହାର ହ୍ରାସ ହେଉଥିବା ଜଣାପଡ଼ିଛି।

classifieds Everyday
0674-2580101, 2549302

real estate

SALE

ଭୁବନେଶ୍ୱର ଗଙ୍ଗପଡ଼ାଛକରୁ **800mtr** ଦୂରତାରେ **Gitam Collage front** ରେ **sqft. 549/-,** ପ୍ଲଟ୍ ମିଳୁଅଛି। **9938655900.** D-69118

For sale at Puri G+3 Building 5200sqft built-up on 2400sqft. plot having 5Ac & 6 N-AC full furnished Rooms + Dining, Kitchen, Reception & Parking. Details: Realestateindia.com, Contact -9777386474. D- 17416

healthcare

Newly open full body massage SPA in Bhubaneswar. Contact: 7205058838. D-69277

Monalisa massage club : All types body massage with hiprofile smart lady rooms service available 9708545108. D-17423

Relaxing body massage by trained Ladies/ Gents therapist, 7008773793. D-60882

Newly open full body massage by Ladies/ Gents therapist, 8018656899. D-60881

Rejuvenate and Ayurvedic full body massage by smart therapist. 9114402304. D-69275

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69273

Herbal full body massage by smart / expert therapist. Contact: 8338067247. D-69274

Newly open SPA centre full body massage smart Ladies: 8260347387. D-59949

Full body massage with Gents and Ladies, Aaiginia Square. 9777167531. D-59950

Ayurvedic full body massage Ladies and Gents. Contact: 9861064981. D-69507

LOST

ମୁଁ ପ୍ରକାଶ ବସ୍ତିଆ (୪୨), ପିତା- ସ୍ୱର୍ଗତ ଉଦୟନାଥ ବସ୍ତିଆ, ନି/ପୋ- ଖଟଖଟିଆ, ଜିଲ୍ଲା- ବୌଦ୍ଧ । ଗତ ୨୫।୫।୨୦୨୦ ସକାଳୁ ମୁଁ ବାଇକରେ ପଲସାଗୋରା ଯାଉଥିବା ବେଳେ ମୋର ସେଲ୍‌ଡିଡ୍ ନଂ. ୭୨୩, ସନ- ୧୯୮୩ ହଜିଯାଇଛି ଓ ଏ ବିଷୟରେ ମୁଁ ଥାନାରେ ମଧ୍ୟ ଜଣାଇଛି । ୪-୧୭୪୧୭

The original registered Sale Deed bearing no.740 dated 15.09.2008 of khata no.516/ 1954, Mouza- Talsankara, Sundargarh, area Ac.0.072 dec. stands recorded in the name of Janhabi Rana, W/o Sunaram Rana, R/o. Bhawani Bhawan, Sai vihar, Sundargarh has been lost somewhere. Inspite of my best efforts I could not locate the same. D-17020

The original patta vide khata No.45, Mouza- Bhojpur, Dist. Sundargarh, Area Ac.4.660 dec. stands recorded in the name of Jay Prakash Sahu, S/o Late Mahendra Prasad Sahu, R/o JMD Coconut Store, Main Road, Sundargarh has been lost somewhere. Inspite of my best efforts I could not locate the same. D-17021

I Simanta Kumar Hota, R/o- Sason, Dist- Sambalpur declare that the Sale deed bearing No. 293 dated 29.05.1998 of Khata No- 129/91, Plot No- 143/264, Mouza- Debaipali, Area Ac. 0.220 dec. stands recorded in the name of me, has been lost somewhere, inspite of through search I could not trace it out. D-17422

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପ୍ରଥମ ପୃଷ୍ଠାରୁ...

ହାତୀକୁ ଖୁଆଇଦେଲେ ...

ଏହି ଘଟଣା ପ୍ରଚାରିତ ହେବାପରେ ବନ ବିଭାଗ ପକ୍ଷରୁ ହାତୀକୁ ଉଦ୍ଧାର ପାଇଁ ଉଦ୍ୟମ କରାଯାଇଥିଲା। ହାତୀକୁ ପାଣିରୁ ବାହାରକୁ ଆଣିବା ଲାଗି ଅନ୍ୟ ୨ ହାତୀର ସହାୟତା ମଧ୍ୟ ନିଆଯାଇଥିଲା। ହେଲେ ହାତୀକୁ ହୁଏତ ଅନୁଭବ ହୋଇସାରିଥିଲା ସେ ଏବଂ ତା' ପେଟରେ ଥିବା ଛୁଆ ଆଉ ବଞ୍ଚିବେ ନାହିଁ। ତେଣୁ ସେ ନିର୍ବିକାର ଭାବେ ପାଣି ଭିତରେ ଛିଡ଼ାହୋଇ ରହିଥିଲା। ହାତୀକୁ ବଞ୍ଚାଇବା ଲାଗି ନିଆଯାଇଥିବା ସମସ୍ତ ଉଦ୍ୟମ ବିଫଳ ହୋଇଥିଲା। ମେ' ୨୭ ଅପରାହ୍ନ ୪ଟାରେ ହାତୀଟିର ଦୁଃଖଦ ମୃତ୍ୟୁ ଘଟିଥିଲା। ହାତୀ ମୃତଦେହକୁ ଟ୍ରକ୍‌ରେ ନିଆଯାଇ ଜଙ୍ଗଲରେ ଶେଷକୃତ୍ୟ କରାଯାଇଛି। ରେସ୍କ୍ୟୁ ଟିମ୍‌ରେ ସାମିଲ ଥିବା ବନ ବିଭାଗ ଅଧିକାରୀ ମୋହନ କୃଷ୍ଣାନ୍ ହାତୀର ମୃତ୍ୟୁକୁ ନେଇ ସୋସିଆଲ ମିଡିଆରେ ଦୁଃଖଭରା ପୋଷ୍ଟ ଲେଖିଛନ୍ତି। ସେ ଏଥିରେ ଉଲ୍ଲେଖ କରିଛନ୍ତି, ମଣିଷ ଉପରେ ଭରସା କରି ସପୁରି ଖାଇଦେବା ହାତୀର ବୋଧେ ଭୁଲ୍ ଥିଲା। ଅନ୍ତିମ କ୍ଷଣରେ ସେ ନିଜର ମୃତ୍ୟୁ ପାଇଁ ନୁହେଁ, ବରଂ ତା' ପେଟରେ ବଢୁଥିବା ଛୁଆ ଲାଗି ନିଶ୍ଚୟ ଭାବେ ବେଶି ଚିନ୍ତିତ ହୋଇଥିବ ; ଯାହାକୁ ସେ ୧୮ରୁ ୨୦ମାସ ମଧ୍ୟରେ ଜନ୍ମ ଦେଇଥାନ୍ତା।

ଅନ୍ୟପଟେ ସୋସିଆଲ ମିଡିଆରେ ହାତୀର ଯନ୍ତ୍ରଣାଦାୟକ ଫଟୋ ଏବଂ ଭିଡିଓ ଭାଇରାଲ ହେବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେଜଣ ୟୁଜର୍ସ ହାତୀ ପ୍ରତି ସମବେଦନା ଜଣାଇ ଲେଖିଛନ୍ତି ଯେ, ଏମିତି କାମ କରିଥିବା ବ୍ୟକ୍ତି ମଣିଷ ନୁହେଁ ରାକ୍ଷସ। ସେହିପରି ଅନ୍ୟ ଜଣେ ୟୁଜର ଲେଖିଛନ୍ତି ମଣିଷର ଏପରି କୁକର୍ମ ଲାଗି ହିଁ କରୋନା ମହାମାରୀ ଆସିଥାଏ।

ଆଉ ଜଣେ କରୋନା ...

ଅନୁମତି ନ ଥିବାରୁ ଉକ୍ତ ଡାକ୍ତର ଜଣକ ତାଙ୍କ ନାମ ପ୍ରକାଶ କରି ନ ଥିଲେ। ଡା.ହୁଙ୍କ ସହକର୍ମୀ ତଥା ହୃଦ୍‌ରୋଗ ବିଶେଷଜ୍ଞ ଡା. ୟି ଫାନ୍ (୪୨ବର୍ଷ) ମଧ୍ୟ କରୋନାରେ ଆକ୍ରାନ୍ତ ହେବା ପରେ ତାଙ୍କ ଶରୀର ରଙ୍ଗ କଳା ପଡ଼ିଯାଇଥିଲା। ଡା. ହୁଙ୍କ ସହ ସେ ପାଞ୍ଚ ମାସ ପୂର୍ବେ ଉହାନ ସେଣ୍ଟ୍ରାଲ ହସ୍ପିଟାଲରେ କାର୍ଯ୍ୟ କରୁଥିଲେ। ଉକ୍ତ ହସ୍ପିଟାଲର ଅତିକମ୍‌ରେ ୫ଜଣ ଡାକ୍ତର କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। କିନ୍ତୁ ଡା. ହୁଙ୍କ ମୃତ୍ୟୁ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ମନ୍ତବ୍ୟ ଦିଆଯାଇନାହିଁ। ମାର୍ଚ୍ଚ ପ୍ରାରମ୍ଭରେ ଡା.ହୁଙ୍କ ଅନ୍ୟ ଦୁଇ ସହକର୍ମୀ ମି ଖୋଙ୍ଗମିଙ୍ଗ(୫୭) ଏବଂ ୟୁ ହେପିଙ୍ଗ୍ (୬୭)ଙ୍କ କରୋନା ସଂକ୍ରମଣରେ ମୃତ୍ୟୁ ଘଟିଥିଲା। ଏହାର କିଛିଦିନ ପରେ ଥାଇରଏଡ୍ ଏବଂ ବ୍ରେଷ୍ଟ ସର୍ଜରି ବିଭାଗ ମୁଖ୍ୟ ଡା. ଜିଆଙ୍ଗ ଜୁଇକିଙ୍ଗ(୫୫)ଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ୩୯ ଦିନ ଧରି ଲାଇଫ୍ ସପୋର୍ଟ ମେଶିନ ମାଧ୍ୟମରେ ରହି ଚିକିତ୍ସିତ ହେଉଥିବା ଡା. ୟିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅନେକ ଉନ୍ନତି ଆସିଛି। ସେ ଇତିମଧ୍ୟରେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇ ଘରକୁ ଫେରିଛନ୍ତି। ଜଣେ ଖବରଦାତାଙ୍କୁ ଡା. ୟି କହିଛନ୍ତି ଯେ, ହସ୍ପିଟାଲରେ ଚେତା ଫେରିବା ପରେ ସେ ନିଜ ସ୍ୱାସ୍ଥ୍ୟ ବିଷୟରେ ଜାଣି ଭୟଭୀତ ହୋଇପଡ଼ିଥିଲେ। କରୋନା ଭୂତାଣୁ ସହ ଲଢ଼େଇ ତାଙ୍କ ପାଇଁ ଏକ ଦୁଃସ୍ୱପ୍ନ। ଏବେ ତାଙ୍କ ସହକର୍ମୀମାନଙ୍କ ମାନସିକ ଅବସ୍ଥା ପାଇଁ ଚିନ୍ତିତ ଥିବା ଡା. ୟି କହିଛନ୍ତି।

ସୂଚନାଥାଉ କି, କରୋନା ଆରୋଗ୍ୟମାନେ ପୁନଃ ସଂକ୍ରମିତ ହେବା, ପ୍ରମୁଖ ଅଙ୍ଗ ହରାଇବା ଏବଂ ପୋଷ୍ଟ ଟ୍ରମାଟିକ୍ ଷ୍ଟ୍ରେସ୍ ଡିଜ୍‌ଅର୍ଡର(ପିଟିଏସ୍‌ଡି)ରେ ଶିକାର ହେବା ଆଶଙ୍କା ରହିଥିବା ଗବେଷକମାନେ ଚେତାଇ ଦେଇଛନ୍ତି। ସେହିପରି ୟେଲ୍ ୟୁନିଭର୍ସିଟିର ହୃଦ୍‌ରୋଗ ବିଶେଷଜ୍ଞ ଡା. ହର୍ଲାନ କ୍ରୁମ୍‌ହୋଲଜ ଲସ୍ ଏଞ୍ଜେଲସ୍ ଟାଇମ୍ସକୁ କହିଛନ୍ତି ଯେ, କୋଭିଡ୍-୧୯ କେବଳ ଶ୍ୱାସକ୍ରିୟାଜନିତ ବ୍ୟାଧି ନୁହେଁ, ଏହା ହୃଦ୍, ଯକୃତ, କିଡ୍‌ନୀ, ମସ୍ତିଷ୍କ, ଏଣ୍ଡୋକ୍ରାଇନ

ସଂକ୍ଷେପରେ

ଆସନ୍ତା ୮ରେ ରାଜ୍ୟବାସୀଙ୍କୁ ସମ୍ବୋଧିତ କରିବେ ଶାହା

ଭୁବନେଶ୍ୱର, ୩।୬(ବ୍ୟୁରୋ): କେନ୍ଦ୍ରରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂରଣ ହୋଇଛି। ଏହି ଗୋଟିଏ ବର୍ଷରେ ମୋଦି ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଭର୍ଚୁଆଲ ରାଲି ମାଧ୍ୟମରେ ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ରାଜ୍ୟବାସୀଙ୍କୁ ସମ୍ବୋଧନ କରିବେ। ଭାଜପା ପକ୍ଷରୁ କେନ୍ଦ୍ର ସରକାରଙ୍କ ଗୋଟିଏ ବର୍ଷର ଦେଶ ଏବଂ ରାଜ୍ୟ ପାଇଁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ମାସେ ବ୍ୟାପୀ ପ୍ରଚାର କରାଯିବ ବୋଲି ଘୋଷଣା କରାଯାଇଛି। ସେହିକ୍ରମରେ ଶାହା ସମସ୍ତଙ୍କୁ କେନ୍ଦ୍ରର ସଫଳ କାର୍ଯ୍ୟକ୍ରମ ସମ୍ପର୍କରେ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଆସନ୍ତା ୮ ତାରିଖ ଦିନ ଶୁଣାଇବେ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି। ସମୀର କହିଛନ୍ତି ଯେ, ଆସନ୍ତା ୮ ତାରିଖ ଅପରାହ୍ନ ସାଢେ ୩ଟାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଓଡିଶାର ଜନସାଧାରଣଙ୍କୁ ସମ୍ବୋଧିତ କରିବେ। ରାଜ୍ୟର ସମସ୍ତ ଭାଜପା କାର୍ଯ୍ୟକର୍ତ୍ତାଙ୍କ ସମେତ ରାଜ୍ୟବାସୀ ଭିଡିଓ ଲିଙ୍କ୍ ମାଧ୍ୟମରେ ଏହି ଭର୍ଚୁଆଲ ରାଲିରେ ସାମିଲ ହୋଇ ପାରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫୋକସରେ ପୂର୍ବ ଭାରତର ବିକାଶ ରହିଛି। ପୂର୍ବ ଭାରତ ବିକାଶର ରୋଡ୍‌ମ୍ୟାପର କେନ୍ଦ୍ରରେ ଓଡିଶା ରହିଛି। ଭର୍ଚୁଆଲ ରାଲିରେ ଲକ୍ଷାଧିକ ଲୋକ ଯୋଡିହେବାର ବ୍ୟବସ୍ଥା ରହିଛି। ରାଜ୍ୟରେ ଅନୁଷ୍ଠିତ ହେବାକୁ ଥିବା ଭର୍ଚୁଆଲ୍ ରାଲି ପାଇଁ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ ଏବଂ ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲଙ୍କୁ ଦାୟିତ୍ୱ ଦିଆଯାଇଛି।

ବିଦା ହେଉଛନ୍ତି ଓଡ଼ିଆ ଶ୍ରମିକ, କର୍ମଚାରୀ

ଯାଜପୁର ଅଫିସ,୩।୬

କଳିଙ୍ଗନଗର ବିଆର୍‌ପିଏଲ୍ କାରଖାନା

- ରାଜ୍ୟ ବାହାର ଲୋକଙ୍କୁ ନିଯୁକ୍ତିରେ ପ୍ରାଧାନ୍ୟ
- ପୁଞ୍ଜିଭୂତ ଅସନ୍ତୋଷ ଆନ୍ଦୋଳନର ଦାନା ବାନ୍ଧୁଛି

କଳିଙ୍ଗନଗର ଶିଳ୍ପାଞ୍ଚଳରେ ରହିଥିବା ଏକମାତ୍ର ପେଲେଟ କାରଖାନା ବିଆର୍‌ପିଏଲ୍ (ବ୍ରାହ୍ମଣୀ ରିଭର୍ସ ପିଲେଟ୍ସ ଲିମିଟେଡ) ରେ ଅଣଓଡିଆଙ୍କ ପ୍ରାଧାନ୍ୟ ଅଧିକ ରହୁଛି। ମନମୁଖି ଭାବେ ସ୍ଥାନୀୟ କର୍ମଚାରୀ ଓ ଶ୍ରମିକଙ୍କୁ ଚାକିରିରୁ ବାହାର କରି ଦିଆଯାଉଛି। ବିଆର୍‌ପିଏଲ୍‌କୁ ତ୍ରିବେଣୀ ଓ ଜେଏସ୍‌ଡବ୍ଲ୍ୟୁ ଅଧିଗ୍ରହଣ କରିବାପରେ ଗତ ୨ବର୍ଷ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ କର୍ମଚାରୀ ଓ ଅଧିକାରୀଙ୍କୁ ଚାକିରିରୁ ବିଦା କରାଯାଇଛି। ଏପରି କି କେତେକ ବିଭିନ୍ନ କାରଣରୁ ଚାକିରି ଛାଡିଛନ୍ତି। ଗତ ମାର୍ଚ୍ଚ ମାସରେ ଡାଟା ଏଣ୍ଟ୍ରି ଭାବେ କାର୍ଯ୍ୟ କରୁଥିବା ବିନାୟକ ଜେନାଙ୍କୁ ବିନା କାରଣରେ ଚାକିରିରୁ ବାହାର କରି ଦିଆଯାଇଛି। ଗରିବ ହୋଇଥିବାରୁ ଗତ ୩ ମାସ ହେଲା ସେ ନ୍ୟାୟ ପାଇ ପାରୁ ନାହାନ୍ତି। ଯଦି ତାଙ୍କୁ ପୁନଃନିଯୁକ୍ତି ନ ମିଳେ ତେବେ ଶ୍ରମ ଆଇନର ହସ୍ତକ୍ଷେପ ଲୋଡିବେ ବୋଲି ବିନାୟକ କହିଛନ୍ତି। ଗୋଟିଏ ପଟେ କମ୍ପାନୀ ସ୍ଥାନୀୟ କର୍ମଚାରୀ ଓ ଅଧିକାରୀଙ୍କୁ ବିଦା କରୁଥିବାବେଳେ ଅନ୍ୟପଟେ ଆନ୍ଧ୍ରପ୍ରଦେଶ, ଗୁଜରାଟ ଆଦି ରାଜ୍ୟ ବାହାରୁ କର୍ମଚାରୀ ଓ ଅଧିକାରୀଙ୍କୁ ଆଣି ନିଯୁକ୍ତି ଦେଉଥିବା ଅଭିଯୋଗ ହେଉଛି। ବିଆର୍‌ପିଏଲ୍‌କୁ ତ୍ରିବେଣୀ ଓ ଜେଏସ୍‌ଡବ୍ଲ୍ୟୁ ଅଧିଗ୍ରହଣ କରିବା ପରେ ସ୍ଥାନୀୟ ନିଯୁକ୍ତି ବୃଦ୍ଧି ହେବ ବୋଲି ଯେଉଁ ଆଶା କରାଯାଉଥିଲା ତାହା ଫସର ଫାଟିଛି ବୋଲି ସ୍ଥାନୀୟ ଅଞ୍ଚଳର ଯୁବତୀଯୁବକ ପ୍ରକାଶ କରିଛନ୍ତି।

ବିଆର୍‌ପିଏଲ୍ ୧୫।୩।୨୦୦୭ରେ ଏକ ଲୌହଧାତୁର ପେଲେଟାଇଜେଶନ କାରଖାନା ପ୍ରତିଷ୍ଠା କରିବା ପାଇଁ ଓଡ଼ିଶା ସରକାରଙ୍କ ସହ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲା। ଚୁକ୍ତି ଅନୁଯାୟୀ କେନ୍ଦୁଝର ଜିଲାର ବଡ଼ବିଲ୍‌ଠାରେ ବାର୍ଷିକ ୪.୭ ନିୟୁତ ମେଟ୍ରିକ ଟନ ଉତ୍ପାଦନ କ୍ଷମତାବିଶିଷ୍ଟ ଲୌହ ବିଶୋଧନାଗାର ପ୍ରତିଷ୍ଠିତ ହୋଇଥିଲା। ବଡ଼ବିଲଠାରୁ କଳିଙ୍ଗନଗର ମଧ୍ୟରେ ୨୨୦ କିଲୋମିଟର ଦୀର୍ଘ ଲୌହ ସ୍ଲରୀ ସ୍ଥାନାନ୍ତରଣ ପାଇପ ଲାଇନ ପ୍ରତିଷ୍ଠା କରିଥିଲା। ୨୦୧୬ ସେପ୍ଟେମ୍ବର ମାସର ସୂଚନା ଅନୁଯାୟୀ ୧୨୫ ଜଣ ଅଧିକାରୀ ଓ କର୍ମଚାରୀ କାମ କରୁଥିଲେ। ଏଥିରେ ରାଜ୍ୟର ୯୪ ଜଣ ଓ ରାଜ୍ୟ ବାହାରର ୩୧ ଜଣ ରହିଥିଲେ। କିନ୍ତୁ ଗତ ୪ବର୍ଷ ମଧ୍ୟରେ ଏହି ପରିସଂଖ୍ୟାନରେ ବ୍ୟାପକ ପରିବର୍ତ୍ତନ ହୋଇଛି। ନିଯୁକ୍ତି ସଂଖ୍ୟା ହ୍ରାସ ପାଇଥିବାବେଳେ ଓଡିଆ କର୍ମଚାରୀ ବିଦା ହୋଇଛନ୍ତି। ଅଣଓଡ଼ିଆଙ୍କୁ ନିଯୁକ୍ତି ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ଯାହାକି ବିନାୟକଙ୍କୁ ବିଦା କରିବା ଘଟଣାରୁ ସ୍ପଷ୍ଟ ବାରି ହେଉଛି। ବିନାୟକଙ୍କ କହିବା ଅନୁଯାୟୀ ଅଧିକାରୀଙ୍କ ମନମାନିରେ ଶ୍ରମିକମାନେ ଅତିଷ୍ଠ ହୋଇ ପଡ଼ିଛନ୍ତି। କରୋନା ସମୟରେ ନିଯୁକ୍ତି ହରାଇ ସେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଏହାସହ କେତେକ ବରିଷ୍ଠ ଅଧିକାରୀମାନେ ମଧ୍ୟ ନିର୍ଯାତିତ ହୋଇ ବାଧ୍ୟ ହୋଇ ଚାକିରି ଛାଡିଥିବା ସୂଚନା ମିଳିଛି। ବିଭିନ୍ନ ସମୟରେ କାରଖାନା ଦ୍ୱାରା ପ୍ରଭାବିତ ସାରଙ୍ଗପୁର, ଖୁରୁଣ୍ଟି, କଳାମାଟିଆ, ଗାଡପୁର, ହାଟିଂ, ବାନ୍ଦରାଗଡିଆ ଆଦି ଗ୍ରାମବାସୀ ଏଥିଯୋଗୁ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରିଆସୁଛନ୍ତି। କିନ୍ତୁ ରାଜନୈତିକ ପ୍ରଭାବ ବଳରେ ସମସ୍ତ ଅଭିଯୋଗ ଚାପି ରହିଯାଉଛି। ଶ୍ରମିକ ନେତା ବିଦ୍ୟାଧର ମହାନ୍ତିଙ୍କ କହିବା ହେଲା ଅଣଓଡ଼ିଆଙ୍କ କବ୍‌ଜାରେ ବିଆର୍‌ପିଏଲ କାରଖାନା ଚାଲିଛି। ଶ୍ରମ ଆଇନକୁ ଉଲ୍ଲଂଘନ କରି ଶ୍ରମିକମାନଙ୍କୁ ଛଟେଇ କରାଯାଉଛି। ଶ୍ରମ ବିଭାଗର ଅପାରଗତା ଯୋଗୁ ନିର୍ଯାତିତ ଶ୍ରମିକ ନ୍ୟାୟ ପାଇବାରୁ ବଞ୍ଚିତ ରହିଛନ୍ତି ବୋଲି ମହାନ୍ତି କହିଛନ୍ତି। ଏ ସଂକ୍ରାନ୍ତରେ ମତାମତ ନେବାକୁ ବିଆର୍‌ପିଏଲ୍‌ର ଏମ୍‌ଡି ଅଶ୍ୱିନୀ ବୈଷ୍ଣବଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।

୨୫ ଶହରୁ ଊର୍ଦ୍ଧ୍ୱ ପ୍ରଧାନଶିକ୍ଷକ ପଦବୀ ଖାଲି

ଖବରଦାତା ସମ୍ମିଳନୀରେ ଓଷ୍ଟାର କର୍ମକର୍ତ୍ତା।

କଟକ ଅଫିସ, ୩।୬

- ସରକାରୀ ନିର୍ଦ୍ଦେଶ ପାଳୁନି ଗଣଶିକ୍ଷା ବିଭାଗ
- ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଓଷ୍ଟା

ରାଜ୍ୟର ୨୫ ଶହରୁ ଊର୍ଦ୍ଧ୍ୱ ସରକାରୀ ହାଇସ୍କୁଲରେ ପ୍ରଧାନଶିକ୍ଷକ ନାହାନ୍ତି। ପଦୋନ୍ନତି ମାଧ୍ୟମରେ ଏହି ପଦବୀକୁ ପୂରଣ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାର୍ଯ୍ୟକାରୀ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଅଭିଯୋଗ କରିଛି।

ରାଜ୍ୟରେ ପୂର୍ଣ୍ଣ ସରକାରୀ ଓ ନୂତନ ସରକାରୀ ଭାବେ ଥିବା ପ୍ରାୟ ୩୬ ଶହ ହାଇସ୍କୁଲ ମଧ୍ୟରୁ ପାଖାପାଖି ୨୫ ଶହ ହାଇସ୍କୁଲରେ ପ୍ରଧାନଶିକ୍ଷକ ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି। ଜୁନିଅର ଏସ୍‌ଇଏସ୍ ଶିକ୍ଷକଙ୍କୁ ବରିଷ୍ଠତା ଆଧାରରେ ପଦୋନ୍ନତି ଦେଇ ଏହି ପଦବୀ ସବୁ ପୂରଣ କରାଯିବା କଥା। କିନ୍ତୁ ରାଜ୍ୟ ସରକାର ୨୦୧୫ ପରଠାରୁ ଅଦ୍ୟାବଧି ଜଣକୁ ହେଲେ ବି ପଦୋନ୍ନତି ଦେଇନାହାନ୍ତି କି ଖାଲି ପଡ଼ିଥିବା ପଦବୀ ପୂରଣ ହୋଇପାରୁ ନାହିଁ। ସରକାର ଗତ ଜାନୁୟାରୀ ୧ରେ ପଦୋନ୍ନତି କ୍ଷେତ୍ରରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ପ୍ରତ୍ୟେକ ବର୍ଷ ଡିସେମ୍ବର ୩୧ ସୁଦ୍ଧା ପ୍ରମୋସନ ଅଦାଲତ ମାଧ୍ୟମରେ ଡିପିସି ବସାଇ ପଦୋନ୍ନତି ଦେବା ପାଇଁ ଏଥିରେ ସ୍ପଷ୍ଟ ଉଲ୍ଲେଖ ରହିଥିଲା। ସହକାରୀ ଶିକ୍ଷକଙ୍କ ଏକ ରାଜ୍ୟସ୍ତରୀୟ କ୍ୟାଡର କରାଯାଇ ତନ୍ମଧ୍ୟରୁ ପଦୋନ୍ନତି ଦେବା ବ୍ୟବସ୍ଥା ରହିଛି। ମାତ୍ର ବିଭାଗ ଏହି କ୍ୟାଡର ପ୍ରସ୍ତୁତିକୁ ଠିକ୍ ଭାବେ କରୁ ନ ଥିବାରୁ ପ୍ରମୋଶନରେ ବିଳମ୍ବ ହେଉଛି।

ଏହି କ୍ୟାଡରକୁ ବିରୋଧ କରି ଅଦାଲତରେ ମାମଲା ମଧ୍ୟ ରହିଛି। ଏହି ମାମଲା ପାଇଁ ପ୍ରଧାନଶିକ୍ଷକ ପଦବୀ ପୂରଣ ହୋଇପାରୁ ନାହିଁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୫ ବର୍ଷ ଧରି ସଫେଇ ଦେଉଥିଲା। କିନ୍ତୁ ଗତ ମାର୍ଚ୍ଚ ୪ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ରାଜ୍ୟରେ ୨୫୪୭ ପ୍ରଧାନଶିକ୍ଷକ ପଦବୀ ଖାଲି ପଡ଼ିଥିବା ଓ ଏଥିଯୋଗୁ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ଅଦାଲତଙ୍କୁ ଅବଗତ କରାଇଥିଲେ। ମାମଲାର ଗୁରୁତ୍ୱ ଉପଲବ୍ଧି କରି ଉଚ୍ଚ ନ୍ୟାୟାଳୟ କେସ୍ ନଂ ଡବ୍ଲ୍ୟୁପି (ସି) ୬୦୯୯ ଏବଂ ମିସ୍ କେସ୍ ନଂ-୫୧୭୧/୨୦୧୮ ଅନୁଯାୟୀ ପଦୋନ୍ନତିରେ ବାଧକ ଥିବା ରହିତାଦେଶକୁ ଉଚ୍ଛେଦ କଲେ। ତୁରନ୍ତ ପଦୋନ୍ନତି ଦେବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ହୋଇଥିଲା। ଏହାର ୩ ମାସ ବିତିବା ପରେ ମଧ୍ୟ ସରକାରଙ୍କ ନିରବତା ଦୁର୍ଭାଗ୍ୟର ବିଷୟ ବୋଲି ଓଷ୍ଟା ଅଭିଯୋଗ କରିଛି। ଖାଲି ଥିବା ପ୍ରଧାନଶିକ୍ଷକ ପଦବୀ ତୁରନ୍ତ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଜେ ହସ୍ତକ୍ଷେପ କରନ୍ତୁ ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ବୁଧବାର ଖବରଦାତା ସମ୍ମିଳନୀରେ ନିବେଦନ କରିଛନ୍ତି।

କେନ୍ଦ୍ର, ରାଜ୍ୟ ସରକାରଙ୍କ ମିଛ ପ୍ରତିଶ୍ରୁତିର ପ୍ରଘଟ କରିବ କଂଗ୍ରେସ

ଭୁବନେଶ୍ୱର, ୩।୬(ବ୍ୟୁରୋ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରଶିକ୍ଷଣ ଇନ୍‌ଚାର୍ଜ ଶୁଭେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ବୁଧବାର ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଛନ୍ତି, କେନ୍ଦ୍ର ଏବଂ ରାଜ୍ୟ ସରକାର କରୋନା ମୁକାବିଲା ଏବଂ ନିୟନ୍ତ୍ରଣରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ହେଉଥିବା ନୀତି ନିଷ୍ପତ୍ତିରେ ତାଳ ମେଳନାହିଁ। ଏଭଳି ବିପତ୍ତି ସମୟରେ କେବଳ ସାଧାରଣ ଜନତାଙ୍କୁ ଭୁଆଁ ବୁଲାଯାଉଛି। ହେଲେ କେନ୍ଦ୍ର ସରକାର ଏହାକୁ କର୍ଣ୍ଣପାତ ନ କରି ଗୁଜରାଟରେ ନମସ୍ତେ ଟ୍ରମ୍ପ, ମଧ୍ୟପ୍ରଦେଶରେ କଂଗ୍ରେସ ସରକାର ଭାଙ୍ଗିବା ଏବଂ ବିଶେଷକରି ଦଳୀୟ କାର୍ଯ୍ୟରେ ବ୍ୟସ୍ତ ରହିଲେ। ଏବେ ପରିସ୍ଥିତିର ମୁକାବିଲା ପାଇଁ କେନ୍ଦ୍ର ୨୦ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଏକ ପ୍ରହେଳିକା। ଏହା ମାଧ୍ୟମରେ ସାଧାରଣ ଜନତା ପରିସ୍ଥିତିକୁ ମୁକାବିଲା କରିବାରେ କୌଣସିନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁବୋଲି ସେ କହିଛନ୍ତି।

ସୌମ୍ୟା ମିଶ୍ର ଅଗ୍ନିଶମ ଏଡିଜି

ଭୁବନେଶ୍ୱର,୩।୬(ବ୍ୟୁରୋ)-୧୯୯୪ ବ୍ୟାଚ୍ ଆଇପିଏସ୍ ଅଫିସର ସୌମ୍ୟା ମିଶ୍ରଙ୍କୁ ରାଜ୍ୟ ସରକାର ଅଗ୍ନିଶମ ଓ ହୋମଗାର୍ଡ ଅତିରିକ୍ତ ଡିଜି ଭାବେ ନିଯୁକ୍ତି ଦେଇଛନ୍ତି। ଡେପୁଟେଶନରୁ ଫେରିବା ପରେ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ଏ ନେଇ ଗୃହ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ଆନ୍ତଃ ରାଜ୍ୟ ଡେପୁଟେଶନରେ ହାଇଦ୍ରାବାଦରେ ତେଲଙ୍ଗାନା ପୋଲିସର କ୍ରାଇମ ଇନଭେଷ୍ଟିଗେଶନ ବିଭାଗରେ କାର୍ଯ୍ୟରତ ଥିଲେ। ଅଗ୍ନିଶମ ଏବଂ ହୋମଗାର୍ଡ ଡିଜି ଥିବା ସୁନୀଲ ରୟ ଅବସର ନେବା ପରେ ଉକ୍ତ ପଦବୀ ଖାଲି ରହିଥିଲା। ସେହି ପଦବୀରେ ଗୋଇନ୍ଦା ବିଭାଗ ସ୍ପେଶାଲ ଡିଜି ସତ୍ୟଜିତ୍ ମହାନ୍ତିଙ୍କୁ ମେ ୩୦ ତାରିଖରେ ଅଗ୍ନିଶମ ଏବଂ ହୋମଗାର୍ଡ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

ସ୍ନାନଯାତ୍ରାର ସିଧା ପ୍ରସାରଣ କରିବ ଦୂରଦର୍ଶନ

ଇଚ୍ଛୁକ ଚ୍ୟାନେଲଙ୍କୁ ମାଗଣାରେ ଦେବ ଫିଡ୍

ପୁରୀ ଅଫିସ, ୩।୬: ଆସନ୍ତା ୫ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନମଣ୍ଡପରେ ମହାପ୍ରଭୁ ପ୍ରତ୍ୟକ୍ଷ ସ୍ନାନ କରିବେ। ପ୍ରତିବର୍ଷ ବିଭିନ୍ନ ଚ୍ୟାନେଲ ଚତୁର୍ଦ୍ଧା ବିଗ୍ରହଙ୍କ ସ୍ନାନଯାତ୍ରାର ସିଧା ପ୍ରସାରଣ କରି ଆସୁଥିଲେ। ହେଲେ ଏଥର କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କେତେକ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଚଳିତବର୍ଷ କୌଣସି ଚ୍ୟାନେଲ ଲାଇଭ ଟେଲିକାଷ୍ଟ କରିପାରିବେ ନାହିଁ। ଦୂରଦର୍ଶନ ସ୍ନାନଯାତ୍ରାର ସିଧା ପ୍ରସାରଣ କରିବ ଏବଂ ଯେଉଁ ଚ୍ୟାନେଲ ଚାହିଁବେ ସେମାନଙ୍କୁ ମାଗଣାରେ ଲାଇଭ ଟେଲିକାଷ୍ଟ ଫିଡ୍ ଯୋଗାଇବ। ଏ ନେଇ ବୁଧବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

କରୋନା କଟକଣା ଯୋଗୁ ପ୍ରାୟ ଅଢେଇ ମାସ ହେବ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିଛି। ଶ୍ରଦ୍ଧାଳୁଙ୍କୁ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଉ ନାହିଁ। ତେଣୁ ବିନା ଭକ୍ତରେ ସ୍ନାନଯାତ୍ରା କରାଯିବା ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଅଞ୍ଚଳରେ ୧୪୪ ଧାରା ଜାରି କରାଯିବାକୁ ଲାଗି ନିଷ୍ପତ୍ତି ହୋଇଛି। ଶ୍ରଦ୍ଧାଳୁମାନେ ଘରେ ରହି ଟିଭିରେ ମହାପ୍ରଭୁଙ୍କ ସ୍ନାନ ଏବଂ ହାତୀବେଶ ଦର୍ଶନ କରିବା ଲାଗି ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଶ୍ରଦ୍ଧାଳୁମାନେ ଯେପରି ଟିଭିରେ ଯେପରି ଭଲ ଭାବେ ଦର୍ଶନ କରିବେ ତା' ଉପରେ ପ୍ରଶାସନ ଗୁରୁତ୍ୱ ଦେଇଛି। ତେଣୁ ସ୍ନାନଯାତ୍ରାର ଲାଇଭ ଟେଲିକାଷ୍ଟ ବ୍ୟବସ୍ଥା କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅନୁରୋଧ କରିଥିଲେ। ବିଭାଗ ଦୂରଦର୍ଶନକୁ ଏଥିପାଇଁ ନିୟୋଜିତ କରିଥିବା ସୂଚନା ଦିଆଯାଇଛି।

ଚାଷୀମାନଙ୍କ ପାଇଁ ସତର୍କ ସୂଚନା

ଓଡ଼ିଶା ଶାସନ

No.L-04

ବର୍ତ୍ତମାନ ପରିସ୍ଥିତିରେ ସମ୍ଭାବ୍ୟ ପଙ୍ଗପାଳ ଲାଗିବା ଏବଂ ଝିଣ୍ଟିକାକୁ ପଙ୍ଗପାଳ ଭାବିବା ନେଇ ଏକ ସୂଚନା।

- ପଙ୍ଗପାଳମାନେ ସର୍ବଦା ଦଳଗତ ଭାବେ ଉଡ଼ି ଉଡ଼ି ଆସନ୍ତି। କିନ୍ତୁ ଝିଣ୍ଟିକା ଦଳରେ ଆସନ୍ତି ନାହିଁ କିମ୍ବା ଉଡ଼ି ପାରନ୍ତି ନାହିଁ।
- ପଙ୍ଗପାଳମାନେ ଘଣ୍ଟାକୁ ୧୬-୧୯ କି.ମି. ବେଗରେ ଉଡ଼ିପାରନ୍ତି ଏବଂ ଦିନକୁ ୧୫୦-୨୦୦ କି.ମି. ଗତି କରିପାରନ୍ତି । କିନ୍ତୁ ଝିଣ୍ଟିକା କେବଳ ଅଳ୍ପ ଦୂର ଡେଇଁ ଡେଇଁ ଯାଇପାରନ୍ତି।
- ପଙ୍ଗପାଳମାନେ ସୂର୍ଯ୍ୟ ଅସ୍ତ ହେବା ପରେ ଦଳଗତ ଭାବେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ (ଫସଲ/ଗଛଲତା) ସୂର୍ଯ୍ୟ ଉଦୟ ପର୍ଯ୍ୟନ୍ତ ବସି ରହନ୍ତି।
- ପଙ୍ଗପାଳର ଝିଣ୍ଟିକା ତୁଳନାରେ ଡେଣାଗୁଡ଼ିକ ଲମ୍ବା ଏବଂ ବଡ଼।
- ଏବେ ଯେଉଁ ପଙ୍ଗପାଳ ଆସିବାର ସମ୍ଭାବନା ଅଛି, ସେମାନେ ଇଷତ୍ ଗୋଲାପୀ ରଙ୍ଗର, କିନ୍ତୁ ଝିଣ୍ଟିକା ସାଧାରଣତଃ ଫିକା ସବୁଜ କିମ୍ବା ଧୂସର ରଙ୍ଗର।
- ଏଥିପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ଏକ ନିୟନ୍ତ୍ରଣ କକ୍ଷ ଖୋଲାଯାଇଅଛି। ଏହାର ଫୋନ୍ ନମ୍ବର ହେଲା - ୦୬୭୪ ୨୩୯୪୯୦୭

ତେଣୁ ସବୁ ଝିଣ୍ଟିକା ପଙ୍ଗପାଳ ନୁହଁନ୍ତି। ସେଥିପାଇଁ ଚାଷୀମାନଙ୍କୁ ଅନୁରୋଧ କରାଯାଉଛି, ସେମାନେ ଝିଣ୍ଟିକା ଜାତୀୟ କୀଟ ଦେଖିଲେ ବିବ୍ରତ ନ ହୋଇ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର କିମ୍ବା ସ୍ଥାନୀୟ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

No.L-04

OIPR-01034/11/0004/2021

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା।

ଭାରତୀୟ ରିଜର୍ଭ ବ୍ୟାଙ୍କ

ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର-751001, ଓଡ଼ିଶା

ଟେଣ୍ଡର ସୂଚନା

(କେବଳ ଇଲେକ୍ଟ୍ରୋନିକ ଟେଣ୍ଡର ମାଧ୍ୟମରେ)

ଇଲେକ୍ଟ୍ରୋନିକ ଟେଣ୍ଡର – ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟର ଅଗ୍ନିନିର୍ବାପକ କାର୍ଯ୍ୟ ନିମନ୍ତେ ବାର୍ଷିକ କଣ୍ଟ୍ରାକ୍ଟ

ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର କାର୍ଯ୍ୟାଳୟ ସମସ୍ତ ପ୍ରତିଷ୍ଠିତ ଏ

ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ– ତୁମକୁ ଚେଷ୍ଟା କରିବାକୁ ହେବ– ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। –ଶ୍ରୀଅରବିନ୍ଦ

ଚିକେନ ଡାଇବେଟିସ୍

ମାନେକା ଗାନ୍ଧୀ

ଚିକେନ ଖାଇବା ଯୋଗୁ ଉପୁଜୁଥିବା ଶହେ ସମସ୍ୟା ସମ୍ପର୍କରେ ମୁଁ ଅବଶ୍ୟ ଆଗରୁ ଏହି ସ୍ତମ୍ଭରେ ଦର୍ଶାଇଛି। କିନ୍ତୁ ସମ୍ପ୍ରତି ଏପରି କିଛି ସମସ୍ୟା ଦେଖିବାକୁ ମିଳୁଛି ଯାହାକୁ ନେଇ ବାସ୍ତବରେ କୁକୁଡା ଶିଳ୍ପବାଲାଙ୍କର ମୁଣ୍ଡବ୍ୟଥା ଆରମ୍ଭ ହୋଇଛି। ସେମାନେ ଏହି ସମସ୍ୟାକୁ 'ଉଡେନ୍ ବ୍ରେଷ୍ଟ ସିଣ୍ଡ୍ରୋମ୍' ବା 'ଟୁଇ ଚିକେନ' ଭାବେ ନାମିତ କରିଛନ୍ତି। ଏଥିରେ ଅଧିକ ସଂଖ୍ୟାରେ ବ୍ରେଷ୍ଟ ଫିଲେଟ କଠିନ ତନ୍ତୁ ଦ୍ୱାରା ଯୁକ୍ତ ହେବାର ଦେଖାଯାଏ। ଏହି ଆକ୍ରାନ୍ତ ମାଂସ ଟାଣ, ଅଠାଳିଆ, ରବର ଭଳି ହୋଇଥିବା, ବେଶି ଚୋବେଇବାକୁ ପଡୁଥିବା ଏବଂ ପାଟିକୁ ଭଲ ଲାଗୁ ନ ଥିବା ଏକ ଅନୁଧ୍ୟାନ ସମୟରେ ଖାଉଟିମାନେ ମତ ପ୍ରକାଶ କରିଥିବା ଜଣାପଡିଛି।

ଆପଣ ଚିକେନ୍ ଖାଇବାବେଳେ ଏହାର ମାଂସ କଠିନ ଓ ଚର୍ବଣୀୟ ଥିଲା କି? ରୋଷେୟା ଏହାକୁ ଭଲ କରି ରାନ୍ଧି ନ ଥିଲା ବୋଲି ଆପଣ ଅଭିଯୋଗ କରିଥିଲେ କି? ହେଲେ ଏ କ୍ଷେତ୍ରରେ ରୋଷେୟା କିଛି ବି କରିପାରିବେ ନାହିଁ। ବାସ୍ତବରେ ଯେଉଁ ପରିବେଶରେ କୁକୁଡା ବଢିଛି ପ୍ରକୃତ ସମସ୍ୟା ରହିଛି ସେଇଠି। ଯେଉଁ ଟେକ୍‌ନିକ୍‌ରେ କୁକୁଡା ଚାଷ କରାଯାଉଛି, ସେମାନଙ୍କୁ ଖାଇବାକୁ ଦିଆଯାଉଛି ଏବଂ ବ୍ୟବସାୟିକ ଦୃଷ୍ଟିରୁ ଯେଉଁ ହାରରେ କୁକୁଡା ଉତ୍ପାଦନ କରାଯାଉଛି ତାହା ମାଂସକୁ ପ୍ରଭାବିତ କରିଛି। କଠିନ ଓ ଟୁଇ ଚିକେନର କାରଣ ସମ୍ପର୍କରେ ଡେଲାୱାରେ ବିଶ୍ୱବିଦ୍ୟାଳୟ ଅଧୀନ କଲେଜ ଅଫ୍ ଏଗ୍ରିକଲ୍‌ଚର ଆଣ୍ଡ୍ ନ୍ୟାଚୁରାଲ ରିସୋର୍ସେସ୍‌ର ଗବେଷକମାନେ ସାଇଣ୍ଟିଫିକ ରିପୋର୍ଟସ୍ ଜର୍ନାଲରେ ପ୍ରକାଶ କରିଛନ୍ତି। ସେମାନେ ଜାଣିବାକୁ ପାଇଛନ୍ତି ଯେ, ଚର୍ବିର ବିପାକରେ ଲିପୋପ୍ରୋଟିନ୍ ଲିପେଜ୍ ନାମକ ଏକ ଏଞ୍ଜାଇମ୍ ବା ତ୍ୱରକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ବ୍ରଏଲର କୁକୁଡାଙ୍କ କ୍ଷେତ୍ରରେ ଏ ପ୍ରକାର ଏଞ୍ଜାଇମ୍‌ର ହ୍ରାସବୃଦ୍ଧି ବା ଅସ୍ଥିରତା ଉଡେନ୍ ବ୍ରେଷ୍ଟ ସିଣ୍ଡ୍ରୋମ୍‌ର କାରଣ ପାଲଟିଥାଏ। କୁକୁଡା ଉଦ୍ୟୋଗରେ ଏହି ସମସ୍ୟା ଏବେ ଲକ୍ଷ ଲକ୍ଷ କୁକୁଡାଙ୍କଠାରେ ଲକ୍ଷ୍ୟ କରାଯାଉଛି। ଏହି ଶିଳ୍ପ କୁକୁଡାଙ୍କୁ ଦେଉଥିବା ଯନ୍ତ୍ରଣା ସମ୍ବନ୍ଧରେ ଆଦୌ ଚିନ୍ତିତ ନୁହେଁ, ସେମାନେ କେବଳ ଏଇଥିପାଇଁ ଚିନ୍ତିତ ଯେ ଉକ୍ତ ସମସ୍ୟା ଯୋଗୁ କୁକୁଡ଼ାଗୁଡ଼ିକ ବଜାରରେ ବିକ୍ରି ପାଇଁ ଅନୁପଯୁକ୍ତ ହୋଇପଡୁଛି। ମାଂସ ପାଇଁ ବ୍ରଏଲର କୁକୁଡାଙ୍କର ବଳପୂର୍ବକ ବଂଶ ବୃଦ୍ଧି କରାଯାଉଥିବା ଯୋଗୁ ସେମାନଙ୍କ ଜିନ୍‌ରେ ଅନିୟମିତତା ପ୍ରକାଶ ପାଉଛି। ଏହି ରୋଗ ଯୋଗୁ କୁକୁଡାଙ୍କ ମାଂସପେଶୀର ତନ୍ତୁରେ ଚର୍ବି ଜମାଟ ବାନ୍ଧୁଛି। ମାଂସକୁ ଧରିଲେ ତାହା ଅଧିକ ଟାଣ ଲାଗୁଛି ଏବଂ ବହୁ ସମୟରେ ଏହା ଇଷତ୍ ହଳଦିଆ ପଡିଯିବା ସହ ତା'ର ଗୁଣବତ୍ତା ଖରାପ ରହୁଛି। ଦୁଇଟି ଉପାୟରେ ଏହି ସମସ୍ୟାର ସମାଧାନ ହୋଇପାରିବ। ପ୍ରଥମଟି ହେଉଛି, ଏହି ଅବସ୍ଥା ଆରମ୍ଭରୁ କୁକୁଡ଼ାଙ୍କୁ ମାରିଦେଲେ କମ୍ ସମୟରେ ସମସ୍ୟାର ସମାଧାନ ହୋଇଯିବ, କିନ୍ତୁ ଏଥିପାଇଁ ବହୁ କ୍ଷତି ସହିବାକୁ ପଡିବ। ଦ୍ୱିତୀୟଟି ହେଉଛି, ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଅଧିକ ଔଷଧ ପ୍ରୟୋଗ କରିବା, ଯେଉଁମାନେ କି ଛୋଟ ପିଞ୍ଜରାରେ ଦୂଷିତ ପରିବେଶରେ ରହି ରୋଗଗ୍ରସ୍ତ ହେବା ଯୋଗୁ ନାନା ପ୍ରକାର ଆଣ୍ଟିବାୟୋଟିକ୍ସ ଓ ଆଣ୍ଟିଫଙ୍ଗାଲ ଆଦି ଔଷଧ ମାଧ୍ୟମରେ ହିଁ ଆଲିଯାଏ ବଞ୍ଚିରହିଛନ୍ତି।

ଜିନ୍ସ ନାମକ ଜର୍ନାଲରେ ପ୍ରକାଶିତ ଏକ ଗବେଷଣାତ୍ମକ ନିବନ୍ଧରେ ବୈଜ୍ଞାନିକମାନେ ଦର୍ଶାଇଛନ୍ତି ଯେ, ଉଡେନ୍ ବ୍ରେଷ୍ଟ ସିଣ୍ଡ୍ରୋମ୍ ଏବଂ ମଣିଷଙ୍କ ଡାଇବେଟିକ୍ ସମସ୍ୟା ବିଶେଷତଃ ଡାଇବେଟିକ୍ କାର୍ଡିଓମାୟୋପ୍ୟାଥି ମଧ୍ୟରେ ସାମଞ୍ଜସ୍ୟ ରହିଛି। ଡାଇବେଟିକ୍ କାର୍ଡିଓମାୟୋପ୍ୟାଥି ରୋଗ ହୃଦୟ ମାଂସପେଶୀର ଅଣୁକୁ ପରିବର୍ତ୍ତନ କରିଥାଏ। କୁକୁଡା ଶିଳ୍ପ ସହ ଜଡିତ ବୈଜ୍ଞାନିକମାନେ କୁକୁଡାଗୁଡିକୁ ବିକ୍ରି କରିବା ଯାଏ ଆଣ୍ଟିଡାଇବେଟିକ୍ ମେଡିସିନ ଦେଇ ବଞ୍ଚାଇ ରଖିବା ଲାଗି ପରାମର୍ଶ ଦେଉଛନ୍ତି। ଅର୍ଥାତ୍, ଫାର୍ମରେ ବ୍ରଏଲର କୁକୁଡ଼ାଙ୍କୁ କୃତ୍ରିମ ଉପାୟରେ ବଢ଼ାଇବା ପାଇଁ ବ୍ୟବହାର କରାଯାଉଥିବା ଅନ୍ୟ କେତେକ ଔଷଧ ବ୍ୟତୀତ ଆମେ ଆଉ ଗୋଟିଏ ଔଷଧ ଅଧିକ ଉପଯୋଗ କରୁଛୁ। ଯଦି ଆପଣଙ୍କର ଡାଇବେଟିସ୍ ନ ଥିବ ତେବେ କିଏ ଜାଣେ କୁକୁଡାରେ ଥିବା ଏହି ଔଷଧଗୁଡିକ ଆପଣଙ୍କ ଶରୀରରେ ଯେ ପ୍ରଭାବ ନ ପକାଇବ?

ଲିପୋପ୍ରୋଟିନ୍ ଲିପେଜ୍ ଏକ ଜଗୁଆଳି ଭାବେ କାର୍ଯ୍ୟ କରେ। ତନ୍ତୁ ମଧ୍ୟକୁ କେତେ ଫ୍ୟାଟ୍ ପ୍ରବେଶ କରିବ ତାକୁ ନିୟନ୍ତ୍ରିତ କରିଥାଏ ଏହି ଏଞ୍ଜାଇମ୍। ପିଢି ପିଢି ଧରି କୁକୁଡାର ଜିନ୍ ଉପରେ ଭୀଷଣ ଚାପ ପଡ଼ିବା ଯୋଗୁ ଯେତେବେଳେ ଏହି ଏଞ୍ଜାଇମ୍ ଆନୁବଂଶିକ ସ୍ତରରେ ବର୍ଷ ବର୍ଷ ଧରି ପ୍ରଭାବିତ ହୁଏ ସେତେବେଳେ କୁକୁଡ଼ାର ବ୍ରେଷ୍ଟ ମସଲ୍‌ସ ଏବଂ ଏଣ୍ଟେଥିଏକାଲ ମସଲ୍‌ସରେ ଅତ୍ୟଧିକ ଫ୍ୟାଟ୍ ଜମାଟ ବାନ୍ଧିଥାଏ। ଏହାଦ୍ୱାରା ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ରେଷ୍ଟ ତନ୍ତୁର ଶିରାରେ ପ୍ରଦାହ ସୃଷ୍ଟି ହୁଏ ଏବଂ ପ୍ରଭାବିତ ଶିରାର ଚାରିପାଖରେ ଚର୍ବି ଜମା ହୋଇଯାଏ। ଅଧିକ ଥର ଏପରି ହେଲେ ମାଂସପେଶୀର କୋଷ ନଷ୍ଟ ହୋଇଯାଏ ଏବଂ ସେହି ସ୍ଥାନରେ ଫାଇବ୍ରସ ଏବଂ ଫ୍ୟାଟି ଟିସ୍ୟୁ ସୃଷ୍ଟି ହୋଇଥାଏ। ଏହି ସମସ୍ୟା ଜଙ୍ଗଲୀ କୁକୁଡା କିମ୍ବା ପ୍ରାକୃତିକ ପରିବେଶରେ ସ୍ୱାଭାବିକ ଧୀରଗତିରେ ବଢୁଥିବା କୁକୁଡ଼ାଙ୍କଠାରେ ଦେଖାଯାଏ ନାହିଁ। କିନ୍ତୁ କୁକୁଡା ଫାର୍ମରେ ବଢୁଥିବା କୁକୁଡ଼ାଙ୍କଠାରେ ଏହା ଶୀଘ୍ର ପ୍ରକାଶ ପାଏ।

ଶୀଘ୍ର ବଢୁଥିବା କୁକୁଡାଙ୍କଠାରେ ଲକ୍ଷେ ସମସ୍ୟା ରହିଛି। ଯଦି ଦୁଇ ବର୍ଷର ପିଲାଟିକୁ ୬ଫୁଟ ଉଚ୍ଚତା ଯାଏ ବଢାଇ ଜଣେ ମଲ୍ଲଯୋଦ୍ଧାର ଛାତି ଓ ମାଂସପେଶୀ ଭଳି କରିବାକୁ ଚାହିଁବ ତେବେ ଏଭଳି ଚାପରେ ତା' ଶରୀରର ପତନ ହିଁ ଘଟିବ। ୧୯୨୦ରେ କୁକୁଡାର ଆକାର ଯାହା ଥିଲା ଏବେ କୁକୁଡ଼ାପାଳନ ଉଦ୍ୟୋଗ ତା'ଠାରୁ ତିନିଗୁଣ ଆକାରରେ ବଡ କୁକୁଡ଼ା ବିକାଶ କରିଛି। ନ୍ୟାଶ୍‌ନାଲ ଚିକେନ କାଉନ୍‌ସିଲ ମୁତାବକ, ସେତେବେଳେ କୁକୁଡାର ହାରାହାରି ଓଜନ ଥିଲା ୨.୫ ପାଉଣ୍ଡ ଓ ଏବେ ଏହା ପହଞ୍ଚିଛି ୬–୧୦ ପାଉଣ୍ଡରେ। କିଛି ଦଶନ୍ଧି ତଳେ ଗୋଟିଏ କୁକୁଡ଼ାର ସମ୍ପୂର୍ଣ୍ଣ ଓଜନ ଯାହା ଥିଲା ଏବେ ବ୍ରଏଲର କୁକୁଡାଠାରେ ସୃଷ୍ଟି ହେଉଥିବା ବ୍ରେଷ୍ଟ ତନ୍ତୁର ଓଜନ ତାହାଠାରୁ ଅଧିକ। ତୁମ ଶରୀର ତୁଳନାରେ ତୁମ ହାର୍ଟର ଓଜନ ଅଧିକ ହେବା କଥା ଥରେ ଚିନ୍ତା କରନ୍ତୁ ତ!

ଶୀଘ୍ର ବଢି ବଡ ହେବା ଭଳି କୁକୁଡାର ବ୍ରିଡିଂ ସହ ଉଡେନ୍ ବ୍ରେଷ୍ଟ ସମସ୍ୟା ସୃଷ୍ଟି ହେବାର ସମ୍ବନ୍ଧ ରହିଛି ବୋଲି କହିଛନ୍ତି ଇଟାଲୀସ୍ଥ ୟୁନିଭର୍ସିଟି ଅଫ୍ ବୋଲୋନ୍ୟାର ଖାଦ୍ୟ ଗବେଷକ ମାସିମିଲିୟାନୋ ପେଟ୍ରାକି। ଏହି ମାଂସପେଶୀ ସମସ୍ୟା ଉପରେ ଅନୁଧ୍ୟାନ କରୁଥିବା ଅବର୍ନ ୟୁନିଭର୍ସିଟିର ଇମେରିଟସ୍ ଅଫ୍ ପୋଲଟ୍ରି ସାଇନ୍ସର ପ୍ରାଧ୍ୟାପକ ସାର୍କିଟ ଏଫ୍ ବିଲ୍‌ଗିଲି କହିଛନ୍ତି, ଏତେ ଶୀଘ୍ର ବଢି କୁକୁଡା ଅଧିକ ଓଜନରେ ପହଞ୍ଚିଯାଉଛନ୍ତି ଯେ, ତାହା ତାଙ୍କର ଅନ୍ତିମ ଓଜନ ବୋଲି କୁହାଯାଇ ନ ପାରେ। ଅର୍ଥାତ୍ ଶୀଘ୍ର ବିକ୍ରି କରି ଦିଆ ନ ଗଲେ ସେମାନଙ୍କ ଓଜନ ଆହୁରି ବଢ଼ିବ। ୧୯୩୦ରେ ଏକ ବ୍ରଏଲର କୁକୁଡାର ଓଜନ ୧ ପାଉଣ୍ଡ ହେବା ଲାଗି ୫୦ ଦିନ ଲାଗୁଥିଲା। କିନ୍ତୁ ଏବେ ୭.୭ ଦିନରେ ଏହି ଓଜନରେ ପହଞ୍ଚିଯାଉଛି କୁକୁଡାଟିଏ। ୧୯୬୫ରେ ବଜାରକୁ ଆସୁଥିବା ୩.୫ ପାଉଣ୍ଡ ଓଜନର କୁକୁଡାକୁ ଏହି ଓଜନ ପାଇଁ ୬୫ ଦିନ ଲାଗୁଥିଲା। ଏଗ୍ରି ଷ୍ଟାଟ୍‌ସ ଇଙ୍କ୍. ମୁତାବକ ୨୦୧୫ରେ ୪୮ ଦିନରେ କୁକୁଡ଼ାଙ୍କ ହାରାହାରି ଓଜନ ଥିଲା ୬.୨ ପାଉଣ୍ଡ। ଅନେକ କମ୍ପାନୀ ଏବେ କୁକୁଡାକୁ ୧୦ ପାଉଣ୍ଡ କିମ୍ବା ଏହାଠାରୁ ଅଧିକ ଓଜନ ଯାଏ ବଢାଇପାରୁଛନ୍ତି।

ଡାଇବେଟିସ ଯେମିତି ତା' ଲକ୍ଷଣ ପ୍ରକାଶ କରେନାହିଁ, ଠିକ୍ ସେମିତି ଓଜନିଆ କୁକୁଡାଙ୍କଠାରେ ପ୍ରକାଶ ପାଉଥିବା ଉଡେନ୍ ବ୍ରେଷ୍ଟ ସମସ୍ୟାକୁ ତାଙ୍କ ଜୀବିତାବସ୍ଥାରେ ଠାବ କରିବା କଷ୍ଟକର। କୁକୁଡା ମରିଯିବା ପରେ କିମ୍ବା ତାକୁ ବନ୍ଧନମୁକ୍ତ କରିବା ପରେ ଏହା ଜଣାପଡେ। ଲିପୋପ୍ରୋଟିନ୍ ଲିପେଜ୍ ଅଭାବ ଯୋଗୁ ବି ମଣିଷ ଶରୀରରେ ଫ୍ୟାଟ୍ ବିପାକର ସାଧାରଣ ପ୍ରକ୍ରିୟାରେ ବାଧା ଉପୁଜେ। ଫଳରେ ଏକ ନିର୍ଦ୍ଦିଷ୍ଟ ପ୍ରକାର ଫ୍ୟାଟ୍ ବୃଦ୍ଧି ପାଇଥାଏ। ଏଥିପାଇଁ ଅତ୍ୟଧିକ ଟ୍ରାଇଗ୍ଲିସେରାଇଡ୍ ସୃଷ୍ଟି ହେବା ଦ୍ୱାରା ପାକସ୍ଥଳୀରେ ଯନ୍ତ୍ରଣା ଦେଖାଦିଏ। ତ୍ୱଚାର ନିମ୍ନଭାଗରେ ଚର୍ବି ଜମାଟ ବାନ୍ଧେ ଯାହା ଅଗ୍ନ୍ୟାଶୟ ଓ ଯକୃତରେ ସମସ୍ୟା ଉପୁଜାଏ। ଫଳରେ ଡାଇବେଟିସ୍ ଦେଖାଦିଏ। ଏହି ଅବସ୍ଥାରେ ପ୍ରଥମ ଲକ୍ଷଣ ସ୍ୱରୂପ ପେଟରେ ଯନ୍ତ୍ରଣା ହୁଏ। ଅଗ୍ନ୍ୟାଶୟର ଫୁଲାକୁ ଆଧାର କରି ଏହି ଯନ୍ତ୍ରଣା ମଧ୍ୟମରୁ ଭୀଷଣ ହୋଇଥାଏ। ଆକ୍ରାନ୍ତ ବ୍ୟକ୍ତିଙ୍କ ଯକୃତ ଓ ପ୍ଲୀହା ଆକାର ବଢିଯିବାର ସମ୍ଭାବନା ଥାଏ। ଫ୍ୟାଟ୍ ସ୍ତର ଶରୀରରେ ଯେତେ ଅଧିକ ରହିବ ଯକୃତ ଓ ପ୍ଲୀହାର ଆକାର ସେତେ ବଡ ହେବ। ଜନସଂଖ୍ୟାର ପ୍ରାୟ ଅଧା ବ୍ୟକ୍ତିଙ୍କ ତ୍ୱଚା ତଳେ ହଳଦିଆ ରଙ୍ଗର ଫ୍ୟାଟ୍ ଜମାଟ ବାନ୍ଧିବା ମଧ୍ୟ ଲକ୍ଷ୍ୟ କରାଯାଏ। ଏହାକୁ ଇରପ୍‌ଟିଭ ଜାନ୍ଥୋମା କୁହାଯାଏ। ଫ୍ୟାଟ୍ ସ୍ତର ଅତ୍ୟଧିକ ହୋଇଗଲେ ଟିସ୍ୟୁରେ ଥିବା ରକ୍ତ ବାହିକାରେ ଫ୍ୟାଟ୍ ଜମାଟ ବାନ୍ଧିଥାଏ। ଫ୍ୟାଟ୍ ବୃଦ୍ଧି ଯୋଗୁ ବିଷାଦ ଓ ସ୍ମରଣ ଶକ୍ତି ହ୍ରାସ ସହ ମଧ୍ୟମ ଧରଣର ଡିମେନ୍‌ସିଆ ଆଦି ସ୍ନାୟୁଗତ ସମସ୍ୟା ପ୍ରକାଶ ପାଏ।

କୁକୁଡାମାଂସ ପ୍ରକ୍ରିୟାକରଣ ଉଦ୍ୟୋଗ ଏବେ ବ୍ରେଷ୍ଟ ମିଟ୍ ପରୀକ୍ଷା ପାଇଁ ଲୋକଙ୍କୁ ନିଯୁକ୍ତି ଦେଇଛି। ଯଦି ଏହାକୁ ଚୋବାଇବାକୁ ପଡୁଥାଏ ତେବେ କିମା ଏବଂ ଚିକେନ କବାବ ଲାଗି ଏହାକୁ ବିକ୍ରି କରାଯିବ। କିନ୍ତୁ ଏହି ପ୍ରକ୍ରିୟାକୃତ ଉତ୍ପାଦରେ ବି ଆପଣ ଏକା ପ୍ରକାର ରୋଗକୁ ଆମନ୍ତ୍ରଣ କରିବେ। ଉଡେନ ବ୍ରେଷ୍ଟ ସିଣ୍ଡ୍ରୋମ୍‌ର ଅନ୍ୟନାମ ଚିକେନ ଡାଇବେଟିସ୍ କହିଲେ ଭୁଲ୍ ହେବ ନାହିଁ।

ଇମେଲ: gandhim@nic.in

ଆବଶ୍ୟକ ମଣ୍ଡି ସଂସ୍କାର

ପ୍ରଫେସର ଦିଗମ୍ବର ପାତ୍ର

ଧାନ କ୍ରୟ ସମୟରେ ଓଡ଼ିଶାର ବିଭିନ୍ନ ଏଜେଣ୍ଟଙ୍କ ମାଧ୍ୟମରେ ମିଲର୍ ଏବଂ ରାଜନୈତିକ ଗୋଷ୍ଠୀ ମଧ୍ୟରେ ସୁସମ୍ପର୍କ ଜଣାଶୁଣା। ରାଜ୍ୟ ସରକାର ଅତୀତରେ କିଛି ପରିବର୍ତ୍ତନ ଆଣିଛନ୍ତି, କିନ୍ତୁ ଏକ ଦଶନ୍ଧିରୁ ଅଧିକ ସମୟ ଧରି ମିଲର, ଏଜେଣ୍ଟ, ସ୍ଥାନୀୟ ରାଜନେତା ଏବଂ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଦ୍ୱାରା କୃଷକ ଶୋଷଣ ବନ୍ଦ ହୋଇପାରି ନାହିଁ। ଏହି ଠକେଇଟି ବହୁତ ବଡ଼। ଉଦାହରଣ ସ୍ୱରୂପ, ପ୍ରତ୍ୟେକ କୃଷକ ଏଜେଣ୍ଟ ଫି କିମ୍ବା ଧାନର ଖରାପ ଗୁଣବତ୍ତା ଯୋଗୁ ମଣ୍ଡିରେ କୁଇଣ୍ଟାଲ ପିଛା ୫ରୁ ୧୦ କିଲୋଗ୍ରାମ୍ ଧାନ ଲାଞ୍ଚ ଦିଅନ୍ତି, ଯାହା ଶେଷରେ ଏହି ଦୁର୍ନୀତିଗ୍ରସ୍ତ ସିଷ୍ଟମକୁ ଯାଏ। ଏହାକୁ ସ୍ଥାନୀୟ ଭାଷାରେ କଟ୍‌ନୀଛଟ୍‌ନୀ କୁହାଯାଏ। ଯଦି ଜଣେ କୃଷକ ଅତିରିକ୍ତ ଧାନ ଦେବାକୁ ମନାକରନ୍ତି, ତା'ହେଲେ ତା'ର ଧାନ ମଣ୍ଡିରେ ସେପର୍ଯ୍ୟନ୍ତ ପଡ଼ିରହେ ଯେପର୍ଯ୍ୟନ୍ତ ସେ ଅନନ୍ୟୋପାୟ ହୋଇ ସେମାନଙ୍କ ଦାବିରେ ରାଜି ନ ହୋଇଛନ୍ତି।

୨୦୧୯–୨୦ ବର୍ଷରେ ଧାନ ପାଇଁ ଖରିଫ କ୍ରୟ ଲକ୍ଷ୍ୟ ଥିଲା ୪୧ ଲକ୍ଷ ମେଟ୍ରିକ୍ ଟନ୍। ୨୦୧୮–୧୯ ବର୍ଷ ପାଇଁ (ଖରିଫ ଓ ରବି ଫସଲକୁ ମିଶାଇ) ଓଡ଼ିଶା ସରକାର ୬୫.୪୯ ଲକ୍ଷ ମେଟ୍ରିକ୍ ଟନ୍ ଧାନ କ୍ରୟ କରିଛନ୍ତି। ଯଦି ଏଜେଣ୍ଟ ଫି ଭାବରେ କୁଇଣ୍ଟାଲ ପିଛା ୫ କିଲୋଗ୍ରାମ୍ ଧାନ ନିଆଯାଏ ତେବେ ୨୦୧୯–୨୦ ଖରିଫ ରତୁରେ ଅତିକମ୍‌ରେ ୨ ଲକ୍ଷ ଟନ୍ ଏବଂ ୨୦୧୮–୧୯ ବର୍ଷରେ ୩.୨ ଲକ୍ଷ ଟନ୍ ଧାନ ବେଆଇନ ଭାବେ ଆଦାୟ କରାଯାଇଥିଲା। କେନ୍ଦ୍ର ସରକାର ସ୍ଥିର କରିଥିବା ଧାନର କୁଇଣ୍ଟାଲ ପିଛା ସର୍ବନିମ୍ନ ମୂଲ୍ୟ ୧୮୧୫ ଟଙ୍କା ରହିଛି। ଓଡ଼ିଶାରେ ଏହି ମୂଲ୍ୟ ହେଉଛି ୧୮୩୫ ଟଙ୍କା। ଯଦି ସର୍ବନିମ୍ନ ମୂଲ୍ୟ ୧୮୧୫ ଟଙ୍କା ଧରାଯାଏ ତେବେ ବେଆଇନ ଭାବେ ସଂଗ୍ରହ ହୋଇଥିବା ଧାନର ମୂଲ୍ୟ ୨୦୧୯–୨୦ ଖରିଫ ପାଇଁ ୩୬୩ କୋଟି ଟଙ୍କା ଏବଂ ୨୦୧୮–୧୯ ବର୍ଷ ପାଇଁ ୫୮୦ କୋଟି ଟଙ୍କା ହେବ। ଏହି ବିପୁଳ ପରିମାଣର ଦୁର୍ନୀତିକୁ ଅଣଦେଖା କରାଯାଇପାରିବ ନାହିଁ। ଏହି ଧରଣର ଦୁର୍ନୀତି ଉଚ୍ଚସ୍ତର ପର୍ଯ୍ୟନ୍ତ ଲମ୍ବିଛି ବୋଲି ଆମ ପାଖରେ କୌଣସି ପ୍ରତ୍ୟକ୍ଷ ପ୍ରମାଣ ନାହିଁ। ତଥାପି ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଏହି କାରବାର ଚାଲିଥିବା ଯୋଗୁ ଉଚ୍ଚସ୍ତରର ଅଧିକାରୀ ଓ ନେତାମାନେ ଏଥିରେ ଜଡ଼ିତ ନାହାନ୍ତି ବୋଲି କହିହେବ ନାହିଁ।

ମଣ୍ଡି ଦୁର୍ନୀତି ଗ୍ରାମାଞ୍ଚଳର ୫୦–୬୦ ପ୍ରତିଶତ କୃଷକଙ୍କୁ ସିଧାସଳଖ ଏବଂ କୃଷିକାର୍ଯ୍ୟ ଉପରେ ନିର୍ଭରଶୀଳ ଆଉ ୨୦–୩୦ ପ୍ରତିଶତ କୃଷିଜୀବୀ ପରିବାରକୁ ପରୋକ୍ଷରେ ପ୍ରଭାବିତ କରିଥାଏ। ତେଣୁ ପ୍ରାୟ ପ୍ରତି ୩ ଜଣରୁ ୨ ଜଣ ଏହାଦ୍ୱାରା ପ୍ରଭାବିତ ହୋଇଥାନ୍ତି। ଏଭଳି ଦୁର୍ନୀତିପୂର୍ଣ୍ଣ ମଣ୍ଡି ବ୍ୟବସ୍ଥା ଆଦୌ ସୁଶାସନର ସୂଚନା ଦେଉନାହିଁ। ଗତ ବିଧାନସଭା ନିର୍ବାଚନ ପରେ ଓଡ଼ିଶା ସରକାର ଶାସନରେ ଦକ୍ଷତା, ସ୍ୱଚ୍ଛତା ଆଣିବା ପାଇଁ ୫ ଟି ବିଭାଗ ପ୍ରତିଷ୍ଠା କରିଛନ୍ତି। ବିଭାଗ ଅନେକ ପଦକ୍ଷେପ ନେଇଛି। ହେଲେ ରାଜ୍ୟର ୭୦ ପ୍ରତିଶତରୁ ଅଧିକ ଲୋକଙ୍କୁ ପ୍ରଭାବିତ କରୁଥିବା ମଣ୍ଡି ଦୁର୍ନୀତି ବାବଦରେ ଏଯାଏ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ।

ନିକଟରେ କେନ୍ଦ୍ର ସରକାର ମଣ୍ଡି ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଆଇନରେ କିଛି ପରିବର୍ତ୍ତନ ଆଣିଛନ୍ତି। ସେହିଭଳି ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶ ସରକାର ଏହି ତାଲାବନ୍ଦୀ ଅବଧିରେ ଘରୋଇ ଖେଳାଳିମାନଙ୍କୁ ମଣ୍ଡି ଖୋଲିବାକୁ ଅନୁମତି ଦେଇଛନ୍ତି, ଗୋଦାମଘର ଓ ଶୀତଳଭଣ୍ଡାରକୁ ଘରୋଇ ମଣ୍ଡି ଭାବରେ ବ୍ୟବହାର କରିବାକୁ ଅନୁମତି ଦେଇଛନ୍ତି ଏବଂ କୃଷକମାନଙ୍କୁ ଅନ୍‌ଲାଇନ୍ କିମ୍ବା ଅନ୍ୟାନ୍ୟ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ନିଜ ଉତ୍ପାଦ ବିକ୍ରି କରିବାକୁ ଉତ୍ସାହିତ କରୁଛନ୍ତି। ହେଲେ ଏହି ତାଲାବନ୍ଦୀ ଅବଧିରେ ଓଡ଼ିଶାର ମଣ୍ଡି ବ୍ୟବସ୍ଥା ପୂର୍ବବତ୍ ରହିଛି। ସମ୍ପ୍ରତି ବିଭିନ୍ନ ସ୍ଥାନରୁ ଆସୁଥିବା ରିପୋର୍ଟ ରାଜ୍ୟରେ ମଣ୍ଡିଗୁଡ଼ିକର କୁପରିଚାଳନା ଓ ଅବ୍ୟବସ୍ଥାକୁ ଦର୍ଶାଉଛି। କଳାହାଣ୍ଡି ପରି ଜିଲାରୁ ଘୋର ଦୁର୍ନୀତି ହେଉଥିବା ଅଭିଯୋଗ ଆସିଛି।

ତାଲାବନ୍ଦୀ ଅବଧିରେ କୃଷକମାନଙ୍କୁ ସେମାନଙ୍କ ଉତ୍ପାଦର ଉଚିତ ତଥା ପ୍ରତିଯୋଗିତାମୂଳକ ମୂଲ୍ୟ ଦେବା ନିମନ୍ତେ ଓଡ଼ିଶା ସରକାର ବ୍ୟବସ୍ଥା କରିବା ଦରକାର। ଦୁର୍ନୀତି ହ୍ରାସ କରିବା ତଥା ସ୍ୱଚ୍ଛତା ଆଣିବା ପାଇଁ ଓଡ଼ିଶା ସରକାର ଅନ୍‌ଲାଇନ କ୍ରୟ ବ୍ୟବସ୍ଥା କରିବା ଏବଂ ରାଜ୍ୟବ୍ୟାପୀ ଗୋଟିଏ ଅନ୍‌ଲାଇନ ପରିଚୟପତ୍ର ରହିବା ଆବଶ୍ୟକ, ଯଦ୍ୱାରା ଚାଷୀ ଗୋଟିଏ ଗ୍ରାମ ବା ପଞ୍ଚାୟତର ମଣ୍ଡିରେ ସୀମିତ ନ ରହି ନିଜ ଇଚ୍ଛାରେ ରାଜ୍ୟର ଯେ କୌଣସି ମଣ୍ଡିରେ ବିକ୍ରୟ କରିପାରିବେ। ଯେଉଁମାନେ ମଣ୍ଡିରେ କୁଇଣ୍ଟାଲ ପିଛା ୫ରୁ ୧୦ କିଲୋଗ୍ରାମ୍ କଟ୍‌ନୀ ଛଟ୍‌ନୀ କରୁଛନ୍ତି ସେମାନଙ୍କୁ ଦଣ୍ଡ ଦେବା ନିମନ୍ତେ ମଧ୍ୟ ଆଇନ ହେବା ଦରକାର। ଏଥିସହ ସରକାର ବେସରକାରୀ ଖେଳାଳି ଓ ମିଲରଙ୍କୁ ଚାଷଜମିରେ ଧାନ ଅମଳ ଓ ସଂଗ୍ରହ କରି ଜମିରେ ହିଁ ମୂଲ୍ୟ ଦେବାକୁ ଉତ୍ସାହିତ କରିପାରିଲେ ଗୁଣାତ୍ମକତା ନେଇ ରହୁ

୫ ରାଜ୍ୟର ଅର୍ଥ ବ୍ୟବସ୍ଥା ଟ୍ରାକ୍‌କୁ ଫେରୁଛି

ନୂଆଦିଲ୍ଲୀ,୩।୬

କରୋନା ସଂକ୍ରମଣକୁ ରୋକିବା ଲାଗି ସରକାର ଜାରି କରିଥିବା ଲକ୍‌ଡାଉନ ଯୋଗୁ ସାରା ଦେଶର ଅର୍ଥବ୍ୟବସ୍ଥାକୁ ଗଭୀର ଭାବେ କ୍ଷତି ପହଞ୍ଚିଛି। ବର୍ତ୍ତମାନ ଆର୍ଥିକ କାର୍ଯ୍ୟକଳାପ ପୁଣି ଥରେ ଆରମ୍ଭ କରିବା ଲାଗି ସରକାର ଅନୁମତି ଦେଇଛନ୍ତି। ଫଳରେ ୫ ରାଜ୍ୟର ଅର୍ଥ ବ୍ୟବସ୍ଥା ପୁଣି ଥରେ ଟ୍ରାକ୍‌କୁ ଫେରୁଥିବା ଏକ ରିପୋର୍ଟରେ ଉଲ୍ଲେଖ ରହିଛି। ରାଜ୍ୟଗୁଡିକ ମଧ୍ୟରେ କେରଳ,ପଞ୍ଜାବ, ତାମିଲନାଡୁ, ହରିୟାଣା ଏବଂ କର୍ନାଟକ ରହିଛି। ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି)କୁ ଏହି ରାଜ୍ୟଗୁଡିକ ୨୭% ଯୋଗଦାନ ରଖୁଛନ୍ତି। ଏଲାରା ସିକ୍ୟୁରିଟିଜ ପକ୍ଷରୁ ହୋଇଥିବା ଅଧ୍ୟୟନ ମୁତାବକ ଏହି ରାଜ୍ୟଗୁଡିକର କାର୍ଯ୍ୟକଳାପ ସୁଧାର ହେଉଛି। ରାଜ୍ୟଗୁଡିକର ବିଜୁଳି ଚାହିଦା, ଟ୍ରାଫିକ,ଉତ୍ପାଦର ଉପଲବ୍ଧତା ଭଳି ବିଭିନ୍ନ ପ୍ରସଙ୍ଗକୁ ଆଧାରରେ ଅଧ୍ୟୟନ କରାଯାଇଛି। ଏହି ରାଜ୍ୟଗୁଡିକରେ ବିଭିନ୍ନ କ୍ଷେତ୍ରରେ ଉନ୍ନତି ଆସୁଥିବା ଦେଖାଯାଉଛି। ଏହା ଦେଶର ଅର୍ଥ ବ୍ୟବସ୍ଥା ଲାଗି ଲାଭକାରି ବୋଲି ଏଲାର ପକ୍ଷରୁ ଗରିମା କପୁର କହିଛନ୍ତି।

ରିପୋର୍ଟ ମୁତାବକ ଚେନ୍ନାଇ ସହର ବାହାରେ ସ୍ଥିତି ଉନ୍ନତ ରହିଛି। ଏଠାରେ ମାନୁଫାକ୍‌ଚରିଂକୁ ଜିଡିପିର ଯୋଗଦାନ ୩୪%। ହ୍ୟୁଣ୍ଡାଇ, ଫୋର୍ଡ ସମେତ ଅନ୍ୟ କମ୍ପାନୀଗୁଡିକର ମାନୁଫାକ୍‌ଚରିଂ ୟୁନିଟ ସେଠାରେ ରହିଛି। ଲକ୍‌ଡାଉନ ଯେତେ କୋହଳ ହେବ ଇଣ୍ଡଷ୍ଟ୍ରିଗୁଡିକ ସେତେ ଶୀଘ୍ର କାମ ସମ୍ଭାଳିବେ। ରୋଜଗାର ଏବଂ ଅଭିବୃଦ୍ଧି ପାଇଁ ଏହା ଭଲ ସଙ୍କେତ। କେରଳ ପରେ ମଲ୍, ରେଷ୍ଟୁରାଣ୍ଟ ଖୋଲିଥିବା ରାଜ୍ୟ ମଧ୍ୟରେ କର୍ନାଟକ ଆସୁଛି। ଭାରତର ଆଇଟି ହବ୍ ବାଙ୍ଗାଲୋରରେ ଏଭଳି ପଦକ୍ଷେପ ଦ୍ୱାରା ସର୍ଭିସ ସେକ୍ଟର ପୁଣି ଟ୍ରାକ୍‌କୁ ଫେରିବାରେ ସହାୟକ ହୋଇପାରିବ। ରିପୋର୍ଟ ମୁତାବକ ସେଲୁନ ସର୍ଭିସ, ଏୟାର କଣ୍ଡିସନର, ଏୟାର ଟ୍ରାଭେଲ, ବାଇକ ଏବଂ ଭାଲ୍ୟୁମ କ୍ଲିନର ବିକ୍ରିରେ ଉନ୍ନତି ଆସିଛି।

ହରିୟାଣାରେ ମଧ୍ୟ ଅର୍ଥନୈତିକ କାର୍ଯ୍ୟକଳାପ ତ୍ୱରିତ ହେଉଛି। ସେହିଭଳି ପଞ୍ଜାବରେ କୃଷି କାର୍ଯ୍ୟ ଟ୍ରାକ୍‌କୁ ଫେରିଥିବା ଜଣାପଡ଼ିଛି।

ଡାର୍କନେଟ୍‌ରେ ୧ ଲକ୍ଷ ଡାଟା

ନୂଆଦିଲ୍ଲୀ,୩।୬

୧ ଲକ୍ଷରୁ ଅଧିକ ଲୋକଙ୍କ ଆଧାର, ପାନ୍ ଏବଂ ପାସ୍‌ପୋର୍ଟ ସମେତ ଅନ୍ୟ ତଥ୍ୟର ସ୍କାନ୍ ନଥି ଡାର୍କନେଟ୍‌ରେ ବିକ୍ରି ଲାଗି ଉପଲବ୍ଧ ରହିଛି। ସାଇବର ସୁରକ୍ଷା ସମାଧାନ ପ୍ରଦାନ କରୁଥିବା କମ୍ପାନୀ ସାଇବଲ ପକ୍ଷରୁ ଏଭଳି ଦାବି କରାଯାଇଛି। ଡାର୍କ ନେଟ୍ ସାମାନ୍ୟ ସର୍ଚ୍ଚ ଇଞ୍ଜିନଠାରୁ ଭିନ୍ନ ରହିଥାଏ। ଏହାକୁ ବ୍ୟବହାର କରିବା ଲାଗି ବିଶେଷ ସଫ୍ଟୱେରର ଆବଶ୍ୟକତା ରହିଥାଏ। ଏହି ଡାର୍କନେଟ୍‌କୁ ଆତଙ୍କୀ ତଥା ଅନ୍ୟ ଖଳପ୍ରକୃତିର ବ୍ୟକ୍ତିବିଶେଷ ବ୍ୟବହାର କରିଥାନ୍ତି। ରିପୋର୍ଟରେ କୁହାଯାଇଛି ଯେ ହୁଏତ ତୃତୀୟ ପକ୍ଷଠାରୁ ଏହି ଡାଟା ଆସିଥାଇପାରେ। ଏଭଳି ଭାବେ ଭାରତୀୟଙ୍କ ଡାଟା ଖୁଲମଖୁଲା ବିକ୍ରି ଲାଗି ଉପଲବ୍ଧ ହେଉଥିବା ନଜରକୁ ଆସିଛି।

ପ୍ଲେ ଷ୍ଟୋରରୁ ହଟିଲା ମିତ୍ରୋ ଆପ୍

ନୂଆଦିଲ୍ଲୀ,୩।୬

ଟିକ୍‌ଟକ୍ ଭଳି କାମ କରୁଥିବା ମିତ୍ରୋ ଆପ୍ ୟୁଜର୍ସଙ୍କ ଲାଗି ମହାରାଷ୍ଟ୍ର ସରକାରଙ୍କ ସାଇବର ସେଲ୍ ଏକ ଆଡଭାଇଜରି ଜାରି କରିଛନ୍ତି। ନିରାପତ୍ତା ନେଇ ବିଭିନ୍ନ ଅସୁବିଧା ଏହି ଆପ୍‌ରେ ରହିଥିବା କୁହାଯାଇଛି। ଏହାଦ୍ୱାରା ହ୍ୟାକର୍ସ ୟୁଜର ଆକାଉଣ୍ଟର ଖରାପ ଅର୍ଥରେ ମଧ୍ୟ ବ୍ୟବହାର କରିବା ନେଇ ଆଶଙ୍କା କରାଯାଇଛି। ଆକାଉଣ୍ଟରେ ଧମକ ଦିଆଯିବା ଭଳି ଖେଳ ମଧ୍ୟ ଖେଳାଯାଉଛି। ୟୁଜରଙ୍କୁ ମହାରାଷ୍ଟ୍ର ସରକାରଙ୍କ ସାଇବର ସେଲ୍ ଟୁଇଟର ଯୋଗେ ସାବଧାନ କରାଇଛି। ଆପ୍‌ରେ ରହିଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହ ଏହାକୁ ନିଜ ଫୋନ୍‌ରୁ ଡିଲିଟ କରିବା ଲାଗି କୁହାଯାଇଛି। ସେହିଭଳି ଏହି ଆପ୍ଲିକେଶନକୁ ଗୁଗଲ ପ୍ଲେ ଷ୍ଟୋରରୁ ମଧ୍ୟ ହଟାଇ ଦିଆଯାଇଛି। ସାଇବର ସେଲ୍ ରିପୋର୍ଟ ମୁତାବକ କୌଣସି ଆକାଉଣ୍ଟ ଲଗ୍‌ଇନ କରିବା ଲାଗି କେବଳ ୟୁଜର ଆଇଡି ଜଣାଥିବା ଆବଶ୍ୟକ। ଏଥିଲାଗି ପାସ୍‌ୱାର୍ଡ ଜରୁରୀ ପଡ଼େ ନାହିଁ। ଆପ୍‌ରେ ଲଗ୍ ଇନ୍ ଉଇଥ ଗୁଗଲ ଫିଚର ଦିଆଯାଇଛି। ଏହି ଆପ୍ ଗୁଗଲ ଆକାଉଣ୍ଟରୁ ବ୍ୟକ୍ତିଗତ ସୂଚନା ହାସଲ କରିଥାଏ। ଏହା ଅଥେଣ୍ଟିକେଶନ ପାଇଁ କୌଣସି ସିକ୍ରେଟ ଟୋକନ କ୍ରିଏଟ କରି ନ ଥାଏ। ଲଗ୍‌ଇନ୍ ପାଇଁ ଏଥିରେ ସିକ୍ୟୁର ସକେଟ ଲେୟାର ନିୟମ ପାଳନ କରାଯାଇ ନ ଥାଏ। ଏହାର ଫାଇଦା ଉଠାଇ ହ୍ୟାକର୍ସ ଲଗ୍‌ଇନ୍ ଆଇଡି ଜରିଆରେ ୟୁଜରଙ୍କ ଆକାଉଣ୍ଟ ତଥ୍ୟ ହାସଲ କରିନିଅନ୍ତି। ଏହାଦ୍ୱାରା ହ୍ୟାକର ୟୁଜରଙ୍କ ଆକାଉଣ୍ଟରୁ କାହାକୁ ବି ମେସେଜ ଏବଂ କମେଣ୍ଟ କରିପାରିବେ। ରିପୋର୍ଟ ମୁତାବକ ଉକ୍ତ ଆପ୍ଲିକେଶନଟି ପାକିସ୍ତାନର ଟିକ୍‌ଟିକ୍‌ର ରିପ୍ୟାଜିଂ ଭର୍ସନ। ଏହାର କୌଣସି ପ୍ରିଭେସି ନୀତି ନ ଥିବା ବେଳେ ପ୍ରତିଷ୍ଠାତାଙ୍କ ସମ୍ପର୍କରେ କିଛି ଜଣାପଡିନି।

ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ପରିବର୍ତ୍ତନ

ନୂଆଦିଲ୍ଲୀ,୩।୬

କେନ୍ଦ୍ର ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ପରିବର୍ତ୍ତନ କରିଛନ୍ତି। ବୁଧବାର କ୍ୟାବିନେଟ ବୈଠକରେ କୃଷକଙ୍କ ଲାଗି ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହା ଦ୍ୱାରା କିଛି ସାମଗ୍ରୀକୁ କୃଷକ ନିଜ ମନ ମୁତାବକ ବିକ୍ରି କରିବାକୁ ସକ୍ଷମ ହୋଇ ପାରିବେ। ଅର୍ଥାତ ପୁରୁଣା ଆଇନରେ ରହିଥିବା କଟକଣାକୁ କୋହଳ କରାଯିବା ଫଳରେ କୃଷକଙ୍କୁ ଏହା ଦ୍ୱାରା ଲାଭ ହେବ। ଏ ସମ୍ପର୍କରେ ଘୋଷଣା କରି କେନ୍ଦ୍ର ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି ଯେ, ତେଲ, ଡାଲି, ପିଆଜ, ଆଳୁ, ଗହମ ଭଳି ଅନ୍ୟ କିଛି ସାମଗ୍ରୀକୁ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ପରିସରରୁ ବାହାର କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ, ଯୁଦ୍ଧ ଏବଂ ଅନିୟନ୍ତ୍ରିତ ଦରଦାମ କ୍ଷେତ୍ରରେ କେବଳ କଟକଣା ଜାରି ହେବ ବୋଲି କେନ୍ଦ୍ର ସରକାର କହିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀକୁ ଉଚିତ ଦାମ ଏବଂ ସହଜରେ ଉପଲବ୍ଧ କରାଇବା ଲାଗି କେନ୍ଦ୍ର ସରକାର ଏହି ଆଇନକୁ ୧୯୫୫ରେ ଲାଗୁ କରାଇଥିଲେ।

ଗରିବ କଲ୍ୟାଣ ଯୋଜନାରେ ୫୩,୨୪୮ କୋଟି

ନୂଆଦିଲ୍ଲୀ,୩।୬

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜ ଅନ୍ତର୍ଗତ କେନ୍ଦ୍ର ସରକାର ଲୋକଙ୍କୁ ୫୩,୨୪୮ କୋଟି ଟଙ୍କା ପ୍ରଦାନ କରିଛନ୍ତି। ବିତ୍ତୀୟ ସହାୟତା ଭାବେ ୪୨ କୋଟି ଲୋକଙ୍କୁ ଏଭଳି ସହାୟତା ଯୋଗାଇ ଦିଆଯାଇଛି। ପ୍ୟାକେଜରେ ଗରିବଙ୍କୁ ମାଗଣାରେ ଖାଦ୍ୟଶସ୍ୟ, ମହିଳା, ବରିଷ୍ଠ ନାଗରିକ ଏବଂ କୃଷକଙ୍କୁ ନଗଦ ସହାୟତା ଯୋଗାଣ ହୋଇଛି। ଯୋଜନାର କାର୍ଯ୍ୟକାରିତାକୁ କେନ୍ଦ୍ର ଏବଂ ରାଜ୍ୟ ମିଳିତ ଭାବେ ଦେଖୁଛନ୍ତି। ପିଏମ୍ କିଶାନ ଯୋଜନାରେ ପ୍ରଥମ ଅଗ୍ରୀମ କିସ୍ତି ଭାବେ ୮.୯ କୋଟି ହିତାଧିକାରୀଙ୍କୁ ୧୬,୩୯୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ୨ଟି କିସ୍ତିରେ ଜନଧନ ଖାତାଧାରୀଙ୍କୁ ୨୦,୩୪୪ କୋଟି ଟଙ୍କା ଦିଆଯାଇଛି। ୨.୮୧ କୋଟି ବରିଷ୍ଠ ନାଗରିକ, ବିଧବା ଏବଂ ଦିବ୍ୟାଙ୍ଗଙ୍କୁ ୨.୮୧୪ କୋଟି ଟଙ୍କାର ସହାୟତା ଯୋଗାଣ ହୋଇଥିବା ସରକାରଙ୍କ ପକ୍ଷରୁ ସୂଚନା ରହିଛି।

ଡିଜିଟାଲ ଟିକସର ଯାଞ୍ଚ କରିବ ଆମେରିକା

ନୂଆଦିଲ୍ଲୀ,୩।୬: ଭାରତ ସମେତ ଅନ୍ୟ ଦେଶଗୁଡିକ ଲାଗୁ କରୁଥିବା ଡିଜିଟାଲ ଟିକସ ସମ୍ପର୍କରେ ଆମେରିକା ଯାଞ୍ଚ କରିବ ବୋଲି ଜଣାପଡିଛି। ଆମେରିକା ଟେକ୍ କମ୍ପାନୀଗୁଡିକ ଉପରେ ଜାଣିଶୁଣି ଉଚ୍ଚ ପରିମାଣର ଟିକସ ଲାଗୁ ହୋଇଛି କି ନାହିଁ ସେ ଉପରେ ଏବେ ଏହା ବିଚାର କରୁଛି। ଆମେରିକାର ବ୍ୟାପାର ପ୍ରତିନିଧି ରବର୍ଟ ଲାଇଟ ହାଇଜର କହିଛନ୍ତି ଯେ, କୌଣସି ବାଣିଜ୍ୟିକ ସହଯୋଗିଙ୍କ ଦ୍ୱାରା ହେଉଥିବା ଉଚ୍ଚ ପରିମାଣର ଟିକସକୁନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚିନ୍ତିତ ଅଛନ୍ତି। ଯାଞ୍ଚର ସାମ୍ନା କରିବାକୁ ଥିବା ଅନ୍ୟ ଦେଶଗୁଡିକ ମଧ୍ୟରେ ଅଷ୍ଟ୍ରେଲିଆ, ବ୍ରାଜିଲ, ଚେକ୍ ଗଣରାଜ୍ୟ, ୟୁରୋପୀୟ ସଂଘ, ଇଣ୍ଡୋନେସିଆ, ଇଟାଲୀ, ସ୍ପେନ, ତୁର୍କୀ ଏବଂ ବ୍ରିଟେନ ଭଳି ରାଜ୍ୟ ରହିଛି।

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଘୋଷଣା

No. RDM-LAB-BOUDH-0037/2018-2907/R&DM **Dated: 16 Jan 2020**

No. XXI-05:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ବୌଦ୍ଧଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ଗୁଡୁପଡ଼ା, ଥାନା- ବୌଦ୍ଧ ନଂ. ୨୮୦, ତହସିଲ- ହରଭଙ୍ଗା, ଜିଲ୍ଲା- ବୌଦ୍ଧରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଖୋର୍ଦ୍ଧା ରୋଡ୍ ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୮୫୬୨ ତା୦୨।୦୮।୨୦୧୮ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ନଂ. ୪୧୭୭୮ ତାଂ୩୧।୧୨।୨୦୧୯ରିଖ ଅନୁସାରେ ଅଧିସୂଚନାର ବୈଧତା ତାଂ୩୧।୦୩।୨୦୨୦ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ଗୁଡୁପଡ଼ା, ଥାନା- ବୌଦ୍ଧ ନଂ. ୨୮୦, ତହସିଲ- ହରଭଙ୍ଗା, ଜିଲ୍ଲା- ବୌଦ୍ଧରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ **www.boudh.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧା ରୋଡ୍ ବଲାଙ୍ଗୀର ନୂତନ ଓସାରିଆ ରେଳପଥ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା: ବୌଦ୍ଧ, ତହସିଲ: ହରଭଙ୍ଗା

ଗ୍ରାମର ନାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	କିସମ	ପ୍ଲଟର ମୋଟ ରକବା	ଅଧିଗ୍ରହଣ ହେବାକୁଥିବା ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
ଗୁଡୁପଡ଼ା	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏକର ୧୧୦.୮୪୦	ଏକର ୯୫.୨୬୦	ଏଥି ସହିତ ସଂଲଗ୍ନ

ଉକ୍ତ ଅଧିସୂଚିତ ଜମି ରକବା ଏଚ.୩୩୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ଜିଲ୍ଲା: ବୌଦ୍ଧ, ତହସିଲ: ହରଭଙ୍ଗା

ଗ୍ରାମର ନାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	କିସମ	ପ୍ଲଟର ମୋଟ ରକବା	ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
ପ୍ରଯୁଜ୍ୟ ନୁହେଁ							

ଅଧିସୂଚନାର ବୈଧ ତାରିଖ: ୨୮।୧୦।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅତିରିକ୍ତ ଶାସନ ସଚିବ

ଜମିର ତାଲିକା
ଖୋର୍ଦ୍ଧା ରୋଡ୍– ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ

ଗ୍ରାମ:ଗୁଡୁପଡ଼ା, ତହସିଲ: ହରଭଙ୍ଗା, ଥାନା: ବୌଦ୍ଧ (ନଂ. ୨୮୦), ଜିଲ୍ଲା: ବୌଦ୍ଧ

ଏ. ବ୍ୟକ୍ତିଗତ ଜମି

କ୍ରମିକ ନଂ.	୧ ଖତିୟାନ ନଂ.	୨ ପ୍ଲଟ ନଂ.	୩ ରକବା	୪ ଅଧିଗ୍ରହଣ ରକବା	୫ କିସମ	୬ ଅଭିଲିଖିତ ରୟତଙ୍କ ନାମ
୧	୨	୧୯୯	୦.୫୦୦	୦.୧୩୦	N/A	ଅଗସ୍ତି ବେହେରା, ପି.– ସୁବର୍ଣ୍ଣ ବେହେରା, ବା: ଗୁଡୁପଡ଼ା
୨		୨୦୬	୦.୫୦୦	୦.୩୫୦	N/A	
୩	୩	୧୮୦	୨.୬୦୦	୨.୬୦୦	N/A	ଅର୍ଜୁନ ସାହୁ, ପି.– ମହାଦେବ ସାହୁ, ବା: ଗୁଡୁପଡ଼ା
୪	୪	୨୮	୦.୫୭୦	୦.୫୭୦	N/A	ଅବନି କୁମାର ପ୍ରଧାନ, ପି.– ନରେନ୍ଦ୍ର ପ୍ରଧାନ, ବା: ଗୁଡୁପଡ଼ା
୫		୩୮	୨.୭୮୦	୨.୭୮୦	N/A	
୬	୫	୧୮୫	୦.୩୮୦	୦.୩୮୦	N/A	ଅଭିମନ୍ୟୁ ସାହୁ, ପି.– ଅର୍ଜୁନ ସାହୁ, ବା: ଗୁଡୁପଡ଼ା
୭	୭	୧୬୭	୦.୬୩୦	୦.୬୩୦	N/A	ଅଭିମନ୍ୟୁ ବେହେରା, ପି.– ମାର୍କଣ୍ଡ ବେହେରା, ବା: ଗୁଡୁପଡ଼ା
୮	୮	୧୬୫	୨.୪୬୦	୨.୪୬୦	N/A	ଅଭିମନ୍ୟୁ ବେହେରା, ଜୟଦେବ ବେହେରା, ପି.– ମାର୍କଣ୍ଡ ବେହେରା, ବା: ଗୁଡୁପଡ଼ା
୯	୧୬	୨୦୭	୦.୮୩୦	୦.୮୩୦	N/A	ଉଦ୍ଧବ କଲତା, ପି.– ଜଗ କଲତା, ବା: ଗୁଡୁପଡ଼ା
୧୦	୨୦	୧୬୦	୧.୨୭୦	୦.୬୮୦	N/A	ଉଦ୍ଧବ କଲତା, ପି.– ଜଗ କଲତା, ବା: ଗୁଡୁପଡ଼ା
୧୧		୨୦୮	୦.୭୦୦	୦.୭୦୦	N/A	
୧୨	୨୧	୨୧୪	୦.୭୪୦	୦.୭୭୦	N/A	ଉମା ପ୍ରଧାନ, ସ୍ୱା.– ଲୁକେଲ ପ୍ରଧାନ, ବା: ଗୁଡୁପଡ଼ା
୧୩	୨୩	୫୮	୩.୫୩୦	୩.୨୪୦	N/A	ଓମ ପ୍ରକାଶ ପ୍ରଧାନ, ପି.– ନରେନ୍ଦ୍ର ପ୍ରଧାନ, ବା: ଗୁଡୁପଡ଼ା
୧୪	୨୫	୫୨	୨.୨୭୦	୨.୨୭୦	N/A	କର୍ପୂର ପତ୍ତୀ, ପି.– ବଂଶୀ ବେହେରା, ମହତ ବେହେରା, ପି.– ନଟ ବେହେରା, ନାରାୟଣ ବେହେରା, ଗୋବିନ୍ଦ ବେହେରା, ପି.– କ୍ଷେତ୍ର ବେହେରା, ବା: ଗୁଡୁପଡ଼ା
୧୫	୩୧	୧୮୨/୮୦୫	୦.୦୧୦	୦.୦୧୦	N/A	କାଳିଆ ପ୍ରଧାନ, କେଦୁଲ ପ୍ରଧାନ, ପି.– ଈଶ୍ୱର ପ୍ରଧାନ, ନାରାୟଣ ପ୍ରଧାନ, ଭାଗବତ ପ୍ରଧାନ, ଲତା ସାହୁ, ପି.– କେଶବ ପ୍ରଧାନ, ବା: ଗୁଡୁପଡ଼ା
୧୬	୩୩	୩୯	୧.୪୬୦	୧.୪୬୦	N/A	କୁମାର ନାଏକ, ପି.– ବୃଷବ ନାଏକ, ବା: ଗୁଡୁପଡ଼ା
୧୭		୨୬୮	୩.୫୫୦	୩.୫୫୦	N/A	
୧୮	୩୫	୧୭୮	୦.୮୨୦	୦.୮୨୦	N/A	କେଶବ ପ୍ରଧାନ, ପି.– ପ୍ରହ୍ଲାଦ ପ୍ରଧାନ, ବା: ଗୁଡୁପଡ଼ା
୧୯	୪୦	୨୯	୦.୫୫୦	୦.୫୫୦	N/A	ଗଜେନ୍ଦ୍ର ପ୍ରଧାନ, ପି.– ବ୍ରଜବନ୍ଧୁ ପ୍ରଧାନ, ବା: ଗୁଡୁପଡ଼ା
୨୦	୪୨	୧୬୨	୦.୨୫୦	୦.୨୫୦	N/A	ଉଣେଶ ମହାନଦିଆ, ପି.– ଦୁଖୁ ମହାନଦିଆ, ବା: ଗୁଡୁପଡ଼ା
୨୧	୪୩	୧୫୭	୦.୧୮୦	୦.୧୮୦	N/A	ଗଜରକ୍ଷ ପ୍ରଧାନ, ବୁଢ଼ା ପ୍ରଧାନ, ପି.– ଲୁକ ପ୍ରଧାନ, ବା: ଗୁଡ଼ପଡ଼ା
୨୨	୪୮	୨୬୧	୦.୧୭୦	୦.୦୨୦	N/A	ଗୁପ୍ତେଶ୍ୱର ଭୋଇ, ସପ୍ନେଶ୍ୱର ଭୋଇ, ପି.– ଜଗ ଭୋଇ, ବା: ଗୁଡୁପଡ଼ା
୨୩	୪୯	୧୧	୦.୨୨୦	୦.୨୨୦	ଶାରଦ-୨	ଗୁପ୍ତେଶ୍ୱର ମହାପାତ୍ର, ପି.– ନରସିଂହ ବଡ଼ମାଳି, ବା: ଗୁଡୁପଡ଼ା
୨୪		୧୩	୦.୦୬୦	୦.୦୩୦	ଶାରଦ-୨	
୨୫		୧୭	୦.୧୩୦	୦.୧୩୦	ଶାରଦ-୨	
୨୬		୩୦	୦.୮୪୦	୦.୮୪୦	N/A	
୨୭		୪୭	୦.୩୩୦	୦.୩୩୦	ଶାରଦ-୧	
୨୮	୫୦	୧୭୬	୦.୪୭୦	୦.୪୭୦	N/A	ଗୁଲେଖ ନାଗ, ପି.– ସୀତାରାମ ନାଗ, ବା: ଗୁଡୁପଡ଼ା
୨୯	୫୧	୧୯୪	୦.୮୮୦	୦.୮୮୦	N/A	ଗୋକୁଳ ବିଶି, ପି.– ଅର୍ଜୁନ ବିଶି, ବା: ଗୁଡୁପଡ଼ା
୩୦	୫୬	୧୭୪	୦.୪୫୦	୦.୪୫୦	N/A	ଘନଶ୍ୟାମ ମେହେର, ପି.–

ସଂକ୍ଷେପରେ

ରେଭେନ୍‌ଶା ୱେବ୍‌ସାଇଟ୍ ହ୍ୟାକ୍

କଟକ ଅଫିସ,୩।୬: ରେଭେନ୍ସା ବିଶ୍ୱବିଦ୍ୟାଳୟ ଅଫିସିଆଲ ୱେବ୍‌ସାଇଟ୍ ହ୍ୟାକ ହୋଇଛି। ଏଥିରୁ ବିଶ୍ୱବିଦ୍ୟାଳୟର ତଥ୍ୟ ଚୋରି ହୋଇଥିବା ମଧ୍ୟ ସନ୍ଦେହ କରାଯାଉଛି। ବୁଧବାର ପ୍ରାୟ ୩ରୁ ୪ଘଣ୍ଟା ଧରି ୱେବସାଇଟ କାମ କରି ନ ଥିଲା। ଗୁଗଲରୁ ସିଧାସଳଖ ବିଶ୍ୱବିଦ୍ୟାଳୟ ୱେବସାଇଟକୁ ଗଲେ ସେଥିରେ ଜାପାନୀ ଭାଷା ଆସୁଥିଲା। କେତେକ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ୱେବ୍‌ସାଇଟ୍‌କୁ ଗଲେ ମଧ୍ୟ କୌଣସି ପ୍ରକାର ତଥ୍ୟ ମିଳି ନ ଥିଲା। ତେବେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଇଟ୍ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କହିଛନ୍ତି, ଗୁଗଲର କିଛି ସମସ୍ୟା ଥିବାରୁ ଏପରି ହୋଇଥିଲା। ଗୁଗଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯାଇଛି। କୌଣସି ତଥ୍ୟ ୱେବ୍‌ସାଇଟ୍‌ରୁ ଯାଇ ନ ଥିବା ସେମାନେ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୭ରେ ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍ ହ୍ୟାକ୍ କରାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି ହୋଇଥିଲା। ମାସାଧିକ କାଳ ଏହା କାର୍ଯ୍ୟ କରି ନ ଥିଲା।

ପୂର୍ବ ଭାରତ ବିକାଶର ରୋଡ୍ ମ୍ୟାପ୍‌ରେ ଓଡ଼ିଶା

ବାଲେଶ୍ୱର ଅଫିସ,୩।୬: କେନ୍ଦ୍ରରେ ମୋଦି ସରକାରଙ୍କର ଦ୍ୱିତୀୟ ପାଳିର ପ୍ରଥମବର୍ଷ ପୂରଣ ହୋଇଛି। ଗୋଟିଏ ବର୍ଷରେ କେନ୍ଦ୍ରୀୟସ୍ତରରେ ହୋଇଥିବା ନିଷ୍ପତ୍ତି ଭାରତ ଇତିହାସର କେବେବି ସମ୍ଭବ ହୋଇ ନ ଥିଲା। ତତ୍‌ସହିତ ଓଡ଼ିଶା ପାଇଁ ମଧ୍ୟ ମୋଦି ସରକାର ଗୋଟିଏ ବର୍ଷରେ ଅନେକ ନିଷ୍ପତ୍ତି ନେଇଛନ୍ତି। ଯାହା ଓଡ଼ିଶାବାସୀଙ୍କ ସ୍ମରଣୀୟ ହୋଇ ରହିବ। ମୁଖ୍ୟତଃ ମୋଦିଙ୍କ ଫୋକସ୍‌ରେ ପୂର୍ବଭାରତ ବିକାଶର ରୋଡ ମ୍ୟାପ୍‌ରେ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ଗ୍ରହଣ କରାଯାଇଥିବା ବୁଧବାର ପୂର୍ବାହ୍ନରେ ଆଇଟିଆଇସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରକାଶ କରିଥିଲେ। ୨୦୧୯ରେ ଓଡ଼ିଶାକୁ ଆସିଥିବା 'ଫନି' ମହାବାତ୍ୟା ଠାରୁ ଆରମ୍ଭ କରି ଚଳିତବର୍ଷର 'ଅମ୍ଫନ' ମହାବାତ୍ୟାରେ କେନ୍ଦ୍ରସରକାର ସହାୟତାର ହାତ ବଢ଼ାଇ ପ୍ରଧାନମନ୍ତ୍ରୀ ପ୍ରଶଂସିତ ହୋଇଛନ୍ତି। କେନ୍ଦ୍ରସରକାରଙ୍କ ଟିକସ ରାଜ୍ୟ ଅଂଶ ବାବଦରେ ଓଡ଼ିଶାରୁ ପାଇଥିବା ଟିକସ ଠାରୁ ଯଥେଷ୍ଟ ଅଧିକ ଅନୁଦାନ ସହାୟତା କରିଛନ୍ତି। ସେହିପରି ମହାମାରୀ କରୋନାର ମୁକାବିଲା ପାଇଁ କେନ୍ଦ୍ରସରକାର ରାଜ୍ୟସରକାରଙ୍କୁ ସହଯୋଗ କରିବା ସହିତ ୩ଲକ୍ଷ ୩୦ହଜାରରୁ ଅଧିକ ପ୍ରବାସୀ ଶ୍ରମିକଙ୍କୁ ଫେରାଇ ଆଣିବାରେ ସହଯୋଗ କରିଛନ୍ତି।

ଇସ୍ତଫା ଦେବାର ଦିନକ ପରେ ବୁଝିଗଲେ ଜଗନ୍ନାଥ

ଭୁବନେଶ୍ୱର, ୩।୬(ବ୍ୟୁରୋ): ଭାଜପା ନେତା ଜଗନ୍ନାଥ ପ୍ରଧାନ ତାଙ୍କ ମଙ୍ଗଳବାର ନିଷ୍ପତ୍ତିକୁ ବୁଧବାର ବଦଳାଇ ଦେଇଛନ୍ତି। ପୂର୍ବରୁ ଭାଜପାର ୩୬ ସାଙ୍ଗଠନିକ ଜିଲା ମଧ୍ୟରୁ ୩୪ଟି ପାଇଁ ଜିଲା ସଭାପତି ଚୟନ ଶେଷ ହୋଇଥିଲା। କେବଳ ଭୁବନେଶ୍ୱର ଏବଂ କଳାହାଣ୍ଡି ଜିଲା ସଭାପତି ଚୟନ ସ୍ଥଗିତ ଥିଲା, ଯାହା ମଙ୍ଗଳବାର ଦ୍ୱିପ୍ରହର ସମୟରେ କରାଗଲା। ଏହି ଘୋଷଣାର କିଛି ସମୟ ମଧ୍ୟରେ ଜଗନ୍ନାଥ ପ୍ରଧାନ ଦଳର ଏହି ନିଷ୍ପତ୍ତିରେ ଅସନ୍ତୁଷ୍ଟ ହୋଇ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଦେଲେ। ହେଲେ କାରଣ କ'ଣ ସ୍ପଷ୍ଟ ନ କରି ବୁଧବାର ଦ୍ୱିପ୍ରହର ସମୟରେ ଖବରଦାତା ସମ୍ମିଳନୀରେ ଜଣାଇବେ ବୋଲି ଘୋଷଣା କରିଥିଲେ। ମାତ୍ର ଘୋଷଣା ନ କରି ସବୁକିଛି ସମାଧାନ ହୋଇସାରିଥିବା ସେ କହିଛନ୍ତି। ଜଗନ୍ନାଥ କହିଛନ୍ତି ଯେ, ପରିବାର ଭିତରେ ଯାହା କିଛି ନିଷ୍ପତ୍ତି ନିଆଯିବା ଆଗରୁ ଆଲୋଚନା କରାଯାଏ। ଦଳର ସବୁ ନିଷ୍ପତ୍ତି ମଧ୍ୟ ସେହିଭଳି ନେବା କଥା। କିନ୍ତୁ ଭୁବନେଶ୍ୱର ଜିଲା ସଭାପତି ଚୟନ କ୍ଷେତ୍ରରେ ସେପରି ହେଲାନାହିଁ। ରାଜ୍ୟ ସଭାପତି ସମୀର ମହାନ୍ତି କାହାକୁ ନ ଜଣାଇ ଭୁବନେଶ୍ୱର ଜିଲା ସଭାପତି ଚୟନ କରି ନାଁ ଘୋଷଣା କରିଦେଲେ। ସଭାପତି ସମସ୍ତଙ୍କୁ ବସାଇ ଏହା ଉପରେ ନିଷ୍ପତ୍ତି ନେବାର ଥିଲା; ଯାହା ସ୍ୱାଭିମାନକୁ ବାଧା ଦେଲା। ହେଲେ ବର୍ତ୍ତମାନ ସବୁକିଛି ଠିକ୍ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ସମୀର ମହାନ୍ତି ଅନ୍ୟ ବରିଷ୍ଠ ନେତୃବୃନ୍ଦ ଘରକୁ ଆସି ଆଲୋଚନା କରିଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଫେରାଇନେଇଥିବା କହିଛନ୍ତି।

ଶିଶୁକୁ ହତ୍ୟା ପରେ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ରାଜଧାନୀରେ ହୃଦୟବିଦାରକ ଘଟଣା

ଭୁବନେଶ୍ୱର,୩।୬ (ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ଆଇଗିଣିଆ ରାଜୀବନଗରରେ ଏକ ହୃଦୟ ବିଦାରକ ଘଟଣା ଘଟିଛି। ଜଣେ ମହିଳା ପଡୋଶୀ ଘରର ଜଣେ ୪ ବର୍ଷର ଶିଶୁପୁତ୍ରକୁ ଚଷ୍ଟିପି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପୋଲିସ ପହଞ୍ଚି ଆହତ ମହିଳା ଓ ଶିଶୁଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲା। ହେଲେ ଚିକିତ୍ସାର କିଛି ସମୟ ପରେ ଶିଶୁଟିର ମୃତ୍ୟୁ ଘଟିଛି। ଏ ନେଇ ଖଣ୍ଡଗିରି ଥାନା ପୋଲିସ ଏକ ହତ୍ୟା ମାମଲା (ନଂ.୩୦୫/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ମୁତାବକ, ବୁଧବାର ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟାରେ ରାଜୀବନଗରରେ ରହୁଥିବା ସମୀର ପାତ୍ରଙ୍କ ୪ବର୍ଷର ଶିଶୁପୁତ୍ର ସାଇଶ୍ରୀ ଘର ନିକଟରେ ଖେଳୁଥିଲେ। ପଡୋଶୀ ମହିଳା ତନୁଶ୍ରୀ ପରମାଣିକ ତାଙ୍କୁ ନିଜ ଘରକୁ ଡାକି ନେଇଥିଲେ। ମାତ୍ର କିଛି ସମୟ ପରେ ଘର ଭିତରୁ ତନୁଶ୍ରୀଙ୍କ ଚିତ୍କାର ଶୁଣିବା ପରେ ଅନ୍ୟ ପଡୋଶୀମାନେ ସେଠାକୁ ଦୌଡ଼ିଯାଇଥିଲେ। ଘର ଭିତରେ ହୃଦୟ ବିଦାରକ ଦୃଶ୍ୟ ଦେଖି ସମସ୍ତେ ହତବାକ ହୋଇଯାଇଥିଲେ। ବେକରେ ଲୁଗା ଗୁଡ଼ାଇ ହୋଇଥିବା ଅବସ୍ଥାରେ ଶିଶୁଟି ତଳେ ନସ୍ତେଜ ହୋଇ ପଡିରହିଥିବାବେଳେ ତନୁଶ୍ରୀ ଏକ ରଶିକୁ ବେକରେ ବାନ୍ଧି ଝୁଲି ଚିତ୍କାର କରୁଥିଲେ। ଏହାଦେଖି ସେମାନେ ତୁରନ୍ତ ପୋଲିସକୁ ଖବର ଦେବା ସହ ଉଭୟଙ୍କୁ ଉଦ୍ଧାର କରିଥିଲେ। ପୋଲିସ ଉଭୟଙ୍କୁ ଖଣ୍ଡଗିରିସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

ଏହି ଘଟଣା ପ୍ରଘଟ ହେବା ପରେ ଘଟଣା ଘଟିଥିବା ସ୍ଥାନରେ ଲୋକଙ୍କ ଗହଳି ଲାଗିଥିଲା। ଉକ୍ତ ଗ୍ରାମର ଜଣେ ବ୍ୟକ୍ତି କହିଛନ୍ତି, ସମୀରଙ୍କର ଏକ ଗ୍ରୋସରୀ ଦୋକାନ ରହିଥିବାରୁ ସେ ସବୁବେଳେ ନିଜ ବ୍ୟବସାୟରେ ବ୍ୟସ୍ତ ରୁହନ୍ତି। ଅଭିଯୁକ୍ତ ମହିଳା ତନୁଶ୍ରୀଙ୍କ ସ୍ୱାମୀ ସୁବାସ ପରମାଣିକ ଏକ ହସ୍ପିଟାଲରେ କାର୍ଯ୍ୟ କରନ୍ତି। ଉଭୟ ପଡୋଶୀଙ୍କ ମଧ୍ୟରେ ସମ୍ପର୍କ ଭଲ ଥିଲା। ସମୀରଙ୍କ ଗୋଟିଏ ୬ ବର୍ଷର ଝିଅ ଥିବାବେଳେ ପୁଅ ସାଇଶ୍ରୀଙ୍କୁ ୪ ବର୍ଷ ହୋଇଥିଲା। ଅପରପକ୍ଷରେ ଦୁଇବର୍ଷ ତଳେ ତନୁଶ୍ରୀଙ୍କର ୬ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଥିବାବେଳେ ୫ ବର୍ଷର ଝିଅ ଅଛି। ପୁଅର ମୃତ୍ୟୁ ପରଠାରୁ ତନୁଶ୍ରୀ ମାନସିକ ସ୍ତରରେ ଭାଙ୍ଗି ପଡିଥିଲେ। ପିଲାମାନେ ଏକାଠି ଖେଳିବାକୁ ସେ ପସନ୍ଦ କରୁ ନ ଥିବାବେଳେ ସବୁବେଳେ ବାରଣ କରନ୍ତି। ତେବେ କେଉଁ ପରିସ୍ଥିତିରେ ଏପରି ଅଭାବନୀୟ ଘଟଣା ଘଟିଲା ତାହାର ଖୋଳତାଡ଼ କରୁଛି ପୋଲିସ।

ଖଣ୍ଡଗିରି ଥାନା ଅଧିକାରୀ ରଶ୍ମି ରଞ୍ଜନ ମହାପାତ୍ର କହିଛନ୍ତି, ଶିଶୁଟି ମହିଳାଙ୍କ ଘରକୁ ଖେଳିବାକୁ ଯାଇଥିବାବେଳେ ଏହି ଘଟଣା ଘଟିଛି। ଘଟଣା ପଛରେ ପାରିବାରିକ ଶତ୍ରୁତା ରହିଛି ନା ଅନ୍ୟ କୌଣସି ରହସ୍ୟ ଲୁଚି ରହଛି, ତାହାର ପୁଙ୍ଖାନୁପୁଙ୍ଖନ ତଦନ୍ତ ଜାରି ରହିଛି ବୋଲି ମହାପାତ୍ର କହିଛନ୍ତି।

ପିପିଲି କତା କମ୍ପାନୀରେ ଅଗ୍ନିକାଣ୍ଡ

ପିପିଲି,୩।୬ (ଡି.ଏନ୍.ଏ./ସ୍ୱ.ପ୍ର.)

- ୧୭ ଘଣ୍ଟା ପରେ ନିଆଁ ଆୟତ୍ତ
- ୪୦ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ

ପୁରୀ ଜିଲା ପିପିଲିର ସାତଶଙ୍କ ବଜାରସ୍ଥିତ ଶିରିଆପୁର ଛକ ନିକଟରେ ଥିବା ନ୍ୟାଶନାଲ ଓ ଜ୍ୟୋତି କେୟାର କତା କମ୍ପାନିରେ ମଙ୍ଗଳବାର ରାତିରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ମଙ୍ଗଳବାର ରାତି ୧୧ଟାରେ କୌଣସି କାରଣରୁ ତିନି ମହଲା ବିଶିଷ୍ଟ କତା କମ୍ପାନିରେ ନିଆଁ ଲାଗିଯାଇଥିଲା। କମ୍ପାନୀରୁ ଧୂଆଁ ବାହାରୁ ଥିବା ଦେଖି ପଡ଼ୋଶୀ ଉକ୍ତ କମ୍ପାନୀର ତୃତୀୟ ମହଲାରେ ରହୁଥିବା ମାଲିକଙ୍କୁ ଖବର ଦେଇଥିଲେ। ସପରିବାରକୁ ନେଇ ମାଲିକ ଘରୁ ବାହାରି ଆସିବା ସହ ଦମକଳ ବିଭାଗକୁ ଜଣାଇଥିଲେ। ଖବରପାଇ ପିପିଲି ଓ ସାକ୍ଷୀଗୋପାଳରୁ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁ ଲଭାଇଥିଲେ। କିନ୍ତୁ କମ୍ପାନୀରେ କତା ପରିମାଣ ଅଧିକ ଥିବାରୁ ଅଳ୍ପ ସମୟ ମଧ୍ୟରେ ତଳ ମହଲାରୁ ସମ୍ପୂର୍ଣ୍ଣ କମ୍ପାନୀକୁ ନିଆଁ ବ୍ୟାପିଯାଇଥିଲା। ପରେ ପୁରୀରୁ ଅଗ୍ନିଶମ ସର୍କଲ ଅଧିକାରୀ ବିଚିତ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ ଓ ପୁରୀ ଦମକଳ ବିଭାଗ ଆସି ନିଆଁ ଲିଭାଇବା କାର୍ଯ୍ୟରେ ଲାଗିଥିଲେ। ହେଲେ ନିଆଁ ଚାରିଆଡ଼େ ବ୍ୟାପିଯାଇଥିବାରୁ ଲିଭାଇବାରେ ଅସୁବିଧା ହେଉଥିଲା। ସକାଳ ସମୟ ହୋଇଯାଇଥିବାରୁ ତଳଘର ଟିଣ କାଢ଼ିବା ସହ ଉପର ମହଲା ଛାତ ଘର କାନ୍ଥ ଭଙ୍ଗାଯାଇଥିଲା। ପରେ ପ୍ରାୟ ୧୭ଘଣ୍ଟାର ପରିଶ୍ରମ କରିବା ପରେ ଅପରାହ୍ନ ୨ଟାରେ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିପାରିଥିଲେ। ତେବେ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ନେଇ ଅନୁମାନ କରାଯାଉଥିବା ପୁରୀ ଅଗ୍ନିଶମ ସର୍କଲ ଅଧିକାରୀ ପଣ୍ଡା କହିଛନ୍ତି। ଅନ୍ୟପଟେ ନଷ୍ଟ ହୋଇଥିବା ସମ୍ପତ୍ତିର ମୂଲ୍ୟ ୪୦ଲକ୍ଷ ଟଙ୍କା ହେବ ବୋଲି କମ୍ପାନି ମାଲିକ ଜ୍ୟୋତି ରଞ୍ଜନ ପାତ୍ର କହିଛନ୍ତି। ନିଆଁ ଲିଭା କାର୍ଯ୍ୟରେ କଟକ ଫାୟାର ଅଫିସର ଭାବଗ୍ରାହୀ ଘଡ଼େଇ, ସତ୍ୟବାଦୀ ଷ୍ଟେଶନ ଅଫିସର ମନୋଜ ପାତ୍ର, ପିପିଲି ଷ୍ଟେଶନ ଅଫିସର ଅଜିତ ଗୌଡ଼ ଉପସ୍ଥିତ ଥିଲେ।

ଶ୍ରୀମନ୍ଦିରରେ ପ୍ରବେଶ କଲେ ଦଇତାପତି

ବାହୁଟ କଣ୍ଟ ସରିଲା, ଆଜି ସେନାପଟା ଲାଗି

ପୁରୀ ଅଫିସ, ୩।୬

ଦିନକ ପରେ ଅର୍ଥାତ ଶୁକ୍ରବାର ଦେବସ୍ନାନ ପୂର୍ଣ୍ଣିମା। ଦାରୁଦିଅଁ ପହଣ୍ଡି ହୋଇ ସ୍ନାନବେଦିକୁ ବିଜେ କରିବେ। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ସେବା ପାଇଁ ବୁଧବାର ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ ତିଥିରେ ଦଇତାପତି ସେବକମାନେ ଶ୍ରୀମନ୍ଦିରରେ ପ୍ରବେଶ କରି ବାହୁଟକଣ୍ଟ କରିଛନ୍ତି। ଗୁରୁବାର ସକାଳୁ ସେନାପଟା ଲାଗି ହେବ। ସାକ୍ଷୀଗୋପାଳରୁ ଆସିଥିବା ବଉଳ କାଠରେ ସେନାପଟା ପ୍ରସ୍ତୁତ ହୋଇସାରିଛି। ସେନାପଟା ଲାଗି ସରିବା ପରେ ମଙ୍ଗଳ ଆଳତି ଓ ଅବକାଶ ଆଦି ଅନ୍ୟାନ ନୀତି ସମ୍ପନ୍ନ ହେବ।

ବୁଧବାର ବଡସିଂହାର ସରିବା ପରେ ମହାପ୍ରଭୁଙ୍କୁ ଶ୍ରୀମୁଖ ଖଣ୍ଡୁଆ ପକାଯାଇଥିଲା। ଏହାପରେ ଦଇତାପତି ସେବକମାନେ ରତ୍ନସିଂହାସନ ପାଖକୁ ଯାଇ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ନିମନ୍ତେ ବାହୁଟ କଣ୍ଟ କରିଥିଲେ। ସୁଦର୍ଶନଙ୍କୁ ବଡବାଡ କୋଣ ଖଟୁଲି ଉପରେ ବିଜେ କରାଇଥିଲେ। ବାହୁଟକଣ୍ଟ ସରିବା ପରେ କୋଠ ସୁଆସିଆଁମାନେ ଜଗମୋହନରେ ଥିବା ମାଲଖମ୍ବଗୁଡିକ ରତ୍ନ ସିଂହାସନ ପାଖକୁ ନେଇଥିଲେ। ମହାପ୍ରଭୁଙ୍କ ପହଣ୍ଡି ପାଇଁ ଚାରବାଡ଼ ବନ୍ଧା ଆରମ୍ଭ ହୋଇଥିଲା। ଗୁରୁବାର ଭୋରୁ ସେନାପଟା ଲାଗି ପାଇଁ ସମୟ ନିର୍ଘଣ୍ଟ ହୋଇଛି। ଶୁକ୍ରବାର ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀବିଗ୍ରହ ସ୍ନାନବେଦିରେ ସ୍ନାନ କରିବା ପରେ ଅଣସର ନୀତି ଆରମ୍ଭ ହେବ। ଶନିବାରଠାରୁ ଅଣସର ପଟିରେ ପଟିଦିଅଁ ପୂଜା ପାଇବେ।

ଚମ୍ପକ ଦ୍ୱାଦଶୀ ଅବସରରେ ଦଇତାପତି ସେବକମାନେ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି।

ସେନାପଟା ଲାଗି ନୀତି ନିର୍ଘଣ୍ଟ

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେନାପଟା ଲାଗି ଦିନର ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଛି। କୋଠ ସୁଆଁସିଆମାନେ ଚାର ବାଡ଼ ବାନ୍ଧି ବାହାରିବା ପରେ ଭୋର ୫ଟାରେ ଦଇତାପତି ସେନାପଟା ଲାଗିକୁ ପ୍ରବେଶ କରିବେ। ପୂର୍ବାହ୍ନ ୧୦ଟା ସୁଦ୍ଧା ସେନାପଟା ଲାଗି ସରିବ। ସାଢେ ୧୦ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ବଢିବ। ଅପରାହ୍ନ ସାଢେ ୧ଟାରୁ ସାଢେ ୨ଟା ମଧ୍ୟରେ ଭୋଗମଣ୍ଡପ ବଢିବ। ଅପରାହ୍ନ ୫ଟା ୧୦ରୁ ସନ୍ଧ୍ୟା ସାଢେ ୬ଟା ମଧ୍ୟରେ ଦ୍ୱିତୀୟ ଭୋଗମଣ୍ଡପ ସରିବ। ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢି ରାତ୍ର ସାଢେ ୧୨ଟାରେ ପହୁଡ଼ ସମ୍ପନ୍ନ ହେବ।

ସମ୍ପ୍ରସାରିତ ହେବ ଭିମ୍‌ସାର

ଭୁବନେଶ୍ୱର,୩।୬(ବ୍ୟୁରୋ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ଅଧ୍ୟକ୍ଷତାରେ ବୁଧବାର ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ (ଭିମ୍‌ସାର)ର ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଭୀମ୍‌ସାରର ଭିତ୍ତିଭୂମି ଉନ୍ନୟନ ଦିଗକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ସହ ସମ୍ପ୍ରସାରଣ କ୍ଷେତ୍ରରେ ଜମି ଅଧିଗ୍ରହଣ ଓ ବନ୍ଦୋବସ୍ତ ବିଷୟରେ ଆଲୋଚନା ହୋଇଥିଲା। ଜଳସମ୍ପଦ ବିଭାଗ ଅଧୀନରେ ଥିବା ୭୯ଏକର ଜମିକୁ ଅଣାଯାଇ ଏଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା, ଭୀମସାର ଅଧୀନରେ ଥିବା ଜମିଜମାର ରେକର୍ଡ ସଂଶୋଧନ ସହ ସୀମା ନିର୍ଦ୍ଧାରଣ, ବେଆଇନ ଦାଖଲ ଉଚ୍ଛେଦ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରି ପାଚେରି ନିର୍ମାଣ କାର୍ଯ୍ୟ କରିବାକୁ ଆଲୋଚନା ହୋଇଥିଲା।

କୁକୁଡ଼ା ମାଂସ, ଅଣ୍ଡା ଖାଇବା ନିରାପଦ

ଭୁବନେଶ୍ୱର, ୩।୬(ବ୍ୟୁରୋ)

କୁକୁଡ଼ା ମାଂସ ଓ ଅଣ୍ଡା ଖାଇବା ଦ୍ୱାରା କରୋନାଠାରୁ ଅଧିକ ଭୟଙ୍କର ରୋଗ ବ୍ୟାପିବାର ଏକ ଖବର ପ୍ରସାରିତ ହେବାରେ ଲାଗିଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ଗୁଜବ ବୋଲି ବୁଧବାର ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ନିର୍ଦ୍ଦେଶାଳୟର କହିବାନୁଯାୟୀ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କିମ୍ବା ବିଶ୍ୱ ପ୍ରାଣୀ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଏ ସମ୍ବନ୍ଧରେ କୌଣସି ତଥ୍ୟ ଜାରି କରାଯାଇ ନାହିଁ। କୁକୁଡ଼ା ମାଂସ ଓ ଅଣ୍ଡା ଖାଇବା ଦ୍ୱାରା କରୋନା ଭୂତାଣୁ କିମ୍ବା ତା'ଠାରୁ ଭୟଙ୍କର ଅନ୍ୟ କୌଣସି ରୋଗ ସଂକ୍ରମଣର ଏଯାବତ୍ କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ। ବିଗତ ଦିନଗୁଡ଼ିକରେ ଘଟିଯାଇଥିବା ଯେକୌଣି ସଂକ୍ରମଣ ଯଥା ୨୦୦୨-୦୩ରେ ସାର୍ସ, ୨୦୧୨-୧୩ରେ ମର୍ସ କିମ୍ବା ସାଧାରଣ ଥଣ୍ଡାକାଶ କେବେବି କୁକୁଡ଼ା ମାଂସ ଓ ଅଣ୍ଡା ଦ୍ୱାରା ବ୍ୟାପି ନାହିଁ। ତେଣୁ ଉପଲବ୍ଧ ତଥ୍ୟକୁ ଭିତ୍ତିକରି କୁକୁଡ଼ା ମାଂସ ଓ ଅଣ୍ଡା ଖାଇବା ନିରାପଦ। ତେବେ କୁକୁଡ଼ା ମାଂସ, ଅଣ୍ଡା ଓ ଅନ୍ୟାନ୍ୟ କୁକ୍ଟଜାତୀୟ ପଦାର୍ଥ ସଂସ୍ପର୍ଶରେ ଆସିବା ସମୟରେ ପରିଷ୍କାର ପରିଚ୍ଛନ୍ନତା ଅବଲମ୍ବନ କରିବା ନିତାନ୍ତ ଆବଶ୍ୟକ। ନିୟମିତ ବ୍ୟବଧାନରେ ସାବୁନରେ ହାତ ଧୋଇବା, କୁକୁଡ଼ା ମାଂସ ଓ ଅଣ୍ଡା ରହିବା ସ୍ଥାନକୁ ସଫାସୁତୁରା ରଖିବା, କଞ୍ଚା କୁକୁଡ଼ା ମାଂସକୁ ଅନ୍ୟାନ୍ୟ ଖାଦ୍ୟ ଦ୍ରବ୍ୟଠାରୁ ଅଲଗା ରଖିବା ଏବଂ କୁକୁଡ଼ା ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଇବା ଉଚିତ। ଅଯଥା ଭୟଭୀତ ନ ହେବାକୁ ନିର୍ଦ୍ଦେଶାଳୟ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି।

ତିନିରଥରେ ଲାଗିଲା ଛନ୍ଦା ଗୟଳ

ପୁରୀ ଅଫିସ,୩।୬

ବୁଧବାର ପ୍ରତି ରଥରେ ଦୁଇଟି ଲେଖାଏ ଛନ୍ଦା ଗୟଳ ଫିଟିଂ କରାଯାଇ କଣ୍ଟା ବାଡ଼ିଆ ସରିଛି। ତିନିରଥର ୧୪ ନାହାକା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗାରେଡ଼ି କାମ ଶେଷ ହୋଇଛି। ପ୍ରତି ରଥରେ ୮ଟି ଲେଖାଏ ଗାରେଡ଼ି ଲାଗେ। ଏହା ନାଟଗୋଡ଼ରେ ଫିଟିଂ କରାଯାଏ। ଅନ୍ୟପକ୍ଷରେ ଗୟଳ ଆଗରେ ଏବଂ କଇଁଚି ଉପରେ ଗୋଟିଏ ଲେଖାଏ ଲାଗୁଥିବା ଢମକ ଚଉପଟ କାମ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳବେଦି ପରିସର ଅସ୍ଥାୟୀ କମାରଶାଳରେ ଓଝା ସେ

ସଂକ୍ଷେପରେ

ମୋବାଇଲ ଟର୍ଚ୍ଚରେ ରୋଗୀ ଚିକିତ୍ସା

ନୟାଗଡ଼ ଅଫିସ, ୩।୬: ମୋବାଇଲ ଟର୍ଚ୍ଚରେ ରୋଗୀ ଚିକିତ୍ସା। ନୟାଗଡ଼ ଜିଲା ରଣପୁର ବ୍ଲକର ସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଘଟଣା ଦେଖିବାକୁ ମିଳିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବିନୋଦପଡା ଛକରେ ଘଟିଥିଲା ଦୁର୍ଘଟଣା। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗାଁର ସୁରେଶ ବରାଡ(୩୦) ବାଇକ୍‌ରେ ନୟାଗଡରୁ ଘରକୁ ଫେରୁଥିଲେ। ଏକ ଅଜଣା କାର୍ ସାଇଟ୍ ମାରିବାରୁ ସେ ବାଇକ୍‌ରୁ ପଡି ଗୁରୁତର ହୋଇଥିଲେ। ତାଙ୍କୁ ସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଶରୀରରେ କ୍ଷତ ସୃଷ୍ଟି ହୋଇଥିବାରୁ ଷ୍ଟିଚ୍ ପକାଇବା ପାଇଁ ତାଙ୍କୁ ଡ୍ରେସିଂ ରୁମ୍‌କୁ ନିଆଯାଇଥିଲା। ହେଲେ କୌଣସି କାରଣରୁ ସେଠାରେ ଥିବା ଲାଇଟ୍ ଫ୍ୟୁଜ୍ ହୋଇଯାଇଥିଲା। ଏଭଳିସ୍ଥଳେ ଦୁଇଜଣ ଯୁବକ ମୋବାଇଲ ଟର୍ଚ୍ଚ ପକାଇବା ପରେ ଆଟେଣ୍ଡେଣ୍ଟ ଷ୍ଟିଚ୍ ପକାଇଥିଲେ।

ଦେଖାଇଲେ ମାନବିକତା

ଦୁର୍ଘଟଣା ପରେ ସୁରେଶ ଜାତୀୟ ରାଜପଥରେ ଅଚେତ ଅବସ୍ଥାରେ ପଡିରହିଥିଲେ। ତାଙ୍କ ପାଖରେ ଥିବା ୫୦ହଜାର ଟଙ୍କା ଓ ଦୁଇଟି ମୋବାଇଲ ମଧ୍ୟ ରାସ୍ତାରେ ବିଛାଡିହୋଇ ପଡିଥିଲା। ଏହି ସମୟରେ ଅଞ୍ଚଳର ୫ ଯୁବକ ପହଞ୍ଚି ଟଙ୍କା, ମୋବାଇଲ ସଂଗ୍ରହ କରି ରଖିବା ସହ ସୁରେଶଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସାମାନ୍ୟ ସୁସ୍ଥ ହେବା ପରେ ସମ୍ପୃକ୍ତ ଯୁବକମାନେ ତାଙ୍କୁ ଟଙ୍କା, ମୋବାଇଲ ସହ ବାଇକ୍ ଫେରାଇ ମାନବିକତା ଦେଖାଇଥିଲେ। ଏଥିରେ ଖବରଦାତା ଆର୍ତ୍ତତ୍ରାଣ ପ୍ରଧାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା।

କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୬୧

କେନ୍ଦ୍ରାପଡ଼ା ଅଫିସ, ୩।୬: ବୁଧବାର ନୂଆ ୯ଜଣଙ୍କୁ ମିଶାଇ କେନ୍ଦ୍ରାପଡ଼ା ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୬୧ରେ ପହଞ୍ଚିଛି। ଇତିମଧ୍ୟରେ ୮୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ନୂତନ ଚିହ୍ନଟଙ୍କ ମଧ୍ୟରୁ ଗୁଜରାଟରୁ ୫ ଜଣ ଏବଂ ମହାରାଷ୍ଟ୍ର ଓ ତାମିଲନାଡୁରୁ ୨ଜଣ ଲେଖାଏ ଜିଲାକୁ ଫେରିଛନ୍ତି। ଚିହ୍ନଟ ବ୍ୟକ୍ତିମାନେ ଜିଲାର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ଥିବାରୁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ନ ଥିବା ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ରାଜଧାନୀରେ ହନୁମାନ ପଇସା ର୍ୟାକେଟ

ଭୁବନେଶ୍ୱର,୩।୬ (ବ୍ୟୁରୋ)

ହନୁମାନ ପଇସାକୁ ନେଇ ରାଜ୍ୟରେ ଏକାଧିକ ର୍ୟାକେଟ ସକ୍ରିୟ ରହିଛି। ଏଯାଏ ଏଭଳି କିଛି ଦୁର୍ଲଭ ପଇସା ମିଳି ନ ଥିଲେ ମଧ୍ୟ ଏହି ମାୟାରେ ପଡ଼ି ବହୁ ଲୋକ ବରବାଦ ହୋଇଥିବା ନଜିର ରହିଛି। କାମଧନ୍ଦା ଛାଡ଼ି ହନୁମାନ ପଇସା ଖୋଜିବାରେ ଲାଗିପଡ଼ିଛନ୍ତି ବହୁ ଗୋଷ୍ଠୀ। ତେବେ ରାଜଧାନୀ ଭୁବନେଶ୍ୱର ର୍ୟାକେଟର ଆଞ୍ଚାଳ ରହିଥିବାରୁ ସେମାନେ ବାରମ୍ବାର ଏଠାକୁ ଦୌଡ଼ି ଠକେଇର ଶିକାର ହେଉଛନ୍ତି। ବହୁ କୋଟି ଟଙ୍କାର ଲୋଭରେ ପଡ଼ି ଲକ୍ଷଲକ୍ଷ ଟଙ୍କା ହରାଉଛନ୍ତି। ଏଭଳି ଠକେଇ ର୍ୟାକେଟ ରାଜଧାନୀରୁ ପଶ୍ଚିମଓଡ଼ିଶା ଲମ୍ବିଛି। ବରଗଡ଼ ସୋହେଲା ଅଞ୍ଚଳର ୧୫ଜଣ ଚାଷୀ ୩ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହରାଇବା ସହ ଭୁବନେଶ୍ୱରରେ ନାନା ହଟହଟାର ସମ୍ମୁଖୀନ ହୋଇଛନ୍ତି। ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହେବାପରେ ପୋଲିସ ମାମଲା (ନଂ.୧୮୯/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହ ଠକେଇର ଶିକାର ହୋଇଥିବା ଚାଷୀଙ୍କ ବୟାନ ରେକର୍ଡ କରାଯାଇଛି।

ଅଭିଯୋଗ ଅନୁଯାୟୀ, ସୋହେଲା ଅଞ୍ଚଳର ଜଣେ ଚାଷୀଙ୍କର ଏକ ଫାର୍ମ ହାଉସ୍ ରହିଛି। ସେହି ଗ୍ରାମର ଜଣେ ବୃଦ୍ଧ ତାଙ୍କ ନିକଟରେ ହନୁମାନ ପଇସା ଥିବା ଜଣାଇଥିଲେ। ଭୁବନେଶ୍ୱରରୁ ଏକ ଟିମ୍ ଯାଞ୍ଚ ପାଇଁ ଆସିବ, ତେଣୁ ଫାର୍ମ ହାଉସ୍‌ର ଏକ ଘର ଦେବାକୁ କହିଥିଲେ। ୫ଶହ କୋଟି କଥା ଶୁଣି ଚାଷୀ ଜଣକ ରାଜି ହୋଇଯାଇଥିଲେ। ପରଦିନ ଏକ କାରରେ ୩ଜଣ ଅଜଣା ବ୍ୟକ୍ତି ସେଠାରେ ପହଞ୍ଚି ହନୁମାନ ପଇସାକୁ ପରୀକ୍ଷା କରି ଅସଲି ଥିବା ଜଣାଇଥିଲେ। ଟଙ୍କା ପାଇବାକୁ ହେଲେ ୫ଜଣରୁ ଅଧିକ ଚାଷୀଙ୍କୁ ନେଇ ଗ୍ରୁପ୍ କରିବାକୁ ହେବ ଓ ସମସ୍ତଙ୍କର କରେଣ୍ଟ ଆକାଉଣ୍ଟ ଭୁବନେଶ୍ୱରରେ ଖୋଲିବାକୁ ପଡ଼ିବ। ଏଥିପାଇଁ ପ୍ରତି ଆକାଉଣ୍ଟରେ ୧୮ହଜାର ୬ଶହ ଲେଖାଏ ଜମା ରଖିଲେ ୨ଶହ କୋଟି ଲେଖାଏ ଟଙ୍କା ଆସିବ ବୋଲି ସମ୍ପୃକ୍ତ ବ୍ୟକ୍ତିମାନେ କହି ଚାଲି ଆସିଥିଲେ। ଲୋଭରେ ପଡ଼ି ଚାଷୀମାନେ ଟଙ୍କା ସଂଗ୍ରହ କରି ଅପେକ୍ଷାରେ ରହିଥିଲେ। ଫୋନ୍‌କଲ ପାଇବା ପରେ ୯ଜଣ ଚାଷୀ ହନୁମାନ ପଇସା ଓ ଆକାଉଣ୍ଟରେ ଜମା ପାଇଁ ଆବଶ୍ୟକ ଟଙ୍କା ଧରି ମାର୍ଚ୍ଚ ୧୫ରେ ଭୁବନେଶ୍ୱର ଆସିଥିଲେ। କ୍ୟାପିଟାଲ ଥାନା ଅଞ୍ଚଳରେ ଥିବା ଏକ ଲଜ୍‌ରେ ରହିଥିଲେ। ଉକ୍ତ ଠକ ଗ୍ୟାଙ୍ଗ୍ ସେଠାରେ ପହଞ୍ଚି ତାଙ୍କ ସହ ଯାଇଥିବା ଆଉଜଣେ ବ୍ୟକ୍ତିଙ୍କୁ ଏକ ବ୍ୟାଙ୍କ୍‌ର ଏରିଆ ମ୍ୟାନେଜର ପରିଚୟ ଦେଇ ଆକାଉଣ୍ଟ ଖୋଲିବା ପାଇଁ ଆବଶ୍ୟକ ଡକ୍ୟୁମେଣ୍ଟ ଓ ୧୮ ହଜାର ଶଶହ ଟଙ୍କା ଲେଖାଏ ନେଇଥିଲେ। ସପ୍ତାହକ ମଧ୍ୟରେ ଆକାଉଣ୍ଟକୁ ଟଙ୍କା ଆସିଯିବ ବୋଲି କହି ଘରକୁ ପଠାଇ ଦେଇଥିଲେ। ପରେ ଲକ୍‌ଡାଉନ୍ ପାଇଁ କମ୍ପାନୀର ନିୟମ ବଦଳିଯାଇଥିବା ଜଣାଇ ଗୋଟିଏ ଗ୍ରୁପରେ ୧୫ଜଣ ରହିଲେ ଟଙ୍କା ଆସିବ ବୋଲି କହିବାରୁ ସେହି ୯ଜଣ ଚାଷୀ ଆଉ ୬ଜଣ ଚାଷୀଙ୍କୁ ଧରି କାର୍ ଭଡ଼ା କରି ଭୁବନେଶ୍ୱର ଆସିଥିଲେ। ସେମାନଙ୍କ ବିଶ୍ୱାସ ଜନ୍ମାଇବା ପାଇଁ ପ୍ରଥମେ ଟଙ୍କା ଦେଇଥିବା ୯ଜଣ ଚାଷୀଙ୍କ ନାଁରେ ୫ଲକ୍ଷ ଟଙ୍କା ଆସିଥିବା ଜଣାଇ ରାଜମହଲ ଛକକୁ ଡାକିଥିଲେ। ସୋମବାର ୩ଜଣ ଚାଷୀ କାର୍‌ରେ ଉକ୍ତ ସ୍ଥାନରେ ପହଞ୍ଚିବା ପରେ ସେମାନଙ୍କଠାରୁ ଅନ୍ୟ ୬ଜଣ ଚାଷୀଙ୍କ ପରିଚୟପତ୍ର ସହ ୧୮ହଜାର ୬ଶହ ଲେଖାଏ ଟଙ୍କା ନେଇ ୫ଜଣଙ୍କ ନାଁରେ ଥିବା ଚେକ୍ ଧରାଇ ଦେଇଥିଲେ। ଏହାପରେ ଚାଷୀମାନେ ନିକଟରେ ଥିବା ଏକ ବ୍ୟାଙ୍କ୍‌କୁ ଯାଇ ଉକ୍ତ ଚେକ୍‌କୁ ଯାଞ୍ଚ କରିବା ପରେ ତାହା ନକଲି ଥିବା ଜଣାପଡ଼ିଥିଲା। ସେତେବେଳକୁ ଠକମାନେ ଚମ୍ପଟ ମାରିଥିଲେ ଓ ଯୋଗାଯୋଗ କରୁଥିବା ମୋବାଇଲ୍ ଫୋନ୍ ମଧ୍ୟ ଲାଗି ନ ଥିଲା।

ପଶ୍ଚିମ ଓଡ଼ିଶାକୁ ଚେର ଲମ୍ବିଛି

- ବରଗଡ଼ର ୧୫ ଚାଷୀଙ୍କଠାରୁ ଠକିନେଲେ ୩ଲକ୍ଷ
- ୨ କୋଟିର ଲୋଭ ଦେଖାଇ ଧରାଇଥିଲେ ନକଲି ଚେକ୍
- ରାଜଧାନୀକୁ ଆସି ହଟହଟା ହୋଇ ଫେରିଲେ

କରୋନା ମ୍ୟାପ୍‌ରେ ରାୟଗଡ଼ା

ରାୟଗଡ଼ା ଅଫିସ,୩।୬

ଚିହ୍ନଟ ହେଲେ ଜଣେ ସଂକ୍ରମିତ

ଓଡ଼ିଶାର ୨୯ ଜିଲାରେ କରୋନା ତା'ର ପ୍ରଭାବ ବିସ୍ତାର କରିଥିଲା। ମାତ୍ର ରାୟଗଡା ଜିଲାକୁ ଛୁଇଁ ପାରି ନ ଥିଲା। ଫଳରେ ରାୟଗଡା ଜିଲା ଗ୍ରୀନ୍ ଜୋନ୍‌ରେ ରହି ଆସିଥିଲା। ମାତ୍ର ବୁଧବାର ଏହାର ରୂପରେଖ ବଦଳିଯାଇଛି। ରାୟଗଡା ଜିଲାକୁ ଛୁଇଁ କରୋନା ରାଜ୍ୟର ୩୦ ଜିଲା ପୂର୍ଣ୍ଣ କରିଛି। ରାୟଗଡ଼ାରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏ ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟ୍ୱିଟ କରି ସୂଚନା ଦେଇଛନ୍ତି। ଆକ୍ରାନ୍ତ ଜଣକ ଯୁବତୀ, ସେ ଦିଲ୍ଲୀ ଫେରନ୍ତା ବୋଲି ଜଣାପଡ଼ିଛି। କୌଣସି କାମରେ ସେ ପୂର୍ବରୁ ଦିଲ୍ଲୀଯାଇ ସେଠାରେ ଥିଲେ। ଗତମାସରେ ଦିଲ୍ଲୀରୁ ଏକ କାର ଯୋଗେ ଫେରି ପ୍ରଶାସନର ନିୟମ ଅନୁସାରେ ପଞ୍ଜୀକରଣ କରି ସେ ହୋମ୍ କ୍ୱାରାଣ୍ଟାଇନରେ ଥିଲେ। ରାୟଗଡ଼ା ରାମକୃଷ୍ଣ ନଗରରେ ଏକ ଭଡ଼ା ଘରେ ସପରିବାର ରହୁଥିବା ଏହି ଯୁବତୀ ଜଣକ ଗତ ୨୮ ତାରିଖରେ ଥଣ୍ଡାସର୍ଦ୍ଦି ସହ ଅସୁସ୍ଥ ଅନୁଭବ କଲେ। ୨୯ରେ ତାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା। ବୁଧବାର ରିପୋର୍ଟ ପଜିଟିଭ୍ ଆସିଛି। ପ୍ରଶାସନ ପକ୍ଷରୁ ତାଙ୍କ ନିଜ ଗ୍ରାମ ରାୟଗଡ଼ା ସଦରର ଓଡୁଗୁଡ଼ା ଏବଂ ରାମକୃଷ୍ଣ ନଗର ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ରୂପେ ଘୋଷଣା କରାଯାଇଛି। କୋରାପୁଟ ଜଙ୍କସନଠାରୁ ରାମକୃଷ୍ଣ ନଗର ମ୍ୟୁନିସିପାଲିଟି ଅଫିସ ଜଙ୍କସନ ପର୍ଯ୍ୟନ୍ତ ଅଞ୍ଚଳରେ ଥିବା ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ବସ୍‌ଷ୍ଟାଣ୍ଡ ଅଞ୍ଚଳର କେତେକ ରେଷ୍ଟୁରାଣ୍ଟ ମଧ୍ୟ ବନ୍ଦ ରହିବ। ଏହା ଆସନ୍ତା ୭ ତାରିଖ ଯାଏ ବଳବତ୍ତର ରହିବ। ଏହି ୨ଟି ଅଞ୍ଚଳର ଲୋକେ ବାହାରକୁ ଆସିବା ଏବଂ ବାହାରୁ ଉକ୍ତ ଅଞ୍ଚଳକୁ ସାଧାରଣ ଲୋକଙ୍କ ଯାତାୟାତ ଉପରେ କଟକଣା ଜାରି କରାଯାଇଛି। ଦୁଇ ଅଞ୍ଚଳର ସମସ୍ତଙ୍କ ଲୋକଙ୍କୁ ହୋମ କ୍ୱାରାଣ୍ଟାଇନରେ ରହିବାକୁ କୁହାଯାଇଛି ବୋଲି ଜିଲାପାଳ ପ୍ରମୋଦ କୁମାର ବେହେରା କହିଛନ୍ତି। ସମ୍ପୃକ୍ତା ଯୁବତୀଙ୍କ ସଂସ୍ପର୍ଶରେ କେଉଁମାନେ ଆସିଛନ୍ତି ସେନେଇ ପ୍ରଶାସନ ପକ୍ଷରୁ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଛି।

ଚୌଧୁରୀ ଟିକରପଡ଼ା ଗାଁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା

ଦିଗପହଣ୍ଡି,୩।୬(ଡି.ଏନ.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ା ପଞ୍ଚାୟତର ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ, ତାଙ୍କ ସ୍ୱାମୀ, ୨ ଆଶାକର୍ମୀ ଓ ଜଣେ ଅଙ୍ଗନୱାଡ଼ି ସହାୟିକାଙ୍କ ସମେତ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୮ଜଣ କରୋନା ପଜିଟିଭ ହୋଇଛନ୍ତି। ଏହା ଜଣାପଡ଼ିବା ପରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅନୁମୋଦନକ୍ରମେ ବୁଧବାର ମଧ୍ୟାହ୍ନରୁ ପଞ୍ଚାୟତକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ଏହି ସୂଚନା ଦେଇଛନ୍ତି।

ପଞ୍ଚାୟତର ଏହି ୧୩ ଜଣଙ୍କ ସ୍ୱାବ୍ ପରୀକ୍ଷା ରିପୋର୍ଟ ମଙ୍ଗଳବାର ରାତିରେ ମିଳିଥିଲା। ଏମାନେ ସଂକ୍ରମିତ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ପ୍ରଶାସନକୁ ସୂଚନା ଦିଆଯାଇଥିଲା। ଦିଗପହଣ୍ଡି ବିଡିଓ ହଳଧର ଶବର, କୋଭିଡ-୧୯ ନୋଡାଲ ଅଧିକାରୀ ରାଜ କିଶୋର ପଟ୍ଟନାୟକ, ଚିକିତ୍ସା ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ, କେ.ନୂଆଗାଁ ଥାନା ଆଇଆଇସି ମାଧବାନନ୍ଦ ନାୟକ ପ୍ରମୁଖ ମଙ୍ଗଳବାର ରାତି ପ୍ରାୟ ୧ଟାରେ ସମ୍ପୃକ୍ତ ଇଲାକାକୁ ସିଲ୍ କରିଥିଲେ। ୧୩ ସଂକ୍ରମିତଙ୍କୁ ରାତି ୪ଟା ସୁଦ୍ଧା ଶୀତଳାପଲ୍ଲୀସ୍ଥିତ କୋଭିଡ୍ ହସ୍ପିଟାଲକୁ ପଠାଯାଇଥିଲା। ବୁଧବାର ବ୍ରହ୍ମପୁର ଉପଜିଲାପାଳ ସିଦ୍ଧେ ଦତ୍ତାତ୍ରୟ ଭାଉ ସାହେବ ଚୌଧୁରୀ ଟିକରପଡ଼ା, ଗୌଡଗାଁ, ବଜ୍ରଗୁମ୍ଫା, ଜେପାପେଣ୍ଡ, ଭ୍ରମରପୁର ଆଦି ଗାଁକୁ ଯାଇ ପ୍ରଶାସନିକ ଅଧିକାରୀ, ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ସଞ୍ଜୁକ୍ତା ଚଣ୍ଡଙ୍କ ସହ ସବିଶେଷ ଆଲୋଚନା କରିଛନ୍ତି।

ସୂଚନାଯୋଗ୍ୟ, ଗତ ୨୮ ତାରିଖରେ ଚୌଧୁରୀ ଟିକରପଡ଼ା ସଙ୍ଗରୋଧ କେନ୍ଦ୍ରରୁ ୪ ପଜିଟିଭ ଚିହ୍ନଟ ହେବା ପରେ ସରପଞ୍ଚ ପଞ୍ଚାୟତକୁ ଏକ ସପ୍ତାହ ପାଇଁ ଶଟ୍‌ଡାଉନ ଘୋଷଣା କରିଥିଲେ। ବୁଧବାର ଏହି ସମୟ ସୀମା ସରିବା ପରେ ପୁଣି ୨ୟ ଥର ପାଇଁ ପଞ୍ଚାୟତ ଶର୍ଟଡାଉନ କରାଯାଇଛି। ପଞ୍ଚାୟତରେ କେହି ଘରୁ ନ ବାହାରିବା ପାଇଁ ମାଇକ ଯୋଗେ ପ୍ରଚାର କରାଯାଇଛି। ଚାନ୍ଦପୁର-ନୂଆପଡ଼ା-ଭ୍ରମରପୁର ମୁଖ୍ୟ ରାସ୍ତାକୁ ସିଲ୍ କରାଯାଇଥିବାରୁ ବୁଧବାର ସକାଳୁ ଗାଡ଼ି ଚଳାଚଳ ବନ୍ଦ ରହିଛି। ପଞ୍ଚାୟତର ବିଭିନ୍ନ ଗାଁକୁ ବଫର ଜୋନ କରିବା ନିମନ୍ତେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ ବିଚାରବିମର୍ଶ ଚାଲିଛି।

ବଜ୍ରଗୁମ୍ଫା ଗାଁ ପ୍ରବେଶ ପଥରେ ବ୍ୟାରିକେଡ କରାଯାଇଛି।

- ସ୍ୱାସ୍ଥ୍ୟକର୍ମୀ, ୨ ଆଶା କର୍ମୀଙ୍କ ସମେତ ୧୩ ପଜିଟିଭ ଚିହ୍ନଟ
- ନୂଆପଡ଼ା-ଭ୍ରମରପୁର ମୁଖ୍ୟରାସ୍ତା ସିଲ୍
- ଘରୁ ନ ବାହାରିବା ପାଇଁ ମାଇକ ଯୋଗେ ପ୍ରଚାର

ନୟାଗଡ଼ ସୀମା ଜଙ୍ଗଲରେ ମାଓବାଦୀ କ୍ୟାମ୍ପ ଠାବ

ଫୁଲବାଣୀ ଅଫିସ, ୩।୬

କନ୍ଧମାଳ ଜିଲାରେ ଏସ୍‌ଓଜି ଏବଂ ଡିଭିଏଫ୍ ଯବାନଙ୍କ ଦ୍ୱାରା ମିଳିତ କୋମ୍ବିଂ ବେଳେ ନୟାଗଡ ଜଙ୍ଗଲ ସୀମାରେ ଏକ ମାଓବାଦୀ କ୍ୟାମ୍ପ ବୁଧବାର ଠାବ ହୋଇଛି। ଏହି ଘଟଣାରେ ଗୁଳି ବିନିମୟ ହୋଇ ନ ଥିବାବେଳେ ସେଠାରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ସେଥି ମଧ୍ୟରେ ରହିଛି ୱାକି ଟକି, ଡିଜିଟାଲ କ୍ୟାମେରା, ଇନ୍‌ଫ୍ୟାରେଡ ୱାଇଲ୍ଲ ଲାଇଫ୍ କ୍ୟାମେରା, କିଛି କାଗଜ ପତ୍ର, ମାଓବାଦୀ ପୋଷାକ ଏବଂ କ୍ୟାମ୍ପ ପାଇଁ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ। କୋମ୍ବିଂ ଅପରେଶନ କନ୍ଧମାଳ-ନୟାଗଡ ସୀମାରେ ହୋଇଥିବା କନ୍ଧମାଳ ଏସ୍‌ପି ପ୍ରତୀକ ଗୀତା ସିଂ ସୂଚନା ଦେଇଛନ୍ତି।

ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER
MAYURBHANJ LIFT IRRIGATION DIVISION, KARANJIA
Telephone No: 06796 220202, E-mail- olickja@ymail.com
e - Procurement Notice
BID ID NO. 08 EELID (KJA/2020-21) DATED 26.05.2020

No.CAD-105:- The Executive Engineer, Lift Irrigation Division, Karanjia, invites tender through e-procurement in shape of Item rate bids in online mode for the work: Installation & Energisation including power supply work of 97 Nos. New L.I. Projects from L.I. Sub-Division, Karanjia/Rairangpur under BKVY RIDF- 2020-21on Turnkey basis in Mayurbhanj district. The work is to be completed within 90 days from C & B class license holding contractors as described in the DTCN having experience of min 5 years or 20 successful departmental works in their name, having valid labour license & having both valid H.T. Electrical License issued by E.L.B.O. & Valid Civil License. (No Joint Venture is allowed) SC/ST contractors are allowed only 3 works awarded in their name (*not name of Firm/Company) in a year. (As per instructions of Deptt. Authorities) Any deviations found will be rejected. The bids should be submitted only online in the website: **www.tendersodisha.gov.in**

Procurement Officer	Bid identification No/Date	Availability of tender on online for bidding		Date & time of opening of tender
		Date & time of publishing	Date & time of closing	
Executive Engineer, L.I. Division, Karanjia	08/26.05.2020	02.06.2020 10.00 A.M.	09.06.2020 5.00 P.M.	10.06.2020 At 11 A.M.

The details are available in the Government Tender Website i.e. **www.tendersodisha.gov.in**. Any other related documents are available in the DTCN for bidding.

Sd./- Executive Engineer, L.I.Division, Karanjia
OIPR-32293/11/0001/2021

ଭ୍ୟାନ୍ ଓଲଟି ୨ ମୃତ ୨୦ ଗୁରୁତର

ଜୟପୁର/ବୋରିଗୁମ୍ଫା,୩।୬ (ଡି.ଏନ.ଏ./ନି.ପ୍ର.): କୋରାପୁଟ ଜିଲା ବୋରିଗୁମ୍ଫା ବ୍ଲକ ବି.ସିଙ୍ଗପୁର ଥାନା ଗୁରୁମାଇଗୁଡା ରାସ୍ତାର ଏକ ପୋଲ ନିକଟରେ ବୁଧବାର ଭାରସାମ୍ୟ ହରାଇ ଏକ ଭ୍ୟାନ୍ ଓଲଟି ପଡିଛି। ଫଳରେ ଏଥିରେ ଥିବା ୨ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ମୃତକ ହେଲେ ବୋରିଗୁମ୍ଫା ଥାନା ମୁଣ୍ଡିଗୁଡା ଗ୍ରାମର ଚଞ୍ଚଳା ଜାନି ଓ ଡୁଳସା ଜାନି। ଆହତଙ୍କୁ ବୋରିଗୁମ୍ଫା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ୪ଜଣ ଗୁରୁତର ଯାତ୍ରୀଙ୍କୁ ଜୟପୁର ସ୍ଥାନାନ୍ତର କରାଯାଇଛି। ମୁଣ୍ଡିଗୁଡା ଗ୍ରାମରୁ ବି.ସିଙ୍ଗପୁର ଥାନା ଅଞ୍ଚଳର ତୋକିଗୁଡା ଗ୍ରାମକୁ ଏକ ବିବାହ କାର୍ଯ୍ୟରେ ଯୋଗଦେବାକୁ ଯାତ୍ରୀ ଯାଉଥବାବେଳେ ଭ୍ୟାନଟି ଓଲଟି ପଡିଥିଲା।

ତହସିଲଦାରଙ୍କ କାର୍ଯ୍ୟାଳୟ, ନର୍ଲା, କଳାହାଣ୍ଡି
ସଂଖ୍ୟା:1115 ତାରିଖ :11.06.2020
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନର୍ଲା ତହସିଲ ଅନ୍ତର୍ଗତ ସୈରାତ ଉସଗୁଡିକର 5 ବର୍ଷ ପାଇଁ ତହସିଲ କାର୍ଯ୍ୟାଳୟର ବିଜ୍ଞପ୍ତି ସଂଖ୍ୟା 1091 ତା29.05.2020ରେ ପ୍ରକାଶନ କରାଯାଇଥିଲା । ଉକ୍ତ ପ୍ରକାଶନର ସମସ୍ତ ବିଷୟବସ୍ତୁ ଅପରିବର୍ତ୍ତିତ ରହି କେବଳ କ୍ର.ନଂ. 06ରେ ଉଲ୍ଲେଖ ଥିବା ସର୍ତ୍ତାବଳୀ ସଂଶୋଧନ କରାଯାଇଅଛି ।
ଏହାର ସବିଶେଷ ତଥ୍ୟାବଳୀ ଜିଲ୍ଲା ୱେବ୍‌ସାଇଟ www.kalahandi.nic.inରେ ଉପଲବ୍ଧ ରହିଛି ।
ସ୍ୱା./- ତହସିଲଦାର, ନର୍ଲା

CHIEF DISTRICT MEDICAL & PUBLIC HEALTH OFFICER, KEONJHAR
(ZILLA SWASTHYA SAMITI, KEONJHAR)
Advt. Letter No. 2282 **Date: 03.06.2020**
Request for Proposal (RFP) for Operation & Management of MAA GRUHA Project under District Mineral Foundation (DMF), Keonjhar

No. E-36:- Chief District Medical and Public Health Officer, Keonjhar invites application from credible entities registered under Society Registration Act/Indian Trust Act for operation & Management of **5 MAA GRUHA Project in Keonjhar district** in partnership mode under DMF. Sealed proposals as per the prescribed RFP document are invited from interested eligible bidders for the "Operation & Management of MAA GRUHA Projects under DMF" in selected blocks. The eligibility criteria and detailed requirements for "Operation & Management of MAA GRUHA Projects under DMF" and the formats for submission of proposals are set forth in the RFP document which can be downloaded from the website **www.kendujhar.nic.in**. Interested bidders fulfilling the eligibility criteria may submit their proposal(s) with **EMD, tender paper cost & documents** as set forth in this RFP. If the bidder wishes to apply for more than one project they will have to submit separate proposal for each project along with EMD and documents as set forth in the RFP in sealed envelope(s) clearly superscribing the name of the block on the envelope(s). The detailed address for submission of proposal at the Keonjhar is mentioned in the RFP document.
Proposal(s) complete in all respect should reach the Office of the CDM & PHO, Keonjhar - 758001 by Speed Post/Registered Post or Courier only on or before **24.06.2020 till 5.00 P.M.** The proposal(s) shall be opened on **Dt.25.06.2020 at 11.00 A.M.** in DTU, NHM, Keonjhar. Name of the block and the RFP reference No. must be superscribed on the top of the sealed envelope. Incomplete applications/applications received in an open envelope/applications received after the due date/from the blacklisted NGOs/Trusts will be summ

ଇନ୍ଦ୍ରଧନୁ ଦେଖିବାକୁ ଧନୁ ପରି। ସୂର୍ଯ୍ୟକିରଣରେ ୭ ପ୍ରକାର ରଙ୍ଗ ଅଛି। ବାଇଗଣୀ, ଘନନୀଳ, ନୀଳ, ସବୁଜ, ହଳଦିଆ, ଲାଲ୍, ନାରଙ୍ଗୀ। ଯାହାକୁ ସଂକ୍ଷେପରେ 'ବାଘନିଶହଲାନା' ମଧ୍ୟ କୁହାଯାଏ। ଏହି ରଙ୍ଗଗୁଡିକ ଏକ ପ୍ରିଜିମ୍ ମାଧ୍ୟମରେ ଚିହ୍ନଟ ହୁଏ। ଇନ୍ଦ୍ରଧନୁ ପ୍ରକୃତରେ ପ୍ରକୃତିର ପ୍ରିଜିମ୍। ବାସ୍ତବରେ, ଛୋଟ ବୁନ୍ଦା ଜଳ ସ୍ୱଚ୍ଛ ପ୍ରିଜିମ୍ ଭାବରେ କାର୍ଯ୍ୟ କରେ। ଯେତେବେଳେ ସୂର୍ଯ୍ୟକିରଣ ସେମାନଙ୍କ ଦେଇ ପ୍ରତିଫଳିତ ହୋଇଥାଏ ଏହା ୭ଟି ରଙ୍ଗରେ ଭାଙ୍ଗି ଯାଇଥାଏ। ଏହି କାରଣରୁ ଆମେ ଇନ୍ଦ୍ରଧନୁ ଦେଖିଥାଉ।

କ୍ୱାରାଣ୍ଟାଇନ୍ ସେଣ୍ଟରରେ ଗର୍ଭନିରୋଧକ ବଣ୍ଟନ

ପାଟନା: ମହାମାରୀ କରୋନାର ପ୍ରକୋପ ଦେଶରେ ବଢ଼ି ବଢ଼ି ଚାଲିଛି। ବିଶେଷକରି ପ୍ରବାସୀ ଶ୍ରମିକମାନେ ଫେରିବା ପରେ ଏହି ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ପ୍ରବାସୀ ଶ୍ରମିକଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯିବା ସହ ବିଭିନ୍ନ ସମସ୍ୟାର ସମାଧାନ ଲାଗି ରାଜ୍ୟ ସରକାରମାନେ ପ୍ରୟାସ ଜାରି ରଖିଛନ୍ତି। ହେଲେ ବିହାରରେ ସ୍ଥିତି ଏବେ ବି ଜଟିଳ ରହିଛି। ଲକ୍‌ଡାଉନ୍ ହଟିଯାଇଛି ସତ, ହେଲେ ପ୍ରବାସୀ ଶ୍ରମିକଙ୍କ ଆଖିରୁ ଲୁହ ଶୁଖୁନାହିଁ। ପେଟ ଚିନ୍ତା ଓ ପରିବାରର ଦୁର୍ଦ୍ଦଶା ସେମାନଙ୍କୁ ଭାରାକ୍ରାନ୍ତ କରିପକାଇଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ୍ କୁମାର ପ୍ରବାସୀ ଶ୍ରମିକଙ୍କୁ ଫେରାଇ ଆଣିବାରେ ଗ୍ରହଣ କରିଥିବା ଭୂମିକାକୁ ନେଇ ଅନେକ ସମାଲୋଚନାର ଶିକାର ହୋଇଥିଲେ। ଏବେ ଏହି ପ୍ରବାସୀ ଶ୍ରମିକମାନେ ଫେରିବା ପରେ କ୍ୱାରାଣ୍ଟାଇନ୍

ସେଣ୍ଟରରେ ରହିଛନ୍ତି। ସେମାନଙ୍କ ଲାଗି ପ୍ରଶାସନ ପକ୍ଷରୁ ସେଭଳି ସୁବିଧା ଯୋଗାଇ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କିତ ଅନେକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ତେବେ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ବିଦାୟ ନେଉଥିବା ପ୍ରବାସୀ ଶ୍ରମିକଙ୍କୁ ବିହାର ସରକାରଙ୍କ ପକ୍ଷରୁ କେତେକ ଗର୍ଭନିରୋଧକ ବଟିକା ସହ କଣ୍ଡୋମ୍ ପ୍ୟାକେଟ୍ ପ୍ରଦାନ କରାଯାଉଛି। ଏହାକୁ ନେଇ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଏଭଳି ପଦକ୍ଷେପ ପଛରେ ମହି ଉଦ୍ଦେଶ୍ୟ ରହିଛି ବୋଲି ବିହାର ରାଜ୍ୟ ହେଲ୍‌ଥ ସୋସାଇଟିର କାର୍ଯ୍ୟକାରୀ ନିର୍ଦ୍ଦେଶକ ମନୋଜ କୁମାର କହିଛନ୍ତି। ସାରାଦେଶରେ ବିହାରର ପ୍ରଜନନ ହାର ସର୍ବାଧିକ ରହିଥିବାରୁ ଏହାକୁ କମାଇବା ଲାଗି ଏଭଳି ପ୍ରୟାସ କରାଯାଇଥିବା ସେ ଯୁକ୍ତି ବାଢ଼ିଛନ୍ତି।

ଶ୍ରମିକମାନେ ହୋଲି, ଦିୱାଲୀ ଓ ଷଠ୍ ପୂଜା ବେଳେ ନିଜ ଭିଟାମାଟିକୁ ଫେରୁଥିବା ବେଳେ ସେମାନେ କର୍ମସ୍ଥଳୀକୁ ଫେରିଯିବାର ୯ ମାସ ପରେ ସରକାରୀ ହସ୍ପିଟାଲଗୁଡ଼ିକରେ ପ୍ରଜନନ ହାର ଅହେତୁକ ଭାବେ ବୃଦ୍ଧିପାଉଛି। ଫଳରେ ଜନସଂଖ୍ୟା ବିସ୍ଫୋରଣ ଲାଗି ଏହା ବାଟ ଫିଟାଉଛି। ଏନେଇ ଲୋକମାନଙ୍କୁ ସଚେତନ କରାଇବା ଲାଗି ଏଥର କ୍ୱାରାଣ୍ଟାଇନ୍ ସେଣ୍ଟର୍‌ରେ ଏଭଳି ବ୍ୟବସ୍ଥା କରାଯାଇଥିବା ସେ କହିଛନ୍ତି। ସରକାରଙ୍କ ନିର୍ଦ୍ଦେଶ ମୁତାବକ କ୍ୱାରାଣ୍ଟାଇନ୍ ସେଣ୍ଟରରେ ପ୍ରବାସୀ ଶ୍ରମିକମାନଙ୍କୁ ଗର୍ଭନିରୋଧକ ବଟିକା ଓ କଣ୍ଡୋମ୍ ପ୍ରଦାନ କରାଯାଉଛି। ଏଭଳି ଫଟୋ ଓ ଭିଡିଓ ସାମ୍ନାକୁ ଆସିବା ପରେ ସରକାରଙ୍କ ପ୍ରତି ଅଙ୍ଗୁଳି ଉଠିବା ଆରମ୍ଭ ହେଲାଣି। ଖାଇବାକୁ ପାଉ ନ ଥିବା ଶ୍ରମିକଙ୍କ ଲାଗି ସରକାର କିଛି ବ୍ୟବସ୍ଥା କରିବା ପରିବର୍ତ୍ତେ ଏଭଳି ଗର୍ଭନିରୋଧକ ଓ କଣ୍ଡୋମ ବାଣ୍ଟିବା କେତେ ଯୁକ୍ତିଯୁକ୍ତ ତାହା ବିଚାରଯୋଗ୍ୟ।

ମନ୍ଦାନା କରିମୀ

ପୋଲ୍ ଡ୍ୟାନ୍ସରେ ଆହତ ହେଲେ ମନ୍ଦାନା

ମୁମ୍ବାଇ: ଅଭିନେତ୍ରୀ ମନ୍ଦାନା କରିମୀଙ୍କ ସୁନ୍ଦରତା ଏବଂ ବୋଲ୍ଡନେସ୍‌ର ସମସ୍ତେ ଦିୱାନା। ଏହାଛଡ଼ା ସେ ନିଜ ଫ୍ୟାନ୍‌ଙ୍କ ହୃଦୟକୁ ଚୋରାଇବାରେ ବେଶ୍ ପାରଙ୍ଗମ ମଧ୍ୟ। ଏକ ନୂଆ ୱେବ୍ ସିରିଜ୍ 'ଦ କସୀନୋ' ପାଇଁ ପୋଲ୍ ଡ୍ୟାନ୍ସ ଶିଖୁଥିଲେ ମନ୍ଦାନା। ଡ୍ୟାନ୍ସ ଶିଖୁଥିବା ସମୟରେ ପଡ଼ିଯିବାରୁ ସେ ଆହତ ହୋଇଛନ୍ତି। ତାଙ୍କ ହାତରେ ଆଘାତ ଲାଗିଛି। ଏକ ସିନ୍ ପାଇଁ ଦୁଇ ଦିନ ହେଲାଣି ପୋଲ୍ ଡ୍ୟାନ୍ସ ଅଭ୍ୟାସ କରୁଥିଲେ। କିନ୍ତୁ ଠିକ୍ ଡ୍ୟାନ୍ସ କରିବା ସମୟରେ ତାଙ୍କ ହାତ ଖସିଯାଇଥିଲା। ଫଳରେ ତାଙ୍କ ଶରୀରରେ ଗଭୀର ଆଘାତ ଲାଗିଛି। ମେକ୍‌ଅପ୍ କରି ଶୁଟିଂ ପାଇଁ ସବୁ କଷ୍ଟକୁ ସେ ଲୁଚାଇଛନ୍ତି। ୱେବ୍ ସିରିଜ୍ 'ଦ କସୀନୋ'ର କାହାଣୀ ଜଣେ ଧନୀ ଯୁବତୀର କାହାଣୀ। ଏହି ସିରିଜ୍‌ରେ ଅନେକ ରହସ୍ୟମୟ ଜିନିଷ ଏବଂ ହାଇକ୍ଲାସ ସୋସାଇଟିର ଚକ୍ରାନ୍ତ ସମ୍ପର୍କରେ ଖୁଲାସା ହୋଇଛି। ଏହି ସିରିଜ୍‌ରେ କରନ୍‌ବୀର ବୋରା, ସୁଧାଂଶୁ ପାଣ୍ଡେ, ଏନ୍ଦ୍ରିତା ରେ, ଧନବୀର ସିଂ ଭଳି କଳାକାର ରହିଛନ୍ତି। ଏହି ଶୋ' ଜୁନ୍ ୧୨ରୁ ଜି ୫ରେ ପ୍ରସାରିତ ହେବ।

ସାଇକେଲ ଦ୍ୱାରା ସଞ୍ଚୟ ହେବ ୧.୮ ଲକ୍ଷ କୋଟି

ନୂଆଦିଲ୍ଲୀ: ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ଭାରତୀୟ ସଡ଼କଗୁଡ଼ିକୁ ସାଇକେଲ ଲାଗି ଅନୁକୂଳ କରିବା ଲାଗି ଯୋଜନା ହେଉଛି। କାରଣ ଲକ୍‌ଡାଉନ ଯୋଗୁ ଲୋକମାନେ ପୁଣି ଥରେ ସାଇକେଲ ବ୍ୟବହାର କରିବା ନେଇ ଏକ ଟ୍ରେଣ୍ଡ ସାମ୍ନାକୁ ଆସିଥିଲା। କମ୍ ଦୂରତ୍ୱ ବିଶିଷ୍ଟ ସ୍ଥାନଗୁଡ଼ିକୁ ସାଇକେଲ ନେଇ ଯିବା ଉପରେ ଅନେକେ ଗୁରୁତ୍ୱ ଦେଇଥାନ୍ତି। ଏଭଳି ସ୍ଥଳେ ମୋଟର ସାଇକେଲ ଏବଂ କାର ନେଇ ଯିବା ପରିବର୍ତ୍ତେ ସାଇକେଲ ନେଇ ଯିବା ଦ୍ୱାରା ଅର୍ଥ ବ୍ୟବସ୍ଥାକୁ ମଧ୍ୟ ଫାଇଦା ମିଳିବ। ଜୁନ୍ ୩କୁ ସାଧାରଣତଃ ବିଶ୍ୱ ସାଇକେଲ ଦିବସ ଭାବେ ପାଳନ କରାଯାଏ। ଜାତିସଂଘର ସାଧାରଣ ପରିଷଦ ୨୦୧୮ ଏପ୍ରିଲରେ ଏଭଳି ଏକ ନିଷ୍ପତ୍ତି ନେଇଥିଲା। ସାଇକେଲ ଚଳାଇବା ଦ୍ୱାରା ଲୋକମାନେ ଫିଟ୍ ହେବା ସହ ପରିବେଶକୁ ସୁରକ୍ଷିତ କରି ରଖି ପାରିବେ। କମ୍ ସମୟ ଅବଧି ସ୍ଥାନଗୁଡ଼ିକୁ ସାଇକେଲ ନେଇ ଯିବା ଦ୍ୱାରା ପ୍ରତିବର୍ଷ ପ୍ରାୟ ୧.୮ ଲକ୍ଷ କୋଟି ଟଙ୍କାର ସଞ୍ଚୟ ହୋଇ ପାରିବ ବୋଲି ଏକ ଅଧ୍ୟୟନରୁ ସାମ୍ନାକୁ ଆସିଛି। ଦ ଏନର୍ଜୀ ଆଣ୍ଡ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଏଭଳି ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଛି।

ବାତ୍ୟା ଓ ଏଗୁଡ଼ିକର ନାମକରଣ

ନୂଆଦିଲ୍ଲୀ: ବାତ୍ୟା ଓ ଏଗୁଡ଼ିକର ନାମକରଣ ସମ୍ପର୍କରେ ଜାଣିବା ନିହାତି ଦରକାର। ୧୯୫୩ ମସିହାରେ ଆଟ୍‌ଲାଣ୍ଟିକ ସାଗର ଅନ୍ତର୍ଗତ ଦେଶମାନଙ୍କ ଦ୍ୱାରା ପ୍ରଥମେ ବାତ୍ୟାର ନାମକରଣ କରାଯାଇଥିଲା। ବର୍ତ୍ତମାନ ବିଶ୍ୱ ପାଣିପାଗ ସଂଗଠନ ଏକ ବ୍ୟବସ୍ଥା କରିଛି, ଯେଉଁଥିରେ କେବଳ ଘୂର୍ଣ୍ଣିବଳୟ ଅଞ୍ଚଳର ନାମକରଣ କରାଯାଇଛି। ଆରବ ସାଗର ଏବଂ ବଙ୍ଗୋପ ସାଗରରେ ଝଡ଼ର ନାମକରଣ ପ୍ରକ୍ରିୟା ୧୬ବର୍ଷ ପୂର୍ବେ ଅର୍ଥାତ୍ ୨୦୦୪ରେ ଆରମ୍ଭ ହୋଇଥିଲା। ଏଥିପାଇଁ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏଥିରେ ଆଠଟି ଦେଶ ଅଛି। ଏହି ୮ ଦେଶକୁ ଆଠଟି ନାମ ଦେବାକୁ ପଡ଼ିବ। ଯେତେବେଳେ ଯେଉଁ ଦେଶର ସଂଖ୍ୟା ଦେଖାଯାଏ, ସେହି ଝଡ଼ ସେହି ଦେଶର ତାଲିକାରେ ଦିଆଯାଇଥିବା ନାମ ଅନୁଯାୟୀ ନାମିତ ହୁଏ। ନିସର୍ଗ ଝଡ଼ର ନାମ ବାଂଲାଦେଶ ଦେଇଛି। ସେହିପରି ବାଂଲାଦେଶ, ଭାରତ, ମାଲଦ୍ୱୀପ, ମିଆଁମାର, ଓମାନ, ପାକିସ୍ତାନ, ଶ୍ରୀଲଙ୍କା ଏବଂ ଥାଇଲାଣ୍ଡ ଆରବ ସାଗର ଏବଂ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଝଡ଼ର ନାମକରଣ କରିଥାନ୍ତି।

ଭାରତୀୟ ପାଣିପାଗ ବିଭାଗ ଏପ୍ରିଲ ୨୦୨୦ରେ ଝଡ଼ର ଏକ ନୂତନ ତାଲିକା ପ୍ରକାଶ କରିଛି। ନୂତନ ତାଲିକାରେ ନିସର୍ଗ, ଅର୍ନାବ, ଅଗ୍ନି, ଭ୍ୟୋମ, ଆଜର, ତେଜ, ଗାଟି, ପିଙ୍କୁ ଏବଂ ଲୁଲୁ ଭଳି ୧୬୦ ନାମ ଅନ୍ତର୍ଭୁକ୍ତ। ପୂର୍ବ ତାଲିକାର ଶେଷ ନାମ ଥିଲା ଅମ୍ଫନ୍। ଏହି ନାମ ଥାଇଲାଣ୍ଡ ଦ୍ୱାରା ଦିଆଯାଇଥିଲା। ୨୦୦୪ରେ ଯେତେବେଳେ ଝଡ଼ର ନାମକରଣ ହେବାକୁ ଲାଗିଲା। ବାଂଲାଦେଶ ପ୍ରଥମ ଇଂରାଜୀ ବର୍ଣ୍ଣମାଳା ଅନୁଯାୟୀ, ଏହି ସୁଯୋଗ ପାଇଲା। ସେ ପ୍ରଥମ ଝଡ଼ର ନାମ ଅନୀଲ ବୋଲି କହିଥିଲେ। ଏହା ପରେ ଝଡ଼ର ନାମ କ୍ରମାନ୍ୱୟରେ ରଖାଯାଇଥିଲା। ଏହି ନାମଗୁଡ଼ିକ ଅମ୍ଫନ୍ ପରେ ସମାପ୍ତ ହୋଇଛି। ବର୍ତ୍ତମାନ ଏଗୁଡିକ ପୁଣି ଉପରୁ ଆରମ୍ଭ ହେବ। ଏହି ତାଲିକା ପାଇଁ ଭାରତ ଅଗ୍ନି, ଆକାଶ, ବଜ୍ରପାତ, ଜଳ, ତରଙ୍ଗ, ମେଘ, ସମୁଦ୍ର ଏବଂ ବାୟୁ ନାମକରଣ କରିଛି।

'ନିସର୍ଗ' ବାତ୍ୟାର ନାମ ଦେଇଛି ବାଂଲାଦେଶ



ଅଧା ସିଟ୍‌ରେ ମାନେକ୍ୱିନ୍

ନୂଆଦିଲ୍ଲୀ: ଦୀର୍ଘଦିନର ଲକ୍‌ଡାଉନ୍ ପରେ ଏବେ ଖୋଲିଛି ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟ। ତେବେ ରେଷ୍ଟୁରାଣ୍ଟରେ ଗ୍ରାହକ ହେଉଛନ୍ତି ମାନେକ୍ୱିନ୍। ଅବଶ୍ୟ ଏକଥା ଶୁଣି ଲୋକେ ଆଶ୍ଚର୍ଯ୍ୟ ହୋଇଯିବେ। କାହିଁକି ନା ମାନେକ୍ୱିନ୍‌ଙ୍କୁ ନେଇ ରେଷ୍ଟୁରାଣ୍ଟ ଖୋଲିବାର କିଛି ଅର୍ଥ ନାହିଁ। କିନ୍ତୁ ଏଭଳି ଏକ ଭିନ୍ନ ଧରଣର ପଦକ୍ଷେପ ନେଇ ଲକ୍‌ଡାଉନ୍ କଟକଣାକୁ ମାନିଛି ଆମେରିକାର ଏକ ରେଷ୍ଟୁରାଣ୍ଟ। ୱାଶିଂଟନ୍ ଡିସିରେ ଥିବା ଏହି ରେଷ୍ଟୁରାଣ୍ଟର ନାଁ ହେଉଛି ଦି ଇନ୍ ଆଟ୍ ଲିଟିଲ୍ ୱାଶିଂଟନ୍।

ରେଷ୍ଟୁରାଣ୍ଟଟି ଏବେ ଲକ୍‌ଡାଉନ୍ କଟକଣା ମାନି ଖୋଲିଛି। ନିୟମ ଅନୁସାରେ ରେଷ୍ଟୁରାଣ୍ଟରେ ୫୦ ପ୍ରତିଶତ ଗ୍ରାହକଙ୍କୁ ଏକ ସମୟରେ ବସିବାର ଅନୁମତି ରହିଛି। ତେଣୁ ରେଷ୍ଟୁରାଣ୍ଟ ପକ୍ଷରୁ ଡାଇନିଂ ଟେବୁଲ ପାଖରେ ୫୦ ପ୍ରତିଶତ ସିଟ୍‌କୁ ଖାଲି ରଖିବା ବଦଳରେ ସେଥିରେ ମାନେକ୍ୱିନ୍‌ମାନଙ୍କୁ ବସାଇ ଦିଆଯାଇଛି। ମାନେକ୍ୱିନ୍‌ଗୁଡ଼ିକୁ ସୁନ୍ଦରଭାବରେ ଆଧୁନିକ ରୂପ ଦିଆଯାଇଛି। ତେଣୁ ରେଷ୍ଟୁରାଣ୍ଟର ଆକର୍ଷଣ ବୃଦ୍ଧି ପାଇବା ସହିତ ଏହାର ଡିଜାଇନ ବି ଆକର୍ଷଣୀୟ ହୋଇପାରିଛି। ରେଷ୍ଟୁରାଣ୍ଟର ଶେଫ୍ ଏବଂ ମାଲିକ ଗ୍ରାହକମାନଙ୍କର ସୁରକ୍ଷା ନିମନ୍ତେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସଚେତନତା ଏବଂ କଟକଣା ଲାଗୁ କରିଛନ୍ତି। ଲୋକଙ୍କ ସ୍ୱାସ୍ଥ୍ୟ ସଚେତନତା ପାଇଁ ଏଠାରେ ସମସ୍ତ ବ୍ୟବସ୍ଥା କରାଯାଇଛି। ତେଣୁ ରେଷ୍ଟୁରାଣ୍ଟ ଖୋଲିବା ପରଠାରୁ ଏଠାକୁ ଗ୍ରାହକମାନଙ୍କର ଆକର୍ଷଣ ପୂର୍ବଭଳି ଦେଖିବାକୁ ମିଳିଛି। ତେବେ ରେଷ୍ଟୁରାଣ୍ଟର ଏହି ନିଆରା ଷ୍ଟାଇଲ୍ ଏବେ ସବୁଆଡ଼େ ଚର୍ଚ୍ଚାର କାରଣ ହୋଇପାରିଛି।

ହସୁଥିବା ଗଛ ରଣ୍ଡିଆ ଡୁମିଟାରମ

ନୂଆଦିଲ୍ଲୀ: ଜାଣନ୍ତି ଏମିତି ଗଛ ଅଛି, ଯାହା ମଣିଷ ପରି ହଇରାଣ ହରକତ କରିଥାଏ। ଏପରିକି ହସିଥାଏ ମଧ୍ୟ। ଅବିଶ୍ୱସନୀୟ ଲାଗୁଥିଲେ ମଧ୍ୟ ସତ। ଏହି ଗଛ ଭାରତରେ ହିଁ ରହିଛି। ଏହି ଅଜବ ଗଛ ଉତ୍ତରାଖଣ୍ଡର କାଲାଢୁଙ୍ଗୀ ଜଙ୍ଗଲରେ ରହିଛି। ଏହି ଗଛ ସମ୍ପୂର୍ଣ୍ଣ ଭାବେ ମଣିଷ ପରି ବ୍ୟବହାର ଦେଖାଇଥାଏ। ଗତ ୫ ବର୍ଷ ଧରି କାଲାଢୁଙ୍ଗୀ ଜଙ୍ଗଲରେ ଏପରି ଦୁଇଟି ଗଛ ଦେଖିବାକୁ ମିଳିଛି। କାର୍ବେଟ ଗ୍ରାମ ବିକାଶ କମିଟି ଦ୍ୱାରା ଏହା ପର୍ଯ୍ୟଟନ ସହିତ ଜଡ଼ିତ। ପର୍ଯ୍ୟଟକମାନେ କମିଟିର ଗାଇଡ୍ ନିକଟକୁ ଯାଇ ଏହି ଗଛଗୁଡ଼ିକ ଘଞ୍ଚ ଜଙ୍ଗଲରେ ଥରୁଥିବାର ଦେଖାଇଥାନ୍ତି। ଏହି ଥରିବାକୁ ଲୋକେ ଗଛ ହସୁଛି ବୋଲି କୁହନ୍ତି। ଏହାର ବଟାନିକାଲ ନାମ ହେଉଛି ରଣ୍ଡିଆ ଡୁମିଟାରମ୍। ଏହି ଗଛଟି ମଣିଷ ପରି । ଏହା ଉପର ହାତ ରଖିଲେ ଏହାର କମ୍ପନ ସୃଷ୍ଟି ହୋଇଥାଏ। ସେହି ସମୟରେ ଗଛର ଗଣ୍ଡିକୁ ସ୍ପର୍ଶ କଲେ ଏହାର ଶାଖା ଗତି କରିବା ଆରମ୍ଭ କରେ। ରୁବିଏସି ପ୍ରଜାତି ନାମକ ଏହି ଗଛ ୩୦୦ରୁ ୧୩୦୦ ମିଟର ଉଚ୍ଚତାର ବଢ଼ିଥାଏ। ଏକ ଟିମ୍ ଗବେଷଣା କରି କହିଛନ୍ତି, ଗଛ ଗଣ୍ଡିରେ ଆଙ୍ଗୁଠି ଘଷିଲେ ଏହା ଚାଲିବା ଆରମ୍ଭ କରିଥାଏ। ଯଦିଓ ଏହାର ପ୍ରକୃତ କାରଣ ଜଣା ପଡ଼ିନାହିଁ, ତଥାପି ଏହି ଗଛ ହସୁଥିବାର ଲୋକେ କହିଥାନ୍ତି। ଏହାକୁ ଦେଖିବା ପାଇଁ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି।

ଏକ୍ସ ବୟଫ୍ରେଣ୍ଡଙ୍କ ସହ ଦୀପିକା

ମୁମ୍ବାଇ: ବଲିଉଡ୍‌ର ପଦ୍ମାବତ୍ ଫେମ୍ ଦୀପିକା ପାଦୁକୋନ ଆଜିକାଲି ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ ରହୁଛନ୍ତି। ଅବଶ୍ୟ ପୂର୍ବରୁ ସେ ଯେତିକି ଆକ୍ଟିଭ ଥିଲେ, ଲକ୍‌ଡାଉନ ପରଠାରୁ ସେ ଆହୁରି ଆକ୍ଟିଭ ହୋଇଯାଇଛନ୍ତି। ନିକଟରେ ସେ ଏମିତି ଦୁଇଟି ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି ଯାହା ଆସିଛି ଚର୍ଚ୍ଚାକୁ। ଦୀର୍ଘ ୭ ବର୍ଷ ତଳର ପୁରୁଣା କଥାକୁ ପୁଣି ମନେପକାଇଛନ୍ତି ଦୀପିକା। ତାଙ୍କର ଏକ୍ସ ବୟଫ୍ରେଣ୍ଡ କୁହାଯାଉଥିବା ରଣବୀର କପୁରଙ୍କ ସହ ରୋମାଣ୍ଟିକ ମୁଡ୍‌ରେ ଥିବା ଦୁଇଟି ଫଟୋ ଦୀପିକା ଶେୟାର କରିଛନ୍ତି। ଏହି ଫଟୋ ବଲିଉଡ୍ ଫିଲ୍ମ 'ୟେ ଜବାନି ହୈ ଦିୱାନି' ସମୟର ବୋଲି ଜଣାପଡିଛି। ତେବେ ଫିଲ୍ମକୁ ୭ ବର୍ଷ ପୂରଣ ହୋଇଥିବା ଅବସରରେ ଅଭିନେତ୍ରୀ ଦୀପିକା ଏହି ଫଟୋକୁ ଶେୟାର କରିଛନ୍ତି। ସବୁଠାରୁ ମଜାଦାର କଥା ହେଉଛି ଏହାକୁ ଦେଖିବା ପରେ ଦୀପିକାଙ୍କ ପତି ରଣବୀର ସିଂ ଏକ କମେଣ୍ଟ ଦେଇଛନ୍ତି। ସେ ଲେଖିଛନ୍ତି 'କ୍ୟୁଟ୍'। ତେବେ ୨୦୧୩ ମେ ୩୧ରେ ରିଲିଜ୍ ହୋଇଥିବା ଫିଲ୍ମ 'ୟେ ଜବାନି ହୈ ଦିୱାନି' ବକ୍ସ ଅଫିସରେ ହିଟ୍ ହୋଇଥିଲା। ବିଶେଷଭାବେ ୟଙ୍ଗ୍ ଅଡିୟନ୍ସ ଏହାକୁ ବେଶ୍ ପସନ୍ଦ କରିଥିଲେ।

ପୁଣି ଆରମ୍ଭ ହେବ ଫିଲ୍ମ ଶୁଟିଂ

ମୁମ୍ବାଇ: ଲକ୍‌ଡାଉନ୍‌ର ଦୁଇ ମାସ ପରେ ଅଟକି ରହିଥିବା ଭାରତୀୟ ଫିଲ୍ମର ପୁଣି ଶୁଟିଂ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ସରକାର ମଧ୍ୟ ଅନୁମତି ଦେଇସାରିଛନ୍ତି। ଅନୁମୋଦନ କ୍ରମେ ଟିଭି, ଫିଲ୍ମର ନିର୍ମାତା ଏବଂ ନିର୍ଦ୍ଦେଶକମାନେ ସେମାନଙ୍କ ସାଥୀମାନଙ୍କ ସହିତ ଅଧିକ କାମ ପାଇଁ ଆଲୋଚନା କରିଛନ୍ତି। ଯଦିଓ ଶୁଟିଂ ଶେଟ୍‌ରେ ପହଞ୍ଚିବା ପାଇଁ ଦୁଇ ସପ୍ତାହ ଲାଗିପାରେ। ଯେଉଁ ଫିଲ୍ମର ଶେଟ୍ ପ୍ରସ୍ତୁତ ହୋଇସାରିଛି ସେହି ଫିଲ୍ମ ଆସନ୍ତା ମାସର ପ୍ରଥମ ସପ୍ତାହରୁ ଶୁଟିଂ ଆରମ୍ଭ ହେବ।

ଯେଉଁ ଫିଲ୍ମଗୁଡ଼ିକ ପ୍ରଥମେ ଶୁଟିଂ ହେବ ବୋଲି ଆଶା କରାଯାଉଛି, ସେହି ତାଲିକାରେ ସଞ୍ଜୟ ଲୀଲା ଭନ୍‌ସାଲୀଙ୍କ ନିର୍ଦ୍ଦେଶିତ 'ଗାଙ୍ଗୁବାଇ କାଠିଆୱାଡି' ହୋଇପାରେ। ଫେଡେରେଶନ ଅଫ୍ ୱେଷ୍ଟର୍ନ ଇଣ୍ଡିଆ ସିନେ କର୍ମଚାରୀଙ୍କ ସାଧାରଣ ସମ୍ପାଦକ ଅଶୋକ ଦୁବେ କହିଛନ୍ତି, ସଞ୍ଜୟ ଲୀଲା ଭନ୍‌ସାଲୀ ଫିଲ୍ମ ସିଟିରେ ତାଙ୍କ ଫିଲ୍ମର ଶୁଟିଂ କରୁଥିଲେ। ଫିଲ୍ମ ସିଟିରେ ତାଙ୍କର ଶେଟ୍ ଏପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଛି, ତେଣୁ ସଞ୍ଜୟ ପ୍ରଥମ ଫିଲ୍ମ ନିର୍ମାତା ହୋଇପାରନ୍ତି।

ତିନୋଟି ଫିଲ୍ମ 'ଭୁଜ୍ – ଦ ପ୍ରାଇଡ୍ ଅଫ୍ ଇଣ୍ଡିଆ', 'ଝୁଣ୍ଡ୍' ଏବଂ 'ମୁମ୍ବାଇ ସାଗା' ହିନ୍ଦୀ ଫିଲ୍ମ ନିର୍ମାତା ଭୂଷଣ କୁମାରଙ୍କ ଫିଲ୍ମ ଲକ୍‌ଡାଉନ୍ ଯୋଗୁ ଅଟକି ରହିଛି। ଭୂଷଣ କହିଛନ୍ତି, ସୁରକ୍ଷା ବ୍ୟବସ୍ଥା ଠିକ କରିବା ମାତ୍ରେ ତାଙ୍କ ଫିଲ୍ମର ଶୁଟିଂ ଆରମ୍ଭ କରିବେ। ସେ କହିଛନ୍ତି, 'ଆମେ ସରକାରଙ୍କୁ ଧନ୍ୟବାଦ ଦେଉଛୁ ଯେ, ସେମାନେ ଫିଲ୍ମର ଶୁଟିଂ ଆରମ୍ଭ କରିବାକୁ ଅନୁମତି ଦେଇଛନ୍ତି। କିନ୍ତୁ ଆମ ପାଇଁ ଯେଉଁମାନେ କାମ କରୁଛନ୍ତି ସେମାନଙ୍କ ସୁରକ୍ଷା ସର୍ବାଧିକ। ଯେତେବେଳେ ଆମେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ତ ସୁରକ୍ଷା ସୁବିଧା ସୁନିଶ୍ଚିତ କରିବୁ ସେତେବେଳେ ଶୁଟିଂ ଆରମ୍ଭ ହେବ। ସେହିପରି ୟଶରାଜ ଫିଲ୍ମ ବ୍ୟାନରରେ ପ୍ରସ୍ତୁତ ଅକ୍ଷୟ କୁମାରଙ୍କ ଫିଲ୍ମ 'ପୃଥ୍ୱୀରାଜ' ବି ଶୁଟିଂ ହେବାର ରହିଛି।

ମ୍ୟୁଜିକ ଭିଡିଓରୁ ଆରମ୍ଭ

ବର୍ତ୍ତମାନ ଦୀପିକା ପାଦୁକୋନ୍ ବଲିଉଡ୍‌ର ଆଗଧାଡିର ନାୟିକା ଭାବରେ ନିଜକୁ ପରିଚିତ କରାଇସାରିଛନ୍ତି। ସେ ପ୍ରଥମେ 'ଐଶ୍ୱର୍ଯ୍ୟା' ଟାଇଟଲବିଶିଷ୍ଟ ଏକ କନ୍ନଡ ସିନେମାରେ ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଓମ୍ ଶାନ୍ତି ଓମ୍' (୨୦୦୭)। ଏହାବ୍ୟତୀତ ଗତ ୧୩ବର୍ଷ ମଧ୍ୟରେ ସେ 'ବଚନା ଏ ହସିନୋଁ', ଚାନ୍ଦିନୀ ଚୌକ୍ ସେ ଚାଇନା', 'ଲଭ୍ ଆଜ୍ କଲ୍', 'ହାଉସଫୁଲ୍', ଏ ଜଓ୍ୱାନୀ ହେ ଦିଓ୍ୱାନି', 'ହାପି ନ୍ୟୁ ଇୟର', 'ପିକୁ', 'ପଦ୍ମାବତ୍, 'ଛପାକ୍' ଆଦି ହିନ୍ଦୀ ସିନେମାର ନିଜ ଆକ୍ଟିଂ ଦକ୍ଷତା ଦେଖାଇସାରିଛନ୍ତି। ଅନ୍ୟପକ୍ଷରେ ରିଲିଜ ଅପେକ୍ଷାରେ ଥିବା କପିଳଦେବଙ୍କ ବାୟୋପିକ୍ '୮୩'ରେ ସେ କପିଳ (ରଣବୀର ସିଂ)ଙ୍କ ପତ୍ନୀ ରୋମି ଭୂମିକାରେ ଅଭିନୟ କରିଛନ୍ତି। ହେଲେ ହିନ୍ଦୀ ସିନେମାରେ ଏଣ୍ଟ୍ରି କରିବା ପୂର୍ବରୁ ଦୀପିକାଙ୍କୁ ଏକ ଭିଡିଓ ଆଲବମ୍‌ରେ ଦେଖିବାକୁ ମିଳିଥିଲା। ହିମେଶ ରେଶମିଆଁଙ୍କ ଏହି ମ୍ୟୁଜିକ ଆଲବମର ଟାଇଟଲ ହେଉଛି 'ନାମ୍ ହେ ତେରା'। ବାସ୍, ଏହା ହିଟ୍ ହେବା ପରେ ଦୀପିକା ଅଭିନୟ ପ୍ରତି ମନବଳାଇଥିଲେ।


ଦୀପିକା

କେବଳ ଫିଟ୍‌ନେସ୍

ଆଜିକାଲିର ବ୍ୟସ୍ତ ଜୀବନଶୈଳୀରେ ଆମକୁ ନିଜ ଫିଟ୍‌ନେସ୍ ପ୍ରତି ସତର୍କ ରହିବାକୁ ପଡୁଛି। ବିଶେଷଭାବରେ ସେଲିବ୍ରେଟିମାନେ ଏଥିପ୍ରତି ଅଧିକ ନଜର ଦେଇଥାଆନ୍ତି। ଆଉ ଏହି ତାଲିକାରୁ ନିଜକୁ ଓଡ଼ିଆ ସିନେମା ନାୟିକା ଦୌଡରେ ସାମିଲ କରିଥିବା ଆହାନା ବାଦ୍ ପଡ଼ନ୍ତେ କିପରି ? କିପରି ଆରମ୍ଭ ହୁଏ ତାଙ୍କର ପ୍ରତିଦିନର ସକାଳ, ଲଞ୍ଚ୍ ହେଉ କି ଡିନର ସେଥିରେ ସେ କ'ଣ ଖାଆନ୍ତି–ଏଭଳି ପ୍ରଶ୍ନର ଉତ୍ତରରେ ସେ କହନ୍ତି, 'ସକାଳୁ ଉଠିବା ପରେ ମୁଁ ଅଧ ଘଣ୍ଟାଏ ଜଗିଂ କରେ। ଜଗିଂରୁ ଫେରିବା ପରେ ଜୁସ୍ ପିଏ। ତା'ପରେ ରୁଟି, ସବୁଜି ଖାଏ। ଯେହେତୁ ଡାଏଟିଂ କରୁଛି ତେଣୁ ଭାତ ଆଦୌ ଖାଏନା। ଖରାବେଳେ ରୁଟି। ପ୍ରତିଦିନ ଡିନର ମୁଁ ସନ୍ଧ୍ୟା ରୁ ହିଁ ଶେଷ କରିଦିଏ। ଆଉ ରାତିରେ କେବଳ ଗ୍ଲାସେ ପାଣି। ବାସ୍, ଇଏ ହେଉଛି ମୋ ଡେଲି ରୁଟିନ୍। ଗତ କିଛିବର୍ଷ ଧରି ଏହାକୁ ମୁଁ ଫଲୋ କରୁଛି।' ଆହାନାଙ୍କୁ ପ୍ରଥମେ ବ୍ରେକ୍ ମିଳିଥିଲା ଓଡ଼ିଆ ସିନେମା 'ଭୈରବ'ରେ। ତା'ପରେ ସେ 'ବ୍ଲାକ୍‌ମେଲ୍'ରେ ଅଭିନୟ କରିସାରିଛନ୍ତି। 'ଯେହେତୁ ମୁଁ ଓଡ଼ିଆ ସିନେମାରେ ନୂଆ, ତେଣୁ ମୋତେ ଦେଖିଚାହିଁ ପାଦ ପକାଇବାକୁ ପଡ଼ିବ। ତେଣୁ ତରତର ହୋଇ କୌଣସି ଫିଲ୍ମ ବିଷୟରେ ଡିସିସନ ନେବା ଠିକ୍ ହେବ ନାହିଁ ବୋଲି କହନ୍ତି ଆହାନା।

ଆହାନା

ଡେଭିଡ୍ ମନା କଲା ପରେ..

ଯେତେବେଳେ ବରୁଣ ଧାୱନ ବଲିଉଡ୍‌ରେ ଏଣ୍ଟ୍ରି ପାଇଁ ସଜବାଜ ହେଲେ ସେତେବେଳେ ତାଙ୍କୁ ଗୋଟିଏ କଥା ଭାରି ଦୁଃଖ ଦେଇଥିଲା। କାରଣ ତାଙ୍କ ବାପା ତଥା ହିନ୍ଦୀ ସିନେମାର ଅନ୍ୟତମ ନାମୀ ନିର୍ଦ୍ଦେଶକ ଡେଭିଡ୍ ଧାୱନ ତାଙ୍କୁ ନିଜ ସିନେମାରେ ବ୍ରେକ୍ ଦେବାକୁ ମନା କରିଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର'ରେ ବରୁଣ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ। ସୂଚନାଯୋଗ୍ୟ ଏବେ ଡେଭିଡ୍‌ଙ୍କ ନିର୍ଦ୍ଦେଶନାରେ ରିଲିଜ ଅପେକ୍ଷାରେ ଥିବା ରିମେକ୍ ସିନେମା 'କୁଲି ନଂ. ୱାନ୍'ର ନାୟକ ସାଜିଛନ୍ତି ବରୁଣ।

ଅମିତାଭ

ଦୁଇ ହାତରେ ଏକ୍ସପର୍ଟ

ଅମିତାଭ ବଚ୍ଚନ–କେବଳ ନାମ ହିଁ ଯଥେଷ୍ଟ। ବଲିଉଡ୍‌ର ଏହି ଅଭିନେତା ଆଜି ଅଭିନୟ କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ଅଭିନୟ ହେଉ ଅବା ବ୍ୟକ୍ତିଗତ ଜୀବନରେ ସେ ନିଜକୁ ଜଣେ ସମୟାନୁବର୍ତ୍ତୀ ବ୍ୟକ୍ତି ଭାବରେ ପରିଚିତ କରାଇଛନ୍ତି। ଶୁଟିଂ ଆରମ୍ଭ ହେବାର ଯଥେଷ୍ଟ ସମୟ ପୂର୍ବରୁ ସେ ଶୁଟିଂ ସେଟ୍‌ରେ ପହଞ୍ଚିଥାଆନ୍ତି। ତାଙ୍କର ଆକ୍ଟିଂ କ୍ୟାରିୟର ଆରମ୍ଭରେ ବହୁତ ଥର ସେ ସମୟ ପୂର୍ବରୁ ପହଞ୍ଚି ୟୁନିଟ୍‌କୁ ଅପେକ୍ଷା କରିବାର ନଜୀର ଅନେକ ରହିଛି। ଗୋଟିଏ କଥା ଜାଣନ୍ତି ? ଅମିତାଭ ଦୁଇ ହାତରେ ଲେଖାଲେଖିରେ ବେଶ୍ ପାରଙ୍ଗମ। ଅର୍ଥାତ୍, ସେ କେବଳ ଡାହାଣ ହାତ ନୁହେଁ, ବାମ ହାତରେ ସୁନ୍ଦର ଭାବରେ ଲେଖିପାରନ୍ତି।

ଚାଲିଛି ନାୟିକା ଖୋଜା

ଓଡ଼ିଆ ସିନେମାର ଅନ୍ୟତମ ଆଗଧାଡିର ପ୍ରଯୋଜକ ତଥା ଇଭେଣ୍ଟ ମ୍ୟାନେଜର ହେଲେ ରମେଶ ବାରିକ। ତାଙ୍କ ପ୍ରଯୋଜିତ ପ୍ରଥମ ସିନେମା ଥିଲା 'ଟାଇଗର'। ତା'ପରେ 'ରୋମିଓ ଜୁଲିଏଟ୍', 'ଜଷ୍ଟ ମୋହବତ୍', 'ବ୍ରେକ୍‌ଅପ୍ ଲଭ୍' ଏବଂ 'ଚକ୍ରବ୍ୟୂହ'ର ପ୍ରଯୋଜନା କରିସାରିଛନ୍ତି। ଏବେ ସେ ଗୋଟିଏ ସତ୍ୟ ଘଟଣାକୁ ନେଇ ଏକ ଓଡ଼ିଆ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଏ ବିଷୟରେ ରମେଶ କହନ୍ତି, 'ସିନେମାଟିଏ ନିର୍ମାଣ କରିବା ପୂର୍ବରୁ ମୁଁ ସବୁବେଳେ କାହାଣୀକୁ ହିଁ ଅଧିକ

ରମେଶ ବାରିକ

ଗୁରୁତ୍ୱ ଦେଇଥାଏ। ଏବେ ଏକ ସତ ଘଟଣା ଉପରେ ଆଧାରିତ କାହାଣୀକୁ ନେଇ ଫିଲ୍ମଟିଏ ନିର୍ମାଣ କରିବାକୁ ଯାଉଛି। ଏହାର ଟାଇଟଲ ଫାଇନାଲ ହୋଇନାହିଁ। ଶ୍ରୀତମ ଦାସ ଫିଲ୍ମଟିର ନିର୍ଦ୍ଦେଶନା ଦେବେ ଏବଂ ନାୟକ ଭୂମିକାରେ ଅଭିନୟ କରିବେ ଆକାଶ ଦାସନାୟକ। ଗୀତଗୁଡିକୁ ସ୍ୱର ଦେବେ ପ୍ରେମ ଆନନ୍ଦ। ଖାସ୍ କଥା ହେଲା, ଏହାର ଦୁଇ ନାୟିକା ଭୂମିକାରେ କିଏ ଅଭିନୟ କରିବେ ସେ ନେଇ ନୂଆମୁହଁ ଖୋଜା ଚାଲିଛି। ଏବେ ତ ଲକ୍ ଡାଉନ୍ ଚାଲିଛି। ତେଣୁ ଏହି ସମୟରେ ମୁଁ ନିଜକୁ ସମାଜସେବାରେ ନିୟୋଜିତ ରଖିଛି।'

ବିକିନି ପିନ୍ଧିଥିବା ପ୍ରଥମ ଅଭିନେତ୍ରୀ

ଅନେକ ସମୟରେ ବିକିନି ପିନ୍ଧିବାକୁ ନେଇ କେତେକ ନାୟିକା ଦ୍ୱନ୍ଦ୍ୱରେ ପଡିଥାଆନ୍ତି। କାରଣ ନଗ୍ନତାକୁ କେତେକ ନାୟିକା ନିଜ ଅଭିନୟର ପ୍ରକୃତ ପରିଚୟ ଭାବରେ ଗ୍ରହଣ କରିନେଇଛନ୍ତି। ବଲିଉଡ୍‌ରେ ବିକିନି ପିନ୍ଧିଥିବା ପ୍ରଥମ ନାୟିକା କିଏ ଜାଣନ୍ତି ? ଶର୍ମିଳା ଟାଗୋର। ଦିନ ଥିଲା

ଶର୍ମିଳା

ବଲିଉଡ୍‌ରେ ସେ ରାଜ୍ କରୁଥିଲେ ଏବଂ ଜଣେ ରୋମାଣ୍ଟିକ ନାୟିକା ଭାବରେ ଦର୍ଶକଙ୍କୁ ବେଶ୍ ପ୍ରଭାବିତ ମଧ୍ୟ କରିଥିଲେ। ୧୯୬୭ରେ ନିର୍ମିତ ହୋଇଥିଲା 'ଆନ୍ ଇଭନିଙ୍ଗ ଇନ୍ ପ୍ୟାରିସ୍'। ଏହାର ନାୟିକା ଭୂମିକାରେ ଅଭିନୟ କରିଥିବା ଶର୍ମିଳାଙ୍କୁ ଯେତେବେଳେ ବିକିନି ପିନ୍ଧି ଶଟ୍ ଦେବାକୁ କୁହାଗଲା, ସେ ଏ ନେଇ ଗ୍ରୀନ୍ ସିଗନାଲ ଦେଖାଇଥିଲେ। ପରବର୍ତ୍ତୀ ସମୟରେ ସେ ଫିଲ୍ମଫେୟାର ମାଗାଜିନ୍ ପାଇଁ ବିକିନି ପିନ୍ଧି ଫଟୋ ଶୁଟ୍ କରିଥିଲେ, ଯାହା ସେତେବେଳେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲା।

ସ୍ମୃତି ସେଦିନର

ବର୍ଷାଭିଜା ରାତି ଭୁଲିହେଉନି

ମଡେଲ-କମ୍-ଆକ୍ଟର ଆରିଏନ ଧୀର କୁମାର। ଶ୍ରୀଧର ମାର୍ଥାଙ୍କ ପ୍ରଯୋଜିତ 'ଯୋଗୀ'ରେ ତାଙ୍କୁ ବ୍ରେକ୍ ମିଳିଥିଲା। ଏଥିରେ ତାଙ୍କ ସହ ସ୍କ୍ରିନ ଶେୟାର କରିଥିଲେ ପୂର୍ବରୁ ଶିଶୁ କଳାକାର ଭାବରେ ଅଭିନୟ କରିଥିବା ନିକିତା। ଏହି ଫିଲ୍ମରେ ଆରିଏନ-ନିକିତାଙ୍କୁ ନେଇ ଏକ ବର୍ଷାଭିଜା ଗୀତ– 'ଧୂଆଁ ଧୂଆଁ'ର ଦୃଶ୍ୟାୟନ କରାଯାଇଥିଲା। ଏହାର ଶୁଟିଂ ସମୟର ଅନୁଭୂତି ଏବେ ମଧ୍ୟ ତାଙ୍କ ମନରେ ସତେଜ ହୋଇ ରହିଛି। 'ଗୀତର ଶୁଟିଂ ପୂର୍ବରୁ ସିକୁଏନ୍ସ ବିଷୟରେ ଆମକୁ ବୁଝାଇ ଦିଆଗଲା। ବର୍ଷାରେ ଭିଜି ଶଟ୍ ଦେବାକୁ ପଡ଼ିବ। ତେଣୁ ଏ ନେଇ ନିଜକୁ ପ୍ରସ୍ତୁତ କରିନେଲି। ପୁଣି ଶୀତ ରାତି ଆଉ ସେଥିରେ ବର୍ଷାରେ ଭିଜିଲେ ଯେମିତି ଲାଗୁଥିବ ଜାଣି ପାରୁଥିବେ। ହେଲେ ଶଟ୍ ସହ ନିଜକୁ ଏମିତି ଜଡିତ କରିନେଇଥିଲି ଯେ ମୋତେ କିଛି ଜଣାପଡି ନ ଥିଲା। ରାତି ତମାମ ଶଟ ନିଆଗଲା ଆଉ ଆମ ଦୁହିଁଙ୍କୁ ବର୍ଷାରେ ଭିଜିବାକୁ ପଡିଥିଲା। ତା'ପର ଦିନ ଯାଏ କୁଆଡେ ? ପ୍ରବଳ ଥଣ୍ଡାକୁ ଜ୍ୱର। ଏହି ଗୀତ କଥା ମୋର ମନେ ପଡେ ତା' ସହ ସେହି ରାତି ତମାମ ବର୍ଷାରେ ଭିଜିବା ଦୃଶ୍ୟ ସ୍ୱତଃ ଆଖି ସାମ୍ନାକୁ ଚାଲିଆସେ ବୋଲି କହନ୍ତି ଆରିଏନ।' ରେଞ୍ଜ ରୟାଲ ସିନେ ବ୍ୟାନରରେ ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଥିଲେ ହର ରଥ ଏବଂ ନିର୍ଦ୍ଦେଶନା ଦେଇଥିଲେ ନିରଞ୍ଜନ ବେହେରା।

ଆରିଏନ–ନିକିତା

ଭଲ ବ୍ରେକ୍‌କୁ ଅପେକ୍ଷା

ପ୍ରଥମେ ଆଲବମ୍ ଆଉ ଏବେ ଓଡ଼ିଆ ଚଳଚ୍ଚିତ୍ର। ବଡ଼ ପରଦାରେ ଏକ ଲମ୍ବା ଇନିଂସ ଖେଳିବାକୁ ଆଶା ରଖିଛନ୍ତି ଏହି ନବାଗତା। ଏ ପର୍ଯ୍ୟନ୍ତ ତିନୋଟି ଓଡ଼ିଆ ସିନେମାରେ ଅଭିନୟ କରିସାରିଲେଣି ଏବଂ ଆଉ ଦୁଇଟି ଚିତ୍ରରେ କାମ କରିବା ପାଇଁ ଅଫର ରହିଛି। ସେ ହେଲେ ରାନୀ ପ୍ରିୟଦର୍ଶିନୀ ସାହୁ। ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, ''ପ୍ରଯୋଜକ ନାରାୟଣ ଘଡ଼େଇ ମୋତେ ପ୍ରଥମେ 'ଜ୍ୟୋତ୍ସ୍ନା ଭିଜା ରାତି'ର ନାୟିକା ହେବାର ସୁଯୋଗ ଦେଇଥିଲେ। ଏଭଳି ସୁଯୋଗ ପାଇବା ପରେ ନାୟିକା ହେବାର ଆଶା ମୋର ଦ୍ୱିଗୁଣିତ ହୋଇଯାଇଥିଲା। ତା'ପରେ ନିକଟରେ ରିଲିଜ ହୋଇଥିବା 'କଟି ପତଙ୍ଗ' ରେ ମୋ ଭୂମିକା ମୋତେ ଆହୁରି ପ୍ରେରଣାଦାୟକ ହୋଇଥିଲା। ଆଲବମ୍‌ରେ ଅଭିନୟ କରିବା ସମୟରେ ମୋତେ ଆଲବମ୍ କୁଇନ୍ ବୋଲି ସମ୍ବୋଧନ କରୁଥିଲେ। ଓଡ଼ିଆ ସିନେମାରେ ମୋତେ ଯେଉଁଭଳି ଭୂମିକା ମିଳିଲେ ତାହାକୁ ତୁଲାଇବାର ଦକ୍ଷତା ରହିଛି। ତା'ସହ ଏକ ଭଲ ବ୍ରେକ୍‌କୁ ଅପେକ୍ଷା କରିଛି।'' ତେବେ ନାୟିକା ଭାବରେ ରାନୀ ଆଗକୁ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

ରାନୀ

ସଲ୍ଲୁଙ୍କ ପ୍ରଶଂସାରେ ନୋରା

ଅଭିନେତ୍ରୀ ନୋରା ଫତେଇ ଏବେ ଜଣଙ୍କର ପ୍ରଶଂସାରେ ବ୍ୟସ୍ତ। ସେ କିଏ ଜାଣନ୍ତି ? ସଲମାନ୍ ଖାଁ। କାରଣ କ'ଣ ଜାଣନ୍ତି ? ଅଲ୍ଲୀ ଆବାସ ଜାଫରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଭାରତ'ରେ ସେ ସଲମାନଙ୍କ ସହ ଅଭିନୟ କରିବା ପରେ ତାଙ୍କର ଖୁସି କହିଲେ ନ ସରେ। ଏ ନେଇ ନୋରା କହନ୍ତି, 'କଥା କ'ଣ କି ଯେତେବେଳେ ମୋତେ ଏପରି ଅଫର ମିଳିଲା ମୁଁ ଆଖିବୁଜି ହିଁ ଭରିଥିଲି। ସେତେବେଳେ ଭାବିଲି ମୁଁ ସ୍ୱପ୍ନ ଦେଖୁନି ତ ! କାରଣ ସଲମାନଙ୍କ ସହ ଆକ୍ଟିଂ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏଭଳି ଚାନ୍ସ ମୋ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଆଶା ରଖିଛି। 'ଭାରତ'ରେ ନୋରା ଏକ ସ୍ୱେଶାଲ କ୍ୟାରେକ୍ଟରରେ ଅଭିନୟ କରିଥିଲେ।

ଜୋମାଟୋ ବୟଙ୍କୁ ଆକ୍ରମଣ

ଭୁବନେଶ୍ୱର,(ବ୍ୟୁରୋ)- ରାଜଧାନୀରେ ଖାଦ୍ୟ ବିତରଣ ସଂସ୍ଥା ଜୋମାଟୋର ଜଣେ କର୍ମଚାରୀଙ୍କୁ ବୁଧବାର ୪ଜଣ ଯୁବକ ଖାଦ୍ୟ ବିଳମ୍ବ ଆଣିବା କଥାକୁ ନେଇ ଭୁଜାଲିରେ ଆକ୍ରମଣ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ଅଞ୍ଚଳର ଦୀପକ ପାତ୍ର ଜୋମାଟୋରେ କାର୍ଯ୍ୟ କରନ୍ତି। ସୌଭାଗ୍ୟନଗରର ଜଣେ ଯୁବକ ଖାଦ୍ୟ ଅର୍ଡର କରିଥିଲେ। ମାତ୍ର ଖାଦ୍ୟ ଆଣିବାରେ ବିଳମ୍ବ ହେବାରୁ ସେ ଦୀପକଙ୍କ ସହ ପାଟିତୁଣ୍ଡ କରି ୪ସହଯୋଗୀଙ୍କ ସହ ଆକ୍ରମଣ କରିଥିଲେ।

ସଂକ୍ଷେପରେ

ଖୋର୍ଦ୍ଧା: ପୁଣି ୨ ଆକ୍ରାନ୍ତ ଚିହ୍ନଟ

ଖୋର୍ଦ୍ଧା ଅଫିସ, ୩।୬: ଖୋର୍ଦ୍ଧା ଜିଲା ଭୁବନେଶ୍ୱର ବ୍ଲକରୁ ବୁଧବାର ୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଦୁହିଁଙ୍କ ମଧ୍ୟରୁ ଜଣେ ପୁରୁଷ ଓ ଅନ୍ୟ ଜଣେ ମହିଳା। ଉଭୟଙ୍କୁ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ଜିଲାରେ ଭୁବନେଶ୍ୱରକୁ ବାଦ୍ ଦେଇ ୫୨୧୪ ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ ୧୦୪ ଜଣ ପଜିଟିଭ୍ ଓ ୪୫୨୯ ଜଣ ନେଗେଟିଭ୍ ଚିହ୍ନଟ ହୋଇଛନ୍ତି। ଚିକିତ୍ସାଧୀନ ଆକ୍ରାନ୍ତଙ୍କ ମଧ୍ୟରୁ ୨୦ଜଣ ସୁସ୍ଥ ହୋଇ ଫେରିଛନ୍ତି। ବୁଧବାର ଜିଲାରୁ ୧୮୦ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱର ପଠାଯାଇଛି।

ଭାରତ ମସଲା ପକ୍ଷରୁ ସମ୍ବର୍ଦ୍ଧନା

କଟକସଦର,୩।୬(ଡି.ଏନ୍.ଏ.): ଭାରତ ମସଲା ଓ କଟକ ସଦର ବିକାଶ ମଞ୍ଚ ଆନୁକୂଲ୍ୟରେ ବୁଧବାର କନ୍ଦରପୁରଠାରେ କରୋନା ଯୋଦ୍ଧା ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କନ୍ଦରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ସୁବାସ ସିଂହ, କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, କଟକ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ସିଂହ, ସୁବୋଧ ବେହେରା, ଡ.ଦେବଦତ୍ତ ଯୋଗଦେଇଥିଲେ। ୬୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସମ୍ବର୍ଦ୍ଧିତ ହୋଇଥିଲେ।

ଡକାୟତି ଉଦ୍ୟମ: ୫ ଗିରଫ

ଖୋର୍ଦ୍ଧା ଅଫିସ,୩।୬:ଡକାୟତି ଉଦ୍ୟମ ଘଟଣାରେ ବୁଧବାର ଆଦର୍ଶ ଥାନା ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରାଜସୁନାଖଲାର ସନାତନ ପରିଡ଼ା, ତୋଟାପଡ଼ାର ଅଲ୍ଲା ଖାନ୍, ବୋଲଗଡ଼ର ଦିବ୍ୟଜ୍ୟୋତି ରାଉତ, ବିକୁ ସେଠୀ ଏବଂ ସୂର୍ଯ୍ୟକାନ୍ତ ମହାରଣା। ସୂଚନା ଅନୁଯାୟୀ, ଜୟମଙ୍ଗଳ ଛକ ୫୭ନଂ ଜାତୀୟ ରାଜପଥ ପାର୍ଶ୍ୱରେ କେତେଜଣ ଯୁବକ ଡକାୟତି ଯୋଜନା କରୁଥିବା ଖବର ପାଇ ଆଦର୍ଶ ଥାନାର ଏକ ଟିମ୍ ଚଢାଉ କରିଥିଲେ। ସେମାନଙ୍କଠାରୁ ମାରଣାସ୍ତ୍ର ଓ ୩ଟି ବାଇକ ଜବତ କରାଯାଇଛି। ଏ ନେଇ କେସ୍ (ନଂ. ୧୮୫/୨୦) ରୁଜୁ ହୋଇଛି।

ବାର୍ କାଉନସିଲ୍ ନିଷ୍ପତ୍ତି ବିରୋଧରେ ରିଟ୍ ପିଟିଶନ

ଖୋର୍ଦ୍ଧା ଅଫିସ,୩।୬: ଓଡ଼ିଶା ରାଜ୍ୟ ବାର୍ କାଉନସିଲ ନିଷ୍ପତ୍ତି ବିରୋଧରେ ଖୋର୍ଦ୍ଧା ଜିଲା ବାର୍ ଆସୋସିଏଶନ୍‌ର ପୂର୍ବତନ ଅଧ୍ୟକ୍ଷ ଶିଶିର ପରିଡ଼ା ବୁଧବାର ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କରିଛନ୍ତି। ଏଥିରେ ସେ ରାଜ୍ୟ ବାର୍ କାଉନସିଲ ସମ୍ପାଦକ, ଖୋର୍ଦ୍ଧା ବାର୍ ନୂତନ ଅଧ୍ୟକ୍ଷ ଶକ୍ତିଶଙ୍କର ମିଶ୍ର, ଆଇନଜୀବୀ ନୃସିଂହନାଥ ମିଶ୍ରଙ୍କୁ ପକ୍ଷଭୁକ୍ତ କରିଛନ୍ତି। ମେ ୧୮ରେ ଓଡ଼ିଶା ରାଜ୍ୟ ବାର୍ କାଉନସିଲ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ବାର୍ ଆସୋସିଏଶନ୍‌ର ପୂର୍ବତନ କାର୍ଯ୍ୟକାରୀ ସଦସ୍ୟମାନଙ୍କୁ ନେଇ ହୋଇଥିବା ନିର୍ବାଚନରେ ଶିଶିର ପରିଡା ଅଧ୍ୟକ୍ଷ ଓ ପ୍ରଭାତ ଦାସ ସଭାପତି ଭାବେ ମନୋନୀତ ହୋଇଥିଲେ। ପରେ ପ୍ରଭାତ ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ନିର୍ବାଚନକୁ ଚ୍ୟାଲେଞ୍ଜ କରି ଆଇନଜୀବୀ ଶକ୍ତିଶଙ୍କର ମିଶ୍ର ରାଜ୍ୟ ବାର୍ କାଉନସିଲର ଦ୍ୱାରସ୍ଥ ହୋଇଥିଲେ। କାଉନସିଲର ତାଙ୍କ ଆବେଦନକୁ ଗ୍ରହଣ କରି ତାଙ୍କୁ ଖୋର୍ଦ୍ଧା ବାର୍ ଆସୋସିଏଶନ ସଭାପତି ଭାବେ ମନୋନୀତ କରିଥିବାବେଳେ ଅନ୍ୟମାନଙ୍କୁ ଏହାର ସଦସ୍ୟ ଭାବେ ଘୋଷଣା କରିଥିଲେ।

ଭୁବନେଶ୍ୱର ଓକିଲ ସଂଘର ଅନ୍ତରୀଣ କମିଟି ଗଠିତ

କଟକ ଅଫିସ,୩।୬: ଲକ୍‌ଡାଉନ୍ ଯୋଗୁ ହାଇକୋର୍ଟ ଓ ଅନ୍ୟ ସମସ୍ତ ଓକିଲ ସଂଘର ନିର୍ବାଚନ ବାତିଲ ହୋଇଛି। ତେଣୁ ଓକିଲ ସଂଘଗୁଡ଼ିକର ପରିଚାଳନା ପାଇଁ ଏକ ଅନ୍ତରୀଣ କମିଟି ଗଠନ କରିବାକୁ ରାଜ୍ୟ ଆଇନ୍‌ଜୀବୀ ପରିଷଦ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଧାରିତ ସମୟ ଭିତରେ ଭୁବନେଶ୍ୱର ଓକିଲ ସଂଘର ଅନ୍ତରୀଣ କମିଟି ଗଠନ ହୋଇପାରି ନ ଥିଲା ତେଣୁ ଜୁନ୍ ୧୭ ପର୍ଯ୍ୟନ୍ତ ସମୟ ମାଗିଥିଲା ସଂଘ। ଏହି ଅନୁରୋଧକୁ ଆଇନଜୀବୀ ପରିଷଦ ପ୍ରତ୍ୟାଖ୍ୟାନ କରି ନିଜ ଆଡୁ ଭୁବନେଶ୍ୱର ଓକିଲ ସଂଘର ଅନ୍ତରୀଣ କମିଟି ଗଠନ କରିଛି। କମିଟିର ଅଧ୍ୟକ୍ଷ ଭାବେ ସଂଘର ପୂର୍ବତନ ସଭାପତି ଜହନ୍ଦୁର ରହମାନ୍ ଥିବାବେଳେ ସଦସ୍ୟ ଭାବେ ପୂର୍ବତନ ସଭାପତି ମଧୁମାଧବ ଜେନା, ତୁଷାରକାନ୍ତି ମହାପାତ୍ର, ସନ୍ତୋଷ ଚୌଧୁରୀ, ପୂର୍ବତନ ସମ୍ପାଦକ ଚିତ୍ତରଞ୍ଜନ ଦାସ, ଆତ୍ମପ୍ରକାଶ ମହାନ୍ତି, କାମଦେବ ତ୍ରିପାଠୀ, ଚିତ୍ତରଞ୍ଜନ ବଇରିଶାଳ ଓ ତାପସ ରଞ୍ଜନ ଦାସ ରହିଛନ୍ତି।

ଖୋଲିଲା ସବୁ ପାର୍କ, ବଦଳିଲା ନିୟମ

ଭୁବନେଶ୍ୱର, ୩।୬ (ବ୍ୟୁରୋ)

- ସପ୍ତାହରେ ୫ଦିନ ୨ ବେଳା ଖୋଲିବ, ଶଟ୍‌ଡାଉନ୍‌ରେ ବନ୍ଦ
- ସକାଳ ୫ରୁ ୭ଟା କେବଳ ବରିଷ୍ଠ ନାଗରିକ
- ସାମାଜିକ ଦୂରତ୍ୱ, ମାସ୍କ ପିନ୍ଧିବାକୁ ଗୁରୁତ୍ୱ
- ମୁକ୍ତାକାଶ ଜିମ୍ ଓ ଖେଳ ଉପକରଣ ବ୍ୟବହାରରେ ରୋକ୍

ସାରା ଦେଶରେ ଏବେ ଅନ୍‌ଲକ୍-୧.୦ ଜାରି ରହିଥିବାବେଳେ ଓଡ଼ିଶାରେ କଟକଣା ଧୀରେ ଧୀରେ ହଟିବାରେ ଲାଗିଛି। ଏହି ଆଧାରରେ ରାଜ୍ୟ ସରକାରଙ୍କ ପରିବର୍ତ୍ତିତ ନିର୍ଦ୍ଦେଶନାମା ଅନୁସାରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସର୍ବସାଧାରଣଙ୍କ ପାଇଁ ବୁଧବାରଠାରୁ ସମସ୍ତ ପାର୍କକୁ ଖୋଲାଯିବା ସହ ନୂଆ କଟକଣା ଲାଗୁ କରାଯାଇଛି। ସମୟ, ପ୍ରବେଶ ଓ ବ୍ୟାବହାରିକ କଟକଣା ପାଳନ କରିବାକୁ କୁହାଯାଇଛି। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ସକାଳ ୫ଟାରୁ ପୂର୍ବାହ୍ନ ୧୦ଟା ଓ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ଦୁଇଟି ପର୍ଯ୍ୟାୟରେ ପାର୍କ ଖୋଲାଯିବ। ସକାଳ ୫ଟାରୁ ୭ଟା ପର୍ଯ୍ୟନ୍ତ କେବଳ ୬୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ ପାର୍କ ଯିବାକୁ ଅନୁମତି ଦିଆଯାଇଛି। ଏହି ସମୟରେ ଅନ୍ୟ ବୟସର ଲୋକେ ପାର୍କ ଯିବା ମନା। ସେହିଭଳି ସକାଳ ୫ରୁ ୭ଟା ବ୍ୟତୀତ ଅନ୍ୟ ସମୟରେ ବୟସ୍କ ଲୋକଙ୍କୁ ପାର୍କ ଯିବାକୁ ବାରଣ କରାଯାଇଛି। ତେବେ ଶନିବାର ଓ ରବିବାର ଶଟ୍‌ଡାଉନ୍‌ରେ ପାର୍କ ସମ୍ପୂର୍ଣ୍ଣ ବନ୍ଦ ରହିବ। ରାଜ୍ୟ ସରକାରଙ୍କ କୋଭିଡ୍ ମାର୍ଗଦର୍ଶିକାକୁ ଅନୁସରଣ କରାଯାଇ ପାର୍କ ଖୋଲାଯାଇଛି। ଏଥିସହ ପୂର୍ବଭଳି କେହି ପାର୍କରେ ଥିବା ଦୋଳି, ପିଲାଙ୍କ ଖେଳ ସାମଗ୍ରୀ ଓ ମୁକ୍ତାକାଶ ଜିମ୍ ବ୍ୟବହାର କରିପାରିବେ ନାହିଁ। ଲୋକମାନେ କେବଳ ପାର୍କରେ ବସିବେ ଓ ଭ୍ରମଣ କରିପାରିବେ। ଆଗାମୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ଚୌଧାରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରାୟ ଦୁଇମାସ ବନ୍ଦ ରହିବା ପରେ ଗତ ମେ ୨୪ରେ ବିଡିଏ କର୍ତ୍ତୃପକ୍ଷ ପାର୍କକୁ ପରୀକ୍ଷାମୂଳକ ଭାବେ ଖୋଲିବାକୁ ନିଷ୍ପତ୍ତି ନେଇଥିଲେ।

ବାହାରକୁ ଆସିଲା ପାଲିଙ୍କି

ଶ୍ରୀମନ୍ଦିରରେ ଚମ୍ପକ ଦ୍ୱାଦଶୀ ନୀତି

ପୁରୀ ଅଫିସ, ୩।୬: ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ଚମ୍ପକ ଦ୍ୱାଦଶୀ ନୀତି ଅର୍ଥାତ ବରକନ୍ୟାଙ୍କ ଗୁଆଲି ସମ୍ପନ୍ନ ହୋଇଛି। ସକାଳ ଧୂପ ଓ ଭୋଗମଣ୍ଡପ ନୀତି ବଢିବା ପରେ ମହାପ୍ରଭୁଙ୍କ ଆଲଟ ଲାଗି ହୋଇଥିଲା। ଏହାପରେ ତିନିବାଡ଼ରେ ମହାସ୍ନାନ ହୋଇ ନୂଆଲୁଗା ଲାଗି ହୋଇଥିଲା। ଘଟୁଆରୀ ଘରଠାରୁ ପୂଜାପଣ୍ଡା, ପତି ମହାପାତ୍ର, ମୁଦିରସ୍ତ ଚନ୍ଦନ ବିଜେ କରାଇ ଆଣି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ସର୍ବାଙ୍ଗ ଲାଗି କରାଇବା ପରେ ବେଶ ବଢିଥିଲା। ମଧ୍ୟାହ୍ନ ଧୂପ ସରି ପାଣି ପଡ଼ିଲା ପରେ ମଦନମୋହନ ଓ ଶ୍ରୀଦେବୀ (ରୁକ୍ମିଣୀ) ବରକନ୍ୟା ଭିତରକୁ ବିଜେ କରିଥିଲେ। ସେଠାରେ ବନ୍ଦାପନା ହୋଇଥିଲା। ବରକନ୍ୟା ଆଞ୍ଚାମାଳ ପାଇ ଝୁଲଣମଣ୍ଡପ ତଳେ ଥିବା ପାଲିଙ୍କିକୁ ବିଜେ କରିଥିଲେ। ବିମାନବଡୁମାନେ ବର କନ୍ୟାଙ୍କୁ ପାଲିଙ୍କିରେ ବଡଦେଉଳ ଚତୁଃପାର୍ଶ୍ୱରେ ବୁଲାଇ ସିଂହଦ୍ୱାରକୁ ବାହାରିଥିଲେ। କରୋନା ମୁକାବିଲା ଲାଗି ଜାରି ନୂଆ ଗାଇଡ଼ଲାଇନ ଯୋଗୁ ଶ୍ରୀନଅରକୁ ଯାଇ ନ ଥିଲେ ମଧ୍ୟ ଯମେଶ୍ୱରଙ୍କ ମନ୍ଦିରକୁ ଯାଇଥିଲେ। ସେଠାରେ ପଞ୍ଚୁଗ୍ରାସୀ ନୀତି ଭୋଗ ଏବଂ ବନ୍ଦପନା ହୋଇଥିଲା। ଏହାପରେ ବରକନ୍ୟା ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ତେବେ ରାଜ୍ୟ ସରକାରଙ୍କ ନୂଆ ଗାଇଡ଼ଲାଇନ ଅନୁଯାୟୀ ଜୁନ୍ ୩୦ ପର୍ଯ୍ୟନ୍ତ କୌଣସି ଧର୍ମୀୟ ସମାବେଶ ହୋଇପାରିବ ନାହିଁ ବୋଲି ନିର୍ଦ୍ଦେଶ ରହିଛି। କିନ୍ତୁ ଶ୍ରୀମନ୍ଦିରରୁ ପାଲିଙ୍କି ବାହାରି ଯମେଶ୍ୱର ମନ୍ଦିରକୁ ଯାଇ ସେଠାରେ ନୀତି କରାଯାଇଛି।

ଅନ୍‌ଲାଇନ୍‌ରେ ପରୀକ୍ଷା କରିବ ଆଇଆଇଟି ଭୁବନେଶ୍ୱର

ଠିକ୍ ସମୟରେ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ଗ୍ରାଜୁଏଟ୍ କରିବାକୁ ନିଷ୍ପତ୍ତି

ଭୁବନେଶ୍ୱର,୩।୬(ବ୍ୟୁରୋ)

କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ଆଇଆଇଟି ଭୁବନେଶ୍ୱର ଏହାର ଶେଷବର୍ଷ ଛାତ୍ରୀଛାତ୍ରଙ୍କ ସେମିଷ୍ଟର ପରୀକ୍ଷା ଅନ୍‌ଲାଇନ୍‌ରେ କରିବାକୁ ନିଷ୍ପତ୍ତି ନେଇଛି। ଶିକ୍ଷାନୁଷ୍ଠାନରୁ ଚଳିତବର୍ଷ ଉତ୍ତୀର୍ଣ୍ଣ ହେବାକୁ ଥିବା ଛାତ୍ରୀଛାତ୍ରଙ୍କୁ ଉଚିତ୍ ସମୟରେ ଗ୍ରାଜୁଏଶନ ସାର୍ଟିଫିକେଟ୍ ଦେବାକୁ ଏହି ନିଷ୍ପତ୍ତି ନିଆଯାଇଛି। ଜୁନ୍ ୨୪ରୁ ଏହି ଅନ୍‌ଲାଇନ୍ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ଏଥିଲାଗି ପୂର୍ବରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଆଇଆଇଟିର ନିଜସ୍ୱ ଜ୍ଞାନକୌଶଳରେ କରାଯାଇଥିବା ସ୍ୱତନ୍ତ୍ର ବ୍ୟବସ୍ଥା ଦ୍ୱାରା ଛାତ୍ରୀଛାତ୍ରମାନେ ଘରେ ବସି ଅନ୍‌ଲାଇନ୍ ମୋଡ୍‌ରେ ପରୀକ୍ଷା ଦେଇପାରିବେ। ପୂର୍ବରୁ ଏଥିଲାଗି ମେ' ୯ରେ ସମଗ୍ର ଦେଶରୁ ୨୪୦ଜଣ ଛାତ୍ରୀଛାତ୍ର, ୩୧ଟି ବିଷୟର ପ୍ରଶ୍ନପତ୍ର ଏବଂ ୨୦ଜଣ ପରୀକ୍ଷା ନୀରିକ୍ଷକଙ୍କୁ ନେଇ ଏକ ମକ୍ ଟେଷ୍ଟ୍ ସଫଳତାର ସହ କରାଯାଇଥିବା ଶିକ୍ଷାନୁଷ୍ଠାନ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଛାତ୍ରୀଛାତ୍ରଙ୍କ ପାଇଁ ଦୁଇଟି ବିକଳ୍ପ ପରୀକ୍ଷା ତାରିଖ ଚୁଡ଼ାନ୍ତ କରାଯାଇଛି। ପ୍ରଥମ ପରୀକ୍ଷା ଜୁନ୍ ୨୪ ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ ଦ୍ୱିତୀୟ ପରୀକ୍ଷା ଜୁଲାଇ ଶେଷ କିମ୍ବା ଅଗଷ୍ଟ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ। ପିଲାମାନେ ଉପରୋକ୍ତ ଦୁଇଟି ପରୀକ୍ଷା ମଧ୍ୟରୁ ନିଜ ପସନ୍ଦ ମୁତାବକ ଗୋଟିଏ ତାରିଖରେ ପରୀକ୍ଷା ଦେଇପାରିବେ। ପ୍ରସ୍ତୁତ ହୋଇସାରିଥିଲେ ଏବଂ ଅନ୍‌ଲାଇନ୍‌ରେ ପରୀକ୍ଷା ଦେବାକୁ ସମସ୍ତ ସୁବିଧା ଉପଲବ୍ଧ ଥିଲେ ପିଲାମାନେ ପ୍ରଥମ ଥର ପରୀକ୍ଷା ଦେଇପାରିବେ। ନଚେତ୍ ଅଧିକ ପ୍ରସ୍ତୁତ ହେବାକୁ କିମ୍ବା ସୁବିଧା ନ ଥିବା ଛାତ୍ରୀଛାତ୍ରମାନେ ଦ୍ୱିତୀୟ ଥର ପରୀକ୍ଷା ଦେଇପାରିବେ ବୋଲି ଆଇଆଇଟି ପକ୍ଷରୁ କୁହାଯାଇଛି। ଯଦି ପରିସ୍ଥିତିରେ ସୁଧାର ଆସିଥାଏ ତାହେଲେ ଦ୍ୱିତୀୟ ଥର ଲାଗି ପିଲାମାନେ ଶିକ୍ଷାନୁଷ୍ଠାନ ଆସି କ୍ୟାମ୍ପସରେ ଅଫ୍‌ଲାଇନ୍‌ରେ ପରୀକ୍ଷା ଦେବାର ମଧ୍ୟ ସୁଯୋଗ ପାଇପାରିବେ।

ପିକ୍ ଆୱାର ପାଇଁ ୨ ନୂଆ ରୁଟ୍‌ରେ ମୋ ବସ୍

ଭୁବନେଶ୍ୱର, ୩।୬ (ବ୍ୟୁରୋ)

ପିକ୍ ଆୱାର ବା କାର୍ଯ୍ୟାଳୟ ଯାତାୟାତ କରିବା ସମୟରେ କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ଦ୍ୱାରା ପରିଚାଳିତ ମୋ ବସ୍ ୨ ନୂଆ ରୁଟ୍‌ରେ ଗଡ଼ିବ। ବହୁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଖୋଲା ହେବା ପରେ ଏବେ ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି କର୍ମଚାରୀମାନେ ଯାତାୟତ କରିବାରେ ନାନା ସମସ୍ୟା ଭୋଗୁଛନ୍ତି। ଏହା କ୍ରୁଟ୍‌ର ନଜରକୁ ଆସିବା ପରେ ଲୋକଙ୍କ ସୁବିଧା ପ୍ରତି ଗୁରୁତ୍ୱ ଦିଆଯାଇ ପିକ୍ ଆୱାରରେ ନୂଆ ରୁଟ୍‌ରେ ମୋ ବସ୍ ଚଳାଚଳ ପାଇଁ ସ୍ଥିର କରାଯାଇଛି। ଗୁରୁବାରଠାରୁ ୧୬ ନଂ. ରୁଟ୍ ଭୁବନେଶ୍ୱର ରେଳ ଷ୍ଟେଶନ-ବିଜୁ ପଟ୍ଟନାୟକ ପାର୍କ-କଟକ (ଭାୟା-ଜାତୀୟ ରାଜପଥ) ଓ ୧୮ ନଂ. ରୁଟ୍ ବରମୁଣ୍ଡା ଆଇଏସ୍‌ବିଟି-ଜଗତ୍‌ପୁର (ଭାୟା-ନନ୍ଦନକାନନ)କୁ ପ୍ରତି ୨୦ ମିନିଟ୍‌ରେ ଗୋଟିଏ ଲେଖାଏ ମୋ ବସ୍ ଚଳାଚଳ କରିବ ବୋଲି କ୍ରୁଟ୍ ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି।

'ପୁରୀ ସହରବାସୀଙ୍କୁ ମିଳୁ ଦର୍ଶନ ସୁଯୋଗ'

ପୁରୀ ଅଫିସ, ୩।୬

ପୁରୀ ସହରବାସୀଙ୍କୁ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ହାତୀବେଶ ଦର୍ଶନ ସୁଯୋଗ ଦେବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ। ବୁଧବାର ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଷଡ଼ଙ୍ଗୀ କହିଥିଲେ, ଯେପରି ସାମାଜିକ ଦୂରତ୍ୱ ରକ୍ଷା କରି ବଡ଼ଦାଣ୍ଡରେ ହଜାର ହଜାର ଲୋକ ବନ୍ଦେ ଉତ୍କଳ ଜନନୀ ଗାନ କରିପାରିଲେ ସେହିପରି ଦର୍ଶନ ବ୍ୟବସ୍ଥା କରାଯାଉ। ଅନ୍ତତଃପକ୍ଷେ ବାହାର ଲୋକ ନ ଆସନ୍ତୁ, କିନ୍ତୁ ସହରବାସୀ ଯେପରି ସିଂହଦ୍ୱାର ନିକଟରେ ସାମାଜିକ ଦୂରତ୍ୱ ରକ୍ଷା କରି ନିୟମ ଅନୁସାରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେଥିପାଇଁ ସୁଯୋଗ ଦିଆଯାଉ। ଜିଲା ପ୍ରଶାସନ, ପୋଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ ବୋଲି ସେ ନିବେଦନ କରିଛନ୍ତି।

ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

ଜଟଣୀ, ୩।୬(ଡି.ଏନ.ଏ.):

ଜଟଣୀ ତହସିଲ ଅନ୍ତର୍ଗତ କୁଶମାଟି ମୌଜାରେ ଥିବା ସରକାରୀ ଜମିରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ସରକାରୀ ଜମି ଜବରଦଖଲ କରି ନିର୍ମିତ ହୋଇଥିବା ୪ଟି ଅର୍ଦ୍ଧନିର୍ମିତ ଘର ଓ ୧୫ରୁ ଅଧିକ ପାଚେରିକୁ ଜେସିବିରେ ଭଙ୍ଗାଯାଇଛି। ଜଟଣୀ ତହସିଲଦାର ପ୍ରିୟାଂଶୁ ଚାନ୍ଦ, ଅତିରିକ୍ତ ତହସିଲଦାର ଦିଲୀପ ଷଡ଼ଙ୍ଗୀ, ଶ୍ରୀମନ୍ଦିର ତହସିଲର ଆସିଷ୍ଟାଣ୍ଟ ସେଟଲ୍‌ମେଣ୍ଟ ଅଫିସର ଅନିଲ କୁମାର ପାଣିଗ୍ରାହୀଙ୍କ ସମେତ ପୋଲିସ୍ ଉପସ୍ଥିତିରେ ଏହି ଉଚ୍ଛେଦ ହୋଇଥିଲା।

ଜଟଣୀ ତହସିଲ ଅନ୍ତର୍ଗତ ଛଣଘର, କୁଶମାଟି, ଷଣ୍ଢପୁର, ରାମଚନ୍ଦ୍ରପୁର ମୌଜାରେ ୨ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସରକାରୀ ଜମି ଜବରଦଖଲ ହୋଇଛି। ଏହି ସବୁ ଜମି ଉପରେ ଘରୋଇ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ, ସ୍ୱେଚ୍ଛାସେବୀ ସଙ୍ଗଠନ ନାମରେ ବେଆଇନ ଭାବେ ଘର ନିର୍ମାଣ ହୋଇଛି। ସ୍ୱତନ୍ତ୍ର ର୍ୟାକେଟ୍ ଦ୍ୱାରା ଦୀର୍ଘ ବର୍ଷ ହେବ ସରକାରୀ ଜମି ଜବରଦଖଲ କରାଯାଇ କିଣାବିକା ଚାଲିଛି। ଜମି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି।

ବିବାହ ଖର୍ଚ୍ଚକୁ ଦାନକଲେ ନବ ଦମ୍ପତି

କଟକ ଅଫିସ,୩।୬

ବିବାହରେ ଖର୍ଚ୍ଚ ହେବାକୁ ଥିବା ଟଙ୍କାକୁ କରୋନା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କୁ ଦାନ କରିଛନ୍ତି ନବଦମ୍ପତି। ଭୁବନେଶ୍ୱର ଝାରପଡ଼ା ଅଞ୍ଚଳର ଗୌରାଙ୍ଗ ଜେନାଙ୍କ ପୁଅ ତଥା ଯୁବ ବିଜେଡି ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନଙ୍କ ବୁଧବାର ବିବାହ ସମ୍ପନ୍ନ ହୋଇଛି। ସେ କଟକ ଶିଖରପୁରର ସୁକାନ୍ତ ଚନ୍ଦ୍ର ରାଉତରାୟଙ୍କ କନ୍ୟା ସୁଜାତା ରାଉତରାୟଙ୍କୁ ବିବାହ କରିଥିଲେ। ସୀମିତ ବନ୍ଧୁ ପରିଜନଙ୍କ ସହ ନିରାଡମ୍ବର ଭାବେ ବିବାହ କାର୍ଯ୍ୟ ଶେଷ ହୋଇଥିଲା। ପରେ ନିଜ ସ୍ତ୍ରୀ ଓ ପରିବାର ସହ ଜ୍ୟୋତିରଞ୍ଜନ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ବିବାହ ଖର୍ଚ୍ଚରୁ ୫୦ ହଜାର ଟଙ୍କା କରୋନା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ

ସଂକ୍ଷେପରେ

ମହେନ୍ଦ୍ର ପରିଡ଼ା ହେଲେ ଏମ୍‌ପିଙ୍କ ପାରାଦୀପ ପ୍ରତିନିଧି

ପାରାଦୀପ,୩।୬(ସ୍ୱ.ପ୍ର.): ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକଙ୍କ ପାରାଦୀପ ପ୍ରତିନିଧି ଭାବେ ବିଜେଡିର ଯୁବକର୍ମୀ ମହେନ୍ଦ୍ର କୁମାର ପରିଡ଼ା(ପପୁ)ଙ୍କୁ ନିଯୁକ୍ତି ମିଳିଛି। ଏମ୍‌ପି ଡା. ମଲ୍ଲିକ ମଙ୍ଗଳବାର ତାଙ୍କୁ ନିଯୁକ୍ତି ଦେଇଛନ୍ତି। ପପୁଙ୍କୁ ଏହି ପଦବୀ ମିଳିବା ପରେ ଦଳୀୟ କର୍ମୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନିଯୁକ୍ତି ପାଇବା ପରେ ପପୁ କହିଛନ୍ତି, ସେ ଦଳର ଶୃଙ୍ଖଳିତ କର୍ମୀ ଭାବେ ସୂଚାରୁ ରୂପେ କାମ କରିବେ। ଏଥିପାଇଁ ସେ ଏମପି ମଲ୍ଲିକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହିତ ଦଳର ନଗର ସଭାପତି ବସନ୍ତ ବିଶ୍ୱାଳ, ବରିଷ୍ଠ କର୍ମୀ ଶଙ୍କର ରାଉତ, ଉଲ୍ଲାସ ବିଶ୍ୱାଳ, ଚପଳା ସ୍ୱାଇଁ ଓ ବିଧାୟକ ସମ୍ବିତ ରାଉତରାୟ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ପପୁ ହେଉଛନ୍ତି କୁଜଙ୍ଗ ଅଞ୍ଚଳର ଜଣାଶୁଣା ବ୍ୟକ୍ତି ଶୁକଦେବ ପରିଡ଼ାଙ୍କ ସାନପୁଅ।

ନିର୍ମାଣ ମଜଦୁର ସଂଘର ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା ଅଫିସ, ୩।୬: ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘର କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ଶ୍ରମ ଅଧିକାରୀଙ୍କୁ ବୁଧବାର ପ୍ରଦାନ କରାଯାଇଛି । ଜିଲା ସଭାପତି ପ୍ରଭାତ କୁମାର ପାଣି କହିଛନ୍ତି, କରୋନା ଭୂତାଣୁ ସଂକ୍ରମଣ ପାଇଁ ଦେଶରେ ତାଲା ବନ୍ଦ ହୋଇଛି । ଏଥିରେ ନିର୍ମାଣ ଶ୍ରମିକଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲିଯାଇଛି। ସେମାନଙ୍କୁ ମାତ୍ର ଦେଢ଼ ହଜାର ଟଙ୍କା ଦିଆଯାଇଥିବା ବେଳେ ଏହା ପରିବାର ପ୍ରତିପୋଷଣ ପାଇଁ ଯଥେଷ୍ଟ ହେଉନାହିଁ। ପ୍ରତ୍ୟେକ ନିର୍ମାଣ ଶ୍ରମିକଙ୍କୁ ଅନ୍ୟୁନ ୩ ହଜାର ଟଙ୍କା ପ୍ରଦାନ ସହିତ ଅଣସଂଗଠିତ ନିର୍ମାଣ ଶ୍ରମିକଙ୍କ ପାଇଁ ଦାବି ଉତ୍‌ଥାପନ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ଜିଲା ସମ୍ପାଦକ ପ୍ରଶାନ୍ତ ତ୍ରିପାଠୀ ଉପସ୍ଥିତ ଥିଲେ।

ସିପିଆଇ ପକ୍ଷରୁ ୧୦ ଦଫା ଦାବିପତ୍ର

ବିରିଡ଼ି,୩।୬(ଡି.ଏନ.ଏ.): ବିରିଡ଼ି ବ୍ଲକ ସିପିଆଇ ଆଞ୍ଚଳିକ କମିଟି ପକ୍ଷରୁ ବୁଧବାର ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ତହସିଲଦାରଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ବାତ୍ୟା ଅଞ୍ଚଳରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ବେକାର ଯୁବତୀଯୁବକଙ୍କୁ କାମ ଯୋଗାଇବା, ପ୍ରବାସୀ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିବା, ସମସ୍ତଙ୍କୁ ରାଶନ ସାମଗ୍ରୀ ଯୋଗାଇବା, କରୋନା ମହାମାରୀ ଆଳରେ ଶ୍ରମ ଆଇନକୁ ଭଣ୍ଡୁର ନ କରିବା, ଚାଷୀଙ୍କ ଋଣ ଛାଡ଼ କରିବା ସହ ନୂତନ ଋଣ ଯୋଗାଇବା ଆଦି ଦାବି ଉଲ୍ଲେଖ କରାଯାଇଛି। ସିପିଆଇ ବିରିଡ଼ି ଆଞ୍ଚଳିକ କମିଟି ସମ୍ପାଦକ ବିଜୟ କୁମାର ଭୋଇ, ନାରାୟଣ ଭୋଳ, ବିଷ୍ଣୁଚରଣ ଦଳାଇ, ତ୍ରିଲୋଚନ ବେହେରା, ତୈଲୋକ୍ୟନାଥ ଜେନା, ଗୌରାଙ୍ଗ ବୋଷ, ରବୀନ୍ଦ୍ର ବାରିକ ଓ ଶୁକଦେବ ସାହୁ ପ୍ରମୁଖ ତହସିଲଦାରଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ଅଙ୍କିତା ବାରିକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଧର୍ମ ଆଧାରରେ ଗିରଫ ବନ୍ଦ ଦାବି

କେନ୍ଦ୍ରାପଡ଼ା ଅଫିସ, ୩।୬: କେନ୍ଦ୍ରାପଡ଼ା ଜିଲାର ଆମେ ଭାରତବାସୀ ସଂଗଠନ ପକ୍ଷରୁ ଧର୍ମ ଆଧାରରେ ଗିରଫକୁ ବିରୋଧ କରାଯାଇଛି। ଏ ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ରକୁ ସଂଗଠନର କର୍ମକର୍ତ୍ତାମାନେ ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ବୁଧବାର ପ୍ରଦାନ କରିଛନ୍ତି। ସଂଗଠନର ଆବାହକ ଗୟାଧର ଧଳ କହିଛନ୍ତି, ସମଗ୍ର ବିଶ୍ୱ କୋଭିଡ୍ ଭୂତାଣୁକୁ ନେଇ ସଂଘର୍ଷ କରୁଥିବା ବେଳେ କେନ୍ଦ୍ର ସରକାର ଧର୍ମୀୟ ଭାବନାକୁ ଆଧାର କରି ଦମନଲୀଳା ଆରମ୍ଭ କରିଛନ୍ତି । ସିଏଏ, ଏନ୍‌ପିଆର ଓ ଏନ୍‌ଆର୍‌ସିକୁ ବିରୋଧ କରୁଥିବା ବ୍ୟକ୍ତିଙ୍କୁ ଦିଲ୍ଲୀ ପୋଲିସ ଓ କେତେକ ଭାଜପା ଶାସିତ ରାଜ୍ୟ ସରକାର ଗିରଫ କରୁଛନ୍ତି । ଏହାଦ୍ୱାରା ଲୋକଙ୍କର କହିବାର ଅଧିକାରକୁ କ୍ଷୁଣ୍ଣ କରାଯାଉଥିବା ସେ କହିଛନ୍ତି । ଦାବିପତ୍ର ପ୍ରଦାନ ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଗଠନର କର୍ମକର୍ତ୍ତା ଆଦିକନ୍ଦ ରାଉଳ, ଅଜୟ ସାମଲ, ଉମେଶ ଚନ୍ଦ୍ର ସିଂହ, ରମଣୀ ରଞ୍ଜନ ରାଉତରାୟ, ଜଗନ୍ନୀବନ ଦାଶ, ନଗେନ୍ଦ୍ର ଜେନା ପ୍ରମୁଖଙ୍କ ନେତୃତ୍ୱରେ ପ୍ରତିବାଦ କରାଯାଇଥିଲା।

ଖଣିରେ ଦୁର୍ଘଟଣା, କର୍ମଚାରୀ ମୃତ

କାଳିଆପାଣି, ୩।୬ (ଡି.ଏନ୍.ଏ.)

ଯାଜପୁର ଜିଲା କାଳିଆପାଣି ଥାନା ଅଧୀନ ବାଲେଶ୍ୱର ଆଲଏଜ ଖଣିରେ ବୁଧବାର ଦୁର୍ଘଟଣା ଘଟି ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିମଳ ବିହାରୀ ଦାସ(୪୭। ସେ ଖଣିରେ ମାଇନିଂ ମେଟ ଭାବେ କାର୍ଯ୍ୟ କରୁଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଖଣି ଭିତରେ ଏକ କଣ୍ଟେନରକୁ ଅନ୍ୟତ୍ର ସ୍ଥାନାନ୍ତର କରୁଥିବା ସମୟରେ ବିମଳଙ୍କ ଉପରେ ମେଶିନଟି ଓଲଟି ପଡିଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ କିଛି ସମୟ ଧରି ଖଣି କର୍ମଚାରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ କାଳିଆପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ମାମଲାର ତଦନ୍ତ ଜାରି ରଖିଛି।

ତେବେ ବିମଳଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ସହ ତାଙ୍କ ପରିବାର ଜଣଙ୍କୁ କମ୍ପାନୀରେ ନିଯୁକ୍ତି ଦେବା ପାଇଁ ଶ୍ରମିକ ସଂଘ ପକ୍ଷରୁ ଦାବି କରିଥିଲେ। ଏହାଛଡ଼ା କମ୍ପାନୀରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କ ପାଇଁ ୫୦ଲକ୍ଷ ଟଙ୍କାର ବୀମା କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯିବା ସହ ସଦସ୍ୟମାନେ କାମ ବନ୍ଦ ରଖି ଆନ୍ଦୋଳନ କରିଥିଲେ। ଏହାକୁ ନେଇ ବାଲେଶ୍ୱର ଆଲଏଜର ଇଡି ନଗେନ୍ଦ୍ର କୁମାର, ତାରିଣୀ ମହାନ୍ତି, ଅମର ନାଥ ଧରଙ୍କ ସହିତ ଏସ୍‌ଆରକେଏମ୍‌ଏସ୍‌ର ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀରଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ମୃତକ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତି ପୂରଣ ସହିତ ପରିବାରର ଜଣଙ୍କୁ ଖଣିରେ ନିଯୁକ୍ତି ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ସମସ୍ତ ଖଣି କର୍ମଚାରୀ କରିଥିବା ଦାବି ମୁତାବକ ସମସ୍ତ କର୍ମଚାରୀଙ୍କ ପାଇଁ ୪୦ଲକ୍ଷ ଟଙ୍କାର ବୀମା କରିବାକୁ କମ୍ପାନୀ କର୍ତ୍ତୃପକ୍ଷ ଲିଖିତ ଭାବେ ଜଣାଇଥିଲେ।

ଆନ୍ଦୋଳନରତ ଶ୍ରମିକମାନେ ।

ବାଲେଶ୍ୱର ଆଲଏଜ ଖଣି

- ମୃତକଙ୍କ ପରିବାରକୁ ୫୦ଲକ୍ଷ କ୍ଷତିପୂରଣ, ପରିବାରର ଜଣକୁ ଚାକିରି ଦାବିରେ ଶ୍ରମିକ ସଂଘର ଆନ୍ଦୋଳନ

ପରିଚାଳନା କମିଟିକୁ କାରଣ ଦର୍ଶାଅ ନୋଟିସ

ଓଡ଼ଗାଁ,୩।୬(ସ୍ୱ.ପ୍ର.)

ସେବା ସମବାୟ ସମିତିରେ ଅର୍ଥ ତୋସରପାତ ମାମଲା

ଓଡ଼ଗାଁ ବ୍ଲକ କୁରାଳ ସେବା ସମବାୟ ସମିତିରେ ବହୁ କୋଟି ଟଙ୍କା ଦୁର୍ନୀତି ମାମଲାରେ ତତ୍‌କାଳୀନ ପରିଚାଳନା କମିଟି ସଭାପତିଙ୍କ ସମେତ ସମସ୍ତ ସଦସ୍ୟଙ୍କୁ କାରଣଦର୍ଶାଅ ନୋଟିସ ଜାରି ହୋଇଛି। ସୂଚନା ଅନୁସାରେ ଏହି ସେବା ସମବାୟ ସମିତିର ଶତାଧିକ ହିତାଧିକାରୀ ଓ ଜମାକାରୀଙ୍କ ପ୍ରାୟ ୫ କୋଟିରୁ ଊର୍ଦ୍ଧ୍ୱ ଜମା ଟଙ୍କା ତୋଷରପାତ ନେଇ ମାମଲା ହୋଇଥିଲା। ଏହାକୁ ନେଇ ଜମାକାରୀ ସମିତି କାର୍ଯ୍ୟାଳୟରେ ଆନ୍ଦୋଳନ କରିବା ସହିତ ଓଡ଼ଗାଁସ୍ଥିତ କେନ୍ଦ୍ର ସମବାୟ ବ୍ୟାଙ୍କ ଏବଂ ନୟାଗଡ଼ ଜିଲା ସମବାୟ ବ୍ୟାଙ୍କ ଆଗରେ ଧାରଣା ଦେଇଥିଲେ। ଜିଲା ଭିଜିଲାନ୍ସ ବିଭାଗ କେତେକ ନଥିପତ୍ର ଜବତ କରିବା ପରେ ମାମଲାରେ ସମ୍ପୃକ୍ତ ସମ୍ପାଦକ କାଳୁଚରଣ ରାଉତଙ୍କୁ ଗିରଫ କରିବା ସହିତ କାର୍ଯ୍ୟରୁ ନିଲମ୍ବିତ କରିଥିଲା। ପରବର୍ତ୍ତୀ ସମୟରେ ସମବାୟ ବିଭାଗ ମାମଲାର ତଦନ୍ତ କରିବାକୁ ଜଣେ ସମବାୟ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲା। ତଦନ୍ତ ପରେ ତଦନ୍ତକାରୀ ଅଧିକାରୀ ବିଜୟ କୁମାର ସ୍ୱାଇଁ ୨୦୧୫ରୁ ୨୦୧୮ ପର୍ଯ୍ୟନ୍ତ ପରିଚାଳନା କମିଟି ଭାବେ ଦାୟିତ୍ୱ ତୁଲାଇଥିବା ସଭାପତି ପଞ୍ଚୁ ପ୍ରଧାନଙ୍କ ସମେତ ସମସ୍ତ ୧୪ ସଦସ୍ୟଙ୍କୁ ମେ ୨୭ ତାରିଖରେ ଚିଠି ସଂଖ୍ୟା ୫୬୦ ଅନୁସାରେ ଅର୍ଥ ତୋଷରପାତ ମାମଲାରେ ମତାମତ ଦେବାକୁ ନୋଟିସ ଜାରି କରାଯାଇଛି । ଏହାସହ ୪ ତାରିଖ ସାଢେ ୧୧ଟାରେ କୁରାଳ ସେବା ସମବାୟ ସମିତି କାର୍ଯ୍ୟାଳୟରେ ଉପସ୍ଥିତ ରହି ବୟାନ ଦେବାକୁ କୁହାଯାଇଛି। ଅନ୍ୟପକ୍ଷେ ପରିଚାଳନା କମିଟିର କେତେକ ସଦସ୍ୟ ଏଥିରେ ସମ୍ପୃକ୍ତ ନ ଥିବା ପ୍ରକାଶ କରିଛନ୍ତି।

ସୁସ୍ଥ ହେଲେ ୧୫ କରୋନା ଆକ୍ରାନ୍ତ

ନୟାଗଡ଼ ଅଫିସ, ୩।୬

ନୟାଗଡ଼ ଜିଲାରେ ୬୯ ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ବୁଧବାର ୧୫ଜଣ ସୁସ୍ଥ ହୋଇଛନ୍ତି। ପୂର୍ବରୁ ୩୦ ସୁସ୍ଥ ହୋଇଥିବାରୁ ମୋଟ ସୁସ୍ଥଙ୍କ ସଂଖ୍ୟା ୪୫ରେ ପହଞ୍ଚିଛି। ୨୪ଜଣ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି।

କରୋନା ସହାୟତା ପାଉନାହାନ୍ତି ନିର୍ମାଣ ଶ୍ରମିକ

ଦାବିପତ୍ର ଦେବାକୁ ଆସିଥିବା ନିର୍ମାଣ ଶ୍ରମିକ।

ନୟାଗଡ଼ ଅଫିସ, ୩।୬

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ନୟାଗଡ ଜିଲାରେ ଅଧିକାଂଶ ନିର୍ମାଣ ଶ୍ରମିକ କରୋନା ସହାୟତା ନ ପାଇ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। କରୋନା କଟକଣା ଯୋଗୁ ପ୍ରବାସୀ ଶ୍ରମିକ ଗାଁ ମୁହାଁ ହୋଇଥିଲେ। ହେଲେ ସେମାନଙ୍କୁ ଗାଁରେ କାମ ମିଳୁନି। ଏପରି କି ସେମାନଙ୍କ ନାଁ ନିର୍ମାଣ ଶ୍ରମିକ ଭାବେ ପଞ୍ଜୀକୃତ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ୬୦ ବର୍ଷ ହୋଇଥିବା ନିର୍ମାଣ ଶ୍ରମିକଙ୍କୁ ୧୫ ଶହ ଟଙ୍କା ପ୍ରଦାନ, ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଜରିଆରେ ଦିଆଯାଉଥିବା ୧୫ଶହ ଟଙ୍କା ୩ ମାସ ମଧ୍ୟରେ ପ୍ରଦାନ, ନାଁ ପଞ୍ଜୀକରଣ ସହ ୩ମାସ ମଧ୍ୟରେ ନବୀକରଣ ସୁବିଧା ଆଦି ୭ଦଫା ଦାବିନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ନୟାଗଡ଼ ଜିଲା ସମ୍ପାଦକ ମମତା ନାୟକ, ସୁକାନ୍ତ ମହାପାତ୍ର, ରାମଚନ୍ଦ୍ର ଭଜ୍ଞ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା କୁହନ୍ତି, ନିର୍ମାଣ ଶ୍ରମିକିଙ୍କ ଯେଉଁ ଅସୁବିଧା ରହିଛି ତା'ର ଅନୁଧ୍ୟାନ ଚାଲିଛି। ସେମାନଙ୍କ ସମସ୍ୟା ତୁରନ୍ତ ସମାଧାନ କରିବାକୁ ଚେଷ୍ଟା କରାଯାଉଛି।

ଡାଲି ଯୋଗାଣରେ ବିଳମ୍ବ, ଧାରଣା ଦେଲା ଭାଜପା

ଧର୍ମଶାଳା, ୩।୬ (ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ହିତାଧିକାରୀଙ୍କୁ ଡାଲି ଯୋଗାଣରେ ବିଳମ୍ବକୁ ନେଇ ଭାଜପା ପକ୍ଷରୁ ବ୍ଲକ ଅଫିସ୍ ଆଗରେ ଗଣଧାରଣା ଦିଆଯାଇଥିଲା। ଗଣଧାରଣାରେ ଜିଲା ଭାଜପା ସାଧାରଣା ସମ୍ପାଦକ ସର୍ବେଶ୍ୱର ବେହୁରାଙ୍କ ସହ ସୁଶାନ୍ତ ବେହେରା, ଅରତ ସ୍ୱାଇଁ, ରଘୁନାଥ ବେହେରା, ମନୋଜ ସାମଲ, ସ୍ମୃତିରଞ୍ଜନ ବାରିକ ପ୍ରମୁଖ ସାମିଲ ହୋଇଥିଲେ। ଏବିଡିଓ ଅସିତ କୁମାର ପାତ୍ର ଧାରଣାସ୍ଥଳରେ ପହଞ୍ଚି ୩ଦିନ ମଧ୍ୟରେ ହିତାଧିକାରୀଙ୍କୁ ଡାଲି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ଯୋଗଣା ନିରୀକ୍ଷକ ଜଗମୋହନ ଦାସଙ୍କୁ ପଚାରିବାରେ ଯାଜପୁର ଜିଲାର ଧର୍ମଶାଳା ସମେତ ୪ଟି ବ୍ଲକକୁ ଡାଲି ଯୋଗାଣ ହୋଇନାହିଁ। କିନ୍ତୁ ଏହି ବ୍ଲକର ୪୫ ହଜାର ୨୫୯ ପରିବାର ପାଇଁ ୧୩୫୭.୭୭ କୁଇଣ୍ଟାଲ ଡାଲି ଯୋଗାଇ ଦେବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ମଞ୍ଜୁର ହୋଇଛି। ୩ ଦିନ ମଧ୍ୟରେ ଡାଲି ଉଠାଯାଇ ହିତାଧିକାରୀଙ୍କୁ ବଣ୍ଟନ କରାଯିବ ବୋଲି କହିଛନ୍ତି।

ଦୁର୍ବଳ ପ୍ରଦର୍ଶନକାରୀଙ୍କୁ ସାମାଜିକ ଲଜ୍ଜା

ବୈଠକରେ ଜିଲା ପ୍ରଶାସନିକ ଅଧିକାରୀମାନେ।

ଯାଜପୁର ଅଫିସ, ୩।୬

- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରୁଛି ମେଶିନ
- ଅଭିଯୋଗ ପରେ ଜିଲା ପ୍ରଶାସନର ତତ୍ପରତା

ଯାଜପୁର ଜିଲାର ଏକାଧିକ ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଶ୍ରମିକ ବଦଳରେ ମେଶିନ ଦ୍ୱାରା କାମ ହେଉଥିବା ଅଭିଯୋଗ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିରେ ଯେଉଁ ଅଧିକାରୀ ବା କର୍ମଚାରୀ ଦୁର୍ବଳ ପ୍ରଦର୍ଶନ କରିବେ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ସହ ସାମାଜିକ ଲଜ୍ଜା ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି ଡିଆର୍‌ଡିଏ ପିଡି ଇନ୍ଦ୍ରମଣି ନାୟକ ତାଗିଦ କରିଛନ୍ତି। ବୁଧବାର ବରୀ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ପ୍ରାରମ୍ଭରେ ପ୍ରୋବେଶନରେ ଆସିଥିବା ଆଇଏଏସ ଅଧିକାରୀ ପାୱାର ସଚିନ ପ୍ରକାଶଙ୍କୁ ସମସ୍ତଙ୍କ ସହ ପରିଚିତ କରାଯିବା ସହ ସ୍ୱାଗତ କରାଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବରୀ ବ୍ଲକରେ ଚଳିତ ମାସ ୫ ତାରିଖ ସୁଦ୍ଧା ୫ ହଜାର ଓ ୧୦ତାରିଖ ସୁଦ୍ଧା ୮ ହଜାର ଶ୍ରମ ଦିବସ ସୃଷ୍ଟି କରିବାକୁ ପିଡି ନାୟକ ନିର୍ଦ୍ଦେଶ ଦେଇଥିଲେ। ଯେଉଁଠାରେ ଚତୁର୍ଥ ଓ ଚତୁର୍ଦ୍ଦଶ ଅର୍ଥ କମିଶନର ଅର୍ଥକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହ କନଭର୍ଜ କରାଯାଇଛି ସେଠାରେ ନିୟମ ମୁତାବକ ଆଶିଂକ ମେଶିନ ମାଧ୍ୟମରେ ଓ ସର୍ବାଧିକ କାର୍ଯ୍ୟ ଶ୍ରମିକମାନଙ୍କ ମାଧ୍ୟମରେ ଏବଂ ଯେଉଁଠାରେ କେବଳ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ହେଉଛି ସେଠାରେ କେବଳ ଶ୍ରମଜୀବୀଙ୍କ ମାଧ୍ୟମରେ କାମ କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟସ୍ଥଳରେ ସୂଚନା ଫଳକ ସହ ସାମାଜିକ ଦୂରତା, ମାସ୍କ ବ୍ୟବହାର, ପ୍ରାଥମିକ ଚିକିତ୍ସା ଇତ୍ୟାଦି ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅପରପକ୍ଷରେ ଆବାସ ଯୋଜନାକୁ ତ୍ୱରାନ୍ୱିତ କରି ସେଥିରେ ଥିବା ୯୫ ଦିନର କାର୍ଯ୍ୟ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ସମାହିତ କରି ଶ୍ରମ ଦିବସ ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଥିଲା। ପଞ୍ଚାୟତ ପୋଖରୀ, କଲ୍ୟାଣ ମଣ୍ଡପ, ମାର୍କେଟ କମ୍ପ୍ଲେକ୍ସ, ହାଟ ପିଣ୍ଡି, ଭିଏଲଡଗ୍ସ କ୍ୱାର୍ଟରଗୁଡ଼ିକୁ ଯଥାଶୀଘ୍ର ଜନସାଧାରଣଙ୍କ ସେବାରେ କାର୍ଯ୍ୟକ୍ଷମ କରିବାକୁ ସେ ପରାମର୍ଶ ଦେଇଥିଲେ। ଉପ ଜିଲାପାଳ ନାରାୟଣ ଚନ୍ଦ୍ର, ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ବିଡିଓ ଶାଶ୍ୱତ ଜେନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଂଯୋଜକ ଚିନ୍ମୟ କୁମାର ସିଂ, ସୋସିଆଲ ଅଡିଟର ସତ୍ୟନାରାୟଣ ବେହେରା, ଗ୍ରାମ୍ୟ ଆବାସର ଡିପିସି ସଲମା ବେଗମ ପ୍ରମୁଖ ଯୋଗଦେଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ।

ବର୍ଷାଦିନେ କାମ ଯୋଗାଇବା ଉପରେ ଗୁରୁତ୍ୱ

ବିରିଡ଼ି,୩।୬(ଡି.ଏନ.ଏ.)

ଏମ୍‌ଜିଏନ୍‌ଆର୍‌ଇଜିଏର ସମନ୍ୱୟ ବୈଠକ

ବିରିଡ଼ି ବ୍ଲକ ପକ୍ଷରୁ ବୁଧବାର ବ୍ଲକ ସଭା ଗୃହରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ)ରେ ବର୍ଷାଦିନେ କିପରି ଜବ୍‌କାର୍ଡଧାରୀ କାମ ପାଇବେ ସେ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ଗିରିଜା ପ୍ରସାଦ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବ୍ଲକ ସହକାରୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ସେଠୀ, ଏପିଓ ସୁଧୀର କୁମାର ନାୟକ, ସ୍ୱେଚ୍ଛାସେବୀ ସଙ୍ଗଠନ ବସୁମାତାର ସମ୍ପାଦକ ଗୟାଧର ମହାନ୍ତି, ସିଏଏସଡିର ନିର୍ଦ୍ଦେଶକ ପ୍ରତାପ କୁମାର ଜେନା, ଡିଇଓ ରଶ୍ମିତା ସାହୁଙ୍କ ସହ ବ୍ଲକର ସମସ୍ତ ଜିଆର୍‌ଏସ୍, ଗ୍ରାମସାଥୀ, କନିଷ୍ଠ ଯନ୍ତ୍ରୀ ଓ ଉଦ୍ୟାନ କୃଷି ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ବୈଠକରେ ବିଶେଷକରି ବର୍ଷାଦିନେ ଜବ୍‌କାର୍ଡଧାରୀଙ୍କୁ ୧୦୦ ଦିନ କାମ ଯୋଗାଇ ଦେବା, ନୂତନ ଜବ୍‌କାର୍ଡ ସୃଷ୍ଟି କରିବା, ଚାରାରୋପଣ, ନିଜସ୍ୱ କିଚେନ୍ ଗାର୍ଡେନରେ କିପରି ନିଜେ କାର୍ଯ୍ୟକରି ମଜୁରି ପାଇବା, ଯଦି କୌଣସି ନୂତନ ପ୍ରକଳ୍ପର ଆବ

ସଂକ୍ଷେପରେ

ଯୋଡ଼ା ବିକାଶ ପରିଷଦର କର୍ମକର୍ତ୍ତା ନିଲମ୍ବିତ

ଯୋଡ଼ା, ୩।୬ (ଡି.ଏନ.ଏ.)-କେନ୍ଦୁଝର ଜିଲା ଯୋଡା ବିକାଶ ପରିଷଦର କର୍ମକର୍ତ୍ତାଙ୍କ କ୍ଷମତା ଅପବ୍ୟବହାର ଅଭିଯୋଗରେ ବୁଧବାର ପରିଷଦର ଅଧକ୍ଷ ଶିରିଶ ଚନ୍ଦ୍ର ମହାନ୍ତି ସମସ୍ତ କର୍ମକର୍ତ୍ତାଙ୍କୁ ନିଲମ୍ବନ କରିଛନ୍ତି। ଏନେଇ ବୁଧବାର ଯୋଡା ସହିଦ ନଗରଠାରେ ଥିବା ଏକ ହୋଟେଲରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପରିଷଦର ଅଧକ୍ଷ ଶିରିଶ ଚନ୍ଦ୍ର ମହାନ୍ତି କହିଛନ୍ତି ଯେ, ୨୦୦୦ ମସିହାରେ ଯୋଡାର ସାମୂହିକ ଓ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଯୋଡା ବିକାଶ ପରିଷଦ ଗଠନ କରାଯାଇଥିଲା। କିନ୍ତୁ ସେବେଠାରୁ ଯୋଡା ବିକାଶ ପରିଷଦର କର୍ମକର୍ତ୍ତାମାନେ ରହି କ୍ଷମତାର ଅପବ୍ୟବହାର କରୁଥିଲେ। ଯୋଡା ଉନ୍ନତିରେ ବାଧା ସୃଷ୍ଟି କରିବାରୁ ପରିଷଦର କର୍ମକର୍ତ୍ତାଙ୍କୁ ନିଲମ୍ବନ କରାଯାଇଛି ଏବଂ ପରବର୍ତ୍ତୀ ନିର୍ବାଚନ ନ ହେବା ପର୍ଯ୍ୟନ୍ତ କର୍ମକର୍ତ୍ତାମାନେ ଯୋଡା ବିକାଶ ପରିଷଦ ନାମରେ କୌଣସି କାର୍ଯ୍ୟ କରିପାରିବେ ନାହିଁ ବୋଲି ଅଧକ୍ଷ ମହାନ୍ତି କହିଛନ୍ତି। ତେବେ ଏନେଇ ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାରଙ୍କୁ ପଚାରିବାରୁ ଶିରିଶ ଚନ୍ଦ୍ର ମହାନ୍ତି ଯୋଡା ବିକାଶ ପରିଷଦର ଉପଦେଷ୍ଟା ଅଛନ୍ତି। ତାଙ୍କ ନିଲମ୍ବନ କରିବାର କୌଣସି କ୍ଷମତା ନାହିଁ ବୋଲି ସେ କହିଛନ୍ତି।

ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର

ଭଣ୍ଡାରିପୋଖରୀ, ୩।୬ (ଡି.ଏନ.ଏ.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଜଗନ୍ନାଥପ୍ରସାଦ ସ୍ଥିତ ବୈତରଣୀ ନଦୀରୁ ବୁଧବାର ଅପରାହ୍ନରେ ନିଖୋଜ ମହିଳାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ନିଖୋଜ ମହିଳା ହେଲେ ତେସିଙ୍ଗା ପଞ୍ଚାୟତ ବଡ଼ ବନସ୍ତା ଗ୍ରାମର ଗଗନୀ ସାହୁ। ପାରିବାରିକ କଳହ ଯୋଗୁ ସୋମବାର ଠାରୁ ଗଗନୀ ଘରୁ ନିଖୋଜ ଥିଲେ। ତିନି ଦିନ ପରେ ତାଙ୍କର ମୃତଦେହ ଉଦ୍ଧାର ହୋଇଛି। ତାଙ୍କ ସ୍ୱାମୀଙ୍କ ଅଭିଯୋଗ କ୍ରମେ ପୋଲିସ ମୃତଦେହ ଜବତ କରି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୦) ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

ସ୍କ୍ରାପ୍ ବୋଝେଇ ପିକ୍‌ଅପ୍ ଜବତ, ଜଣେ ଗିରଫ

ବଡବିଲ, ୩।୬(ସ୍ୱ.ପ୍ର.)-ବଡବିଲ ପୋଲିସ ବୁଧବାର ପୂର୍ବାହ୍ନରେ ଚୋରା ଚାଲାଣ ହେଉଥିବା ଏକ ପିକ୍‌ଅପ୍‌କୁ ଜବତ କରିବା ସହ ଘଟଣାରେ ସଂପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବଡବିଲ ଥାନା ଆଜାଦ ବସ୍ତି ଅଞ୍ଚଳର ଏମଡି ସଲିମ୍। ଏକ ପିକ୍‌ଅପ୍‌ରେ ଲୁହା ସ୍କ୍ରାପ ବୋଝେଇ କରି ଚୋରାଚାଲାଣ ହେଉଥିବା ଖବର ପାଇ ପୋଲିସର ଚଢାଉ କରିଥିଲା। ଗାଡିରେ ବୋଝେଇ ହୋଇଥିବା ଲୁହା ସ୍କ୍ରାପର କାଗଜପତ୍ର ତନଖିରୁ ତାହା ଚୋରାଚାଲାଣ ହେଉଥିବା ନିଶ୍ଚିତ ହୋଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ପ୍ରାୟ ୨୦ କୁଇଣ୍ଟାଲ ଓଜନର ସ୍କ୍ରାପ ଜବତ କରି ଅଭିଯୁକ୍ତ ଏମ୍‌ଡି ସଲିମ୍‌ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଡ୍ୟାମ୍‌ରୁ ଅଚିହ୍ନା ମହିଳାଙ୍କ ମୃତଦେହ ଉଦ୍ଧାର

ଯୋଡ଼ା, ୩।୬ (ଡି.ଏନ.ଏ.)-କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ବାସୁଦେବପୁର ଠାରେ ନିର୍ମାଣଧୀନ କାନପୁର ଡ୍ୟାମ୍‌ରୁ ବୁଧବାର ପୋଲିସ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ସୂଚନା ଅନୁଯାୟୀ ବାସୁଦେବପୁରଠାରେ ନିର୍ମାଣଧୀନ କାନପୁର ଡ୍ୟାମ ଜଳରେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ଯୋଡା ଥାନା ଆଇଆଇସି ରାଇସେନ୍ ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ଅପମୃତ୍ୟୁ ମାମାଲା (ନଂ. ୧୬/୨୦) ରୁଜୁ କରାଯାଇଛି।

ରଣା ସାପ ଉଦ୍ଧାର

ସୋର, ୩।୬(ଡି.ଏନ୍.ଏ.): ସୋର ଥାନା ଅନ୍ତର୍ଗତ ଆଙ୍ଗପୁର ଗ୍ରାମରେ ଜାଲରେ ପଡିଥିବା ଏକ ରଣା ସାପକୁ ଉଦ୍ଧାର କରାଯାଇଛି। ୫ ଫୁଟ ଲମ୍ବର ଏହି ସାପକୁ ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଭଦ୍ରକରୁ ସ୍ନେକ୍ ହେଲ୍ପ ଲାଇନ୍ କର୍ମୀ ପହଞ୍ଚି ସାପଟିକୁ ଉଦ୍ଧାର କରି ଜଙ୍ଗଲରେ ଛାଡିଥିଲେ।

ନାଚୁନି କଣ୍ଢେଇ, କାନ୍ଦୁଛି କଳାକାର

(ନରେଶ ଚନ୍ଦ୍ର ପଟ୍ଟନାୟକ)
କେନ୍ଦୁଝର,୩।୬

କଣ୍ଢେଇ ନୃତ୍ୟ କଳାକାର ଚକ୍ରଧର ପରିଡ଼ା।

- ହାତ ବାନ୍ଧି ଦେଇଛି କରୋନା
- ସରକାରୀ ସହାୟତା ଦାବି

କଳାକାରଙ୍କ ପରିଶ୍ରମର ମୂଲ କେହି ଦେଇପାରିବେ ନାହିଁ। କଳା ମାଧ୍ୟମରେ ସମସ୍ତଙ୍କ ମନୋରଞ୍ଜନ ସହ ସଚେତନ କରି ଆସୁଥିବା ଏହି କଳାକାରମାନେ ବଞ୍ଚିବା ପାଇଁ ସବୁବେଳେ ସଂଗ୍ରାମ କରି ଆସୁଛନ୍ତି। ବର୍ତ୍ତମାନ କରୋନା କାଳରେ କଳାକ୍ଷେତ୍ର ସଙ୍କଟଜନକ ପରିସ୍ଥିତିରେ ଗତି କରୁଥିବା ବେଳେ କଳାକାରମାନଙ୍କ ଦୁର୍ଦ୍ଦଶା ବଢି ଚାଲିଛି। କାଠ କଣ୍ଢେଇ ନାଚ କରି ପେଟ ପୋଷୁଥିବା କଳାକାରମାନେ ମଧ୍ୟ ଏହି ଦୁଃସ୍ଥିତିରୁ ବାଦ୍ ପଡ଼ି ନାହାନ୍ତି। ବହୁ ପୁରାତନ ଏହି ନୃତ୍ୟ ପରମ୍ପରାକୁ ବଞ୍ଚାଇ ରଖିବାକୁ ଉଦ୍ୟମ ଚଳାଇଥିବା କଣ୍ଢେଇ ନୃତ୍ୟ ଶିଳ୍ପୀମାନଙ୍କ ଦୁଃଖ ବଢି ବଢି ଚାଲିଛି। ମନରେ କୋହ ଓ ଆଖିରେ ଲୁହକୁ ଚାପି ରଖି ସେମାନେ ଜୀବନ ଅତିବାହିତ କରୁଛନ୍ତି।

କେନ୍ଦୁଝର ଜିଲାରେ ଏବେ ତିନୋଟି କଣ୍ଢେଇ ନୃତ୍ୟ ଦଳ ଅଛନ୍ତି। କେନ୍ଦୁଝର ପୁରୁଣା ସହରରେ ରହୁଥିବା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ମାଗୁଣୀ କୁଅଁର ଓ ସଦର ବ୍ଲକ ଅଞ୍ଚଳରେ ଥିବା ଆଉ ୨ଟି କଣ୍ଢେଇ ନାଚ ଦଳ ଏହି କଳାକୁ ବଞ୍ଚାଇ ରଖିବାକୁ ଉଦ୍ୟମ ଚଳାଇ ଆସୁଛନ୍ତି। କାଠରେ କଣ୍ଢେଇ ତିଆରି କରିବା, ସାଜସଜା, ବାଦ୍ୟଯନ୍ତ୍ର ତଥା କଳାକାରମାନଙ୍କ ଖର୍ଚ୍ଚକୁ ହିସାବକୁ ନେଲେ ଏହି କଳା ବର୍ତ୍ତମାନ ସମୟରେ ବ୍ୟୟବହୁଳ ହେବ। ମାତ୍ର ଆର୍ଥିକ ଅନାଟନ ସତ୍ତ୍ୱେ ଏହି ପୁରୁଣା କଳାକୁ ଛାଡ଼ିପାରୁ ନାହାନ୍ତି ଏହି କଳାକାର। କରୋନା ସମୟରେ ଯାତ୍ରାଯାତ୍ରା, ଉତ୍ସବମେଳା ଆଦି ବନ୍ଦ ହୋଇଯିବା ଫଳରେ କାମଧନ୍ଦା ହରାଇ ଏହି ସବୁ କଣ୍ଢେଇ ନୃତ୍ୟ କଳାକାରମାନେ ହାତବାନ୍ଧି ବସିଛନ୍ତି। ସଜୀବ ହୋଇ ମନୋରଞ୍ଜନ କରିଆସୁଥିବା ଏହି ସବୁ କଣ୍ଢେଇ ନିର୍ଜୀବ ଅବସ୍ଥାରେ ବାକ୍ସ ଭିତରେ ପଡି ରହିଛନ୍ତି। ନା ମିଳୁଛି ପ୍ରୋତ୍ସାହନ ନା ଆର୍ଥିକ ସହାୟତା। ଚକ୍ରଧର ପରିଡା, କଣ୍ଢେଇ ନୃତ୍ୟ କଳାକାର ଓ କଣ୍ଢେଇ ଶିଳ୍ପୀ ତଥା ଦେବଶିଳ୍ପୀ ବିଶ୍ୱ କର୍ମା କଣ୍ଢେଇ ନାଚ, ଜଡିପଦାର ଉଦ୍ୟକ୍ତା କୁହନ୍ତି ଯେ, ଆର୍ଥିକ ଅନଟନ ସତ୍ତ୍ୱେ କଳାକୁ ଛାଡ଼ିପାରୁ ନାହୁଁ। ଏଣୁ ଅନ୍ୟାନ୍ୟ କାମଧନ୍ଦା କରି ଚଳିବା ସହ ବିଭିନ୍ନ ସ୍ଥାନକୁ ଯାଇ କଣ୍ଢେଇ ନାଚ କରି ଏହି କଳାକୁ ବଞ୍ଚାଇ ରଖିଛୁ। ତେବେ କରୋନା ଲକ୍‌ଡାଉନ ଫଳରେ ଏହି ନାଚ କରିପାରୁ ନାହୁଁ କିମ୍ବା ଅନ୍ୟାନ୍ୟ କାମଧନ୍ଦା କରିବାକୁ ଯାଇ ପାରୁ ନାହୁଁ। ଘରେ ବସିଛୁ। ସରକାର କୌଣସି ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା କଲେ ଉପକୃତ ହୋଇପାରନ୍ତୁ ବୋଲି କହିଛନ୍ତି। ଏହା ଅନେକ କଳାକାରଙ୍କ ପାଇଁ ଜୀବନଜୀବିକା ହୋଇ ରହିଛି। ଅନ୍ୟୂନ୍ୟ ୧୫/୧୬ ଜଣ ଏହି ଦଳରେ ଅଛନ୍ତି। ଲକ୍‌ଡାଉନ ପରିବାରକୁ ଆର୍ଥିକ ଅନଟନ ମଧ୍ୟକୁ ଠେଲି ଦେଇଛି ବୋଲି କଳାକାରମାନେ କହିଛନ୍ତି। କଳା ବଞ୍ଚିଲେ ସଂସ୍କୃତି ଓ ପରମ୍ପରା ବଞ୍ଚିବ। ଏଣୁ ଲୋପ ପାଇବାକୁ ବସିଥିବା ଏହି କଳାର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଆର୍ଥିକ ସହାୟତା ଜରୁରୀ ହୋଇ ପଡିଛି ବୋଲି ସଂସ୍କୃତି ବିଶାରଦମାନେ ମତବ୍ୟକ୍ତ କରୁଛନ୍ତି।

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାଉଣ୍ଡ ଓ ଲାଇଟ୍ ବ୍ୟବସାୟୀ ମାନେ।

ସହାୟତା ଦାବିରେ ଜିଲାପାଳଙ୍କୁ ଦାବିପତ୍ର

ଭଦ୍ରକ ଅଫିସ, ୩।୬

ବ୍ୟବସାୟ ଠପ୍

କରୋନା ମହାମାରୀ ପାଇଁ ବିବାହ, ବ୍ରତ ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ମାଙ୍ଗଳିକ କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଛି। ଲକ୍ ଡାଉନ ଓ ଶଟ୍ ଡାଉନ ଅବଧି ବୃଦ୍ଧିକୁ ନେଇ ସାଉଣ୍ଡ, ଲାଇଟ୍ ଓ ଟେଣ୍ଟହାଉସର ବ୍ୟବସାୟ ପୁରାପୁରି ଠପ୍ ହୋଇଯାଇଛି। ଫଳରେ ଭଦ୍ରକ ଜିଲାର ୧୫୦ ରୁ ଅଧିକ ସାଉଣ୍ଡ, ଲାଇଟ୍ ଓ ଟେଣ୍ଟହାଉସର ମାଲିକ ଓ ୧୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ଆର୍ଥିକ ଅନାଟନର ଶିକାର ହୋଇ ଭୋକ ଉପାସରେ ପରିବାର ସହ ଦିନ କାଟୁଛନ୍ତି। ସରକାରଙ୍କ ତରଫରୁ ଉକ୍ତ ମାଲିକ ଓ କର୍ମଚାରୀଙ୍କ ପାଇଁ କୌଣସି ସରକାରୀ ଅନୁଦାନ ନାହିଁ। ଏମାନଙ୍କୁ ସହାୟତା ପାଇଁ ପ୍ରମୋଦ ପଣ୍ଡା, ଶ୍ୟାମସୁନ୍ଦର ଜେନା, ନାୟାବ ସନିଙ୍କ ଉପସ୍ଥିତିରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ସଜାଗ ରହିବାକୁ ନିର୍ଦ୍ଦେଶ ଦେଲେ ଜିଲାପାଳ

ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଭଦ୍ରକ ଅଫିସ,୩।୬

ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ବୈଠକ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଜିଲା ସଂସ୍କୃତି ଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ଅବସରରେ ଆଗାମୀ ବର୍ଷା ଋତୁରେ ସମ୍ଭାବ୍ୟ ବନ୍ୟା ସମୟରେ ରିଲିଫ ଓ ଉଦ୍ଧାର କାର୍ଯ୍ୟର ସୁପରିଚାଳନା ନିମନ୍ତେ ଭଦ୍ରକ ଜିଲାକୁ ୧୧ଟି ଜୋନ୍‌ରେ ବିଭକ୍ତ କରି ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଚଳିତ ବର୍ଷ ପାଣିପାଗ ବିଭାଗ, ରାଜ୍ୟରେ ଭଲ ବର୍ଷା ହେବା ଆକଳନ କରିଥିବାରୁ ସମ୍ଭାବ୍ୟ ବନ୍ୟା ପାଇଁ ପ୍ରସ୍ତୁତ ରହିବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ଏହି ଆଲୋଚନାରେ ବିଭିନ୍ନ ଅସ୍ଥାୟୀ ସୁବନ୍ଦୋବସ୍ତ କରାଯିବା ପାଇଁ ଆଲୋଚନା ହୋଇଥିଲା। ଜିଲାରେ ଥିବା ୧୦୪ଟି ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟରେ ରେଡକ୍ରସର ହୋଇଥିବା ବେଳେ ୮୪ଟି ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନଙ୍କ ଅଧିନରେ ରହିଛି। ଏହି ୮୪ଟି ବାତ୍ୟା ଆଶ୍ରୟସ୍ଥଳୀକୁ ଆସନ୍ତା ୧୦ ତାରିଖ ସୁଦ୍ଧା ମରାମତି କରାଯିବା ନିମନ୍ତେ ସମସ୍ତ ବିଡିଓଙ୍କୁ ଏସ୍‌ଆର୍‌ସିଙ୍କ ଅନୁମୋଦନ କ୍ରମେ ୪ କୋଟି ୨୭ଲକ୍ଷ ୮୩ ହଜାର ୧୮୪ଟଙ୍କା ପ୍ରଦାନ କରାଯାଇଛି। ତେବେ ଏହି ୮୪ଟି ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟରୁ ୨୦ଟିର ମରାମତି ସମ୍ପୂର୍ଣ୍ଣ ହୋଇ ସାରିଥିବା ବେଳେ ବାକି ୬୪ଟିର କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ସୂଚନା ଦିଆଯାଇଥିଲା। ଏହି ବୈଠକରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ବ୍ୟୋମକେଶ ରାୟ, ପ୍ରଫୁଲ୍ଲ ସାମଲ, ବିଷ୍ଣୁ ସେଠୀ, ସଞ୍ଜୀବ କୁମାର ମଲ୍ଲିକ, ବିଷ୍ଣୁବ୍ରତ ରାଉତରାୟ, ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଓ ଅରୁଣ କୁମାର ମହାପାତ୍ର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲାପାଳ ପୀତାମ୍ବର ସାମଲଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

୨ ଆକ୍ରାନ୍ତ ଚିହ୍ନଟ ପରେ ଗ୍ରାମରେ ଉତ୍ତେଜନା

ବେତନଟୀ,୩।୬(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ଏକ ଗ୍ରାମରୁ ଗତ ସୋମବାର ୨ ଆକ୍ରାନ୍ତ ଚିହ୍ନଟ ପରେ ଉତ୍ତେଜନା ପ୍ରକାଶ ପାଇଛି। ବୁଧବାର ଉକ୍ତ ଗ୍ରାମର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ବେତନଟୀ ବ୍ଲକ ଘେରାଉ କରିବା ପାଇଁ ଆସୁଥିବା ବେଳେ ବିଡିଓ ତାଙ୍କୁ ଅଧା ରାସ୍ତାରୁ ଫେରାଇ ନେଇ ସେମାନଙ୍କ ସହ ଗ୍ରାମକୁ ଯାଇଥିଲେ। ବ୍ଲକ ଯୋଗାଣ ଅଧିକାରୀ ଲଳିତ୍ ପଟ୍ଟନାୟକ, ଥାନା ଅଧିକାରୀ ଅଶୋକ ନାୟକ ପ୍ରମୁଖ ବିଡିଓଙ୍କ ସହ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନା ଅନୁଯାୟୀ, ୨୫ ତାରିଖରେ ତାମିଲନାଡୁରୁ ଫେରିଥିବା ଏକ ଦମ୍ପତି ବେତନଟୀ ବ୍ଲକ ଅଧୀନ ଏକ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ୭ ଦିନ ନ ପୂରୁଣୁ ପ୍ରଶାସନ ପକ୍ଷରୁ ଉଭୟଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ରବିବାର ସେମାନଙ୍କଠାରେ କରୋନା ପଜିଟିଭ୍ ବାହାରିବାରୁ ବିଳମ୍ବିତ ରାତିରେ ପ୍ରଶାସନ ଉଭୟଙ୍କୁ ଘରୁ ଉଠାଇ ନେଇ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରିଥିଲା। ତେବେ କ୍ୱାରାଣ୍ଟାଇନ୍ ଅବଧି ଶେଷ ନ ହେବା ପୂର୍ବରୁ କାହିଁକି ସେମାନଙ୍କୁ ଘରକୁ ପଠାଇ ଦିଆଗଲା ବୋଲି ଗ୍ରାମର ମୁଲତା ପାତ୍ର, ଉଷାମଣୀ ପାତ୍ର, ସେବତୀ ପାତ୍ର, ସୁବାସୀନ ପାତ୍ର, ଲୋତିକାମଣି ପାତ୍ର, ଶାନ୍ତି ପାତ୍ର, ସକୁନ୍ତଳା ପାତ୍ର ପ୍ରମୁଖ ଗ୍ରାମରେ ଉପସ୍ଥିତ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ନିକଟସ୍ଥ ଗ୍ରାମବାସୀମାନେ ପଜିଟିଭ୍ ବାହାରିଥିବା ଗ୍ରାମର ଲୋକଙ୍କୁ ସେମାନଙ୍କ ଗାଁକୁ ଆସିବାକୁ ବାରଣ କରୁଥିବାରୁ ସମସ୍ତ ଗ୍ରାମବାସୀଙ୍କ ସ୍ୱାବ୍ ଟେଷ୍ଟ ସହ ଗ୍ରାମକୁ ସଟ୍‌ଡାଉନ୍‌କରିବା ପାଇଁଦାବିକରିଥିଲେ।

ମୟୂରଭଞ୍ଜରେ ୮ ଆକ୍ରାନ୍ତ ଚିହ୍ନଟ

ବାରିପଦା ଅଫିସ/ଉଦଳା, ୩।୬(ଡି.ଏନ.ଏ)

ମୟୂରଭଞ୍ଜ ଜିଲାରେ ବୁଧବାର ଗୋଟିଏ ଦିନରେ ୮ କରୋନା ପଜିଟିଭି ଚିହ୍ନଟ ହୋଇଛନ୍ତି। ଫଳରେ ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୫ ଛୁଇଁଛି। ବୁଧବାର ଚିହ୍ନଟ ହୋଇଥିବା ୮ ଆକ୍ରାନ୍ତଙ୍କ ମଧ୍ୟରେ ଶୁଳିଆପଦା ବ୍ଲକର ୭ ଓ ଉଦଳା ବ୍ଲକର ଜଣେ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଶୁଳିଆପଦା ବ୍ଲକର ୬ଜଣ ମହାରାଷ୍ଟ୍ର ଫେରନ୍ତା ହୋଇଥିବା ବେଳେ ଜଣେ ଦିଲ୍ଲୀରୁ ଫେରିଥିଲେ। ସେହିଭଳି ଉଦଳା ବ୍ଲକରେ ଚିହ୍ନଟ ହୋଇଥିବା ବ୍ୟକ୍ତି ହାଇଦ୍ରାବାଦ ଫେରନ୍ତା। ଚିହ୍ନଟ ହୋଇଥିବାସମସ୍ତେ ପୁରୁଷ ଏବଂ ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ପଜିଟିଭି ଚିହ୍ନଟ ହେବା ପରେ ସେମାନଙ୍କୁ ବାଙ୍କିଶୋଳସ୍ଥିତ କୋଭିଡ୍ ହସ୍ପିଟାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଜିଲାରେ ଆକ୍ରାନ୍ତଙ୍କ ମଧ୍ୟରୁ ୧୪ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୨୧ ଜଣ ବର୍ତ୍ତମାନ ଚିକିତ୍ସାଧିନ ରହିଛନ୍ତି।

ବଡ ଜୟୀପୁର ଗ୍ରାମରେ ଅଜଣା କୀଟ

ଖଇରା,୩।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବଡଜୟୀପୁର ଗ୍ରାମରେ ଅଜଣା କୀଟକୁ ନେଇ ଗ୍ରାମବାସୀ ଆତଙ୍କିତ ହୋଇ ପଡିଛନ୍ତି। ଏହି କୀଟ ଗୁଡିକ ଗ୍ରାମ ନିକଟସ୍ଥ ଗୋପିଆସ୍ଥ ପଡିଆରେ ଥିବା ଗଛ ଗୁଡିର ପତ୍ର ଖାଇ ସଫା କରିଦେଉଥିବା ନେଇ ଗ୍ରାମବାସୀ କହିଛନ୍ତି। କେହି କେହି ଏହାକୁ ପଙ୍ଗପାଳ କହୁଥିବା ବେଳେ ଆଉ କିଛି ଝିଣ୍ଟିକା ପ୍ରଜାତିର କୀଟ ବୋଲି ସନ୍ଦେହ କରୁଛନ୍ତି। ବୁଧବାର ସକାଳେ ସରପଞ୍ଚ ସଞ୍ଜୟ କୁମାର ପଣ୍ଡା ଖବର ପାଇ ଖଇରା ତହସିଲଦାର ପ୍ରଦୀପ କୁମାର ସାହୁ ଓ କୃଷି ବିଭାଗକୁ ଅବଗତ କରାଇଛନ୍ତି।

କୋଭିଡ୍-୧୯ ପରୀକ୍ଷାକେନ୍ଦ୍ର କାର୍ଯ୍ୟକ୍ଷମ ନେଇ ଦାବିପତ୍ର

ବାଲେଶ୍ୱର ଅଫିସ,୩।୬

ବାଲେଶ୍ୱର ଫକୀରମୋହନ ମେଡିକାଲ୍ କଲେଜ୍ ପରିସରରେ ଗତ ୩୧ ତାରିଖ ରାତି ୮ଟା ସମୟରେ କୋଭିଡ୍-୧୯ ସଂକ୍ରମିତଙ୍କ ସ୍ୱାବ ପରୀକ୍ଷା ପାଇଁ ଏକ ପରୀକ୍ଷଣ କେନ୍ଦ୍ରକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଉଦ୍‌ଘାଟନ କରିଥିଲେ। କିନ୍ତୁ ଗତ ଦୁଇ ଦିନ ଧରି ଏହି ପରୀକ୍ଷାକେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଯାଇ ନାହିଁ। ଏନେଇ ବୁଧବାର ପୂର୍ବାହ୍ନରେ ବାଲେଶ୍ୱର ସରକାରୀ ମେଡିକାଲ୍ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ତରଫରୁ ଅତିରିକ୍ତ ଜିଲାପାଳ ସମିତ କୁମାର ନାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଏହାର ପ୍ରତିବାଦ କରିଥିଲେ। ସ୍ଥାନୀୟ ଜିଲାପ୍ରଶାସନ ଏମ୍‌ସିଆଇ (ମେଡିକାଲ କାଉନ୍‌ସିଲ ଅଫ୍ ଇଣ୍ଡିଆ)ର ବିନା ଅନୁମତି ଏବଂ କୋଭିଡ୍-୧୯ ପରୀକ୍ଷଣର ଯନ୍ତ୍ରାଂଶ ନ ଥିବା ସତ୍ତ୍ୱେ ଉକ୍ତ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲା। ଦୁଇଦିନ ଭିତରେ ଉପରୋକ୍ତ ଅନୁମତି ସହ କୋଭିଡ୍-୧୯ ପରୀକ୍ଷା ଆରମ୍ଭ ହେବ ବୋଲି ଫକୀରମୋହନ ସରକାରୀ ମେଡ଼ିକାଲ କଲେଜର ଅଧ୍ୟକ୍ଷ ଡା. ରାମଚନ୍ଦ୍ର ଗିରି କହିଥିଲେ। ଅନ୍

ସଂକ୍ଷେପରେ

ସଙ୍ଗରୋଧ କେନ୍ଦ୍ରରୁ ଫେରି ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବୁଗୁଡ଼ା,୩।୬(ଡି.ଏନ.ଏ.)- ବୁଗୁଡ଼ା ଥାନା କାନସୁକା ଗ୍ରାମର ଜଣେ ଯୁବକ ମଙ୍ଗଳବାର ସଙ୍ଗରୋଧ କେନ୍ଦ୍ରରୁ ଫେରିବା ପରେ ରାତିରେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ସୀମାଞ୍ଚଳ ସ୍ୱାଇଁ (୨୫)। ଏ ନେଇ ବୁଗୁଡ଼ା ଥାନାରେ ନଂ.୧୫୦/୨୦ରେ ଏକ ମାମଲା ରୁଜୁ ହୋଇଛି। ନୀଳାଞ୍ଚଳ ସୁରଟରୁ ଫେରି ମାଣିବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ୭ ଦିନ ରହି ମଙ୍ଗଳବାର ସକାଳେ ଘରକୁ ଫେରିଥିଲେ। ରାତି ପ୍ରାୟ ୧୦ଟାରେ ବାଇକରେ ଡ଼ାକରାବାଡ଼ି ଗ୍ରାମରୁ ଏକ ଭୋଜିରେ ଯୋଗଦେଇ ଫେରୁଥିବାବେଳେ ତ୍ରିନାଥ ମନ୍ଦିର ପାଖ ରାସ୍ତାକଡ ଗଛରେ ବାଇକ ପିଟି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ସୀମାଞ୍ଚଳଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଛି।

କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଭଞ୍ଜନଗର,୩।୬(ଡି.ଏନ.ଏ)- ଭଞ୍ଜନଗର ଥାନା ଛେଦାଭୂମିକୁ ଲାଗିଥିବା ଲାଲସିଂପଲ୍ଲିର ମନୁ ନାଇକଙ୍କ ମୃତଦେହ ବୁଧବାର ପୂର୍ବାହ୍ନରେ ଗ୍ରାମ ନିକଟ କେନାଲରୁ ଉଦ୍ଧାର ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍‌ପିଟାଲକୁ ପଠାଇଛି। ମନୁ ମଙ୍ଗଳବାର ସନ୍ଧ୍ୟାରେ ନାଳକୁ ଗାଧୋଇବାକୁ ଯାଇ ଫେରି ନ ଥିଲେ। ସକାଳୁ ପରିବାର ଲୋକେ ମୃତଦେହ ଭାସୁଥିବା ଦେଖି ଦମକଳ ବାହିନୀ ସହାୟତାରେ ଉଦ୍ଧାର କରିଥିଲେ। ନାଳଟି ଗଭୀର ଥିବାରୁ ଗୋଡଖସି ବୁଡି ଯାଇଥିବା ଅନୁମାନ କରାଯାଉଛି।

ଗୁଟ୍‌ଖା ଜବତ, ୨ ବ୍ୟବସାୟୀ ଗିରଫ

ଭଞ୍ଜନଗର,୩।୬(ଡି.ଏନ.ଏ.)- ବେନିୟମ ଭାବେ ଗୁଟ୍‌ଖା ମହଜୁଦ୍ ରଖି ବ୍ୟବସାୟ କରିବା ଅଭିଯୋଗରେ ଭଞ୍ଜନଗର ପୋଲିସ ବୁଧବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁଲାଡ଼ର ଦିଲିପ ପାତ୍ର ଓ ସନ୍ତୋଷ ସାହୁ। ଜବତ ଗୁଟ୍‌ଖାର ମୁଲ୍ୟ ଆନୁମାନିକ ୫୦ ହଜାର ଟଙ୍କା ହେବ। ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଅଭିଯୁକ୍ତଦ୍ୱୟଙ୍କ ଘରେ ଚଢ଼ାଉ କରିଥିଲା। ଏନେଇ ନଂ.୨୮୪, ୨୮୫/୨୦ରେ ୨ଟି ମାମଲା ରୁଜୁ ହୋଇଛି। ଭଞ୍ଜନଗର ସହର ମରାଠି ସାହିରେ ବୁଧବାର ଅପରାହ୍ନରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ଦେଶୀମଦ ଜବତ କରିବା ସହ ୬ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଆମ ସ୍ୱାସ୍ଥ୍ୟ ଆମ ଦାୟିତ୍ୱ କାର୍ଯ୍ୟକ୍ରମ

ଆସିକା,୩।୬ (ଡି.ଏନ୍.ଏ.)- ଆସିକା ବ୍ଲକ୍ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବ୍ଲକର ୨୭ ପଞ୍ଚାୟତ ଓ ଏନ୍‌ଏସିର ୧୮ ୱାର୍ଡରେ ବୁଧବାର ଠାରୁ ଆମ ସ୍ୱାସ୍ଥ୍ୟ ଆମ ଦାୟିତ୍ୱ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିନ ମୁନିଗାଡି, ଚଢିଆପଲ୍ଲୀ, ମଙ୍ଗଳପୁର, ନିମିନା, ବରଗାଁ ଓ ଖାରିଆ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପର୍ଯ୍ୟାୟ କ୍ରମେ ବିଭିନ୍ନ ପଞ୍ଚାୟତ ଓ ଏନ୍‌ଏସି ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ଲାଗି ଯୋଜନା ପ୍ରସ୍ତୁତ କରାଯାଇଥିବା ସିଡିପିଓ ଭାରତୀ ମହାପାତ୍ର କହିଛନ୍ତି। ପଞ୍ଚାୟତରେ ସରପଞ୍ଚଙ୍କ ନେତୃତ୍ୱରେ ଅଙ୍ଗନୱାଡି, ଆଶା, ସ୍ୱାସ୍ଥ୍ୟ କର୍ମୀ ଓ ସ୍ୱୟଂସିଦ୍ଧା ଗୋଷ୍ଠୀର ୪୦ ସଦସ୍ୟଙ୍କୁ ନେଇ କରୋନା ଯୋଦ୍ଧାଙ୍କୁ ସହାୟତା ନିମନ୍ତେ ପ୍ରସ୍ତୁତ କରାଯାଉଛି। କାର୍ଯ୍ୟକ୍ରମରେ କରୋନା ନିରାକରଣ ନିମନ୍ତେ ଜନସାଧାରଣ ବାରମ୍ବାର ହାତ ଧୋଇବା, ଘରୁ ବାହାରିଲେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା ନିମନ୍ତେ ଘର ଘର ବୁଲି ସଚେତନତା ସୃଷ୍ଟି ଲାଗି ପଦକ୍ଷେପ ନିଆଯାଇଛି।

ପୋଖରୀରୁ ନାବାଳକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ଆର.ଉଦୟଗିରି,୩।୬(ଡି.ଏନ.ଏ.)- ଗଜପତି ଜିଲା ନୂଆଗଡ ବ୍ଲକ ତାବରଡା ଗ୍ରାମ ପୋଖରୀରୁ ମଙ୍ଗଳବାର ସନ୍ଧ୍ୟାରେ ଜଣେ ନାବାଳକଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ନିବେଶ ପ୍ରଧାନଙ୍କ ପୁଅ ସୁମନ ଓରଫ ଟିଣ୍ଟୁ (୧୪)। ଟିଣ୍ଟୁଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଆର୍.ଉଦୟଗିରି ଥାନାରେ ଅଭିଯୋଗ କରିଛନ୍ତି। ନଂ.୮/୨୦ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ବୁଧବାର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ଟିଣ୍ଟୁ ମଙ୍ଗଳବାର ମଧ୍ୟାହ୍ନରେ ସାଙ୍ଗଙ୍କ ସହ ପୋଖରୀକୁ ଗାଧୋଇ ଯାଇ ଫେରି ନ ଥିଲେ। ସନ୍ଧ୍ୟାରେ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ହୋଇଥିଲା। ମାମୁ ତ୍ରିପ୍ତି ଲିମା ଥାନାରେ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ।

ଦୁର୍ବଳ ନଦୀବନ୍ଧ, ଘାଇ ମରାମତି ନିର୍ଦ୍ଦେଶ

- ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ
- ଭିଡିଓ କନ୍‌ଫରେନ୍ସରେ ସାମିଲ ହେଲେ ବାଚସ୍ପତି, ମନ୍ତ୍ରୀ, ଏମ୍‌ପି, ବିଧାୟକ

ଛତ୍ରପୁର,୩।୬(ଡି.ଏନ୍.ଏ.)

ଛତ୍ରପୁରସ୍ଥିତ ଓସ୍‌ୱାସ ହଲ୍‌ରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବୁଧବାର ଗଞ୍ଜାମ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ଜଙ୍ଗଲ ପରିବେଶ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ଜିଲାର ସମସ୍ତ ଏମ୍‌ପି ଓ ବିଧାୟକ ଭିଡିଓ କନ୍‌ଫରେନ୍ସିଂରେ ଉପସ୍ଥିତ ରହିଥିଲେ।

ଚଳିତ ବର୍ଷାଋତୁରେ କିପରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରାଯାଇ ପାରିବ, ସେଥିପ୍ରତି ସମସ୍ତ ଏମ୍‌ପି ଏବଂ ବିଧାୟକମାନେ ନିଜ ନିଜ ଅଞ୍ଚଳର ସମସ୍ୟା ଜିଲାପାଳଙ୍କୁ ଅବଗତ କରାଇଥିଲେ। ବର୍ଷାଋତୁ ପୂର୍ବରୁ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ କହିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଏବଂ ଯୋଗାଣ ବିଭାଗ ସଜାଗ ରହିବା ସହ ବର୍ଷା ପୂର୍ବରୁ ଡ୍ରେନଗୁଡିକରେ ଜଳ ନିଷ୍କାସନ ଏବଂ ଅଧିକ ଅମଳକ୍ଷମ ଓ ଉନ୍ନତମାନର ବିହନ ଯୋଗାଣ ଉପରେ ମନ୍ତ୍ରୀ ଆରୁଖ ଗୁରୁତ୍ୱାରୋପ କରିଥିଲେ।

ନଦୀ ତଟବର୍ତ୍ତୀ ଅଞ୍ଚଳ ଏବଂ ବିଭିନ୍ନ ଘାଇର ସ୍ଥିତି ଅନୁଧ୍ୟାନ କରି ମରାମତି ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଘୁଆ ନଦୀବନ୍ଧର ଯେଉଁ ସ୍ଥାନ ଦୁର୍ବଳ ଅଛି ତାର ମରାମତି ପାଇଁ ଆସିକା ବିଧାୟିକା ମତ ରଖିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଛତ୍ରପୁର ଉପ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ବ୍ରହ୍ମପୁର ଉପଜିଲାପାଳ ସିଦ୍ଧେ ଦତ୍ତାତ୍ରେୟ ଭାଉସାହେବ ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

ଗଞ୍ଜାମରେ ଦିନକରେ ୪୧ ପଜିଟିଭ୍ ଚିହ୍ନଟ

- ରାଜ୍ୟରେ ସର୍ବାଧିକ ୪୯୯ ଜିଲାରେ ଚିହ୍ନଟ, ସୁସ୍ଥ ହେଲେଣି ୩୪୦
- ଗୋଷ୍ଠୀ ସଂକ୍ରମଣ ହୋଇନି: ଜିଲାପାଳ

ଛତ୍ରପୁର,୩।୬(ଡି.ଏନ.ଏ)

ରାଜ୍ୟର ସର୍ବାଧିକ କରୋନା ଆକ୍ରାନ୍ତ ଗଞ୍ଜାମ ଜିଲାରୁ ଚିହ୍ନଟ ହେଲେଣି। ଦିନକୁ ଦିନ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ଗୋଟିଏ ଦିନରେ ୪୧ ପଜିଟିଭ୍ ହୋଇଛନ୍ତି । ଏହାକୁ ମିଶାଇ ଜିଲାରେ ବର୍ତ୍ତମାନ ସୁଦ୍ଧା ଜିଲାରେ ୪୯୯ ଆକ୍ରାନ୍ତ ଚିହ୍ନଟ ହେଲେଣି। ସେଥିମଧ୍ୟରୁ ୩ ଜଣଙ୍କ ମତ୍ୟୁ ହୋଇଥିବାବେଳେ ୩୪୦ଜଣ ସୁସ୍ଥ ହେଲେଣି। ୧୫୬ ସକ୍ରିୟ ପଜିଟିଭ୍ ରୋଗୀ ଟାଟା କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ବୁଧବାର ଚିହ୍ନଟ ୪୧ ପଜିଟିଭ୍‌ଙ୍କ ମଧ୍ୟରୁ ୧୫ ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଓ ୨୧ ଜଣ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ସେହିପରି ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ଆଉ ୫ ଜଣ ପଜିଟିଭ୍ ହୋଇଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ୧୫ ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ଆନ୍ଧ୍ରପ୍ରଦେଶ, ୧୦ ଜଣ ଗୁଜରାଟ ଏବଂ ୪ ଜଣ ମହାରାଷ୍ଟ୍ରରୁ ଫେରିଥିଲେ। ସେହିପରି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥାଇ ପଜିଟିଭ ଚିହ୍ନଟ ୨୧ ଜଣ ମହାରାଷ୍ଟ୍ର ଓ ଗୁଜରାଟରୁ ଫେରିଥିଲେ । ଅନ୍ୟପକ୍ଷରେ ବୁଧବାର ୨ ଜଣ ସୁସ୍ଥ ହୋଇଛନ୍ତି । ସେମାନଙ୍କୁ କୋଭିଡ୍ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି। ଗଞ୍ଜାମକୁ ଫେରିଥିବା ପ୍ରବାସୀଙ୍କ ସଂସ୍ପର୍ଶରେ ଆସି ଜିଲାରେ କେତେଜଣ ପଜିଟିଭ୍ ବାହାରିଛନ୍ତି। ତଥାପି ବର୍ତ୍ତମାନ ସୁଦ୍ଧା ଗୋଷ୍ଠୀ ସଂକ୍ରମଣ ହୋଇ ନ ଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏଥିପାଇଁ ଭୟଭୀତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି । କ୍ୱାରାଣ୍ଟାଇନ୍ ସେଣ୍ଟର ଓ ହୋମ କ୍ୱାରାଣ୍ଟାଇନ୍ ନିକଟକୁ ଯିବାକୁ ଜିଲାପାଳ ବାରଣ କରିବା ସହ ଲକ୍‌ଡାଉନ୍ ନେଇ ନୂତନ ଗାଇଡଲାଇନକୁ ମାନିବାକୁ ପରାମର୍ଶ ଦେଇଛନ୍ତି ।

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରି ମିଳିନି ମଜୁରି

ଦାରିଙ୍ଗବାଡ଼ି,୩।୬(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ବାଡାବାଙ୍ଗା ପଞ୍ଚାୟତ ସିକକେତା ଗ୍ରାମରେ ପଲ୍ଲିସଭା ଅନୁଷ୍ଠିତ ହୋଇଯାଇଛି । ୱାର୍ଡସଭ୍ୟା ଶରିସ୍ତ୍ରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ଗାଁସାଥୀ ପ୍ରତ୍ୟୁଷ ପ୍ରଧାନ ପରିଚାଳନା କରିଥିଲେ। ବିଡିଓ ଜଗଦୀଶ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନୂତନ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ତ୍ରିନାଥ ନାଏକ, କନିଷ୍ଠ ଯନ୍ତ୍ରୀ ତୁଷାର ରଞ୍ଜନ ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପାରବ ପ୍ରଧାନ, ଗ୍ରାମ ରୋଜଗାର ସେବକ ଦିଲୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପଲ୍ଲିସଭାରେ ପ୍ରଥମେ କରୋନା ଭୂତାଣୁ ପ୍ରତିହତ ନିମନ୍ତେ ଅଧିକାରୀମାନେ ସଚେତନ କରିଥିଲେ। ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କରେ ଆଲୋଚନା ହୋଇଥିଲା। ପୋଖରୀ ଖନନ, ଜମି ଉନ୍ନୟନ କାର୍ଯ୍ୟ ଓ ରାସ୍ତାଘାଟ ଆଦି କାର୍ଯ୍ୟକୁ ଏହି ଯୋଜନାରେ କରିବାକୁ ପରାମର୍ଶ ଦିଆଯାଇଥିଲା । ୨୦୧୪-୧୫ ଆର୍ଥିକ ବର୍ଷରେ ବହୁ ଶ୍ରମିକ ଏହି ଯୋଜନାରେ କାର୍ଯ୍ୟ କରି ମଜୁରି ପାଇ ନ ଥିବା ଅଭିଯୋଗ କରିଥିଲେ । ପ୍ରତ୍ୟୁଷ ପ୍ରଧାନ ମଜୁରି ପାଇ ନ ଥିବା ନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ କହିଛନ୍ତି। ଠିକ୍ ପାରିଶ୍ରମିକ ମିଳିଲେ ଗ୍ରାମବାସୀ କାର୍ଯ୍ୟ କରିବେ ବୋଲି କହିଥିଲେ । ଅନ୍ତରଙ୍ଗ ଯୁବ ସଂଘର ବ୍ଲକ ସଂଯୋଜକ ଧନେଶ୍ୱର ସାହୁ ଲୋକଙ୍କୁ ସଚେତନ କରିଥିଲେ ।

ବୈଠକରେ ଉପସ୍ଥିତ ଅଧିକାରୀ ଓ ଗ୍ରାମବାସୀ।

ସିକକେତାରେ ପଲ୍ଲିସଭା

୩ ବର୍ଷ ପରେ ଗିରଫ ହେଲେ ଅଭିଯୁକ୍ତ

ନାବାଳିକାଙ୍କୁ ଅପହରଣ,ବଳାତ୍କାର ମାମଲା

ଦିଗପହଣ୍ଡି,୩।୬(ଡି.ଏନ୍.ଏ.)

ଦିଗପହଣ୍ଡି ଥାନା ଅଧୀନ ଏକ ଗାଁର ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ସମ୍ପୃକ୍ତ ଯୁବକଙ୍କୁ ଘଟଣାର ୩ ବର୍ଷ ପରେ ଦିଗପହଣ୍ଡି ପୋଲିସ ବୁଧବାର ଗିରଫ କରିଛି। ଥାନା ମାମଲା ନଂ.୭୭/୧୭ ପୋକ୍‌ସୋ ଆକ୍ଟରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ହେଲେ ପାଟପୁର ଥାନା ଅଞ୍ଚଳର ସନ୍ତୋଷ ନାୟକ। ଇଟାଭାଟିରେ ଦୁହେଁ ଦିନ ମଜୁରିଆ ଭାବେ କାମ କରୁଥିଲେ। ବିବାହ ପ୍ରତିଶ୍ରୁତି ଦେଇ ସନ୍ତୋଷ ନାବାଳିକାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ପରେ ଅପହରଣ କରି ବ୍ରହ୍ମପୁର ନେଇଯାଇଥିଲେ। ଏକ ସାମାଜିକ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ନାବାଳିକାଙ୍କୁ ବ୍ରହ୍ମପୁର ରେଳଷ୍ଟେସନରୁ ଉଦ୍ଧାର କରି ନିକଟସ୍ଥ ବାଳାଶ୍ରମକୁ ହସ୍ତାନ୍ତର କରିଥିଲେ। ନାବାଳିକା ଜଣକ ଏନେଇ ଥାନାରେ ଏତଲା ଦେଇଥିଲେ। ସେବେଠାରୁ ସନ୍ତୋଷ ଫେରାର ହୋଇଯାଇଥିଲେ। ଲକ୍‌ଡାଉନରେ ଗାଁକୁ ଫେରିଥିବା ଖବର ପାଇ ପୋଲିସ ଗିରଫ କରିଥିଲା।

ଇକୋ ବାଇକ୍ ଶୁଭାରମ୍ଭ କଲେ ଜିଲାପାଳ

ଜିଲାପାଳ ଶୁଭାରମ୍ଭ କରୁଛନ୍ତି।

ଛତ୍ରପୁର,୩।୬(ଡି.ଏନ.ଏ)

ଛତ୍ରପୁର ଏନ୍‌ଏସିରେ ବୁଧବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଇକୋ ବାଇକ୍ (ବ୍ୟାଟେରି ଚାଳିତ ସାଇକେଲ) ଶୁଭାରମ୍ଭ କରିଛନ୍ତି। ଏନ୍‌ଏସି ପକ୍ଷରୁ ୧୦ ଇକୋ ବାଇକ୍ କ୍ରୟ କରାଯାଇଛି । ଏଗୁଡିକୁ ଭଡ଼ାରେ ଦିଆଯିବ ବୋଲି ସୂଚନା ମିଳିଛି । ଏହି ବ୍ୟାଟେରୀ ଚାଳିତ ସାଇକେଲକୁ ଥରେ ଚାର୍ଜ କଲେ ୩୦ କି.ମି. ଗଡ଼ିବ। ଏହାଦ୍ୱାରା ପରିବେଶ ପ୍ରଦୂଷଣ କମିବା ସହ ଲୋକେ ସୁସ୍ଥ ରହିପାରିବେ ବୋଲି ଜିଲାପାଳ କହିଛନ୍ତି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ବ୍ରହ୍ମପୁର ଉପଜିଲାପାଳ ସିଦ୍ଧେ ଦତାତ୍ରୟ ଭାଉସାହେବ, ଏନଏସି ନିର୍ବାହୀ ଅଧିକାରୀ ଏନ୍. ଗଣେଶ ବାବୁ, ଆସିଷ୍ଟାଣ୍ଟ କଲେକ୍ଟର ବିକ୍ରମ କୁମାର ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

ଭଡ଼ାରେ ନେବେ ଲୋକେ

ବଜ୍ରପାତରେ ୭ ଗୋରୁ ମୃତ

ଶଙ୍କରାଖୋଲ,୩।୬(ଡି.ଏନ୍.ଏ.)

ଚକାପାଦ ବ୍ଲକ ବସ୍ତିଙ୍ଗିଆ ପଞ୍ଚାୟତ ଗୁଡିରିଗାଁରେ ବୁଧବାର ଅପରାହ୍ନରେ ବଜ୍ରପାତ ଘଟି ୭ଗୋରୁଙ୍କ ମୃତ୍ୟୁ ହୋଇଛି। ଅପରାହ୍ନରେ ବର୍ଷାବେଳେ ଗୋରୁଗୁଡିକ ଆମ୍ବଗଛ ତଳକୁ ପଳାଇଥିଲେ। ସେହି ସମୟରେ ବଜ୍ରପାତ ହେବାରୁ ମୃତ୍ୟୁ ଘଟିଥିଲା।

ଖୁସି ଉଜାଡ଼ିଲା ଅଗ୍ନିକାଣ୍ଡ, ଆଖିରୁ ଶୁଖୁନି ଲୁହ

ବ୍ରହ୍ମପୁର ଅଫିସ,୩।୬

ଖୁସି ଉଜାଡିଦେଇଛି ଅଗ୍ନିକାଣ୍ଡ। ଏଥିରେ ଚାଲିଯାଇଛି ଏକମାତ୍ର ରୋଜଗାରିଆ ପୁଅର ଜୀବନ। ପୁଅକୁ ହରାଇବାର ୫ ଦିନ ବିତିଥିଲେ ମଧ୍ୟ ଶୁଖିନି ମା' ଆଖିର ଲୁହ। ରୋଜଗାରିଆ ପୁଅକୁ ହରାଇ ଏବେ ବେସାହାରା ହୋଇପଡିଛି ପରିବାର। ଘରେ ଦିବ୍ୟାଙ୍ଗ ବଡପୁଅ ଓ ଝିଅର ଭବିଷ୍ୟତ ଓ ଭରଣପୋଷଣକୁ ନେଇ ଚିନ୍ତାରେ ଦିନ କାଟୁଛନ୍ତି ପରିବାର ଲୋକେ। ଏବେ ସରକାରୀ ଓ ଲୋକଙ୍କ ସହାୟତାକୁ ଅନାଇ ବସିଛନ୍ତି। ଏହା ହେଉଛି ବ୍ରହ୍ମପୁର ସହର ଗୋଷାଣୀନୂଆଗାଁ ପାଣିଗ୍ରାହୀ ପେଣ୍ଠସାହିସ୍ଥିତ ବରିଷ୍ଠ ବିଜେଡି ନେତା ଆଲେଖ ଚୌଧୁରୀଙ୍କ ଘରେ ଗତ ମେ ୨୮ ତାରିଖ ବିଳମ୍ବିତ ରାତିରେ ଘଟିଥିବା ଅଗ୍ନିକାଣ୍ଡରେ ମୃତ୍ୟୁ ଘଟିଥିବା ଯୁବକ ସୁନୀଲ ସାହୁଙ୍କ ପରିବାରର କରୁଣ କାହାଣୀ। ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ଭାଙ୍ଗି ପଡିଛନ୍ତି ସୁନୀଲଙ୍କ ମା' ମଞ୍ଜୁ । ବଡପୁଅ କୃଷ୍ଣ ଛୋଟ ବେଳୁ ଦିବ୍ୟାଙ୍ଗ ହୋଇଥିବା ବେଳେ ସାନ ପୁଅ ସୁନୀଲ ହିଁ ପରିବାରର ଏକମାତ୍ର ଭରସା ଥିଲେ। ଝିଅ ଭାରତୀ ଜରିବ୍ୟାଗ୍ ସିଲେଇ କରୁଥିବା ବେଳେ ସାନପୁଅ ସୁନୀଲଙ୍କ ରୋଜଗାରରେ ପରିବାର ଚଳୁଥିଲା। ଏବେ ଅଗ୍ନିକାଣ୍ଡରେ ସୁନୀଲଙ୍କ ମୃତ୍ୟୁ ପରେ ତାଙ୍କ ଦିବ୍ୟାଙ୍ଗ ପୁଅ ଓ ଝିଅଙ୍କୁ ନେଇ କିପରି ଚଳିବେ ତାହାକୁ ନେଇ ଏବେ ଚିନ୍ତାରେ ଦିନ କାଟୁଛନ୍ତି ମା'।

ସୂଚନା ପ୍ରକାରେ, ୫ ବର୍ଷ ଧରି ସୁନୀଲ ମା, ବଡ ଭାଇ, ସାନଭଉଣୀଙ୍କ ସହ ବ୍ରହ୍ମପୁର ହରିଡାଖଣ୍ଡ ଅଞ୍ଚଳ ଧମନଗରରେ ଘରଭଡା ନେଇ ରହୁଥିଲେ। ୪ ବର୍ଷ ଧରି ସେ ବିଜେଡିର ବରିଷ୍ଠ ନେତା ତଥା ବିସିସି ବ୍ୟାଙ୍କର ପୂର୍ବତନ ସଭାପତି ସ୍ୱର୍ଗତ ଅଲେଖ ଚୌଧୁରୀଙ୍କ ଘରେ କାମ କରୁଥିଲେ। ସେଠାରୁ ସେ ମାସକୁ ୬ ହଜାର ଟଙ୍କା ରୋଜଗାର କରୁଥିଲେ। ଅନ୍ୟପକ୍ଷରେ ସାନ ଭଉଣୀ ଭାରତୀ ଘରେ ଜରିବ୍ୟାଗ୍ ସିଲେଇ କରି ଦିନକୁ ପ୍ରାୟ ୬୦ ରୁ ୭୦ ଟଙ୍କା ରୋଜଗାର କରୁଥିଲେ। ଉଭୟଙ୍କ ରୋଜଗାରରେ ତାଙ୍କ ପରିବାର କଷ୍ଟରେ ଚଳି ଆସୁଥିଲେ। ଏବେ ଲକ୍‌ଡାଉନ୍ ବେଳେ ଅଚାନକ ଅଗ୍ନିକାଣ୍ଡରେ ରୋଜଗାରିଆ ପୁଅ ଚାଲିଯିବା ପରେ ସୁନୀଲଙ୍କ ପରିବାରର ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡିଛି। ଫଳରେ ତାଙ୍କ ପରିବାର ଏବେ ସରକାରୀ ଓ

ସଂକ୍ଷେପରେ

ସଙ୍ଗରୋଧ କେନ୍ଦ୍ରରେ ଯୋଗଶିକ୍ଷା

ତରଭା ,୩।୬(ଡି.ଏନ.ଏ.): ତରଭା ବ୍ଲକ ସରଗଜ ପଞ୍ଚାୟତର ସ୍ଥାନୀୟ ଜବାହର ନବୋଦୟ ବିଦ୍ୟାଳୟରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ପ୍ରବାସୀ ଶ୍ରମିକମାନଙ୍କୁ ଯୋଗଶିକ୍ଷା ଦିଆଯାଉଛି । ସମସ୍ତ ପ୍ରବାସୀଙ୍କ ମାନସିକ ଶାନ୍ତି ବଜାୟ ରଖିବା ସହ ସୁସ୍ଥ ରଖିବା ଲକ୍ଷ୍ୟ ନେଇ ଶିକ୍ଷକ ଶ୍ରୀକାନ୍ତ ମିଶ୍ର ଓ ବିଶ୍ୱଧାନନ୍ଦ ମିଶ୍ର ଯୋଗ ଶିକ୍ଷା ଦେଉଛନ୍ତି । ଯୋଗ ଶିଖିବା ପାଇଁ ମଧ୍ୟ ଶ୍ରମିକମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି । କରୋନା ମହାମାରୀର ଭୟବହତାକୁ ଦୃଷ୍ଟିରେ ରଖି ଲକ୍‌ଡାଉନ ଘୋଷଣା ପରେ ଯାନବାହାନ ଚଳାଚଳ ବନ୍ଦ ହୋଇଯାଇଥିଲା । ଫଳରେ ବାହାରେ ରହୁଥିବା ଏହି ଅଞ୍ଚଳର ବହୁ ଓଡିଆ ଶ୍ରମିକ ଫସି ରହିଥିଲେ । ରାଜ୍ୟ ସରକାର ସମସ୍ତ ପ୍ରବାସୀଙ୍କୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିଛନ୍ତି । ଏହି କ୍ରମରେ ସରଗଜ ପଞ୍ଚାୟତର ପ୍ରବାସୀ ଶ୍ରମିକ ଫେରି ସ୍ଥାନୀୟ ଜବାହର ନବୋଦୟ ବିଦ୍ୟାଳୟରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ରହିଛନ୍ତି । ସମସ୍ତ ପ୍ରବାସୀ ଶ୍ରମିକ ସଙ୍ଗରୋଧରେ ଥିବା ପର୍ଯ୍ୟନ୍ତ ପ୍ରତ୍ୟହ ଯୋଗାଭ୍ୟାସ କରାଯିବ। ସରପଞ୍ଚ ଦଶରଥ ସାହୁ ଓ ଭବାନୀ ଶଙ୍କର ମିଶ୍ରଙ୍କ ସହଯୋଗରେ ଯୋଗଶିକ୍ଷା ଚାଲିଛି।

ଚାଷୀକୁଳ ସର୍ବହରା ହେବେ

ଆସନ୍ତା ସପ୍ତାହ ମଧ୍ୟରେ ଛତିଶଗଡ଼ରୁ ଓଡ଼ିଶାକୁ ପଙ୍ଗପାଳ ପ୍ରବେଶ କରିବା ସମ୍ଭାବନା ରହିଛି । ଏହି କୀଟର ମୁକାବିଲା ପାଇଁ କୃଷି ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରଥମେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲା ଏହି କୀଟଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ଥିବାରୁ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ପଙ୍ଗପାଳ ନିୟନ୍ତ୍ରଣ ତଥା ଜରୁରୀ ସୂଚନା ପାଇଁ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି । ତଥାପି ଚାଷୀମାନେ ଭୟଭୀତ ଅବସ୍ଥାରେ ଅଛନ୍ତି । ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲାର କେତେଜଣ ଚାଷୀଙ୍କୁ ଭେଟିଥିଲେ ଆମ ପ୍ରତିନିଧି। ସେମାନଙ୍କ ମନର କଥାକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା... ।

କରୋନା କଟକଣା ଭିତରେ ରବି ଚାଷ କାମ ବହୁ କଷ୍ଟରେ ଶେଷ କରିଥିଲୁ। ଏବେ ପଙ୍ଗପାଳ ମାଡି ଆସୁଥିବା ଶୁଣୁଛୁ । ପଙ୍ଗପାଳଙ୍କୁ ଚାଷୀମାନେ କେବେ ମୁକାବିଲା କରିପାରିବେ ନାହିଁ। ରାଜ୍ୟ ଓ କେନ୍ଦ୍ର ସରକାର ଏହି କୀଟ ଦାଉରୁ ଆମ ଫସଲକୁ ରକ୍ଷା କରିବା ପାଇଁ ପଦକ୍ଷେପ ନେଇ ପାରିବେ । ଏଥିପାଇଁ ଅତ୍ୟାଧୁନିକ ଯନ୍ତ୍ର ଓ କୀଟନାଶକର ସହାୟତା ନିଆଯାଇପାରେ । ନଚେତ୍ ଚାଷୀକୁଳ ସର୍ବହରା ହେବେ ।

–ଯୋଗେଶ ଭୋଇ, ତାଳବ

ଧାନ ଅମଳ ସରିଛି। ଏବେ ପନିପରିବା ଚାଷ କରିଛି। ପଙ୍ଗପାଳ ଦଳ ଯଦି ପନିପରିବା ଗଛକୁ ନଷ୍ଟ କରିବେ ଆମେ ନିଶ୍ଚିତ ଭାବେ କ୍ଷତିଗ୍ରସ୍ତ ହେବୁ । କୃଷି ବିଭାଗ ଏଥିପାଇଁ ସଜାଗ ରହିବା ଉଚିତ । ପନିପରିବା ଚାଷୀମାନେ ପ୍ରତିଷେଧକ ଭାବେ କ'ଣ ବ୍ୟବହାର କରିପାରିବେ ସେ ନେଇ ପରାମର୍ଶ ଦେବା ଦରକାର ।

–ଚିନ୍ମୟ କୁମାର ନାୟକ, ଶିକ୍ରାପାଲି

ପଙ୍ଗପାଳ ହୀରାକୁଦ ଡ୍ୟାମ୍ ଅତିକ୍ରମ କରିବା ପରେ ସମ୍ବଲପୁର ଜିଲାରେ ପ୍ରବେଶ କରିବେ। ହୀରାକୁଦ ଡ୍ୟାମ ପାଦ ଦେଶରେ ମୋର ଜମି ରହିଛି। ସେଠାରେ ମୁଁ ଧାନ ସହ ପୋଟଳ, ବାଇଗଣ, ପାତଳଘଣ୍ଟା ଚାଷ କରିଛି । ପଙ୍ଗପାଳ ଦଳ ମୋ ଫସଲର ଚିହ୍ନବର୍ଣ୍ଣ ରଖିବେନି। ସେହି ଚିନ୍ତା ଆମକୁ ଘାରିଛି । ଏହି କୀଟ ଦାଉରୁ ଆମ ଫସଲକୁ ରକ୍ଷା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ଉଚିତ।

ସନ୍ତୋଷ କୁମାର ତେଲେଙ୍ଗା, ଡେଙ୍ଗସର୍ଗି

ଏବେ ଖରିଫ ଚାଷ ଲାଗି ଧାନ ତଳି ପକାଯାଏ । ୧୦ ଦିନ ମଧ୍ୟରେ ତାହା ଗଜା ହେବ। ଏହାକୁ ପଙ୍ଗପାଳ ଦଳ ସହଜରେ ଖାଇ ପାରିବେ। ସେଥିପାଇଁ ୧୫ ଦିନ ପରେ ତଳି ପକାଇବାକୁ ସ୍ଥିର କରିଛି। ଚାଷୀମାନେ ପଙ୍ଗପାଳ ଘଉଡ଼ାଇବା ପାଇଁ ବାଜା, ନିଆଁ ବ୍ୟବହାର କରିବାକୁ ସ୍ଥିର କରିଛନ୍ତି । କିନ୍ତୁ ଏହା ଯଥେଷ୍ଟ ନୁହେଁ। ଜିଲା କୃଷି ବିଭାଗ ଚାଷୀମାନଙ୍କୁ ଏ ନେଇ ସଚେତନ କରିବା ଦରକାର ।

–ଦେବେନ୍ଦ୍ର ମହାପାତ୍ର, ଚାଉଁରପୁର

ପ୍ରସ୍ତୁତି: ବି. ଶଙ୍କର

ପୂର୍ବ ଶତ୍ରୁତାକୁ ନେଇ ମରଣାନ୍ତକ ଆକ୍ରମଣ

ମନମୁଣ୍ଡା, ୩।୬ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଶଗଡା ଫାଣ୍ଡି ଅନ୍ତର୍ଗତ ଗୁଣ୍ଡୁଲିଆ ପଞ୍ଚାୟତ ଭାଡିମୁଣ୍ଡା (ଆମ୍ବଖୋଲ)ଠାରେ ପୂର୍ବ ଶତ୍ରୁତାକୁ ନେଇ ମରଣାନ୍ତକ ଆକ୍ରମଣ ହୋଇଛି । ଏଥିରେ ପଟୁଆପାଲି ଗ୍ରାମର ବୃଦ୍ଧା ଝରି ପ୍ରଧାନ (୬୦) ଏବଂ ତାଙ୍କ ପୁଅ ୱାଣ୍ଟୁ ପ୍ରଧାନ (୨୨) ଗୁରୁତର ଆହତ ହୋଇ ପ୍ରଥମେ ସୋନପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଏ ନେଇ ଝରିଙ୍କ ପୁଅ ସୁରୁବାବୁ ପ୍ରଧାନ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏକ ମାମଲା (ନଂ.୮୯/୨୦) ରୁଜୁ କରି ତଦନ୍ତ କରୁଥିବା ଶଗଡା ଫାଣ୍ଡି ଅଧିକାରୀ ଏସଆଇ ଅରୁଣ ସିଂ କହିଛନ୍ତି। ତେବେ ରିପୋର୍ଟ ଲେଖାହେବା ସୁଦ୍ଧା (ରାତି ୮ଟା) ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିନାହିଁ ।

ଅଭିଯୋଗ ଅନୁସାରେ, ମଙ୍ଗଳବାର ଅପରାହ୍ନ ପ୍ରାୟ ୫ଟା ବେଳେ ଝରି ଭାଡିମୁଣ୍ଡା (ଆମ୍ବଖୋଲ)କୁ ଯାଇଥିବା ବେଳେ ସେହି ଗ୍ରାମର ପ୍ରକାଶ ରଣା, ତାଙ୍କ ସ୍ତ୍ରୀ ପଦ୍ମିନୀ ରଣା ଏବଂ ଭାଇ ସୁଜିତ ରଣା ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଥିଲେ । ଖବର ପାଇ ଝରିଙ୍କ ପୁଅ ୱାଣ୍ଟୁ ମା'ଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ। କିନ୍ତୁ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ ।

ରାଜସ୍ୱ ଆୟୁକ୍ତଙ୍କ ବଡଗାଁ ବ୍ଲକ କ୍ଷେତ୍ର ପରିଦର୍ଶନ

ବଡଗାଁ, ୩।୬ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅଞ୍ଚଳରେ ଏମଜିଏନଆରଇଜିଏ କାର୍ଯ୍ୟ ବୁଲି ଦେଖିଛନ୍ତି ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ନିରଞ୍ଜନ ସାହୁ। ସେ ଭୋଇପାଲି ପଞ୍ଚାୟତ ଖରିକାମୁଣ୍ଡା ଗ୍ରାମ ସ୍ଥିତ କେନାଲ ପୁନରୁଦ୍ଧାର, ଭୋଇପାଲି ଗ୍ରାମର ଫଗୁ ମାଝୀଙ୍କ ଡଗୱେଲ, ଡୁଡାଲଗା ପଞ୍ଚାୟତ ମୁକୁନ୍ଦପୁର ଗାଁର ନୂତନ ପୋଖରୀ, କଣ୍ଟିଆମୁରା, ଡୁଡାଲଗାର କେନାଲ କାମ ଆଦି ବୁଲି ଦେଖିଥିଲେ । ଏହି ସମୟରେ ଜିଲାପାଳ ନିଖିଲ ପବନ କଲ୍ୟାଣ ଓ ପିଡି ଭୈରବ ସିଂ ପଟେଲ ଉପସ୍ଥିତ ଥିଲେ ।

ବାବା ଜଲ୍‌ଦି ଫେରିବ..

ସୁନ୍ଦରଗଡ଼,୩।୬(ଡି.ଏନ୍.ଏ.)

ଆଉ ଜଣେ କରୋନା ଯୋଦ୍ଧାଙ୍କ କାହାଣୀ

ଡାକ୍ତର ସଞ୍ଜୟ କୁମାର ଦାଶ ।

ସୁନ୍ଦରଗଡ଼ ଏନ୍‌ଟିପିସି କୋଭିଡ୍ ହସ୍ପିଟାଲରେ କାର୍ଯ୍ୟରତ ମେଡିସିନ ସ୍ପେଶାଲିଷ୍ଟ ଡାକ୍ତର ସଞ୍ଜୟ କୁମାର ଦାଶ ଆଉ ଜଣେ କରୋନା ଯୋଦ୍ଧା। ପରିବାରଠାରୁ ଅଲଗା ରହି ସେ ନିଜ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି। ଗତ ୨୨ ତାରିଖରେ ସେ ଯେତେବେଳେ କୋଭିଡ୍ ହସ୍ପିଟାଲକୁ ଡ୍ୟୁଟି ପାଇଁ ବାହାରିଲେ ସେତେବେଳେ ଘରେ ଷଷ୍ଠ ଶ୍ରେଣୀରେ ପଢୁଥିବା ଏକମାତ୍ର ପୁଅ ଜାଣିଥିଲେ ଯେ ବାପା ସବୁଦିନ ପରି ହସ୍ପିଟାଲକୁ ଡ୍ୟୁଟିରେ ଯାଉଛନ୍ତି ଓ ପୁଣି ଘରକୁ ଫେରିଆସିବେ। କିନ୍ତୁ କୋଭିଡ୍ ଡ୍ୟୁଟିରେ ଏକକାଳୀନ ୨୮ଦିନ ବାହାରେ ରହିବାକୁ ପଡିବ ବୋଲି ସେ ଜାଣି ନ ଥିଲେ।

ଏ ସଂକ୍ରାନ୍ତରେ ଡାକ୍ତର ଦାଶ କୁହନ୍ତି, ଘରୁ ଆସିବା ବେଳେ ପୁଅର ମୁହଁରେ ହସ ନ ଥିଲା। ସବୁଦିନ ପରି ମୋତେ ବାବା ଜଲ୍‌ଦି ଫେରିବ ବୋଲି କହିଲା, ମୁଁ ତାକୁ ହୋଟେଲରେ ରହିବି କହି ଗାଡି ନେଇ ଚାଲି ଆସିଲି । ପୁଅ ଘର ବାଲ୍‌କୋନିରୁ ଦେଖୁଥାଏ ଓ ମୁହଁରେ ତା'ର ହସ ନ ଥିଲା । ସବୁଦିନ ପରି ଗୁଡନାଇଟ ପାପା କହିଲା, ମୁଁ ବି ତାକୁ ବାଏ ବାଏ କରି ଚାଲି ଆସିଥିଲି। ରାସ୍ତାରେ ଆଖିର ଲୁହକୁ ରୋକି ପାରିଲିନି । ଗାଡି ଆସି ହୋଟେଲରେ ପହଞ୍ଚିଲା । ପୁଅ ପୁଣି ଫୋନ କଲା ; ବାପା ହୋଟେଲରେ ପହଞ୍ଚିଲ କି, ମୁଁ ହଁ କହିଲି । କିଛି ସମୟ ଚୁପ୍ ରହିଲା ପରେ ସେ ପୁଣି କହିଲା ବାପା ମୋବାଇଲରେ ତୁମ ଫଟୋ ପଠାଇବ। ତୁମେ ଆସିବା ପର୍ଯ୍ୟନ୍ତ ମୁଁ ତୁମ ଫଟୋ ଦେଖୁଥିବି। ଏହା ଶୁଣି ମୁଁ କାନ୍ଦ ରୋକିନ ପାରି ଫୋନ ରଖିଦେଲି। ରାତିରେ ନିଦ ଆସିଲା ନାହିଁ ।

ବର୍ତ୍ତମାନ ଡାକ୍ତର ଦାଶ ସୁନ୍ଦରଗଡ଼ ଏନ୍‌ଟିପିସି କୋଭିଡ୍ ହସ୍ପିଟାଲରେ ପ୍ରତିଦିନ ୫୦ରୁ ୬୦ଜଣ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି। ରୋଗୀଙ୍କୁ ଚିକିତ୍ସା କରିବା ଭିତରେ ସେ ନିଜ ପରିବାରକୁ ସମ୍ପୂର୍ଣ୍ଣ ଭାବେ ଭୁଲି ଯାଇଛନ୍ତି । ଥରେ ସେ ଡ୍ରେସ୍ ଆଣିବା ପାଇଁ ଘରକୁ ଯାଇଥିଲେ । ହେଲେ ଘର ଭିତରକୁ ନ ଯାଇ ବାହାରୁ ଫେରି ଆସିଥିଲେ। କୋଭିଡ୍-୧୯ ହସ୍ପିଟାଲରେ ଗତ ୨୨ତାରିଖରୁ ଆରମ୍ଭ ହୋଇଥିବା ଏହି ଡ୍ୟୁଟି ଗୁରୁବାର(ଜୁନ୍ ୪) ପର୍ଯ୍ୟନ୍ତ ଚାଲିବ। ଏହାପରେ ଆସନ୍ତା ୫ରୁ ୧୯ ତାରିଖ ପର୍ଯ୍ୟନ୍ତ କ୍ୱାରାଣ୍ଟାଇନରେ ରହିବାକୁ ପଡିବ। ସେତେଦିନ ଯାଏ ପରିବାରଠାରୁ ନିଜକୁ ଦୂରେଇ ରଖିବାକୁ ପଡିବ ବୋଲି ଡାକ୍ତର ଦାଶ କୁହନ୍ତି ।

ଫଟୋରେ ଖବର

ବୁଧବାର ସମ୍ବଲପୁର ଅଇଁଠାପାଲି ତଳି ଛକଠାରେ ପୋଲିସ ଯାଞ୍ଚ କରୁଥିବାବେଳେ ହେଲମେଟ୍ ପିନ୍ଧି ନ ଥିବା ଦୁଇ ଯୁବତୀଙ୍କୁ ଅଟକାଇଛି।

କ୍ୱାରାଣ୍ଟାଇନ ସେଣ୍ଟରରେ ଅବ୍ୟବସ୍ଥା ଅଭିଯୋଗ

ବଡଗାଁ, ୩।୬ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମସ୍ଥିତ ଉଚ୍ଚ ବିଦ୍ୟାଳୟରେ କରାଯାଇଥିବା ସଙ୍ଗରୋଧ କେନ୍ଦ୍ରରେ ଅବ୍ୟବସ୍ଥା ଅଭିଯୋଗ ହୋଇଛି। ଶୌଚାଳୟ ପାଇଖାନାରେ ପାଣି ଜମା ହୋଇ ରହୁଥିବାରୁ କ୍ୱାରାଣ୍ଟାଇନରେ ଥିବା ୧୭ ଜଣ ପ୍ରବାସୀ ଘୋର ହଇରାଣ ହେଉଥିବା କହିଛନ୍ତି। ଉକ୍ତ କେନ୍ଦ୍ରରେ ଥିବା ପ୍ରବାସୀଙ୍କଠାରୁ ଅଭିଯୋଗ ପାଇଥିଲେ। ଏହାପରେ ତୁରନ୍ତ ମରାମତି କରିବାକୁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ କ'ଣ ପାଇଁ ତାହା କାର୍ଯ୍ୟକାରୀ କରାଯାଇ ନାହିଁ ତୁରନ୍ତ ସେ ପଚାରି ବୁଝିବା ସହ ଏହାର ମରାମତି ଲାଗି ଆଉ ଥରେ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି ବଡ଼ଗାଁ ବିଡିଓ କ୍ଷମାନିଧି ଭୋଇ।

ପରୀକ୍ଷକଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଦାବି କଲା ଓଷ୍ଟା

ବରଗଡ଼ ଅଫିସ୍,୩।୬

କରୋନା ସଂକ୍ରମଣ ବେଳେ ମାଟ୍ରିକ ପରୀକ୍ଷାର୍ଥୀଙ୍କ ଖାତା ମୂଲ୍ୟାଙ୍କନ କରୁଥିବା ପରୀକ୍ଷକଙ୍କ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ପ୍ରଦାନ କରିବେ ବେଲି ଘୋଷଣା କରିଥିଲେ। ମାତ୍ର ସେହି ପ୍ରୋତ୍ସାହନ ରାଶି କିଭଳି ପ୍ରଦାନ କରାଯିବ ସେ ନେଇ ବୋର୍ଡ଼ କର୍ତ୍ତୃପକ୍ଷ କିମ୍ବା ରାଜ୍ୟ ସରକାର ସ୍ପଷ୍ଟ କରି ନାହାନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଓଷ୍ଟା ବରଗଡ଼ ପକ୍ଷରୁ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ମୂଲ୍ୟାୟନ କେନ୍ଦ୍ର ନିରୀକ୍ଷକ ଜ୍ୟୋତିକାନ୍ତ ସାହୁ ଏବଂ କ୍ୟାମ୍ପ ଅଫିସର ପ୍ରମୋଦ ଲେଙ୍କାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

ଶ୍ୱଶୁରଙ୍କୁ ହତ୍ୟା ଅଭିଯୋଗରେ ବୋହୂ କୋର୍ଟ ଚାଲାଣ

ଉଲୁଣ୍ଡା, ୩।୬ (ଡି.ଏନ.ଏ.)

ଧୁଲଧୁଲା ହତ୍ୟାକାଣ୍ଡ

ଶଶୁରଙ୍କୁ ହତ୍ୟା କରିବା ଅଭିଯୋଗରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଧୁଲଧୁଲା ଗ୍ରାମର ଭୂମିସୁତା ଲୁହା(୩୦)ଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି । ସମ୍ପର୍କର ଅର୍ଥ ଭୁଲିଯାଇ ଶ୍ୱଶୁର ତାଙ୍କୁ ବଳାତ୍କାର ଲାଗି ଉଦ୍ୟମ କରିବାରୁ ଉତ୍‌କ୍ଷିପ୍ତ ହୋଇ ସେ ଏହି ହତ୍ୟାକାଣ୍ଡ ଘଟାଇଥିବା ଭୂମିସୁତା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

ପ୍ରକାଶ ଯେ, ଭୂମିସୁତାଙ୍କ ସ୍ୱାମୀ ରାଜ୍ୟ ବାହାରେ କାମ କରନ୍ତି । ଏହି ସୁଯୋଗରେ ଶ୍ୱଶୁର ରାଜକୁମାର ଲୁହା(୫୩) ତାଙ୍କୁ ବଳାତ୍କାର ଉଦ୍ୟମ କରିବାକୁ ପଛାଉ ନ ଥିଲେ । ସୋମବାର ଭୋର ସମୟରେ ଶାଶୁ ଭକ୍ତି ନବନିର୍ମିତ ଆବାସ ଗୃହରେ ପାଣି ଦେବା ପାଇଁ ଛାତ ଉପରକୁ ଯାଇଥିଲେ । ଏହି ସମୟରେ ବୋହୂଙ୍କୁ ଏକୁଟିଆ ଦେଖି ରାଜକୁମାର ବଳାତ୍କାର ଉଦ୍ୟମ କରିବାରୁ ଭୂମିସୁତା ଏକ ଟାଙ୍ଗିଆରେ ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ । ସେ ସେଠାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଯିବା ଦେଖି ବୋହୂ ମଧ୍ୟ ସଂଜ୍ଞାହୀନ ହୋଇ ଯାଇଥିଲେ । ପଡୋଶୀ ଏହା ଦେଖି ଶାଶୁଙ୍କୁ ଜଣାଇଥିଲେ । ପରେ ଗ୍ରାମବାସୀଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ରାଜକୁମାରଙ୍କୁ ମୃତ ଘୋଷଣା କରିଥିଲେ । ପରେ ଅଚେତ ହୋଇ ପଡିଥିବା ଭୂମିସୁତାଙ୍କୁ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଡାକ୍ତର ପଠାଇ ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ସମେତ ମୃତଦେହ ଜବତ କରିଥିଲା। ମୃତକଙ୍କ ସ୍ତ୍ରୀ ଭକ୍ତିଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ୫୯/୨୦ ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ଭୂମିସୁତାଙ୍କ ଚେତା ଫେରିବା ପରେ ପୋଲିସ ତାଙ୍କୁ ପଚରାଉଚରା କରିଥିଲା। ହତ୍ୟା ଘଟଣାରେ ସେ ଜଡିତ ଥିବା ଜାଣାଯିବା ପରେ ଆଇପିସିର ଦଫା ୩୫୨,୩୨୩, ୩୦୨ରେ ଭୂମିସୁତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଏସଆଇ ଏସ.କେ. ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ପ୍ରସ୍ତୁତି

ସମ୍ବଲପୁର,୩।୬ (ବ୍ୟୁରୋ)

ହୀରାକୁଦ ଡ୍ୟାମ୍‌ର ବନ୍ୟାଜଳ ନିଷ୍କାସନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଜଳ ଭଣ୍ଡାର କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍ ଖୋଲା ଯାଇଛି । କୌଣସି ସମୟରେ ମଧ୍ୟ ବନ୍ୟାଜଳ ନିଷ୍କାସନ ହୋଇପାରେ ବୋଲି ସୂଚନା ଦିଆଯାଇଛି। ଗେଟ୍ ଖୋଲିବା ପୂର୍ବରୁ ମହାନଦୀ ତଳମୁଣ୍ଡରେ ବସବାସ କରୁଥିବା ଲୋକଙ୍କ ସୁରକ୍ଷା ଲାଗି ସେମାନଙ୍କୁ ସତର୍କ କରିବାକୁ ସାଇରନ ବାଜିବ।

ଜୋର ଧରିଲା କ୍ରୀଡ଼ା ଛାତ୍ରାବାସ ପ୍ରତିଷ୍ଠା ଦାବି

ଝାରସୁଗୁଡ଼ା ଅଫିସ,୩।୬

ଜିଲା କ୍ରୀଡ଼ା ସଂଘ କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

- **ଜିଲାପାଳଙ୍କ ସହ ଆଲୋଚନା କଲେ କ୍ରୀଡ଼ା ସଙ୍ଗଠନ କର୍ମକର୍ତ୍ତା**
- **କ୍ରୀଡ଼ା ଓ ଯୁବ ସେବା ବିଭାଗକୁ ପ୍ରସ୍ତାବ ପଠାଇବାକୁ ଅନୁରୋଧ**

ଝାରସୁଗୁଡ଼ାରେ କ୍ରୀଡ଼ା ଛାତ୍ରାବାସ ପ୍ରତିଷ୍ଠା ଦାବି ଜୋର ଧରିଛି । ଏ ସଂକ୍ରାନ୍ତରେ ଜିଲାପାଳଙ୍କ ସହିତ ବୁଧବାର ଜିଲା କ୍ରୀଡ଼ା ସଙ୍ଗଠନ କର୍ମକର୍ତ୍ତା ଆଲୋଚନା କରିଛନ୍ତି। ତୁରନ୍ତ କ୍ରୀଡ଼ା ଓ ଯୁବ ସେବା ବିଭାଗକୁ ଏ ସଂକ୍ରାନ୍ତରେ ପ୍ରସ୍ତାବ ପଠାଇବା ପାଇଁ କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି ।

୧୯୯୪ରେ ଝାରସୁଗୁଡ଼ା ନୂତନ ଜିଲାର ମାନ୍ୟତା ପାଇଥିଲା । କ୍ରୀଡ଼ାକ୍ଷେତ୍ରରେ ଏହି ଜିଲା ଓଡ଼ିଶାରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି। ଜିଲାର ଫୁଟବଲ ଖେଳାଳିମାନେ ରାଜ୍ୟ ତଥା ଜାତୀୟସ୍ତରରେ ସୁନାମ ଅର୍ଜନ କରିଛନ୍ତି । ଅନେକ ପ୍ରତିଭାବାନ ଖେଳାଳି ସମ୍ବଲପୁର, ବଲାଙ୍ଗୀର ଏବଂ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସରେ ତାଲିମ ନେଇ ରାଜ୍ୟରୁ ପ୍ରତିନିଧିତ୍ୱ କରୁଛନ୍ତି । କ୍ରିକେଟ,କବାଡି,ଦୌଡ଼କୁଦ ଆଦି କ୍ଷେତ୍ରରେ ଝାରସୁଗୁଡ଼ା ଜିଲାର ଖେଳାଳିମାନେ ଭଲ ପ୍ରଦର୍ଶନ କରିଛନ୍ତି। ଏବେ ଜିଲାରେ ଏକ ବୃହତ୍ ଷ୍ଟାଡିୟମ ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଆଉ ଅଳ୍ପଦିନ ମଧ୍ୟରେ ଏଚ.କଟାପାଲି ସମ୍ମୁଖରେ ପ୍ରସ୍ତାବିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ କାମ ଆରମ୍ଭ ହେବ। ଏ ସବୁକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ାରେ ଏକ କ୍ରୀଡ଼ା ଛାତ୍ରାବାସ ପ୍ରତିଷ୍ଠା ଉପରେ ଜିଲା କ୍ରୀଡ଼ା ସଂଘ ଗୁରୁତ୍ୱାରୋପ କରିଛି ।

ଝାରସୁଗୁଡ଼ା ଜିଲା କ୍ରୀଡା ସଂଘ ତରଫରୁ ସମ୍ପାଦକ ତାପସ ରାୟ ଚୌଧୁରୀ, କାର୍ଯ୍ୟକାରୀ ସଭାପତି ବିଜୟ ବେହେରା, ଉପସଭାପତି

ସଂକ୍ଷେପରେ

୧୦ ପଞ୍ଚାୟତରେ ୨ ଦିନ ହେବ ବିଦ୍ୟୁତ୍ ସରବରାହ ବନ୍ଦ

ଦେବଗଡ଼,୩।୬(ଡି.ଏନ୍.ଏ.): ରିଆମାଳ ବ୍ଲକର ବୁଢ଼ାପାଳ ବିଦ୍ୟୁତ୍ ସେକ୍‌ସନ୍ ଅଧୀନ ବୁଢ଼ାପାଳ,କୁଣ୍ଟେଇଗୋଳା, ଜଢ଼େଇମର, ଆଉଁଳି ନୁଆପଡ଼ା, ତୁଙ୍ଗାମାଳ, ପରା, କାଲଗା, ପଳସମା, ଉଟୁଣିଆ ଓ ବାଘବର ଆଦି ୧୦ ଗ୍ରାମପଞ୍ଚାୟତ ଅଞ୍ଚଳରେ ଗତ ୨ ଦିନ ହେବ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି । ଏଥିପାଇଁ ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗାଣ ବନ୍ଦ ରହିଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରୀଷ୍ମ ପ୍ରବାହ ଯୋଗୁ ଲୋକେ ଘରେ ରହି ପାରୁ ନାହାନ୍ତି । ତୁରନ୍ତ ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ଦାବି ହୋଇଛି ।

୨୨ ସୁସ୍ଥ ହେଲେ, ଜଣେ କରୋନା ରୋଗୀ ଚିହ୍ନଟ

ଦେବଗଡ଼,୩।୬(ଡି.ଏନ.ଏ.): ବୁଧବାର ଦେବଗଡ଼ ଜିଲାରେ ଜଣେ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ତାଙ୍କୁ ମିଶାଇ ଜିଲାରେ କରୋନା ରୋଗୀଙ୍କ ସଂଖ୍ୟା ୩୩ରେ ପହଞ୍ଚିଛି । ସେଥିମଧ୍ୟରୁ ବୁଧବାର ୨୨ ରୋଗୀ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏହାକୁ ମିଶାଇ ଜିଲାରେ ସୁସ୍ଥ ହୋଇଥିବା ରୋଗୀଙ୍କ ସଂଖ୍ୟା ୨୪ ହୋଇଛି । ଏବେ ଆଉ ୯ ଜଣ ସଂକ୍ରମିତ ବ୍ୟକ୍ତି ଚିକିତ୍ସାଧୀନ ଅଛନ୍ତି । ବୁଧବାର ଚିହ୍ନଟ ହୋଇଥିବା ଆକ୍ରାନ୍ତ ଜଣକ ତାମିଲନାଡୁ ଫେରନ୍ତା । ସେ ସରକାରୀ କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଥିଲେ । ତାଙ୍କୁ ଦେବଗଡ଼ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜିଲାପାଳ ସୁଧାଂଶୁ ମୋହନ ସାମଲ ଟ୍ୱିଟ୍ କରି ସୂଚନା ଦେଇଛନ୍ତି ।

ନିଆଁ ଲାଗି ୩୦ ହଜାର ଟଙ୍କା ଜଳିଗଲା

ଦେବଗଡ଼,୩।୬(ଡି.ଏନ୍.ଏ.): ଦେବଗଡ଼ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ଼ ନଂ. ୧୧ ମହୁଲଡ଼ିପା ସାହିସ୍ଥିତ ଭଡ଼ା ଘରେ ରହୁଥିବା ପ୍ରସନ୍ନ କୁମାର ସାହୁଙ୍କ ଘରେ ନିଆଁ ଲାଗିଯିବାରୁ ଆସବାପତ୍ର ସହ ନଗଦ ୩୦ ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି । ମଙ୍ଗଳବାର ସନ୍ଧ୍ୟାରେ ପ୍ରସନ୍ନଙ୍କ ସ୍ତ୍ରୀ ପ୍ରମିଳା ଅଗଣାରେ ସନ୍ଧ୍ୟା ଦୀପ ଲଗାଇ ଘରେ ଥିଲେ । ଏହାପରେ ପବନ ବହିବା ସହ ବର୍ଷା ହୋଇଥିଲା । ବିଦ୍ୟୁତ୍ ସରବରାହ ସାରାରାତି ବନ୍ଦ ଥିଲା । କୌଣସି କାରଣରୁ ଘର ଭିତରେ ଥିବା ଆସବାପତ୍ରରେ ନିଆଁ ଲାଗିଯାଇଥିଲା । ଫଳରେ କିଛି ଆସବାପତ୍ର, ଲୁଗାପଟା ସହ ତିନିଟି ଆଟାଚି ପୋଡ଼ି ଯାଇଥିଲା । ସେଥିମଧ୍ୟରୁ ଗୋଟିଏ ଆଟାଚିରେ ଥିବା ନଗଦ ୩୦ ହଜାର ଟଙ୍କା ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା । ଦମକଳ ବାହିନୀ ନିଆଁ ଆୟତ କରିଥିଲେ ।

୧୨ ଚାଷୀଙ୍କ ୧ ହଜାର କୁଇଣ୍ଟାଲ ଧାନ ଉଠିଲା

ଲୋଇସିଂହା,୩।୬(ଡି.ଏନ.ଏ.)- ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗିସର୍ଡା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ରବିଧାନ କିଣା ମଙ୍ଗଳବାର ଆରମ୍ଭ ହୋଇଛି । ପ୍ୟାକ୍ସ ସମ୍ପାଦକ ଘନଶ୍ୟାମ ପୁଟାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଧାନ କିଣାଯାଇଥିଲା । ବିଶାଳପାଲି ଗାଁର ଚାଷୀ ମାର୍କଣ୍ଡ ବିଶ୍ୱାଳ, କଦଳୀପାଲିର ରବୀନ୍ଦ୍ର ବଘାର, ଅଗଲାପାଲିର ରାଜକୁମାର ତ୍ରିପାଠୀ ପ୍ରମୁଖ ୧୨ ଜଣ ଚାଷୀ ପ୍ରଥମ ଦିବସରେ ୧ ହଜାର କୁଇଣ୍ଟାଲ ଧାନ ବିକ୍ରି କରିଥିଲେ । ଅନ୍ନପୂର୍ଣ୍ଣ ଓ ବାମଲେଶ୍ୱରୀ ମିଲର୍ସ ଚାଷୀଙ୍କ ଧାନ କିଣିଥିଲା । ପ୍ୟାକ୍ସ ଅଧୀନ ବିଭିନ୍ନ ଗ୍ରାମର ୧୫ ଜଣ ଚାଷୀଙ୍କଠାରୁ ୧୩ଶହ କୁଇଣ୍ଟାଲ ଧାନ କିଣିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ଟାର୍ଗେଟ ଦିଆଯାଇଥିବା ସମ୍ପାଦକ ଶ୍ରୀପୁଟା ସୂଚନା ଦେଇଥିଲେ ।

କାର୍ ଦୁର୍ଘଟଣାରେ ଜଣେ ମୃତ

ବରଗଡ଼ ଅଫିସ୍,୩।୬: ବରଗଡ଼-ସୋହେଲା ରାସ୍ତାର ଦଶମାଇଲ ଶ୍ରୀଗିଡ଼ା ଛକ ନିକଟରେ ବୁଧବାର ଏକ ସଡ଼କ ଦୁର୍ଘଟଣା ଘଟିଛି । ନାଗପୁର ଅଭିମୁଖେ ଯାଉଥିବା ଏକ କାର୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ନାଗପୁର ବାସିନ୍ଦା ସଚିନ୍ ଟିମନ୍ତ୍ରୱାଲ ବୋଲି ଜଣାପଡ଼ିଛି । ତେବେ କାର୍ ଡ୍ରାଇଭର ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି। ସୂଚନା ଅନୁଯାୟୀ, ମୃତକଙ୍କ ଜଣେ ଭାଇ ବ୍ରଜରାଜନଗର ଏମସିଏଲରେ କାର୍ଯ୍ୟ କରନ୍ତି। ସେ ତାଙ୍କ ଭାଇଙ୍କ ପରିବାର ଲୋକଙ୍କୁ ଛାଡ଼ିବାକୁ ଆସିଥିଲେ । ବ୍ରଜରାଜନଗରରୁ ଛାଡ଼ି ପୁଣି ନାଗପୁର ଅଭିମୁଖେ ଫେରୁଥିବା ବାଟରେ ଏହି ଦୁର୍ଘଟଣା ଘଟିଥିଲା ।

ହାତ ଯୋଡୁଥିଲେ, ଏବେ ଧମକାଉଛନ୍ତି

ସମ୍ବଲପୁର,୩।୬(ବ୍ୟୁରୋ)

ସମ୍ବଲପୁର ଜିଲା ଝାଙ୍କରପାଲି କ୍ୱାରାଣ୍ଟାଇନ ସେଣ୍ଟରରେ ବୁଧବାର ଖାଦ୍ୟ ଦେବାରୁ ବିଳମ୍ବ ହେବାରୁ ବିଶୃଙ୍ଖଳା ସଅଷ୍ଟି କରିଥିବା ପ୍ରବାସୀଙ୍କୁ ପ୍ରଶାସନିକ ଅଧିକାରୀ ବୁଝାଉଛନ୍ତି ।

ଲକ୍‌ଡାଉନ୍ ଯୋଗୁ କାମ ବନ୍ଦ ହୋଇଯାଇଛି । ପାଖରେ ଟଙ୍କା କି ଖାଇବାକୁ ନାହିଁ । ସରକାର ଆମକୁ ଖାଇବାକୁ ଯୋଗାଇ ଦିଅନ୍ତୁ। ଏଠାରୁ ଆମକୁ ଉଦ୍ଧାର କରି ଘରକୁ ଫେରାଇ ନିଅନ୍ତୁ । ଏକା ସାଥିରେ ସମସ୍ତେ ହାତ ଯୋଡି ଦିନେ କାକୁତି ମିନତି କରୁଥିବା ପ୍ରବାସୀଙ୍କ ଅସଲ ରୂପ ଏବେ ବିଭିନ୍ନ କ୍ୱାରାଣ୍ଟାଇନ ସେଣ୍ଟରରେ ଦେଖିବାକୁ ମିଳୁଛି। ସାମାନ୍ୟ ଅଭାବ ଅସୁବିଧା ଥିଲେ କିମ୍ବା ଖାଦ୍ୟ ଦେବାରେ ବିଳମ୍ବ ହେଲେ କି ଖାଦ୍ୟର ମାନ ଟିକିଏ କମିଗଲେ କଥା ସରିଲା। ପ୍ରତିବାଦରେ ଏହି ପ୍ରବାସୀମାନେ ହୋହଲ୍ଲା କରି ବିଶୃଙ୍ଖଳିତ ପରିବେଶ ସୃଷ୍ଟି କରୁଛନ୍ତି। ନିଜ ରାଜ୍ୟକୁ ଫେରିବାକୁ ଅନୁରୋଧ କରୁଥିବା ପ୍ରବାସୀଙ୍କ ଆଜି ଆଉ ଅତୀତ ମନେପଡୁନି। ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ ଝାରଙ୍କରପାଲି କ୍ୱାରାଣ୍ଟାଇନ ସେଣ୍ଟରରେ ବୁଧବାର ଏଭଳି ପରିସ୍ଥିତି ଦେଖିବାକୁ ମିଳିଥିଲା। ତାମିଲନାଡୁ ଦେପୁରରେ ରହି କାମ କରୁଥିବା ଯୁଯୁମୁରାର ପ୍ରାୟ ୧୦ ଜଣ ଯୁବକ ଏଭଳି ଗୁହାରି କରୁଥିବା ଭିଡିଓ ମାର୍ଚ୍ଚ ୩୧ ତାରିଖ ଭାଇରାଲ କରିଥିଲେ। ହେଲେ ଫେରିବା ପରେ ସେମାନଙ୍କ ବ୍ୟବହାର ବଦଳି ଯାଇଛି । ବର୍ଷାଯୋଗୁ ସକାଳ ଜଳଖିଆ ଦେବାରେ ବିଳମ୍ବ ହେବାରୁ ସେମାନେ ପାଟିତୁଣ୍ଡ କରିଥିଲେ। କ'ଣ ପାଇଁ ଖାଇବା ଦେବାରେ ବିଳମ୍ବ ହେଲା ବୋଲି ପ୍ରଶ୍ନ କରି ଆଉ ଖାଇବେନି ବୋଲି ଜିଦ୍ ଧରିଥିଲେ। ଏପରି କି ଅନ୍ୟ ଅନ୍ତେବାସୀଙ୍କୁ ନ ଖାଇବାକୁ ଉସୁକାଇଥିଲେ। ଯିଏ ଅବମାନନା କରି ଖାଇବେ ତାଙ୍କୁ ପିଟିବେ ବୋଲି ସେମାନେ ଧମକାଇଥିଲେ। ପ୍ରାୟ ୪ ଘଣ୍ଟା ଧରି ଏହି ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିଥିଲା। ଶେଷରେ ସ୍ଥାନୀୟ ପ୍ରଶାସନ କାନକୁ ଏହି ଖବର ଯାଇଥିଲା। ତୁରନ୍ତ ଯୁଯୁମୁରା ବିଡିଓ ସରୋଜ ବିଶ୍ୱାଳ, ଯୁଯୁମୁରା ଥାନା ଅଧିକାରୀ ରାଜେନ୍ଦ୍ର ବିଶ୍ୱାଳ ପହଞ୍ଚି ସମସ୍ତ ପ୍ରବାସୀଙ୍କୁ ବୁଝାଇବା ସହ ତାଗିଦ୍ କରିଥିଲେ। ପ୍ରସ୍ତୁତି ସରିଥିଲେ ମଧ୍ୟ ବର୍ଷା ଯୋଗୁ ଖାଦ୍ୟ ପରଷିବାରେ ବିଳମ୍ବ ହୋଇଥିଲା ବୋଲି ଜଣାଇଥିଲେ। ତେବେ କ୍ୱାରାଣ୍ଟାଇନ ସେଣ୍ଟର ପରିସରରେ ଗଣ୍ଡଗୋଳ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରୀ ଗାଇଡ୍‌ଲାଇନ ରହିଛି। ଏଣୁ ଯେଉଁମାନେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ସେମାନଙ୍କ ବିରୋଧରେ ଆବଶ୍ୟକ ହେଲେ ଥାନାରେ ମାମଲା ମଧ୍ୟ ରୁଜୁ ହୋଇପାରେ ବୋଲି ଚେତାବନୀ ଦେଇଥିଲେ। ଏହାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ଓ ସମସ୍ତେ ଜଳଖିଆ ଖାଇଥିଲେ ।

ସୂଚନାଯୋଗ୍ୟ, ଏହି ସେଣ୍ଟର ମେ ୨୭ ତାରିଖରେ ଆରମ୍ଭ ହୋଇଛି। ଏବେ ଏଠାରେ ଛାମୁଣ୍ଡା, ଗଡଲୁଇସିଂ, ଯୁଯୁମୁରା, ନୁଆଁ ବରଙ୍ଗାପାଳ ପଞ୍ଚାୟତର ୩୬ ଜଣ ପ୍ରବାସୀ ରହୁଛନ୍ତି। ପ୍ରତିଦିନ ଠିକ୍ ଭାବେ ନିୟମ ଓ ସମୟ ଅନୁସାରେ ଖାଇବା ଦିଆଯାଉଥିଲା। ଏପରି କି ସେମାନଙ୍କ ଅନୁରୋଧକୁ ରକ୍ଷା କରି ଖାଦ୍ୟ ମେନୁରେ ପରିବର୍ତ୍ତନ ମଧ୍ୟ ହୋଇଥିଲା । ବୁଧବାର ସକାଳେ ଉପମା ଓ ଚଣା ତରକାରି ଦେବା ପାଇଁ ପ୍ରସ୍ତୁତ ହୋଇଥିଲା । ଦେବାରେ ବିଳମ୍ବ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ସେଣ୍ଟର ନୋଡାଲ ଅଫିସର ପ୍ରଭାସ ମିଶ୍ର, ସରପଞ୍ଚ ସୁରେଶ୍ୱରୀ ମାଝୀ, ବିଭୂତି ଭୂଷଣ ଚାନ୍ଦ, ଆଶା ଓ ଅଙ୍ଗନୱାଡି କର୍ମୀ ବୁଝାଶୁଝା କରିଥିଲେ । ହେଲେ ସେମାନେ ଜଳଖିଆ ଖାଇବାକୁ ମନା କରି ଦେଇଥିଲେ । ଜଳଖିଆ ବିଳମ୍ବରେ ଖାଇଲେ ମଧ୍ୟାହ୍ନ ଭୋଜନ ଆଉ ଖାଇବାକୁ ମନ ଲାଗୁ ନାହିଁ ବୋଲି କହିଥିଲେ ।

'ଦେଓଗାଁ ସମବାୟ ଚିନିକଳକୁ ତୁରନ୍ତ କାର୍ଯ୍ୟକ୍ଷମ କର'

ବଲାଙ୍ଗୀର ଅଫିସ,୩।୬

ବଲାଙ୍ଗୀର ଜିଲାର ଏକମାତ୍ର କୃଷିଭିତ୍ତିକ କାରଖାନା ଦେଓଗାଁସ୍ଥିତ ବିଜୟାନନ୍ଦ ସମବାୟ ଚିନିକଳ ଦୀର୍ଘବର୍ଷ ହେଲା ବନ୍ଦ ପଡିଛି । ଏହି ଚିନିକଳକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦାବି ନେଇ ଭାରତୀୟ ଜନତା ପାର୍ଟି ବଲାଙ୍ଗୀର ଶାଖା ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଭାଜପା ନେତା ଅନନ୍ତ ଦାଶଙ୍କ ନେତୃତ୍ୱରେ ବହୁ ଭାଜପା କର୍ମୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ଲାକାର୍ଡ ଓ ବ୍ୟାନର ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦାବିପତ୍ରରେ ଉଲ୍ଲେଖ କରିଥିଲେ ଯେ, ଦୀର୍ଘବର୍ଷ ପୂର୍ବରୁ ପ୍ରତିଷ୍ଠା ହୋଇଥିବା ଏହି ଚିନିକଳ ଏବେ ବନ୍ଦ ପଡିଛି । ଜିଲାବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ସରକାର କୌଣସି ପ୍ରକାର ସହାୟତା ଘୋଷଣା କରୁନାହାନ୍ତି । ଦାଦନ ପ୍ରବଣ ବଲାଙ୍ଗୀର ଜିଲାର ଏହି ଚିନିକଳ ବନ୍ଦ ହୋଇପଡିଥିବାରୁ ଏଠାରେ ଚାକିରି କରୁଥିବା ୮ ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଏବଂ ୧୫ ହଜାରରୁ ଅଧିକ ଚାଷୀ ଜୀବିକା ହରାଇ ଘୋର ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ସେମାନଙ୍କ ମଧ୍ୟରୁ ଅନେକେ ଦାଦନ ଶ୍ରମିକ ଭାବେ ରାଜ୍ୟ ବାହାରକୁ ଯାଇ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏବେ କରୋନା ମହାମାରୀ ସମୟରେ ବେକାର ଯୁବକ ଓ ଚାଷୀଙ୍କ ଅବସ୍ଥା ସାଂଘାତିକ ହୋଇପଡିଛି । ଏଭଳି ସମୟରେ ରାଜ୍ୟ ସରକାର ଆସ୍କା ଚିନିକଳ ପାଇଁ ୧୫ କୋଟିର ସହାୟତା ଘୋଷଣା କରିଛନ୍ତି । କିନ୍ତୁ ଦେଓଗାଁ ଚିନିକଳ ପାଇଁ ଟଙ୍କାଟିଏ ମଧ୍ୟ ଦେଇନାହାନ୍ତି । ରାଜ୍ୟ ସରକାରଙ୍କ ଏଭଳି ପକ୍ଷପାତିତାକୁ ନେଇ ବଲାଙ୍ଗୀର ଜିଲାର ଚାଷୀ ଓ ବେକାର ଯୁବକଙ୍କ ମଧ୍ୟରେ ନୈରାଶ୍ୟ ଖେଳି ଯାଇଛି ବୋଲି ଭାଜପା ନେତା ଦାଶ କହିଛନ୍ତି । ରାଜ୍ୟ ସରକାର ଦେଓଗାଁ ଚିନିକଳ କାର୍ଯ୍ୟକ୍ଷମ କରିବା ପାଇଁ ଶୀଘ୍ର ଆର୍ଥିକ ସହାୟତା ଘୋଷଣା କରନ୍ତୁ । ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଭାଜପା ନେତା ଦାଶଙ୍କ ଠାରୁ ଦାବିପତ୍ର ଗ୍ରହଣ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ବିକ୍ଷୋଭ ସମାବେଶରେ ଭାଜପା ପକ୍ଷରୁ ସରୋଜ ତ୍ରିପାଠୀ, ପୀତାମ୍ବର ଖମାରୀ, ଚିତ୍ତରଞ୍ଜନ ମିଶ୍ର, ଅନୀଳ ପାଣିଗ୍ରାହୀ, ଗଣେଶ ବାଗ, ଗୁଣନିଧି ପଟେଲ, ଉଗ୍ରସେନ୍ ପାତ୍ର, ବାସୁଦେବ ସିଂ ନିନା, ରଶ୍ମି ଦାନୀ, ପଙ୍କଜିନୀ ପଣ୍ଡା, ରଶ୍ମୀ ଆଚାର୍ଯ୍ୟ, ଅନୀତା ମିଶ୍ର ସୌଦାମିନୀ ମିଶ୍ର, ଆରତି ଗୁରୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

ବଲାଙ୍ଗୀର ଜିଲା: କରୋନା ରୋଗୀଙ୍କ ସଂଖ୍ୟା ଶହେ ଟପିଲା

ବଲାଙ୍ଗୀର ଅଫିସ, ୩।୬

ପଶ୍ଚିମ ଓଡ଼ିଶାର ପ୍ରଥମ ଜିଲା ଭାବେ ବଲାଙ୍ଗୀରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧ଶହ ଟପିଛି । ମଙ୍ଗଳବାର ଗୋଟିଏ ଦିନରେ ୧୩ ନୂଆ ରୋଗୀ ଚିହ୍ନଟ ପରେ ଜିଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨ରେ ପହଞ୍ଚିଛି। ସେଥିରୁ ୮୪ ସକ୍ରିୟ ଥିବାବେଳେ ୧୮ ସୁସ୍ଥ ହୋଇସାରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ସୁଦ୍ଧା ଜିଲାର ସଂକ୍ରମିତଙ୍କ ସଂଖ୍ୟା ୮୯ ରହିଥିଲା । ଜିଲାର ଟିଟିଲାଗଡ଼ ବ୍ଲକ୍‌ର ସିଲୁଆଁ ଗ୍ରାମପଞ୍ଚାୟତର ୩ ଜଣ ଓ ପରାସରା ଗ୍ରାମପଞ୍ଚାୟତର ଜଣେ ମୁୟାଇ ଫେରନ୍ତା କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ତୁରେକେଲା ବ୍ଲକ୍‌ର ଚାଉଳଶୁଖା ଗ୍ରାମପଞ୍ଚାୟତର ୨ ଜଣ ସୁରଟ ଫେରନ୍ତା, ଆଗଲପୁର ବ୍ଲକ୍ କଟାପାଲି ଗ୍ରାମପଞ୍ଚାୟତର ଜଣେ ଚେନ୍ନାଇ ଫେରନ୍ତା ଓ ବଙ୍ଗୋମୁଣ୍ଡା ବ୍ଲକ୍‌ର ଚାନ୍ଦୋତରା ଗ୍ରାମପଞ୍ଚାୟତର ୪ ଜଣ ଓ ପୁଟୁପଡା ଗ୍ରାମପଞ୍ଚାୟତର ୨ ଜଣ ସମୁଦାୟ ୬ ଜଣ ମୁୟାଇ ଫେରନ୍ତା କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହି ୧୩ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଜିଲାବାସୀଙ୍କ ଚିନ୍ତା ବଢ଼ିଛି । ବଙ୍ଗୋମୁଣ୍ଡାର ପୁଟୁପଡାର ୨ ସଂକ୍ରମିତ ଏବେ କ୍ୱାରାଣ୍ଟାଇନରେ ରହିଛନ୍ତି । ଅନ୍ୟ ୧୧ ଜଣଙ୍କ କ୍ୱାରାଣ୍ଟାଇନ୍ ଅବଧି ସରିବା ପରେ ସେମାନେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ ବୋଲି ସୂଚନା ଦିଆଯାଇଛି । ହୋମ୍ କ୍ୱାରାଣ୍ଟାଇନ ପରେ କରୋନା ପଜିଟିଭ ଚିହ୍ନଟ ହେଉଥିବାରୁ ଜିଲାରେ ସଂକ୍ରମଣ ଭୟ ବଢ଼ି ବଢ଼ି ଚାଲିଛି ।

ବଜ୍ରପାତ ନେଲା ନାବାଳକଙ୍କ ଜୀବନ

ବରଗଡ଼ ଅଫିସ୍,୩।୬: ବରଗଡ଼ ଜିଲା ବରପାଲି ଥାନା କୁୟାରୀ ଗ୍ରାମରେ ବୁଧବାର ଅପରାହ୍ନରେ ବଜ୍ରପାତରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଉକ୍ତ ଗ୍ରାମର ପିଙ୍କୁ ବେହେରା(୧୭) ବୋଲି ଜଣାପଡ଼ିଛି । ସେ ଘରୁ ବାହାରି ନିକଟସ୍ଥ ପଡ଼ିଆକୁ ଯାଇଥିଲେ। ମାତ୍ର ବଜ୍ରପାତ ହେବାରୁ ସେଠାରେ ସେ ପଡ଼ି ଯାଇଥିଲେ। ଏହାପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବରପାଲି ଡାକ୍ତରଖାନା ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ବିଦ୍ୟୁତ ନେଲା ଜୀବନ, ୧୫ଘଣ୍ଟା ପରେ ଉଠିଲା ଶବ

ବରଗଡ଼ ଅଫିସ୍,୩।୬: ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଲଖମରା ବିଦ୍ୟୁତ ଗ୍ରୀଡ୍‌ରେ ମରାମତି କାର୍ଯ୍ୟ କରୁଥିବାବେଳେ ମଙ୍ଗଳବାର ରାତ୍ରିରେ ଜଣେ ଅସ୍ଥାୟୀ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଲଳିତ ବରିହା(୪୭) । ସମ୍ବଲପୁରୀ ଅଞ୍ଚଳକୁ ବିଦ୍ୟୁତ ସଂଯୋଗ କରୁଥିବାବେଳେ ଏହି ଅଘଟଣ ଘଟିଥିଲା । ସେ ତଳେ ପଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଏବଂ ପରିବାରର ଜଣଙ୍କୁ ନିଯୁକ୍ତି ଦାବି କରି ସ୍ଥାନୀୟ ଲୋକେ ମୃତଦେହ ଉଠାଇ ଦେଇ ନ ଥିଲେ । ବୁଧବାର ବିଭାଗୀୟ ଅଧିକାରୀମାନେ ସେଠାକୁ ପହଞ୍ଚି ଆଲୋଚନା କରିଥିଲେ ଏବଂ ସେହି ଦାବି ନେଇ ନିର୍ଭର ପ୍ରତିଶ୍ରୁତି ଦେବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା।

ନିର୍ବାଚିତ ପ୍ରତିନିଧିମାନେ ବି ଅଣ୍ଟା ଭିଡ଼ିଲେ

ନିର୍ବାଚିତ ପ୍ରତିନିଧିମାନେ ଦାବିପତ୍ର ଦେବାକୁ ଜିଲାପାଳ କାର୍ଯ୍ୟାଳୟକୁ ଆସିଛନ୍ତି ।

ବଲାଙ୍ଗୀର ଅଫିସ,୩।୬

ବିଜୟାନନ୍ଦ ସମବାୟ ଚିନିକଳକୁ ପୁନରୁଦ୍ଧାର ପାଇଁ ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ନେତୃତ୍ୱରେ ଦେଓଗାଁ ଅଞ୍ଚଳର ନିର୍ବାଚିତ ପ୍ରତିନିଧି ଓ କୃଷକ ପ୍ରତିନିଧିମାନେ ଦାବି କରିଛନ୍ତି । ସେମାନେ ଜିଲାପାଳ କାର୍ଯ୍ୟାଳୟକୁ ଆସି ଜିଲା ଜରୁରୀକାଳୀନ ଅଧିକାରୀ ଶଙ୍କର୍ଷଣ ପ୍ରଧାନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ୱଳ୍ପବୃଷ୍ଟି ତଥା ଜଳସେଚନର ଅଭାବ ଯୋଗୁ ବଲାଙ୍ଗୀର ଜିଲା କ୍ରମାଗତ ମରୁଡିପୀଡିତ ହୋଇଆସୁଛି। ଜିଲାରେ କୌଣସି ପ୍ରକାର ଶିଳ୍ପ କାରଖାନା ନ ଥିବାରୁ ଲକ୍ଷଲକ୍ଷ କୁଶଳୀ ଓ ଅଣକୁଶଳୀ ଶ୍ରମିକମାନେ ବାହାର ରାଜ୍ୟକୁ ଦାଦନ ଖଟି ଯାଉଛନ୍ତି । ଦେଓଗାଁ ଚିନିକଳରେ ପ୍ରତ୍ୟକ୍ଷ ଭାବେ ୫୦୦ କୁଶଳୀ ଶ୍ରମିକ ଓ ୫୦୦ ଅଣକୁଶଳୀ ଶ୍ରମିକ କର୍ମନିଯୁକ୍ତି ପାଇଥିଲେ । ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ନୂଆପଡା, ସୋନପୁର ଓ ନବରଙ୍ଗପୁର ଜିଲାର ଆଖୁ ଚାଷୀମାନେ ଲାଭବାନ ହେଉଥିଲେ। ଏହା ସହିତ ଆଖୁ ପରିବହନ ଯୋଗୁଁ ଟ୍ରକ ମାଲିକ, ଡ୍ରାଇଭର, ହେଲପର ଓ ଶ୍ରମିକମାନେ ମଧ୍ୟ ରୋଜଗାର କରୁଥିଲେ । କିନ୍ତୁ ପରିଚାଳନାଗତ ତ୍ରୁଟି ଯୋଗୁ ଏହି ଚିନିକଳ ବନ୍ଦ ହୋଇଗଲା । ବର୍ତ୍ତମାନ କରୋନା ପରିସ୍ଥିତି ଯୋଗୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ହଜାର ହଜାର ଶ୍ରମିକ ଜିଲାକୁ ଫେରୁଛନ୍ତି। ସେମାନଙ୍କୁ ବର୍ତ୍ତମାନ କର୍ମସଂସ୍ଥାନ ଯୋଗାଇ ଦେବା ବଡ ଆହ୍ୱାନ । ତେଣୁ ଏଭଳି ପରିସ୍ଥିତିରେ ବିଜୟାନନ୍ଦ ଚିନିକଳ ପୁନରୁଦ୍ଧାର କରାଯିବାର ଆବଶ୍

ରାଶନ ହଡ଼ପ ଘଟଣାର ତଦନ୍ତ

କଣିହାଁ, ୩।୬(ଡି.ଏନ.ଏ.): କଣିହାଁ ବ୍ଲକ ଗଣ୍ଡମାଳା ପଞ୍ଚାୟତ ସୁଲେଇପାଳ ଗ୍ରାମରେ ମୃତବ୍ୟକ୍ତିଙ୍କ ନାମରେ ରାଶନ ସାମଗ୍ରୀ ହଡ଼ପ ନେଇ ମଙ୍ଗଳବାର ଗ୍ରାମବାସୀ ଅଭିଯୋଗ କରିବା ପରେ ବୁଧବାର ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଇଛି। ୪ ଜଣିଆ ସଦସ୍ୟଙ୍କୁ ନେଇ ଏକ ଟିମ୍ ଏହି ତଦନ୍ତ କରିଛନ୍ତି। ବିଡିଓ ରମେଶ ଜେନା ଓ ଯୋଗାଣ ନିରୀକ୍ଷକ ରୋହିତ ଦାସ କହିଛନ୍ତି, ଘଟଣାର ତଦନ୍ତ କରାଯାଇଛି। ଗୁରୁବାର ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସଂକ୍ଷେପରେ

ଗୁଜବ ପ୍ରଚାର କଲେ ଗିରଫ

ଅନୁଗୋଳ ଅଫିସ୍, ୩।୬: ଅନୁଗୋଳ ପୋଲିସ ପକ୍ଷରୁ ଏକ ଆଡଭାଇଜରି ଜାରି କରାଯାଇଛି। କୋଭିଡ-୧୯ ସମ୍ବନ୍ଧିତ କୌଣସି ଗୁଜବ ସୋସିଆଲ ମିଡିଆରେ ପ୍ରଚାର କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ କୁହାଯାଇଛି। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଗୁଜବ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଏହାକୁ କୌଣସି ଅନ୍ୟ ଗ୍ରୁପ୍ ବା ସାଙ୍ଗ ସାଥୀଙ୍କୁ ନ ପଠାଇବାକୁ ପୋଲିସ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କିତ ସୂଚନା ପାଇଲେ ତୁରନ୍ତ ନିକଟସ୍ଥ ଥାନା ବା ଉକ୍ତ ଗ୍ରୁପ୍‌ର ଆଡମିନ୍‌ଙ୍କୁ ଅବଗତ କରିବାକୁ ପୋଲିସ ପକ୍ଷରୁ କୁହାଯାଇଛି। ଯଦି କୌଣସି ଗୁଜବ ମୋବାଇଲରୁ ମୋବାଇଲ୍‌କୁ ଘୂରି ବୁଲେ ତେବେ ଗ୍ରୁପ୍ ଆଡମିନ୍ ସହ ଭାଇରାଲ କରିଥିବା ଯୁବକଙ୍କୁ ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

ଗାଡ଼ି ଧକ୍କାରେ ଭାଲୁ ମୃତ

ଭୁବନ, ୩।୬(ଡି.ଏନ.ଏ.): ଭୁବନ ଥାନା ଅଧୀନ ୫୩ନଂ. ଜାତୀୟ ରାଜପଥ ଉପରୁ ବୁଧବାର ସକାଳେ ଏକ ଭାଲୁର କ୍ଷତାକ୍ତ ମୃତଦେହ ଉଦ୍ଧାର କରାଯାଇଛି। ରାସ୍ତା ପାର୍ ହେଉଥିବାବେଳେ ଗାଡ଼ି ଧକ୍କାରେ ଭାଲୁଟିର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ବନ କର୍ମଚାରୀ ଭାଲୁର ମୃତଦେହ ବ୍ୟବଚ୍ଛେଦ କରାଇବା ପରେ କଞ୍ଚନବାହାଳ ଉଦ୍ୟାନରେ ପୋତି ଦେଇଛନ୍ତି। ସୂଚନାଯୋଗ୍ୟ, ଜାତୀୟ ରାଜପଥଠାରୁ ଏକ କିମି ଦୂରରେ ଅବସ୍ଥିତ ଭାରତୀ ପାହାଡ଼ରେ ଅନେକ ଜୀବଜନ୍ତୁ ବାସ କରୁଛନ୍ତି। ପାହାଡ଼ରୁ ଦୈନିକ ଜୀବଜନ୍ତୁ ବ୍ରାହ୍ମଣୀ ନଦୀକୁ ପାଣି ପିଇବାକୁ ଯାଇଥାନ୍ତି। ସେମାନେ ରାସ୍ତା ଅତିକ୍ରମ କରିବା ବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ଦିଗରେ ବନ ବିଭାଗ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

ଓକିଲ ସଂଘର ଅନ୍ତରୀଣ କମିଟି

କାମାକ୍ଷାନଗର/ପରଜଙ୍ଗ, ୩।୬(ଡି.ଏନ.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗର ଓକିଲ ସଂଘର ଅନ୍ତରୀଣ କମିଟିର ଅଧ୍ୟକ୍ଷ ଭାବେ ଧର୍ମାନନ୍ଦ ମଲ୍ଲିକ, ସଭ୍ୟ ଦୋଳଗୋବିନ୍ଦ ବେହେରା, ସୂର୍ଯ୍ୟକାନ୍ତ ବିଶ୍ୱାଳ, ସଞ୍ଜୀବ ମିଶ୍ର, ପ୍ରଶାନ୍ତ ପାଣି ମନୋନୀତ କରାଯାଇଛି। ସରକାରୀ ଓକିଲ ପ୍ରଭାସ ରଞ୍ଜନ ମିଶ୍ର ନିର୍ବାଚନ ଅଧିକାରୀ ଭାବେ ଉପସ୍ଥିତ ଥିଲେ। ସଭ୍ୟଙ୍କ ମଧ୍ୟରୁ ଜଣଙ୍କୁ ସମ୍ପାଦକ ଭାବେ ଚୟନ କରିବା ସହ ପୂର୍ବ ନିର୍ବାଚିତ ସଭାପତି ଓ ସମ୍ପାଦକଙ୍କ ଅନ୍ତରାଣ କମିଟିକୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପରଜଙ୍ଗ ବାର୍ ଆସୋସିଏଶନର ଅନ୍ତରାଣ କମିଟି ଅଧ୍ୟକ୍ଷ ଭାବେ ବିପିନ ବିହାରୀ ପାଣି, ସମ୍ପାଦକ ପ୍ରଦୀପ ସାହୁ, ସଦସ୍ୟ ଭାବେ ଦାମୋଦର ବାରିକ ସଂଘର କାର୍ଯ୍ୟଭାର ବହନ କରିବେ ବୋଲି ନିଷ୍ପତ୍ତି ହୋଇଛି। ପ୍ରଦୀପ କୁମାର ସାମନ୍ତ ନିର୍ବାଚନ କାର୍ଯ୍ୟ ତଦାରଖ କରିଥିବାବେଳେ ସଂଘର ସଭାପତି ଅଶୋକ ଦଳବେହେରା, ସମ୍ପାଦକ ବେଣୁଧର ସାହୁ, କୋଷାଧକ୍ଷ ପ୍ରମୋଦ ସାହୁ, ସଦାଶିବ ମଲ୍ଲିକଙ୍କ ସମେତ କାର୍ଯ୍ୟକାରୀ କମିଟି ସଦସ୍ୟ ଉପସ୍ଥିତ ଥିଲେ।

ଚୋରା କେନ୍ଦୁପତ୍ର ଜବତ, ୨ ଗିରଫ

ବନ୍ତଳା, ୩।୬(ଡି.ଏନ.ଏ.): ଅନୁଗୋଳ ବନଖଣ୍ଡ ରେଞ୍ଜ ପକ୍ଷରୁ ବୁଧବାର ପଞ୍ଚମହଲା ନିକଟରୁ ଏକ କେନ୍ଦପତ୍ର ବୋଝେଇ ଟ୍ରକ୍ (ନଂ.ଓଆର ୧୫ ଜେ ୦୦୨୯) ଜବତ କରାଯାଇଛି। ଏଥି ସହିତ ଉତ୍ତରପ୍ରଦେଶ ରାଜ୍ୟ ସୁଲତାନପୁର ଜିଲା ହକିରସା ଗ୍ରାମର ଖାଲିଲ ଅହମ୍ମଦ(୪୫) ଓ ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର ପବନା ବେହେରା (୧୯)ଙ୍କୁ ବନବିଭାଗ ଗିରଫ କରି କୋର୍ଟଚାଲାଣ କରିଛି। ଟ୍ରକଟି ରେଢ଼ାଖୋଲରୁ ପଶ୍ଚିମବଙ୍ଗକୁ କେନ୍ଦୁପତ୍ର ଚାଲାଣ କରୁଥିବା ଖବର ପାଇ ଅନୁଗୋଳ ଡିଏଫଓ ଭି. କାର୍ତ୍ତିକଙ୍କ ନିର୍ଦ୍ଦେଶ କ୍ରମେ ରେଞ୍ଜର ସତ୍ୟବ୍ରତ ପ୍ରଧାନ, ଫରେଷ୍ଟର ଉଚ୍ଛବ ପ୍ରଧାନ ଓ ସ୍କ୍ୱାଡ ପିଛା କରି ଟ୍ରକ୍ ଜବତ କରିଥିଲେ। ଏଥିରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୫୨.୯୦ କୁଇଣ୍ଟାଲ କେନ୍ଦୁପତ୍ର ଜବତ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

ଉଦ୍ଧାର ବନ୍ୟଜନ୍ତୁଙ୍କ ଲାଗି ସାମୟିକ ରହଣିସ୍ଥଳ

ଢେଙ୍କାନାଳ ଅଫିସ, ୩।୬

- କପିଳାସ ଅଭୟାରଣ୍ୟରେ ନୂଆ ପ୍ରକଳ୍ପ
- ଭିତ୍ତିଭୂମି ଲାଗି ୨୮ ଲକ୍ଷ ବ୍ୟୟ ଅଟକଳ
- ଚାଲିଛି ଟ୍ରେଞ୍ଚ୍, ପୋଖରୀ ଖୋଳା

ଖୋଳା ଯାଇଥିବା ଟ୍ରେଞ୍ଚ୍ ।

ଉଦ୍ଧାର ହୋଇଥିବା ବନ୍ୟଜନ୍ତୁଙ୍କ ସାମୟିକ ରହଣି ଲାଗି ଢେଙ୍କାନାଳ ଜିଲା କପିଳାସ ଅଭୟାରଣ୍ୟରେ ଆରମ୍ଭ ହୋଇଛି 'ଟେମ୍ପରାରି ଟ୍ରାଞ୍ଜିଟ୍ ଫାସିଲିଟିଜ୍ ଫର୍ ୱାଇଲ୍ଡ ଆନିମଲ' ଯୋଜନା। କପିଳାସ ପ୍ରାଣୀ ଉଦ୍ୟାନ ସୀମାକୁ ଲାଗି ଏହି ପ୍ରକଳ୍ପ କାମ ଆଗେଇ ଚାଲିଛି। ଏଥିରେ ୨୮ଲକ୍ଷ ଟଙ୍କା ବ୍ୟୟ କରାଯିବାକୁ ନିଷ୍ପତ୍ତି ହୋଇଛି। ବିଶେଷ କରି ଉଦ୍ଧାର ହାତୀଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ଏବଂ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ନିରୀକ୍ଷଣ କରିବା ଲାଗି ଏହି ପ୍ରକଳ୍ପ ବିଶେଷ ଭାବେ ସହାୟକ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ସାମୟିକ ରହଣିସ୍ଥଳର ୧ ହେକ୍ଟର ପରିଧିରେ ଟ୍ରେଞ୍ଚ୍ ଖୋଳାଯାଇଛି। ଉଦ୍ଧାର ପ୍ରାଣୀଙ୍କ ପାଇଁ ଶୋଷ ମେଣ୍ଟାଇବାକୁ ପୋଖରୀ ଖୋଳାଯାଇଛି। ଏତଦ୍‌ବ୍ୟତୀତ ଜନ୍ତୁଙ୍କ ଲାଗି ପ୍ରବେଶପଥ ଏବଂ ୱାଚ ଟାୱାର ନିର୍ମାଣ ହେବ। ବନ୍ୟପ୍ରାଣୀଙ୍କ ଗତିବିଧି ଉପରେ ନଜର ରଖିବା ଲାଗି ୬ଜଣଙ୍କୁ ନିଯୁକ୍ତି ଦିଆଯିବ। ଢେଙ୍କାନାଳ ଏବଂ ଅନୁଗୋଳ ଜିଲାରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଦଳରୁ ଅଲଗା ହୋଇଯାଉଥିବା ଶାବକ ଏବଂ ଉପଦ୍ରବ କରୁଥିବା ହାତୀଙ୍କୁ ଉଦ୍ଧାର କରି କପିଳାସ ଚିଡ଼ିଆଖାନା ପରିସରରେ ଥିବା ହାତୀ ରେସ୍‌କ୍ୟୁ ସେଣ୍ଟରକୁ ଅଣାଯାଉଛି। ଏବର ପରିକଳ୍ପିତ ପ୍ରକଳ୍ପ ହାତୀଙ୍କ ଲାଗି ସହାୟକ ହେବ। ଉଦ୍ଧାର ହାତୀଙ୍କୁ ରେସ୍‌କ୍ୟୁ ସେଣ୍ଟର ପରିବର୍ତ୍ତେ ପ୍ରଥମେ ସାମୟିକ ରହଣି ସ୍ଥଳରେ ରଖାଯିବ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଉଦ୍ଧାର ବନ୍ୟଜୀବ ନିର୍ଭୟରେ ଗୋଟିଏ ଇଲାକା ଭିତରେ ଚଳପ୍ରଚଳ କରିପାରିବେ। ପୋଖରୀରେ ଜଳକ୍ରୀଡ଼ା କରିପାରିବେ। ହିଂସ୍ର ଜନ୍ତୁମାନେ ଯେପରି ବାହାରକୁ ନ ଯାଇପାରିବେ ସେଥିଲାଗି ଟ୍ରେଞ୍ଚ୍ ଖୋଳାଯାଉଛି। ସୂଚନାଯୋଗ୍ୟ, କପିଳାସ ଚିଡ଼ିଆଖାନାରେ ୨୦୦୭ରେ ରାଜ୍ୟର ଏକମାତ୍ର ହାତୀ ରେସ୍‌କ୍ୟୁ ସେଣ୍ଟର ପ୍ରତିଷ୍ଠା କରାଯାଇଥିଲା। ହେଲେ କର୍ମଚାରୀ ଏବଂ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଏଠାରେ ଅଧିକ ସଂଖ୍ୟକ ହାତୀଙ୍କୁ ଆଣି ରଖିବା କଷ୍ଟକର ବ୍ୟାପାର ହୋଇଛି। ଆରମ୍ଭ ହୋଇଥିବା ସାମୟିକ ରହଣିସ୍ଥଳ ଯୋଜନା ଏ କ୍ଷେତ୍ରରେ ବିଶେଷ ଭାବେ ସହାୟକ ହେବ ବୋଲି କୁହାଯାଉଛି।

ଏ ନେଇ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ବିମଳ ପ୍ରସନ୍ନ ଆଚାର୍ଯ୍ୟ କୁହନ୍ତି, ରାଜ୍ୟ ବନ୍ୟପ୍ରାଣୀ ବିଭାଗର ପ୍ରସ୍ତାବ ଓ ଗାଇଡ୍‌ଲାଇନ୍ ଅନୁଯାୟ 'ଟେମ୍ପରାରି ଟ୍ରାଞ୍ଜିଟ୍ ଫାସିଲିଟିଜ୍ ଫର୍ ୱାଇଲ୍ଡ ଆନିମଲ' ବା ବନ୍ୟପ୍ରାଣୀ ସାମୟିକ ରହଣିସ୍ଥଳ ଯୋଜନା ଆରମ୍ଭ ହୋଇଛି। ଏଥିରେ ହାତୀ ଉପଦ୍ରୁତ ଢେଙ୍କାନାଳ ଏବଂ ଅନୁଗୋଳ ଜିଲା ଉପକୃତ ହେବେ। ଉଦ୍ଧାର ବନ୍ୟପ୍ରାଣୀଙ୍କୁ ଏହା ମଧ୍ୟରେ କିଛିଦିନ ରଖାଯିବ। ସେମାନଙ୍କ ପ୍ରବୃତ୍ତିରେ ପରିବର୍ତ୍ତନ ଆସିବା ପରେ ପୁଣି ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି।

ଜବରଦଖଲମୁକ୍ତ ହେଲା ସରକାରୀ ପୋଖରୀ

ଅନୁଗୋଳ ଅଫିସ,୩।୬

ଦଖଲକାରୀ ପରିବାର ଦେବେ ୨୬ ଲକ୍ଷ ୧ ହଜାର ୫୫୫ ଟଙ୍କା

ଦୀର୍ଘବର୍ଷ ଧରି ଜବରଦଖଲରେ ଥିବା ମତ୍ସ୍ୟ ବିଭାଗର କେତେକ ପୋଖରୀ ମଙ୍ଗଳବାର ଦଖଲମୁକ୍ତ ହୋଇଛି। ଏହାପରେ ବୁଧବାର ଅନୁଗୋଳ ମତ୍ସ୍ୟ ବିଭାଗ ଉକ୍ତ ପୋଖରୀରୁ ମାଛ ମାରିଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଅନୁଗୋଳ ସହର ମଦନମୋହନପଡାରେ ମତ୍ସ୍ୟ ବିଭାଗର ପୋଖରୀ ରହିଛି। ୨୦୦୪ରେ ତାହାକୁ ଜଣେ ବ୍ୟକ୍ତିଙ୍କୁ ଲିଜ୍ ଆକାରରେ ଦିଆଯାଇଥିଲା। ୨୦୧୮ରେ ଲିଜ୍ ଅବଧି ଶେଷ ହୋଇଥିଲା। କିନ୍ତୁ ଲିଜ୍‌ଧାରୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଉକ୍ତ ସରକାରୀ ପୋଖରୀକୁ ନିଜ ଅକ୍ତିଆରରେ ରଖିଥିଲେ। ପୋଖରୀ ଫେରାଇ ଆଣିବାକୁ ଉଦ୍ୟମ କରିଥିଲେ ବି ମତ୍ସ୍ୟ ବିଭାଗ ବିଫଳ ହୋଇଥିଲା। ତେବେ ଗତ ମାସରେ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ପ୍ରଧାନ ଅନୁଗୋଳ ଗସ୍ତରେ ଆସିଥିବା ବେଳେ ଏ ସମ୍ପର୍କରେ ଜାଣି ସମାଧାନ ପାଇଁ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଏହାର ସମାଧାନ ଉପଜିଲାପାଳ ବାସୁଦେବ ଶତପଥୀଙ୍କ କୋର୍ଟରେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ଏହାର ସମାଧାନ କରିବା ସହ ପୋଖରୀରୁ ମାଛ ମାରିବାକୁ ମତ୍ସ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସୁରକ୍ଷା ପାଇଁ ଏସ୍‌ପିଙ୍କ ଅନୁମତି ମାଗିଥିଲେ। ବୁଧବାର ମାଜିଷ୍ଟ୍ରେଟଙ୍କ ସହ ଗୋଟିଏ ପ୍ଲାଟୁନ ଫୋର୍ସ ଉପସ୍ଥିତିରେ ମାଛ ମରାଯାଇଥିଲା। ପୋଖରୀ ଜବରଦଖଲ ମୁକ୍ତ ହୋଇଥିବାରୁ ଜାଅଁଳ ଉତ୍ପାଦନ କରାଯିବ ବୋଲି ମତ୍ସ୍ୟ ବିଭାଗ ଡେପୁଟି ଡାଇରେକ୍ଟର ଶାନ୍ତନୁ ସାହୁ କହିଛନ୍ତି। ସେହିପରି ଜବରଦଖଲ କରିଥିବା ପରିବାରବର୍ଗ ମତ୍ସ୍ୟ ବିଭାଗକୁ ୨୬ ଲକ୍ଷ ଏକ ହଜାର ୫୫୫ ଟଙ୍କା ଭରଣ କରିବେ ବୋଲି ଜଣାପଡିଛି।

ଅଭିଯୋଗକାରୀଙ୍କୁ ପୋଲିସର ମାଡ଼ ଅଭିଯୋଗ

ବଇଣ୍ଡା, ୩।୬(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ଥାନାକୁ ଶନିବାର ଅଭିଯୋଗ କରିବାକୁ ଆସିଥିବା ଓଷ୍ଠାପାଲି ପଞ୍ଚାୟତ ବାଲିଜେରେଙ୍ଗ ଗ୍ରାମର କିଶୋର ଚନ୍ଦ୍ର ପ୍ରଧାନଙ୍କୁ ସେକେଣ୍ଡ ଅଫିସର କେଲୁଚରଣ ଜେନା ମାଡ଼ ମାରିଥିବା ଅଭିଯୋଗ ହୋଇଛି। କିଶୋର ଏ ନେଇ ସୋମବାର ଅନୁଗୋଳ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥିସହ ଅଭିଯୋଗପତ୍ରର ନକଲ ଜିଲାପାଳ, ଆଠମଲ୍ଲିକ ଉପଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି, ଶୁକ୍ରବାର ଜମିବାଡି ସମସ୍ୟାକୁ କେନ୍ଦ୍ରକରି ଦାଦରପାଲି ଗ୍ରାମର ନିରାକାର ପ୍ରଧାନ ଓ କିଶୋରଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଏ ନେଇ କିଶୋର ଶନିବାର କିଶୋରନଗର ଥାନାକୁ ଅଭିଯୋଗ କରିବାକୁ ଯାଇଥିବାବେଳେ ଏହାକୁ ଗୁରୁତ୍ୱ ନ ଦେଇ ସେକେଣ୍ଡ ଅଫିସର କେଲୁ ଚରଣ ଓ ଅନ୍ୟ ୩ ଜଣ ମିଶି ଏକ ଠେଙ୍ଗାରେ ମାଡ଼ ମାରିଥିଲେ। ଏଥିସହ କିଶୋରଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରିବାକୁ ଧମକ ଦେଇଥିଲେ। କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେ ଚିକିତ୍ସିତ ହେବା ପରେ ଏସ୍‌ପିଙ୍କୁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେକେଣ୍ଡ ଅଫିସର ଜେନା କୁହନ୍ତି, ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। କାହାରିକୁ ମାଡ଼ ମାରିନାହିଁ। ଏସ୍‌ପି ଜଗମୋହନ ମୀନା କହିଛନ୍ତି, ଅଭିଯୋଗକାରୀଙ୍କୁ ମାଡ଼ ମରାଯିବା ଘଟଣାର ତଦନ୍ତ କରାଯିବ। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସହରରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଅନୁଗୋଳ ଅଫିସ,୩।୬

କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନବାଚୀ

ଅନୁଗୋଳ ସହରରେ ପୋଲିସ ଫ୍ଲାଗ୍‌ମାର୍ଚ୍ଚ କରୁଛି।

ଅନୁଗୋଳ ପୋଲିସ ପକ୍ଷରୁ ବୁଧବାର ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଏହି ସମୟରେ ଅନ୍‌ଲକ୍-୧ ନିୟମ ଅବମାନନା କରିଥିବା କେତେଜଣ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। କିନ୍ତୁ ପୋଲିସ କାର୍ଯ୍ୟାନୁଷ୍ଠାନ ନେବାରେ ପାତରଅନ୍ତର କରିଥିବା କେତେଜଣ ଛୋଟ ବ୍ୟବସାୟୀ ଅଭିଯୋଗ କରିଛନ୍ତି।

ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇଙ୍କ ନେତୃତ୍ୱରେ ପୂର୍ବାହ୍ନରେ ଥାନାରୁ ଏହି ଫ୍ଲାଗମାର୍ଚ୍ଚ ବାହାରି ସହର ପରିକ୍ରମା କରିଥିଲା। ଏହି ସମୟରେ ଜନସାଧାରଣଙ୍କ ସହ ବ୍ୟବସାୟୀମାନଙ୍କୁ ପୋଲିସ ପକ୍ଷରୁ ସଚେତନ କରାଯାଇଥିଲା। ଦୋକାନ ବାହାରେ ପସରା ନ ମେଲାଇବା, ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ପରିଧାନ ଆଦି ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ବିନା ମାସ୍କରେ ବୁଲୁଥିବା ଲୋକମାନଙ୍କ ନିକଟରୁ ପୋଲିସ ଜରିମାନା ଆଦାୟ କରିବା ସହ କଟକଣା ଉଲ୍ଲଂଘନ କରି ବ୍ୟବସାୟ କରୁଥିବା କେତେକ ଛୋଟ ବ୍ୟବସାୟୀଙ୍କ ଦୋକାନକୁ ସିଲ୍ କରିଥିଲା। କିନ୍ତୁ ଏ କ୍ଷେତ୍ରରେ ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ପ୍ରତି କୋହଳ ମନୋଭାବ ପୋଷଣ କରାଯାଇଥିବା ଓ ସିଲ୍ ବଦଳରେ କେବଳ ଦୋକାନ ବନ୍ଦ କରାଯାଇଥିବା ଛୋଟ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇ ଯେ, ଯେଉଁ ବ୍ୟବସାୟୀମାନେ ନିୟମ ଅମାନ୍ୟ କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଫ୍ଲାଗମାର୍ଚ୍ଚରେ ଅନୁଗୋଳ ଥାନା ଏସ୍‌ଆଇ ଅରକ୍ଷିତ ସେଠୀ, ବିପ୍ଳବ ସାହୁ, ସତ୍ୟ ରଞ୍ଜନ ଲେଙ୍କାଙ୍କ ସହ ଅନ୍ୟ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ।

ଚୋରି ଅଭିଯୁକ୍ତ ଗିରଫ

ବଇଣ୍ଡା, ୩।୬(ଡି.ଏନ.ଏ.): ତାଳଚେର-ସମ୍ବଲପୁର ରେଳପଥର ଜେରେଙ୍ଗ ନିକଟସ୍ଥ ରେଳଧାରଣାରୁ ଲୁହା ଚୋରି କରିବା ଅଭିଯୋଗରେ ବୁଧବାର ବଇଣ୍ଡା ରେଲୱେ ପାଣ୍ଡି ପୋଲିସ ଜରପଡା ଥାନା ଭାଗୀରଥିପୁର ଗ୍ରାମର ଅରୁଣ ନାୟକ(୩୫)ଙ୍କୁ ଗିରଫ କରିଛି। ଘଟଣାରୁ ପ୍ରକାଶ, ଜେରେଙ୍ଗ ନିକଟସ୍ଥ ରେଳଧାରଣା ପରିସରରୁ ୪ଟି ଲୁହା ଆଙ୍ଗେଲ ଅରୁଣ ଚୋରି କରିନେଇଥିଲେ। ଖବରପାଇ ବଇଣ୍ଡା ରେଲୱେ ଫାଣ୍ଡି ପୋଲିସ ଏ. କେ. ଗଡନାୟକ ଚଢ଼ାଉ କରି ଲୁହା ଜବତ ସହ ତାଙ୍କୁ ଗିରଫ କରିଥିଲେ।

ଇଲେକ୍ଟ୍ରିସିଟି ବିଲ୍‌କୁ ବିରୋଧ

କଣିହାଁ, ୩।୬(ଡି.ଏନ.ଏ.)

ବିଦ୍ୟୁତ୍ କ୍ଷେତ୍ରର ଘରୋଇକରଣ ଓ ଇଲେକ୍ଟ୍ରିସିଟି ବିଲ୍ ବିରୋଧରେ ନ୍ୟାଶନାଲ କୋଅର୍ଡିନେଶନ କମିଟି ଅଫ୍ ଇଲେକ୍ଟ୍ରିସିଟି ଇଞ୍ଜିନିୟର୍ସ ଆଣ୍ଡ ଏମ୍ପ୍ଲୋଇଜ୍ (ଏନ୍‌ସିସିଓଇଇ) ଆହ୍ୱାନରେ ଏଆଇୟୁଟିୟୁସି ସହବନ୍ଧିତ ଅଲ୍ ଇଣ୍ଡିଆ ପାୱାରମେନ୍‌ସ ଫେଡେରେଶନ (ଏଆଇପିଏଫ୍) ପକ୍ଷରୁ ସୋମବାର ଅନୁଗୋଳ ଜିଲା କଣିହାଁର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନ୍‌ଟିପିସି ମେନ୍‌ଗେଟ ବାଇପାସ୍ ଛକଠାରେ ୟୁନାଇଟେଡ ଏମ୍ପ୍ଲୋଇଜ ୟୁନିୟନର ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ସାହୁ, ରାଜେଶ ରଞ୍ଜନ ପାଣି, ଦୁଃଖିଶ୍ୟାମ ମଲ୍ଲିକ, ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନର ଚୁନା ନାଏକ, ପ୍ରତାପ ପ୍ରଧାନ ପ୍ରମୁଖ ଏହାର ବିରୋଧ କରିଥିଲେ। ସେହିପରି କଣିହାଁ ପାୱାର ଗ୍ରୀଡ୍ ସମ୍ମୁଖରେ ଅନୁଗୋଳ ଡିଷ୍ଟ୍ରିକ୍ଟ ପିଜିସିଆଇଏଲ୍ ୱାର୍କର୍ସ ୟୁନିୟନର ସାଧାରଣ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ, ହେମନ୍ତ କ୍ଷେତ୍ରୀଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରେଙ୍ଗାଳି ପାୱାର ଗ୍ରୀଡ୍ ସମ୍ମୁଖରେ ଅନୁଗୋଳ ଡିଷ୍ଟ୍ରିକ୍ଟ ପିଜିସିଆଇଏଲ୍ ୱାର୍କର୍ସ ୟୁନିୟନର କୈଳାସ ଚନ୍ଦ୍ର ମାଝି, ବିନୋଦ ଚନ୍ଦ୍ର ନାଏକ, ବଂଶୀଧର ସାହୁ ପ୍ରମୁଖ ବିକ୍ଷୋଭ କରିଥିଲେ। ଓଏର୍‌ପିସି ପକ୍ଷରୁ ତରୁଣ କୁମାର ସାହୁଙ୍କ ନେତୃତ୍ୱରେ ରେଙ୍ଗାଳି ଜଳ ବିଦ୍ୟୁତ୍ ପ୍ରକଳ୍ପ ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। ଏହି ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ ତୀବ୍ରତର କରାଯିବ ବ

ଦୁର୍ଘଟଣାରେ ଟ୍ରକ୍ ଚାଳକଙ୍କ ମୃତ୍ୟୁ

ବୈପାରୀଗୁଡା,୩।୬ (ଡି.ଏନ୍.ଏ)–ବୁଧବାର ଏକ ଦୁର୍ଘଟଣାରେ ଜଣେ ଟ୍ରକ ଚାଳକଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ନରସିଂ ରାଓ (୨୫)। ଘର ଆନ୍ଧ୍ରପ୍ରଦେଶର ଖାମାମ ଜିଲା ଅନ୍ତର୍ଗତ ଲିଙ୍ଗାଗଡମ ଗ୍ରାମରେ ବୋଲି ଜଣାପଡିଛି। ମଙ୍ଗଳବାର ସେ ପାଡଆଠାରେ ଗାଡିରୁ ସିମେଣ୍ଟ ଓହ୍ଲାଇ ଫେରିଥିଲେ। ବାଟରେ ବୈପାରୀଗୁଡା–ଲମତାପୁଟ ରାସ୍ତାରେ ମାଉଲିମା ମନ୍ଦିର ନିକଟରେ ଗାଡିରେ ନିୟନ୍ତ୍ରଣ ହରାଇ ଦୁର୍ଘଟଣା ଗସ୍ତ ହୋଇଥିଲେ। ବୁଧବାର ବୈପାରୀଗୁଡା ପୋଲିସ୍ ମୃତଦେହ ବ୍ୟବଚ୍ଛେଦ କରାଇ ଏକ ମାମଲା ରୁଜୁ କରିଛି।

ସଂକ୍ଷେପରେ

ଗଜପତିରେ ପୁଣି ୪ କରୋନା ପଜିଟିଭ

ପାରଳାଖେମୁଣ୍ଡି,୩।୬(ସ୍ୱ.ପ୍ର.)-ଗଜପତି ଜିଲାରେ ପୁଣି ୪ କରୋନା ପଜିଟିଭ ବୁଧବାର ଚିହ୍ନଟ ହୋଇଛନ୍ତି। ଏଥିସହ କରୋନା ପଜିଟିଭଙ୍କ ସଂଖ୍ୟା ୪୪କୁ ବୃଦ୍ଧିପାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହି ପଜିଟିଭଙ୍କ ମଧ୍ୟରୁ ଜଣେ ମହାରାଷ୍ଟ୍ର, ଜଣେ ଆନ୍ଧ୍ରପ୍ରଦେଶ ଏବଂ ଦୁଇଜଣ ତେଲଙ୍ଗାନା ଫେରନ୍ତା ବୋଲି ଜଣାପଡିଛି। ସମସ୍ତେ ୧୬ ଓ ୧୭ ତାରିଖରେ ଗଜପତି ଫେରି ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ସମସ୍ତଙ୍କ ସ୍ୱାବ୍ ୨୫ରେ ପରୀକ୍ଷା ପାଇଁ ପଠାଯାଇଥିଲା। ସମସ୍ତଙ୍କୁ ରାଜସୀତାପୁର ସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜିଲା ପ୍ରଶାସନ ସୂତ୍ରରୁ ଜଣାପଡିଛି।

୩ ଦିନର ଶିଶୁ ପୁତ୍ରକୁ ଚେଙ୍କ

ନବରଙ୍ଗପୁର,୩।୬,(ବି.ପ୍ର.)- ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ୩ ଦିନର ଶିଶୁପୁତ୍ରକୁ ବାପା ଦେଇଛନ୍ତି ଚେଙ୍କ। ଏହା ପରେ ଶିଶୁର ଅବସ୍ଥା ସଙ୍କଟାପନ୍ନ ହେବାରୁ ନବରଙ୍ଗପୁର ଜିଲା ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଚନ୍ଦାହାଣ୍ଡି ବ୍ଲକ ମୋକିଆ ଗ୍ରାମର ଯଦୁ ବିଶିଙ୍କ ସ୍ତ୍ରୀ ଦୁର୍ମିଳା ଗତ ୩୦ ତାରିଖରେ ଚନ୍ଦାହାଣ୍ଡି ଡାକ୍ତରଖାନାରେ ଏକ ଶିଶୁ ପୁତ୍ର ଜନ୍ମ ଦେଇଥିଲେ। ଡାକ୍ତରଖାନାରୁ ଘରକୁ ଶିଶୁପୁତ୍ର ଆସିବା ପରେ ବହୁତ ସମୟ ଧରି କାନ୍ଦିଥିଲା। ଶିଶୁକୁ କଳାଶିରା ହୋଇଥାଇପାରେ ଯଦୁ ଭାବିଥିଲେ। ସେଥିପାଇଁ ଏକ ଲୁହାକଣ୍ଟାରେ ୩ ଦିନର ଶିଶୁପୁତ୍ରର ପେଟ ସାରା ଯଦୁ ଚେଙ୍କ ଦେଇଥିଲେ। ଏହା ପରେ ଶିଶୁର କାନ୍ଦ କମିବା ପରିବର୍ତ୍ତେ ବଢିବା ସହ ଶିଶୁର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା। ଶିଶୁକୁ ମଙ୍ଗଳବାର ରାତିରେ ଉମରକୋଟ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ ବୋଲି ଯଦୁ କହିଛନ୍ତି। ଶିଶୁର ଅବସ୍ଥା ସଙ୍କଟାପନ୍ନ ଥିବା ଶିଶୁ ରୋଗ ବିଶେଷଜ୍ଞ ସନ୍ତୋଷ କୁମାର ପଣ୍ଡା କହିଛନ୍ତି।

ନିର୍ମାଣ ଶ୍ରମିକଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ଦାବି

ନବରଙ୍ଗପୁର,୩।୬(ବି.ପ୍ର.)-ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡିଶା କୋଠାବାଡି ଓ ନିର୍ମାଣ ମଜଦୁର ସଂଘ ଜରିଆରେ ୭ ଦଫା ଦାବିପତ୍ର ଜିଲା ଶ୍ରମ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଶ୍ରମମନ୍ତ୍ରୀ, ଶ୍ରମସଚିବ, ଶ୍ରମ କମିଶନର ଓ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ନିର୍ମାଣ ଶ୍ରମିକ ମାନଙ୍କୁ ସରକାର ପକ୍ଷରୁ ଘୋଷଣା କରାଯାଇଥିବା ମାସିକ ୧୫ ଶହ ଟଙ୍କା ହିସାବରେ ୩ ମାସ ପ୍ରଦାନ, ପ୍ରବାସୀ ଶ୍ରମିକଙ୍କୁ ଶ୍ରମ ବିଭାଗ ପକ୍ଷରୁ ପଞ୍ଜୀକରଣ କରାଯାଇ ସରକାରୀ ସୁବିଧା ସୁଯୋଗ ପ୍ରଦାନ ପାଇଁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଭାରତୀୟ ମଜଦୁର ସଂଘର ଜିଲା ସମ୍ପାଦକ ପରମେଶ୍ୱର ବିଶୋୟୀ, ଜିଲା ଉପସଭାପତି ରଙ୍କନାଥ ଜେନା, ଶ୍ରୀରାମ ବିଶୋୟୀ ଉପସ୍ଥିତ ରହି ଆଲୋଚନା କରିଥିଲେ।

ପଙ୍ଗପାଳକୁ ନେଇ ସତର୍କତା ବୈଠକ

ପାରଳାଖେମୁଣ୍ଡି, ୩।୬ (ସ୍ୱ.ପ୍ର.) - ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ପଙ୍ଗପାଳ ଆକ୍ରମଣକୁ ନେଇ ବୁଧବାର ଏକ ସତର୍କତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅନୁପମ ଶାହା ଅଧ୍ୟକ୍ଷତା କରିଥିଲେ। କୃଷି, ଉଦ୍ୟାନ, ଜଙ୍ଗଲ, ମୃତ୍ତିକା ସଂରକ୍ଷଣ, ଦମକଳ ବିଭାଗର ବରିଷ୍ଠ ଅଧିକାରୀ ଓ କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଯୋଗ ଦେଇଥିଲେ। ବର୍ତ୍ତମାନ ଜିଲାର ବିଭିନ୍ନ ଔଷଧ ଦୋକାନୀଙ୍କ ପାଖରେ ୭୦୨ ଲିଟର ଔଷଧ ଥିବା ଜଣାପଡିଥିଲା। ପଙ୍ଗପାଳ ଆକ୍ରମଣକୁ ଦୃଷ୍ଟିରେ ରଖି ସବୁ ବିଭାଗକୁ ସଜାଗ ରହିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାରେ ଥିବା ସମସ୍ତ କୀଟନାଶକ ସିଞ୍ଚନ ଯନ୍ତ୍ରକୁ କାର୍ଯ୍ୟକ୍ଷମ କରି ରଖିବା ଏବଂ ଦରକାର ପଡିଲେ ଦମକଳ ଗାଡିର ସାହାଯ୍ୟ ନେବାକୁ ସ୍ଥିର ହୋଇଛି। ଚାଷୀମାନେ ନିମ୍ନମଞ୍ଚରେ ତିଆରି ବିଷ ପକାଇ ଏହି ପଙ୍ଗପାଳଙ୍କ କବଳରୁ ଫସଲକୁ ରକ୍ଷା କରିପାରିବେ। ସେ ନେଇ ସଚେତନ କରାଯାଉଛି।

ଦୁର୍ଘଟଣାରେ ଯୁବକ ମୃତ

କାଶୀନଗର,୩।୬(ଡି.ଏନ.ଏ)- ଗଜପତି ଜିଲା କାଶୀନଗର ବ୍ଲକ କଣ୍ଡିଭଦ୍ରା ଗ୍ରାମ ନିକଟରେ ଏକ ବାଇକ(ନଂ. ଏଫୀଓଏଫ୪୮୦୬) ଗଛରେ ପିଟି ହୋଇଯିବାରୁ ୟସ ସିଂ (୨୫)ଙ୍କ ମୃତ୍ୟୁ ଘଟିଛି। ସେ ଜେକେପୁରରୁ ବାଇକ ଯୋଗେ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। କାଶୀନଗର ଥାନାରେ ନଂ. ୫୨/୨୦ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର କହିଛନ୍ତି।

ଉପନିବନ୍ଧକ କାର୍ଯ୍ୟାଳୟରେ ଜମି ରେଜେଷ୍ଟ୍ରିରେ ଦୁର୍ନୀତି ଅଭିଯୋଗ

ମାଲକାନଗିରି,୩।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ଉପନିବନ୍ଧକ କାର୍ଯ୍ୟାଳୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏକ ଦଲିଲର ଟ୍ରେସ୍ ମ୍ୟାପ ଓ ରେଜେଷ୍ଟ୍ରି ହୋଇଥିବା ସମ୍ପତ୍ତିର ବିବରଣୀ ଖାତା ନମ୍ବର ପରିବର୍ତ୍ତନ କରାଯାଇଥିବା ଜିଲାପାଳ ମନୀଷ ଅଗ୍ରୱାଲଙ୍କ ନିକଟରେ ଅଭିଯୋଗ ହୋଇଛି। ଜିଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମାଲକାନଗିରି ଜିଲା ଏମ୍‌ଭି–୧୧ ଗ୍ରାମର କିଶୋର ହାଲ୍‌ଦାର, ମ୍ରିନାଲ ହାଲ୍‌ଦାର ଓ ନିରଞ୍ଜନ ହାଲ୍‌ଦାର ୩ଭାଇ ଗତ ୨୮।୮।୨୦୧୯ରେ ମାଲକାନଗିରି ଉପନିବନ୍ଧକ କାର୍ଯ୍ୟାଳୟରେ ଇ–ରେଜିଷ୍ଟ୍ରେଶନ ମାଧ୍ୟମରେ ମନୋଜ ହାଲଦାରଙ୍କଠାରୁ ଗୋରେଇଗୁଡା ମୌଜାର ଖାତା ନଂ ୨୮୭/ ପ୍ଲଟ ନଂ. ୧୪୩ରେ ଥିବା ଧାନ କିସମ ଜମିକୁ କ୍ରୟ କରିଥିଲେ। ଏହାର ଆଇ.ଡି. ନଂ. ୧୨୩୧୯୦୦୬୯୦, ଇ–ରେଜିଷ୍ଟ୍ରେଶନ ଦଲିଲ ନମ୍ବର ୧୧୨୩୧୯୦୦୬୯୦। ରେଜେଷ୍ଟ୍ରି ପରେ ମ୍ୟୁଟେସନ ପାଇଁ ଏହି ୩ଭାଇ ବାରମ୍ବାର ତହସିଲଦାରଙ୍କ କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇଥିଲେ। ପରେ ସନ୍ଦେହ ହେବାରୁ ସେମାନେ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟକୁ ଯାଇ ରେଜେଷ୍ଟ୍ରି ହୋଇଥିବା ଦଲିଲ ଓ ଟ୍ରେସ୍ ମ୍ୟାପ ଦେଖିଥିଲେ। ସେହି ମ୍ୟାପରେ ରେଜେଷ୍ଟ୍ରି ଦଲିଲର ୫ ନଂ ପୃଷ୍ଠାରେ ଖାତା ନଂ ୨୮୭/ ୧୪୩ ବଦଳରେ ୧ ସଂଖ୍ୟାକୁ ରାମ୍ପି ଲିଭାଯାଇଛି। ତେବେ ବିକ୍ରୟ କରିଥିବା ହାଲ୍‌ଦାରଙ୍କ ପଟ୍ଟା ଖାତା ନଂ ୨୮୭/ ୧୪୩ ରହିଛି। ରେଜେଷ୍ଟ୍ରି ସମୟରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସମସ୍ତ ରେଜେଷ୍ଟ୍ରି ବିବରଣୀ ଓ ଦଲିଲରେ ଥିବା ବିକ୍ରି ଜମିର ପଟ୍ଟା ସହ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରି ରେଜେଷ୍ଟ୍ରି ପାଇଁ ଅଙ୍ଗୁଳି ଟିପ ନିଆଯାଏ। ଫଟୋ ଉଠା ହୋଇଥାଏ। ପରେ ଏହା ଡାଟା ଏଣ୍ଟ୍ରି ଅପରେଟର୍ ମୋହନ ଭୂୟାଁଙ୍କ ପାଖକୁ ଯାଇଥାଏ। ସେଠାରେ ସେ ୧୪୩ ବଦଳରେ କେବଳ ୪୩ ବୋଲି ଦଲିଲରେ ଲେଖି ୧କୁ ଲିଭାଇ ଦେଇଥିଲେ। ସେହି ଜମି ଯେଭଳି ଏହି ତିନିଭାଇଙ୍କ ନାମରେ ପଟ୍ଟା ପରିବର୍ତ୍ତନ ହୋଇ ନ ପାରିବ ସେଥିପାଇଁ ଏଭଳି କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମାଲକାନଗିରି ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସବ୍‌ରେଜିଷ୍ଟ୍ରାର ହରିପଦ ମଣ୍ଡଳଙ୍କୁ ପଚାରିବାରୁ ସେ କହିଲେ ଯେ, ଘଟଣାର ସତ୍ୟାସତ୍ୟ ନେଇ ତଦନ୍ତ ଚାଲିଛି। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପୁଣି ଜମି କ୍ରୟ କରିଥିବା ବ୍ୟକ୍ତିମାନେ ଆବେଦନ କଲେ ତାଙ୍କ ନାମରେ ପଟ୍ଟା କରାଇବାକୁ ମ୍ୟୁଟେସନ ଫର୍ମ ଦିଆଯିବ। ଅନ୍ୟ ପକ୍ଷରେ କେତେ ଜଣ ବରିଷ୍ଠ ଅଧିକାରୀ ଏହି ଘଟଣାକୁ ଚପାଇଦେଇ ଡାଟା ଏଣ୍ଟ୍ରି କର୍ମଚାରୀଙ୍କୁ ସୁରକ୍ଷା ଦେଉଥିବା ଦେଖିବାକୁ ମିଳୁଛି। ଜିଲାପାଳ ନିଜେ ଏ ଦିଗରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ ଯେ, ୩ଭାଇ କ୍ରୟ କରିଥିବା ଏହି ଜମିକୁ ଏବେ କେତେ ଜଣ ବ୍ୟକ୍ତି ଅକ୍ତିଆର କରି ସେଠାରେ ମନ୍ଦିର ଓ ଘର ତିଆରି କରିଛନ୍ତି।

ଡାକ୍ତରଙ୍କ ବଦଳିକୁ ନେଇ ସିଡିଏମ୍‌ଓଙ୍କୁ ଭେଟିଲା ଭାଜପା

ସିଡିଏମଓଙ୍କ ସହ ଭାଜପା ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି।

ନବରଙ୍ଗପୁର,୩।୬(ବି.ପ୍ର)

ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନା

ଏକ ମାସ ନପୁରୁଣୁ ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନାରେ ଯୋଗଦେଇଥିବା ଜଣେ ମହିଳା ଡାକ୍ତରଙ୍କୁ ପୁନର୍ବାର ଚନ୍ଦାହାଣ୍ଡି ବ୍ଲକକୁ ବଦଳି କରାଯିବା ନେଇ ଜିଲା ଭାଜପା ପକ୍ଷରୁ ଦୃଢ ବିରୋଧ କରାଯାଇଛି। ଗତ ୬ ତାରିଖରେ ଚନ୍ଦାହାଣ୍ଡି ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଜଣେ ମହିଳା ଡାକ୍ତରଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶରେ ଖାତିଗୁଡା ସ୍ଥିତ ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନାକୁ ବଦଳି କରାଯାଇଥିଲା। ତେବେ ରାଜନୈତିକ ଚାପରେ ପୁନର୍ବାର ଏକ ମାସ ନପୂରୁଣୁ ସମ୍ପୃକ୍ତ ଡାକ୍ତରଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ ଦେଓବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଥିବା ଭାଜପା ଅଭିଯୋଗ କରିଛି। ଏହାକୁ ନେଇ ଭାଜପା ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ଯୁବ ନେତା ଗୌରୀଶଙ୍କର ମାଝୀ, ଜିଲା ପଛୁଆବର୍ଗ ସଭାପତି ମନୋଜ ମହାଙ୍କୁଡ, ଯୁବନେତା ପିଣ୍ଟୁ ମିଶ୍ର ପ୍ରମୁଖ ସିଡିଏମଓ ସନ୍ତୋଷ କୁମାର ସ୍ୱାଇଁଙ୍କୁ ଭେଟି ଆଲୋଚନା କରିଥିଲେ। ତେବେ ଏକ ମାସ ନ ପୂରୁଣୁ କାହିଁକି ଡାକ୍ତରଙ୍କୁ ପୁନର୍ବାର ଚନ୍ଦାହାଣ୍ଡିକୁ ବଦଳି କରାଗଲା ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏଠାରେ କୌଣସି ଡାକ୍ତରଙ୍କୁ ନିଯୁକ୍ତ ଦିଆ ନ ଯାଇ ଅଚାନକ ଭାବେ ବଦଳି କରାଯିବା ଦଳ ପକ୍ଷରୁ ସନ୍ଦେହ ପ୍ରକାଶ ପାଇଛି। ଏଠାରେ ଡାକ୍ତର ନଥିବାରୁ ରୋଗୀ ସେବା ହୋଇ ପାରୁନଥିବା କହିଥିଲେ। ଏ ସମ୍ପର୍କରେ ସିଡିଏମଓ ଅଞ୍ଚଳଗୁମ୍ଫା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କୁ ଇନ୍ଦ୍ରାବତୀ ଡାକ୍ତରଖାନାକୁ ନିଯୁକ୍ତି ଦିଆଯାଇଥିବା କହିଥିଲେ। ଯଦି ଅଞ୍ଚଳଗୁମ୍ଫା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କୁ ବଦଳି କରାଯାଏ ତାହାହେଲେ ଏହି ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବେ ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିଲା। ତେବେ ତୁରନ୍ତ ଇନ୍ଦ୍ରାବତୀ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ଦିଆନଗଲେ ଭାଜପା ପକ୍ଷରୁ ସିଡିଏମଓ ଅଫିସ ଘେରାଉ କରିବା ସହ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ।

ଲୋକଙ୍କ ଧନଜୀବନ ସୁରକ୍ଷା ଉପରେ ଗୁରୁତ୍ୱ

ମାଲକାନଗିରି,୩।୬(ଡି.ଏନ.ଏ.)

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ବୈଠକ

ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ ଆଲୋଚନା କରୁଛନ୍ତି।

ମାଲକାନଗିରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ବୁଧବାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଏମପି ରମେଶ ମାଝି, ମାଲକାନଗିରି ବିଧାୟକ ଆଦିତ୍ୟ ମାଢି, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ଜିଲାପାଳ ମନୀଶ ଅଗ୍ରୱାଲ, ଏସ୍.ପି. ହୃଷିକେଶ ଡି. ଖିଲାରି, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ବର୍ଷା ପୂର୍ବରୁ ଜିଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପଗୁଡିକୁ ସମ୍ପୂର୍ଣ୍ଣ କରିବା, ବନ୍ୟା ସମ୍ଭାବିତ ଅଞ୍ଚଳରେ ବାତ୍ୟା ଆଶ୍ରୟ ସ୍ଥଳି ନିର୍ମାଣ, ଲୋକଙ୍କ ଧନଜୀବନ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ଏମ୍‌ଭି– ୧୧, ତାର୍ଲାକୋଟା, କୋରୁକୋଣ୍ଡା ଅଞ୍ଚଳରେ ହେଉଥିବା ପୋଲ ନିର୍ମାଣ କାର୍ଯ୍ୟ ଲକ୍‌ଡାଉନ ଯୋଗୁ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଥିବା କୁହାଯାଇଥିଲା। ବନ୍ୟା ବାତ୍ୟା ସମୟରେ ଜଳବନ୍ଦୀ ହେଉଥିବା ଜନସାଧାରଣଙ୍କୁ ଖାଦ୍ୟ ବିତରଣ ପାଇଁ ସମସ୍ତ ବ୍ଲକ ପ୍ରଶାସନ ପ୍ରସ୍ତୁତ ରହିବାକୁ କୁହାଯାଇଥିଲା। ବର୍ଷା ପୂର୍ବରୁ ଜିଲାର ସଦର ମହକୁମା, ବାଲିମେଳା ଏନଏସି, ବ୍ଲକ ସଦର ମହକୁମାର ନାଳ ନର୍ଦ୍ଦମା ତୁରନ୍ତ ସଫା କରିବା ପାଇଁ ପରାମର୍ଶ କୁହାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗର ୭ଟି ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଉପଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ସାପ କାମୁଡା, କୁକୁର କାମୁଡା, ଜ୍ୱର, ଥଣ୍ଡା କାଶ, ସର୍ଦ୍ଦି ଆଦି ରୋଗ ପାଇଁ ଔଷଧ ମହଜୁଦ ଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଥିଲା। ସେହିପରି ପ୍ରାଣୀ ଖାଦ୍ୟ ଏବଂ ଔଷଧ ମହଜୁଦ ଥିବା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ପ୍ରକାଶ କରିଥିଲେ। ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ମୁଖ୍ୟ ଚିକିତ୍ସାଧିକାରୀ ଅରୁଣ ପାଢୀଙ୍କ ସହ କୃଷି, ରାସ୍ତା ନିର୍ମାଣ, ପୌର ପରିଷଦ, ଅଗ୍ନିଶମ, ଯୋଗାଣ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

ସବୁ ଝିଣ୍ଟିକା ପଙ୍ଗପାଳ ନୁହନ୍ତି: ଜିଲାପାଳ

ମାଲକାନଗିରି,୩।୬(ଡି.ଏନ୍.ଏ.)–

ସାରା ଦେଶରେ ବର୍ତ୍ତମାନ ପଙ୍ଗପାଳକୁ ନେଇ ଚିନ୍ତା। ପଡୋଶୀ ଛତିଶଗଡ ରାଜ୍ୟରୁ ପଙ୍ଗପାଳ ମାଲକାନଗିରି ଜିଲାକୁ ଆସିବା ନେଇ ମଧ୍ୟ ଆଶଙ୍କା ରହିଛି। ତେବେ ଏନେଇ ଜିଲାପାଳ ମନୀଶ ଅଗ୍ରୱାଲଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ ଯେ, ସବୁ ଝିଣ୍ଟିକା ପଙ୍ଗପାଳ ନୁହନ୍ତି। ମାଲକାନଗିରିରେ ବର୍ତ୍ତମାନ ସୁଦ୍ଧା ପଙ୍ଗପାଳ ଆସିବା ନେଇ କୌଣସି ସୂଚନା ମିଳିନାହିଁ। ତଥାପି ଜିଲା ପ୍ରଶାସନ ଏଥିପ୍ରତି ସଜାଗ ରହିଛି। କୃଷି ବିଭାଗ, ଉଦ୍ୟାନବିତ୍, ଅଗ୍ନିଶମ ବିଭାଗ ସହ ବୈଠକ କରାଯାଇଛି। ଜିଲାରେ ପଙ୍ଗପାଳ ପ୍ରବେଶ କଲେ ତାହାର ପ୍ରତିକାର ଲାଗି ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ମଙ୍ଗଳବାର ମହେଶ୍ୱରୀ କଲୋନୀରେ କେତେକ ଝିଣ୍ଟିକାକୁ ଦେଖି ଏହା ପଙ୍ଗପାଳ ବୋଲି ପ୍ରଚାର ହୋଇଥିଲା। ଏଠାରେ ଲୋକଙ୍କ ଖୁବ୍ ଭିଡ ହୋଇଥିଲା। ଶେଷରେ କୃଷି ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି ଅରଖ ଗଛଗୁଡିକରେ ବର୍ଷାପୂର୍ବରୁ ଏଭଳି ଝିଣ୍ଟିକା ଦେଖା ଯାଇଥାନ୍ତି। ଏଗୁଡିକ ପଙ୍ଗପାଳ ନୁହନ୍ତି ବୋଲି ସ୍ପଷ୍ଟ କରିଥିଲେ।

ଭାଇରାଲ ଫଟୋକୁ ନେଇ ଥାନାରେ ଅଭିଯୋଗ

ନବରଙ୍ଗପୁର,୩।୬(ବି.ପ୍ର.)

ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ପରିଷଦ ପକ୍ଷରୁ ଏତଲା ଦିଆଯାଉଛି।

ସୋସିଆଲ ମିଡିଆରେ ଆପତ୍ତିଜନକ ଫଟୋ ଭାଇରାଲକୁ ନେଇ ଜିଲା ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ପରିଷଦ ପକ୍ଷରୁ ନବରଙ୍ଗପୁର ଥାନାରେ ବୁଧବାର ଏତଲା ଦିଆଯାଇଛି। ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମକୁ ଆକ୍ଷେପ କଲାଭଳି ଉକ୍ତ ଫଟୋ ଭାଇରାଲ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଫଟୋ ଭାଇରାଲ କରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ଥାନାରେ ଏତଲା ଦିଆଯାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରାଯାଇଛି। ନବରଙ୍ଗପୁର ଜିଲା ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ପରିଷଦର ସଭାପତି ସୁଧୀର ପାତ୍ର, ସମ୍ପାଦକ ଗୌରବ କାଉଁରୀ, କୋଷାଧ୍ୟକ୍ଷ ଯୁଝେଶ୍ୱର ନାୟକ, ସହ ସମ୍ପାଦକ ବିକ୍ରମ ନାଗ, ମିଡିଆ ସମ୍ପାଦକ ଦୟାନିଧି ସୁନା, ଉପଦେଷ୍ଟା ଦିବ୍ୟଦାନ ସୁନା,

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଗୁରୁବାର, ଜୁନ୍ ୪/୨୦୨୦ Thursday, June 4/2020

ସଂକ୍ଷେପରେ

ନିଜକୁ ନୋମିନେଟ କରିପାରିବେ ଖେଳାଳି

ନୂଆଦିଲ୍ଲୀ,୩।୬(ପି.ଟି.): ଜାତୀୟ କ୍ରୀଡ଼ା ପୁରସ୍କାର ପାଇଁ ଆବେଦନର ଶେଷ ତାରିଖକୁ ଘୁଞ୍ଚାଇବାକୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଆବେଦନ ପାଇଁ ବୁଧବାର ଶେଷ ତାରିଖ ଥିଲା। ତେବେ ଏହାକୁ ଆସନ୍ତା ୨୨ ତାରିଖକୁ ଘୁଞ୍ଚାଇଦିଆଯାଇଛି। ଏଥିସହିତ ଆଥଲେଟମାନେ ନିଜ ନାମ ନୋମିନେଟ କରିପାରିବେ ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। କୋଭିଡ-୧୯ ମହାମାରୀ ଓ ଲକ୍‌ଡାଉନ କାରଣରୁ ଉପୁଜିଥିବା ସମସ୍ୟା ପାଇଁ ମନ୍ତ୍ରଣାଳୟ ତରଫରୁ ଡେଡ୍‌ଲାଇନ୍ ଘୁଞ୍ଚାଇବା ସହ ନୋମିନେସନ ପାଇଁ ଖେଳାଳିମାନଙ୍କୁ ବିଶେଷ ଅଧିକାର ଦିଆଯାଇଛି। ଲକ୍‌ଡାଉନ୍ କାରଣରୁ କର୍ତ୍ତୃପକ୍ଷଙ୍କଠାରୁ ସୁପାରିସ ଆଣିବାରେ ଖେଳାଳିମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜାତୀୟ ଫେଡେରେଶନ ଯେଉଁ ଖେଳାଳିମାନଙ୍କ ନାମ ସୁପାରିସ କରିନାହିଁ ସେମାନେ ନିଜ ଆଡୁ ଆବେଦନ କରିପାରିବେ ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଏ ନେଇ ନିୟମରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ଆଥଲେଟମାନେ ଏଥିରେ ଲାଭବାନ ହୋଇପାରିବେ। ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରତିବର୍ଷ ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଅଗଷ୍ଟ ୨୯ ତାରିଖରେ ପ୍ରଦାନ କରାଯାଇଥାଏ। ଏହି ଦିନ ଜାତୀୟ କ୍ରୀଡା ଦିବସ ମଧ୍ୟ ପାଳନ କରାଯାଇଥାଏ। ଜାତୀୟ କ୍ରୀଡ଼ା ପୁରସ୍କାରରେ ରାଜୀବ ଗାନ୍ଧୀ ଖେଳରତ୍ନ, ଅର୍ଜୁନ, ଦ୍ରୋଣାଚାର୍ଯ୍ୟ ପ୍ରଭୃତି ପୁରସ୍କାର ପ୍ରଦାନ କରାଯାଇଥାଏ।

ଭାରତୀୟ ହକି ଦଳର ଆଉଟଡୋର ଟ୍ରେନିଂ ଆରମ୍ଭ

ବେଙ୍ଗାଲୁରୁ, ୩।୬(ପି.ଟି.): କରୋନା ଭାଇରସ୍ ସଂକ୍ରମଣଜନିତ ଲକ୍‌ଡାଉନ୍ ସ୍ଥିତି ଯୋଗୁ ୨ ମାସର ବିରାମ ପରେ ଭାରତୀୟ ମହିଳା ଓ ପୁରୁଷ ହକି ଦଳ ସୁସଙ୍ଗଠିତ ଏବଂ ପର୍ଯ୍ୟାୟକ୍ରମେ ବୁଧବାରଠାରୁ ଆଉଟ୍‌ଡୋର ଟ୍ରେନିଂ ଆରମ୍ଭ କରିଛି। ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସଓପି) ଅନୁସାରେ ଜାତୀୟ ଦଳର ଆଉଟଡୋର ଟ୍ରେନିଂ ଗତ ସୋମବାରଠାରୁ ଆରମ୍ଭ ହୋଇଛି ବୋଲି ବୁଧବାର ହକି ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ପରିସରରେ ଭାରତୀୟ ସିନିୟର ମହିଳା ଓ ପୁରୁଷ ଦଳର କ୍ରୀଡ଼ା କାର୍ଯ୍ୟକଳାପ ଜୁନ୍ ୧ରୁ ଆରମ୍ଭ ହୋଇ ଯାଇଛି। ଏଥିରେ ଏସ୍‌ଓପିର ସମସ୍ତ ନିୟମ ଅନୁପାଳନ ହୋଇଛି ବୋଲି ହକି ଇଣ୍ଡିଆ ପକ୍ଷରୁ ଏକ ବିବୃତ୍ତିରେ ପ୍ରକାଶ କରାଯାଇଛି। ଦୀର୍ଘଦିନପରେ ଖେଳାଳିମାନେ ପଡ଼ିଆକୁ ଫେରିଥିବାରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ପଡ଼ିଆରେ ଅଳ୍ପ ସମୟ କଟାଇ ବେସିକ୍ ଟ୍ରେନିଂ କରୁଛନ୍ତି। ଏହାଦ୍ୱାରା ଆହତ ସମସ୍ୟାକୁ ଏଡ଼ାଇ ଦେଇହେବ। କୋଚିଂ ଷ୍ଟାଫ୍ ପିଲମାନଙ୍କ ପାଇଁ ନୂଆ ନିୟମ ଅନୁସାରେ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି ବୋଲି ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି।

ଦୂତୀଙ୍କ ନାମ ସୁପାରିସ କଲା ଏଏଫ୍‌ଆଇ

ଭୁବନେଶ୍ୱର, ୩।୬(କ୍ରୀଡ଼ା ପ୍ରତିନିଧି)

ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ଏବେ ଅନୁଷ୍ଠାନିକଭାବେ ଅର୍ଜୁନ ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି। କିଛିଦିନ ପୂର୍ବରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଦୂତୀଙ୍କ ନାମ ଆଥଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫଆଇ) ନିକଟକୁ ପଠାଇଥିଲା। ବୁଧବାର ଏଏଫ୍‌ଆଇ ଏହି ଜାତୀୟ ରେକର୍ଡଧାରିଣୀଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରିଛି। ଗତବର୍ଷ କ୍ରୀଡ଼ା ବିଭାଗ ପକ୍ଷରୁ ନାମ ପଠାଇବାରେ ବିଳମ୍ବ ହୋଇଥିବାରୁ ଦୂତୀ ଅର୍ଜୁନ ପୁରସ୍କାରରୁ ବଞ୍ଚିତ ହୋଇଥିଲେ। ଏଥର କିନ୍ତୁ ଏହି ଓଡ଼ିଆ ଧାବିକା ପୁରସ୍କାର ପାଇବା ଯଥେଷ୍ଟ ସମ୍ଭାବନା ରହିଛି। ଦୂତୀଙ୍କ ବ୍ୟତୀତ ଏଏଫଆଇ ଆଉ ୩ ଜଣଙ୍କ ନାମ ମଧ୍ୟ ଅର୍ଜୁନ ପାଇଁ ସୁପାରିସ କରିଛି। ସେମାନେ ହେଲେ ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଅର୍ପିନ୍ଦର ସିଂ(ଟ୍ରିପଲ ଜମ୍ପ), ମନଜିତ ସିଂ(୮୦୦ ମିଟର) ଓ ଏସିଆନ ଚାମ୍ପିୟନ ମିଡଲ ଡିଷ୍ଟାନ୍ସ ରନର ପି.ୟୁ. ଚିତ୍ରା। ଜାଭେଲିନ ତାରକା ନୀରଜ ଚୋପ୍ରାଙ୍କ ନାମ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ ହୋଇଛି। ଡେପୁଟି ଚିଫ୍ କୋଚ୍ ରାଧାକ୍ରିଷ୍ଣନ ନାୟାରଙ୍କ ନାମ ଦ୍ରୋଣାଚାର୍ଯ୍ୟ ଏବଂ ୧୯୮୨ ଏସିଆନ

ଅର୍ଜୁନ ପୁରସ୍କାର

ଗେମ୍ସର ଡିସ୍‌କସ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିବା କୁଲଦୀପ ସିଂ ଭୁଲାଙ୍କ ନାମ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ସୁପାରିସ କରାଯାଇଛି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଗଠିତ ପ୍ୟାନେଲ ବିଭିନ୍ନ ଜାତୀୟ ଫେଡେରେଶନରୁ ଆସିଥିବା ନାମ ଗୁଡ଼ିକୁ ଶର୍ଟଲିଷ୍ଟ କରିବେ। ମନୋନୀତ କ୍ରୀଡ଼ାବିତ୍ ଜାତୀୟ କ୍ରୀଡ଼ା ଦିବସ ଅଗଷ୍ଟ ୨୯ରେ ପୁରସ୍କୃତ ହେବେ।

ଆଶା ରହିଛି

ଗତ ୨ ବର୍ଷ ଧରି ଟ୍ରାକ୍‌ରେ ଚମକ ସୃଷ୍ଟି କରିଥିବାରୁ ଓଡ଼ିଶା ସ୍ପ୍ରିଣ୍ଟର ଦୂତୀ ଏଥର ଅର୍ଜୁନ ପୁରସ୍କାର ପାଇବା ନେଇ ଆଶାବାଦୀ ଅଛନ୍ତି। ''ମୁଁ ୨୦୧୮ ଏସିଆନ ଗେମ୍ସର ଉଭୟ ୧୦୦ ଓ ୨୦୦ ମିଟରରେ ରୌପ୍ୟ ପଦକ ହାସଲ କରିଥିଲି। ୨୦୧୯ରେ ମୁଁ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ପ୍ରଥମ ଭାରତୀୟ ମହିଳାଭାବେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ କରିଥିଲି। ସେହିପରି ଏହିବର୍ଷ କାତାରରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ମୁଁ ବ୍ରୋଞ୍ଜ ପଦକ ପାଇଥିଲି। କରୋନା ଭାଇରସ୍ ସଂକ୍ରମଣ ଜନିତ ପ୍ରଭାବ ଯୋଗୁ ୨୦୨୦ରେ କୌଣସି ପ୍ରତିଯୋଗିତା ହୋଇ ପାରିନାହିଁ। ତେଣୁ ଗତ ୨ ବର୍ଷର ଟ୍ରାକ୍ ରେକର୍ଡ ଯଦି ଦେଖାଯାଏ ତେବେ ମୋ ପାଇଁ ସମ୍ଭାବନା ରହିବ'' ବୋଲି ସମ୍ପ୍ରତି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଚଳାଇଥିବା ଦୂତୀ ପ୍ରକାଶ କରିଛନ୍ତି। ହାଇଦ୍ରାବାଦରେ ରହୁଥିବା କୋଚ୍ ନାଗାପୁରୀ ରମେଶଙ୍କ କାର୍ଯ୍ୟସୂଚୀ ଅନୁସାରେ ମୋର ଅଭ୍ୟାସ ଠିକ୍ ପଥରେ ରହିଛି ବୋଲି ଦୂତୀ କହିଛନ୍ତି।

ପୂର୍ବରୁ ଓଡ଼ିଶାର ୮ କ୍ରୀଡ଼ାବିତ୍ ଅର୍ଜୁନ ପୁରସ୍କାର ପାଇ ସାରିଛନ୍ତି। ୧୯୮୦ରେ ସାଇକ୍ଲିଷ୍ଟ ମିନତି ମହାପାତ୍ର ପ୍ରଥମ ଓଡ଼ିଆ ଭାବେ ଏହି ସମ୍ମାନ ପାଇଥିଲେ। ପରେ ୧୯୮୨ରେ ଭାରୋତ୍ତୋଳକ ବିଜୟ କୁମାର ଶତପଥୀ, ୧୯୯୮ରେ ଆଥଲେଟ୍ ରଚିତା ମିସ୍ତ୍ରି (ପଣ୍ଡା), ୨୦୦୨ରେ ପୂର୍ବତନ ଭାରତୀୟ ହକି ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ, ୨୦୦୭ରେ ପୂର୍ବତନ ଭାରତୀୟ ମହିଳା ହକି ଅଧିନାୟିକା ଜ୍ୟୋତି ସୁନୀତା କୁଲୁ, ୨୦୦୯ରେ ପୂର୍ବତନ ଭାରତୀୟ ହକି ଅଧିନାୟକ ପଦ୍ମଶ୍ରୀ ଇଗ୍ନେଶ ତିର୍କୀ, ୨୦୧୦ରେ ଭାରୋତ୍ତୋଳକ କେ. ରବିକୁମାର ଏବଂ ୨୦୧୯ରେ ଓଡ଼ିଶାର ପ୍ରଥମ ପାରା ଆଥଲେଟ୍‌ଭାବେ ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଅର୍ଜୁନ ପୁରସ୍କାର ପାଇଥିଲେ। (ସମ୍ପ୍ରତି ଓଡ଼ିଶାରେ ରହୁଥିବା ୧୯୭୫ ହକି ବିଶ୍ୱକପ ଏବଂ ୧୯୭୨ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟୀ ଦଳର ସଦସ୍ୟ ହକିକିମ୍ବଦନ୍ତୀ ଝାଡ଼ଖଣ୍ଡର ମାଇକେଲ କିଣ୍ଡୋ (୧୯୭୨) ମଧ୍ୟ ଅର୍ଜୁନ ପୁରସ୍କାର ପାଇଥିଲେ।)

୩ ୱେଷ୍ଟଇଣ୍ଡିଜ ଖେଳାଳି ଇଂଲଣ୍ଡ ଯିବାକୁ ମନାକଲେ

ସେଣ୍ଟ କିଟ୍ସ(ଆଣ୍ଟିଗୁଆ), ୩।୬(ପି.ଟି.)

କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ଜୈବ-ସୁରକ୍ଷିତ ପରିବେଶରେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଆସନ୍ତା ମାସରେ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ହେବାର କାର୍ଯ୍ୟସୂଚୀ ରହିଛି। କେବଳ ୟୁକେ ସରକାରଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଛି। ଏଥିପାଇଁ କ୍ରିକେଟ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ) ପକ୍ଷରୁ ବୁଧବାର ୧୪ ଜଣିଆ ଦଳ ଘୋଷଣା କରାଯାଇଛି। ତେବେ ଏହି ଦଳର ୩ ସଦସ୍ୟ ଇଂଲଣ୍ଡ ଗସ୍ତ କରିବାକୁ ମନା କରିଦେଇଛନ୍ତି। ସେମାନେ ହେଲେ ଡାରେନ ବ୍ରାଭୋ, ସିମରନ ହେଟମେର ଓ କେମୋ ପଲ। ତାଙ୍କ ସ୍ଥାନରେ ଅନ୍ୟ ଖେଳାଳିଙ୍କୁ ସାମିଲ କରାଯାଇଛି। ବର୍ତ୍ତମାନ ପରିସ୍ଥିତିରେ ଖେଳାଳିଙ୍କ ମନୋଭାବକୁ ପୂର୍ଣ୍ଣ ସମ୍ମାନ ଦିଆଯିବ ବୋଲି ସିଡବ୍ଲ୍ୟୁଆଇ ପକ୍ଷରୁ ପ୍ରକାଶ କରାଯାଇଛି। ଖେଳାଳିମାନେ କାହିଁକି ଯିବାକୁ ମନା କରୁଛନ୍ତି ତାହା ସ୍ପଷ୍ଟ କରାଯାଇନାହିଁ। ''୭ ସପ୍ତାହ ବିଶିଷ୍ଟ ଏହି ଗସ୍ତରେ ୱେଷ୍ଟଇଣ୍ଡିଜ ଖେଳାଳିମାନେ ଜୈବ-ସୁରକ୍ଷିତ ପରିବେଶରେ ଟ୍ରେନିଂ ନେବେ ଏବଂ ଖେଳିବେ। ଏହି ସମୟରେ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ଗୁରୁତ୍ୱ ଦିଆଯିବ। ଦଳର କୌଣସି ସଦସ୍ୟ ଯଦି ଆହତ ହୁଅନ୍ତି ତେବେ ସେମାନଙ୍କ ସ୍ଥାନ ଭରଣା କରିବା ପାଇଁ ଚୟନ କମିଟି କିଛି ରିଜର୍ଭ ଖେଳାଳିଙ୍କୁ ମଧ୍ୟ ମନୋନୟନ କରିଛି। ସେମାନେ ଟେଷ୍ଟ ଦଳକୁ ଟ୍ରେନିଂରେ ସାହାଯ୍ୟ କରିବେ'' ବୋଲି ସିଡବ୍ଲ୍ୟୁଆଇ ପକ୍ଷରୁ ପ୍ରକାଶ କରାଯାଇଛି। ଇଂଲଣ୍ଡ ଯିବାକୁଥିବା ଖେଳାଳିଙ୍କର ଚଳିତ ସପ୍ତାହରେ କୋଭିଡ-୧୯ ଟେଷ୍ଟ ହେବ। ଦଳ ଜୁନ ୮ରେ ଇଂଲଣ୍ଡ ଯାଇ ଜୁଲାଇ ୮ରୁ ଟେଷ୍ଟ ସିରିଜ ଖେଳିବ। ୱେଷ୍ଟଇଣ୍ଡିଜ ଦଳରେ ୨ ଜଣ ନୂଆ ଖେଳାଳିଙ୍କୁ ସ୍ଥାନ ଦିଆଯାଇଛି। ସେମାନେ ହେଲେ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଏନକ୍ରୁମା ବର୍ନର ଏବଂ ଫାଷ୍ଟ ବୋଲର ଚେମର ହୋଲ୍ଡର।

ୱେଷ୍ଟଇଣ୍ଡିଜ ଦଳ: ଜାସନ ହୋଲ୍ଡର, କ୍ରେଗ୍ ବ୍ରାଥୱେଟ, ସାଇ ହୋପ୍, ଶେନ ଡୋରୱିଚ୍, ରଷ୍ଟନ ଚେଜ୍, ଶେମରା ବ୍ରୁକ୍ସ, ରାକିମ କର୍ନୱେଲ, ଏନକ୍ରୁମା ବର୍ନର, ଆଲଜାରି ଜୋସେଫ, ଚେମର ହୋଲ୍ଡର, ଜନ୍ କ୍ୟାମ୍ପବେଲ, ରେମନ ରେଇଫର, କେମର ରୋଚ୍, ଜର୍ମେନ ବ୍ଲାକ୍‌ଉଡ୍। ରିଜର୍ଭ ଖେଳାଳି: ସୁନୀଲ ଆମ୍ବ୍ରିସ, ଜୋଶୁଆ ଡା'ସିଲ୍‌ଭା, ଶାନନ ଗାବ୍ରିଏଲ, କେଅନ ହାର୍ଡିଂ, କାଏଲ ମେୟର୍ସ, ପ୍ରେଷ୍ଟନ ମ୍ୟାକସ୍ୱିନ, ମର୍କ୍ୱିନୋ ମିଣ୍ଟଲେ, ଶେନ ସୋସେଲେ, ଆଣ୍ଡରସନ ଫିଲିପ୍, ଓଶାନେ ଥୋମାସ, ଜୋମେଲ ୱାରିକାନ।

ଡିସୁଜାଙ୍କ ସହ ଚୁକ୍ତିକଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୩।୬ (କ୍ରୀଡ଼ା ପ୍ରତିନିଧି): ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ)ର ୭ମ ସିଜନ ପୂର୍ବରୁ ଓଡ଼ିଶା ଏଫସି ଲେଫ୍ଟ ବ୍ୟାକ୍ ଜର୍ଜ ଡିସୁଜାଙ୍କ ସହ ଚୁକ୍ତି କରିଛି। ଗୋଆର ଡିସୁଜା ସେସା ଫୁଟବଲ ଏକାଡେମୀରୁ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ସ୍ପୋର୍ଟିଂ କ୍ଲବ ଡି'ଗୋଆ ପକ୍ଷରୁ ଖେଳିଥିଲେ। ଗୋଆ ପ୍ରୋ ଲିଗ୍(ଜିପିଏଲ)ରେ ପ୍ରଭାବୀ ପ୍ରଦର୍ଶନ କରିବା ପରେ ଏହି ଡିଫେଣ୍ଡର ଭୁବନେଶ୍ୱର ଭିତ୍ତିକ ଓଡ଼ିଶା ଏଫସି ସହ ୨ ବର୍ଷିଆ ଚୁକ୍ତିର ସୁଯୋଗ ପାଇଛନ୍ତି। ''ଡିସୁଜାଙ୍କୁ ଆମେ କ୍ଲବକୁ ସ୍ୱାଗତ କରୁଛୁ। ଜିପିଏଲରେ ଭଲ ପ୍ରଦର୍ଶନ କରି ସେ ଆମ ନଜରକୁ ଆସିଥିଲେ। ଲେଫ୍ଟବ୍ୟାକ୍‌ଭାବେ ତାଙ୍କ ପ୍ରଦର୍ଶନ ବହୁତ ଭଲ ରହିଥିଲା। ତାଙ୍କ ଉପସ୍ଥିତିରେ ଆମ ଦଳକୁ ଫାଇଦା ମିଳିବା ଆଶା ରହିଛି'' ବୋଲି କ୍ଲବ ସଭାପତି ରୋହନ ଶର୍ମା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ଏଫସିରେ ଯୋଗଦେବାରେ ଖୁସି ଜାହିର କରିଛନ୍ତି ଡିସୁଜା। ''ଏହି କ୍ଲବ ସହିତ ଚୁକ୍ତିକରି ମୁଁ ଅତ୍ୟନ୍ତ ଆନନ୍ଦିତ। ଏବେ ଇଣ୍ଡିଆନ ସୁପରଲିଗ୍ ଖେଳିବାକୁ ମୁଁ ବ୍ୟଗ୍ରତାର ସହ ଅପେକ୍ଷା କରିବି। ଏହା ମୋ ପାଇଁ ଏକ ଭଲ ପ୍ରମୋଶନ ଏବଂ ଓଏଫସି ପକ୍ଷରୁ ଖେଳିବାଦ୍ୱାରା ଅଭିଜ୍ଞତା ମଧ୍ୟ ହାସଲ ହେବ। ଦଳ ମୋ ଉପରେ ଆସ୍ଥା ରଖିଥିବାରୁ ମୁଁ ମଧ୍ୟ ଓଏଫସି ପାଇଁ ଶ୍ରେଷ୍ଠ ପ୍ରଦର୍ଶନ ଦେବାନେଇ ଆଶାବାଦୀ'' ବୋଲି ସେ ପ୍ରକାଶ କରିଛନ୍ତି।

In Loving Memory

Happy Birthday Kunu
From :
Felu Family & Relatives
Nikirai, Kendrapara
D-17424

UTKAL UNIVERSITY
DEPARTMENT OF BUSINESS ADMINISTRATION
Vani Vihar, Bhubaneswar-751004, Odisha, India
UTKAL UNIVERSITY
NAAC-A+Accredited
ADMISSION INTO 15th BATCH 2020-22
DEGREE WITH SKILL
MBA (AGRIBUSINESS)
Two years full time programme in ppp mode
Excellent Placement Record
ELIGIBILITY:
B.Sc (Ag. & allied sectors) / B.Sc / B.Com / BBA / BBM / BE. / B.Tech. Candidates should have secured minimum 60% marks or 6.0 out of 10.0 OGPA in the Degree level. Minimum 50% marks in 12th class and minimum 60% in 10th. Candidates appearing the degree exams during current year need to produce their Certificate/Mark sheets on or before the date of Personal Interview.
SELECTION:
Selection will be based on scores in MAT / CAT / CMAT / ICAR followed by personal interview. The candidates, those whohave not appeared the above tests, will have to appear for University Management Aptitude Test (UMAT) In the Utkal University campus / Online Test. All the candidates are required to fill in their application online and submit before the last date stipulated.
APPLICATION PROCESS:
Fill in the Application form ONLINE at www.camutkal.ac.in (Online Application opens on 20.03.2020)
• Last date of submission of e-Application form : 31.07.2020 (23:45 hours)
• Last date of submission of hard copy along with other documents : 03.08.2020 (17:00 hours)
• Date of written test (UMAT) / Online Test : Date, Time & Venue will be intimated through e-mail.
The Course Head, Centre for Agri-Management
Dept. of Business Administration, Utkal University, Bhubaneswar-751004
Ph : 9938204639, Mob.: 9437124356, 9902077766, 7008751003
e-mail : admission@camutkal.org, academic@camutkal.org, Website : www.camutkal.ac.in
Chairman, P.G. Council

ମନେ ପଡ଼ନ୍ତି
ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ସ୍ୱର୍ଗତା ସୌଭାଗ୍ୟଲକ୍ଷ୍ମୀ ପାତ୍ର (ଡଲି)
ଆବିର୍ଭାବ- ୦୧।୦୭।୧୯୬୪
ତିରୋଧାନ- ୨୮।୦୫।୨୦୧୮
ଜ୍ୟେଷ୍ଠ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ, ଗୁରୁବାର
ଆଜି ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ ପୁଅ, ଝିଅ, ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ
ଧ-୧୭୪୧୧
ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

✓ ନାରାୟଣ ପରିଡ଼ା
ଶାରଳା ନଗର, ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ : ୨୯.୦୪.୧୯୫୪
ତିରୋଧାନ : ୨୫.୦୬.୨୦୧୮
ତୁମ ସଂଘର୍ଷ, ସଚ୍ଚୋଟତା, ସାହସ, ସାହାଯ୍ୟକାରୀ ମନୋବୃତ୍ତି ଆମ ପାଇଁ ପ୍ରେରଣାଦାୟୀ ହୋଇ ରହିବ । ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ହତଭାଗ୍ୟ ପତ୍ନୀ - ଶକୁନ୍ତଳା,
ପୁଅ-ବିଜୟ, ସଞ୍ଜୟ, ବୋହୂ-ରଶ୍ମିତା, ପ୍ରକାଶିତା,
ଝିଅ-କବିତା, ମମତା, ନାତିନାତୁଣୀ - ବ୍ରିଷା, ସଂସ୍କୃତି, କୁନ୍ତ, କୁନ୍ତ, କ୍ୟାଥି, ଅଲି ଓ ଆତ୍ମୀୟସ୍ୱଜନ
କଲ୍ୟାଣ କାର୍ ମ୍ୟାଜିକ୍, ଆଡ୍ ଅନ୍, ପରିଡ଼ା କନ୍‌ଷ୍ଟ୍ରକ୍‌ସନ, କେସିଏମ୍ କାର୍ ଝା, ବ୍ରାଇଟ୍ ଆଇଜ୍ ସ୍କୁଲ୍ ଓ ଆତ୍ମଜୀବ ଗୁଣମୁଗ୍ଧ କର୍ମଚାରୀବୃନ୍ଦ
ଧ-୧୭୪୧୮

ଅର୍ଜୁନ ପୁରସ୍କାର ନେଇ ପ୍ରଣୟଙ୍କ କ୍ଷୋଭ

ନୂଆଦିଲ୍ଲୀ, ୩।୬ (ପି.ଟି.): ଅର୍ଜୁନ ପୁରସ୍କାର ଦୌଡ଼ରୁ ବାଦ୍ ପଡିଛନ୍ତି ଭାରତୀୟ ବ୍ୟାଡମିଣ୍ଟନ ତାରକା ଏଚ୍.ଏସ୍. ପ୍ରଣୟ। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ତାଙ୍କୁ ଏହି ପୁରସ୍କାରର ନୋମିନେଶନରୁ ବାଦ୍ ଦିଆଯାଇଛି। ଫଳରେ ପ୍ରଣୟ ଏଥିପାଇଁ ଅସନ୍ତୋଷ ଜାହିର କରିଛନ୍ତି। ବ୍ୟାଡମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବିଏଆଇ) ମୋଠାରୁ କମ୍ ସଫଳତା ପାଇଥିବା ଖେଳାଳିଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରିଛି। ତେବେ କ୍ରମାଗତ ଦ୍ୱିତୀୟ ଥର ପାଇଁ ମୋତେ ଅଣଦେଖା କରାଯାଇଛି ବୋଲି କ୍ଷୋଭ ପ୍ରକାଶ କରି ପ୍ରଣୟ କହିଛନ୍ତି। ପ୍ରଣୟ ଟୁଇଟ୍ କରି ଏ ନେଇ ନିଜର ଅସନ୍ତୋଷ ଜାହିର କରିଛନ୍ତି।

ବିଏଆଇ ମଙ୍ଗଳବାର ଏହି ପୁରସ୍କାର ପାଇଁ ଡବଲ୍ସ ଯୋଡି ସାତ୍ତ୍ୱିକରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଓ ସିଙ୍ଗଲ୍ସ ଖେଳାଳି ସମୀର ବର୍ମାଙ୍କ ନାମ ସୁପାରିସ କରିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ୍ ଚାମ୍ପିୟନଶିପ୍‌ରେ ପଦକ ହାସଲ କରିଥିବା ଖେଳାଳିଙ୍କ ନାମ ସୁପାରିସ କରାଯାଇନାହିଁ। କିନ୍ତୁ ଯେଉଁ ଖେଳାଳିମାନେ ଏହି ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିନାହାନ୍ତି କିମ୍ବା ଅଂଶଗ୍ରହଣ କରିନାହାନ୍ତି ସେମାନଙ୍କ ନାମ ସୁପାରିସ କରାଯାଇଛି। ଏହା ହାସ୍ୟସ୍ପଦ ବୋଲି ସେ ନିଜ ଟୁଇଟର ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି। ସାତ୍ତ୍ୱିକ୍- ଚିରଗ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ଦପକ